R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୭୭
ତିଥି : ପୂର୍ଣ୍ଣିମା
୦୨ ଏପ୍ରିଲ ୨୦୨୬, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 177
02 April 2026, Thursday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ସତ୍ୟବାଦୀର ବିକାଶ ଲାଗି ୫୮୫ କୋଟିର ପ୍ରକଳ୍ପ

## ଅସ୍ମିତା ବିନା ଗୋଟିଏ ଜାତି ଆତ୍ମବିହୀନ ମେସିନ୍ : ମୁଖ୍ୟମନ୍ତ୍ରୀ

ସାକ୍ଷୀଗୋପାଳ, ୦୧।୪ (ସବ୍ୟୁ): ସ୍ୱତନ୍ତ୍ର ପ୍ରଦେଶ ଭାବେ ଓଡ଼ିଶା ପଦାର୍ପଣ କରିଛି ୯୧ ବର୍ଷରେ । ଓଡ଼ିଶା ଦିବସ ରାଜ୍ୟସ୍ତରୀୟ ଉତ୍ସବ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ପୁରୀ ଜିଲ୍ଲା ସତ୍ୟବାଦୀ ସ୍ଥିତ ସୁଆଣ୍ଡୋ ଗ୍ରାମରେ ଅନୁଷ୍ଠିତ ହୋଇଛି । ଗତ ବର୍ଷ ଏହା ଅନୁଷ୍ଠିତ ହୋଇଥିଲା ଉତ୍କଳ ଗୌରବ ମଧୁସୂଦନଙ୍କ ଜନ୍ମପୀଠରେ । ଓଡିଶାର ଜନସାଧାରଣ ତଥା ଯୁବପିଢିଙ୍କୁ ବରପୁତ୍ର ମାନଙ୍କ ସ୍ମୃତି ସହିତ ଯୋଡି ରଖିବାକୁ ଏବଂ ସେମାନଙ୍କ ତ୍ୟାଗ ଓ ବଳିଦାନରେ ଅନୁପ୍ରେରିତ ହେବା ପାଇଁ



ଏହି କାର୍ଯ୍ୟକ୍ରମକୁ ବରପୁତ୍ରମାନଙ୍କ ଜନ୍ମସ୍ଥାନରେ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସୁଆଣ୍ଡୋରେ ରାଜ୍ୟସ୍ତରୀୟ ଓଡିଶା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମେ ସୁଆଣ୍ଡୋରେ ପହଞ୍ଚି

**ବନ ବିଦ୍ୟାଳୟ ବିକାଶ ଲାଗି ଯୋଜନା**

**ପୁରୀରେ ପର୍ଯ୍ୟଟନ କେନ୍ଦ୍ର ଟର୍ମିନାଲ**

ଗୋପବନ୍ଧୁ ଦାସଙ୍କ ଷଠିଘର ପରିଦର୍ଶନ ଓ ଉତ୍କଳମଣିଙ୍କ କୂଳ ଦେବତା ପ୍ରଭୁ ଶ୍ରୀ ରାଧା ବିନୋଦବିହାରୀଙ୍କୁ ଦର୍ଶନ କରିଥିଲେ । ଗୋପବନ୍ଧୁ ପାର୍କ ଠାରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ (୯ ପୃଷ୍ଠାରେ)

## ଉତ୍କଳ ଦିବସରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା





ଭୁବନେଶ୍ୱର, ୧।୪ (ସବ୍ୟୁ): ଓଡ଼ିଶା ଦିବସ ଉପଲକ୍ଷେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ୩ ପୃଷ୍ଠାର ଏକ ପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଲେଖି ଶୁଭେଚ୍ଛା ଜଣାଇବା ସହ ଶୁଭକାମନା ଜଣାଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋସିଆଲ ମିଡିଆରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାର ସମୃଦ୍ଧ, ସାଂସ୍କୃତି ଐତିହ୍ୟ, ସୁପ୍ରାଚୀନ ପରମ୍ପରା ତଥା ଓଡ଼ିଶାବାସୀଙ୍କ (୯ ପୃଷ୍ଠାରେ)

### ପ୍ରଧାନମନ୍ତ୍ରୀଙ୍କ ଅକୁଣ୍ଠ ସମର୍ଥନ ପ୍ରଶଂସନୀୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୧।୪ (ସବ୍ୟୁ): ଉତ୍କଳ ଦିବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣାଇଥିବା ହାର୍ଦ୍ଦିକ ଶୁଭକାମନା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାବାସୀଙ୍କ ପକ୍ଷରୁ ଗଭୀର କୃତଜ୍ଞତା ଜଣାଇଛନ୍ତି । ଓଡ଼ିଶାର ଗୌରବଶାଳୀ ଇତିହାସ ଏବଂ ଓଡ଼ିଆ ସଂସ୍କୃତିକୁ ଆପଣ ଏକ ସଭ୍ୟତାଗତ ଐତିହ୍ୟ ଭାବେ ବର୍ଣ୍ଣନା କରିଥିବାରୁ ଆମେ ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଲ୍ଲେଖ କରିଛନ୍ତି ।ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ (୯ ପୃଷ୍ଠାରେ)

## ଖୁବ୍‌ଶୀଘ୍ର ଇରାନ ଛାଡ଼ିବୁ : ଟ୍ରମ୍ପ

ନୂଆଦିଲ୍ଲୀ, ୧।୪ : ଖୁବଶୀଘ୍ର ଆମେ ଇରାନ ଛାଡ଼ିବୁ । ମାତ୍ର ଆଗକୁ ଯଦି ଆବଶ୍ୟକ ପଡ଼େ ଯେକୌଣସି ମୁକାବିଲା ଲାଗି ପ୍ରସ୍ତୁତ ରହିବୁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ର ଉଦ୍ଦେଶ୍ୟରେ ଅଭିଭାଷଣ ଦେବା ପୂର୍ବରୁ ଉଲ୍ଲେଖ କରିଛନ୍ତି । ୫ ସପ୍ତାହ ଧରି ଇରାନ ସହ ଇସ୍ରାଏଲ୍ ଆମେରିକାର ଯୁଦ୍ଧ ହେଉଛି । ଏହି ଯୁଦ୍ଧ ଯୋଗୁ ବିଶ୍ୱବଜାରରେ ତୈଳ ମୂଲ୍ୟ ବଢ଼ିଛି । ତୈଳ ଦର ବଢ଼ିବା ଯୋଗୁ ବିଶ୍ୱର ଅନେକ ରାଷ୍ଟ୍ର ଚାପରେ ଅଛନ୍ତି ।

ଟ୍ରମ୍ପ ସୂଚନା ଦେଇଛନ୍ତି ଯେ ନାଟୋରୁ ଆମେରିକା ନିଜକୁ ପ୍ରତ୍ୟାହାର କରିଆଣିବ । ନାଟୋ ସହଯୋଗୀମାନଙ୍କ ଆଚରଣରେ ସେ ହତୋତ୍ସାହିତ ହୋଇଛନ୍ତି । ଯେତେବେଳେ ଆବଶ୍ୟକ ପଡ଼ିଲା, ସେମାନେ ଆମ ବନ୍ଧୁ ହେଲେ ନାହିଁ । ଆମେ କଦାପି ତାଙ୍କୁ ଆଉ ପଚାରିବୁ ନାହିଁ । ଏହା ଏକତରଫା ରାସ୍ତା । ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନରେ (୯ ପୃଷ୍ଠାରେ)

## ନିଃସର୍ତ୍ତ କ୍ଷମା ମାଗିଲେ ନିଶିକାନ୍ତ ଦୁବେ

ଭୁବନେଶ୍ୱର, ୧।୪ (ସବ୍ୟୁ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିବା ବିଜେପି ସାଂସଦ ନିଶିକାନ୍ତ ଦୁବେ ରାଜ୍ୟବାସୀଙ୍କୁ ନିସର୍ତ୍ତ କ୍ଷମା ମାଗିଛନ୍ତି । ଦୁବେଙ୍କ ମନ୍ତବ୍ୟକୁ ନେଇ ଦିଲ୍ଲୀଠାରୁ ଆରମ୍ଭ କରି ରାଜ୍ୟ ପର୍ଯ୍ୟନ୍ତ ସବୁଠି ତୀବ୍ର ପ୍ରତିବାଦ ହୋଇଥିଲା । ଏହି ପ୍ରତିବାଦ ପରେ ସୋସିଆଲ ମିଡିଆରେ ଦୁବେ ଆଜି ନିଜ ଭୁଲ ସ୍ୱୀକାର କରି କ୍ଷମା



ପ୍ରାର୍ଥନା କରିଛନ୍ତି ।

ସୋସିଆଲ ମିଡିଆରେ ଦୁବେ ଉଲ୍ଲେଖ କରିଛନ୍ତି ଯେ ନେହରୁ ଓ ଗାନ୍ଧି ପରିବାରର କାର୍ଯ୍ୟକଳାପ ବିଷୟରେ

**ବିଜୁଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ**

ସେ କହିଥିଲେ । ମାତ୍ର ତାଙ୍କ କଥାକୁ ଭୁଲ ଅର୍ଥରେ ନିଆଯାଇ ବିଜୁ ବାବୁଙ୍କ ସହ ଯୋଡ଼ାଗଲା । ବିଜୁ (୯ ପୃଷ୍ଠାରେ)

## ରାଜ୍ୟରେ ଆରମ୍ଭ ହେଲା ଜନଗଣନା

ଭୁବନେଶ୍ୱର, ୦୧।୪ (ସବ୍ୟୁ) : ଦେଶରେ ଆରମ୍ଭ ହେଲା ବହୁ ପ୍ରତୀକ୍ଷିତ ଜନଗଣନା । ଓଡ଼ିଶାରେ ରାଜ୍ୟର ପ୍ରଥମ ନାଗରିକ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ଠାରୁ ପ୍ରଥମ ଜନଗଣନା ହୋଇଛି । ଲୋକଭବନରେ se.census.gov.in ପୋର୍ଟାଲରେ ରାଜ୍ୟପାଳ ୩୩ ପ୍ରଶ୍ନର ଉତ୍ତର ଦେଇ ପ୍ରଥମ ପର୍ଯ୍ୟାୟରେ ସେଲ୍ଫ ଏନୁମରେସନ ବା ସ୍ୱ-ଗଣନାରେ ନିଜର ତଥ୍ୟ ଭରିଛନ୍ତି । ଏଥିପାଇଁ ରାଜ୍ୟପାଳଙ୍କୁ ବିସ୍ତୃତ ଭାବେ ଅବଗତ କରିଥିଲେ ରାଜ୍ୟ ଜନଗଣନା ନିର୍ଦ୍ଦେଶକ ଓ

**ସ୍ୱଗଣନାରେ ନିଜର ତଥ୍ୟ ଦେଲେ ରାଜ୍ୟପାଳ**

**ଜନସାଧାରଣ ସାମିଲ ହେବାକୁ ଆହ୍ୱାନ**

ବିଏମସି କମିଶନର । ଜନଗଣନା ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ (୯ ପୃଷ୍ଠାରେ)



## ସୋସିଆଲ କୋଟ୍ସ



"ଲାଲ ସିଂ ଚଢ' ମୋର ଡ୍ରିମ୍ ପ୍ରୋଜେକ୍ଟ ଥିଲା । ଏହି ଫିଲ୍ମ ପାଇଁ କରୀନା ଓ ମୁଁ ବହୁତ ପରିଶ୍ରମ କରିଥିଲୁ , ହେଲେ ସଫଳତା ମିଳିଲାନି । ଯାହା ନିରାଶ କରିଥିଲା ।

ଆମିର ଖାନ୍, ଅଭିନେତା



"ଅପରେସନ୍ ଭାଲେଣ୍ଟାଇନ୍' ଫିଲ୍ମରୁ ବାୟୁସେନା ସମ୍ପର୍କରେ ଅନେକ କିଛି ଶିଖିଲି । ଆମକୁ ଏହି ଫିଲ୍ମରେ ଭାରତୀୟ ବାୟୁସେନା ଅଧିକାରୀ ଅନେକ ସାହାଯ୍ୟ କରିଥିଲେ । ଏହାର ଅଫିସରମାନେ ସବୁବେଳେ ଆମ ସାଙ୍ଗରେ ରହି ଆମକୁ ଟ୍ରେନିଂରେ ସହାୟତା କରିଥିଲେ ।

ମାନୁଷି ଛିଲ୍ଲର, ଅଭିନେତ୍ରୀ



"କ୍ରିଡ' ଫିଲ୍ମରେ ସମସ୍ତଙ୍କ ଅଭିନୟ ଚମତ୍କାର ହୋଇଥିଲା । ଫିଲ୍ମଟି ଦେଖିବାକୁ ଖୁବ ଭଲ ଲାଗିଥିଲା । ଏବେ ମଧ୍ୟ ଫିଲ୍ମଟି ପାଇଁ ଦର୍ଶକଙ୍କ ମଧ୍ୟରେ କ୍ରେଜ ରହିଛି ।

ହ୍ରିତିକ୍ ରୋଶନ, ଅଭିନେତା



## ଷ୍ଟ୍ରିଟ ଫୁଡକୁ କୁହନ୍ତୁ ନା

ରାଜ୍ୟରେ ପାରଦ ବଢ଼ିବା ସହିତ ଶରୀରରେ ଡିହାଇଡ୍ରେସନ ଏବଂ ପେଟ ଜନିତ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି । ବିଶେଷଜ୍ଞଙ୍କ ଅନୁଯାୟୀ, ଗ୍ରୀଷ୍ମ ଋତୁରେ ଖୋଲା ସ୍ଥାନରେ ବିକ୍ରି ହେଉଥିବା ଷ୍ଟ୍ରିଟ୍ ଫୁଡ୍ ସ୍ୱାସ୍ଥ୍ୟ ପାଇଁ ଏକ ବଡ଼ ବିପଦ ସାଜିପାରେ । ତେଣୁ ଷ୍ଟ୍ରିଟଫୁଡ ଠାରୁ ଖରାଦିନେ ଦୂରରେ ରୁହନ୍ତୁ । ଅଧିକ ତାପମାତ୍ରା ବାହାରେ ରଖାଯାଇଥିବା ଖାଦ୍ୟକୁ ଅତି ଶୀଘ୍ର ପଚାଇ ଦିଏ, ଯାହା ଫଳରେ ଫୁଡ୍ ପଏଜନିଂର ଆଶଙ୍କା ଦୁଇଗୁଣ ବଢ଼ିଯାଏ । ରାସ୍ତା କଡ଼ରେ ଖୋଲାରେ ରଖାଯାଉଥିବା ଖାଦ୍ୟରେ ଧୂଳି, ମାଛି ଏବଂ ବାୟୁମଣ୍ଡଳୀୟ ପ୍ରଦୂଷଣ ସହଜରେ ମିଶିଥାଏ । ଏହାସହ ଷ୍ଟ୍ରିଟ୍ ଭେଣ୍ଡରମାନେ ବ୍ୟବହାର କରୁଥିବା ପାଣି ଓ ବରଫ ସାଧାରଣତଃ ଦୂଷିତ ହୋଇଥାଏ, ଯାହା ଟାଇଫଏଡ୍ ଓ ହେପାଟାଇଟିସ୍ ଭଳି ରୋଗର କାରଣ ପାଲଟିଥାଏ ।

କେଉଁ ଖାଦ୍ୟ ପ୍ରତି ରହିବେ ସତର୍କ

- ଆଖୁ ରସ ଓ ଖୋଲା ଜୁସ୍ ପିଇବା ସମୟରେ । ଏଥିରେ ମେସିନର କଳଙ୍କି, ଅପରିଷ୍କାର ଆଖୁ ଏବଂ କମର୍ସିଆଲ୍ ବରଫ ମିଶିବାର ଭୟ ଥାଏ, ଯାହା ଏହାକୁ ବିଷାକ୍ତ କରିଥାଏ ।
- ବଜାରରେ ବିକ୍ରି ହେଉଥିବା କଟା ଫଳରେ ବ୍ୟାକ୍ଟେରିଆ ସଂକ୍ରମଣ ଅଧିକ ଥାଏ, ତେଣୁ ଏହାକୁ ଖାଆନ୍ତୁ ନାହିଁ ।
- ଦହି- ବରା ଓ ଗୁପଚୁପରେ ବ୍ୟବହୃତ ହେଉଥିବା ପାଣି ଓ ଦହି ଖରାଦିନେ ଖୁବ୍ ଶୀଘ୍ର ଖରାପ ହୋଇଯାଏ, ଯାହା ଏହାକୁ ବିଷାକ୍ତ କରିଥାଏ ।

ଟିପ୍ସ

- ସବୁବେଳେ ଘରେ ପ୍ରସ୍ତୁତ ସତେଜ ଏବଂ ଗରମ ଖାଦ୍ୟ ଖାଇବାକୁ ଚେଷ୍ଟା କରନ୍ତୁ ।
- ବାହାରର ଖୋଲା ପାଣି ପରିବର୍ତ୍ତେ ନିଜ ସାଙ୍ଗରେ ଫିଲ୍ଟର ବୋତଲ ରଖନ୍ତୁ କିମ୍ବା ପ୍ୟାକ୍ଡ ପାଣି ପିଅନ୍ତୁ ।
- ବଜାରରୁ କଟା ଫଳ ନକିଣି ଗୋଟା ଫଳ କିଣନ୍ତୁ ଏବଂ ଘରେ ଧୋଇ କାଟି ଖାଆନ୍ତୁ ।
- ଯଦି ବାହାରେ ଖାଇବା ଅତି ଜରୁରୀ ହୁଏ, ତେବେ ଦୋକାନର ସ୍ୱଚ୍ଛତା ଏବଂ ପରିବେଶକୁ ଭଲଭାବେ ଯାଞ୍ଚ କରି ଖାଆନ୍ତୁ ।
- ଗ୍ରୀଷ୍ମ ଋତୁରେ ପାଟିର ସ୍ୱାଦ ଅପେକ୍ଷା ଶରୀରର ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦିଅନ୍ତୁ । ସାମାନ୍ୟ ଅସାବଧାନତା ଆପଣଙ୍କୁ ହସ୍ପିଟାଲ୍ ପହଞ୍ଚାଇ ଦେଇପାରେ ।



## ବିଶ୍ୱ ଅଟିଜିମ୍ ସଚେତନତା ଦିବସ

ଆଜି ସାରା ବିଶ୍ୱରେ 'ବିଶ୍ୱ ଅଟିଜିମ୍ ସଚେତନତା ଦିବସ' ପାଳନ କରାଯାଉଛି, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଟିଜିମ୍ ସମସ୍ୟା ଦେଇ ଗତି କରୁଥିବା ବ୍ୟକ୍ତିବିଶେଷଙ୍କ ପ୍ରତି ସମ୍ମାନ ଓ ସ୍ନେହ ପ୍ରଦର୍ଶନ କରିବା । ମିଳିତ ଜାତିସଂଘ ଦ୍ୱାରା ପ୍ରତିବର୍ଷ ଏପ୍ରିଲ ୨ ତାରିଖରେ ପାଳିତ ହେଉଥିବା ଏହି ଦିବସ ଅବସରରେ ବିଭିନ୍ନ ସ୍ୱାସ୍ଥ୍ୟ ସଂଗଠନ ଓ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ସଚେତନତା ଶୋଭାଯାତ୍ରା ଓ ଆଲୋଚନାଚକ୍ରମାନ ଆୟୋଜିତ କରାଯାଇଥାଏ । ବିଶେଷଜ୍ଞଙ୍କ ମତରେ, ଅଟିଜିମ୍ ଏକ ସ୍ନାୟୁଗତ ଭିନ୍ନତା, ଯାହା ଶିଶୁର କଥାବାର୍ତ୍ତା ଏବଂ ସାମାଜିକ ସମ୍ପର୍କ ରଖିବାର ଶୈଳୀକୁ ପ୍ରଭାବିତ କରିଥାଏ । ଚଳିତ ବର୍ଷର ବିଷୟବସ୍ତୁ ଅନୁଯାୟୀ, ଅଟିଜିମ୍ ସମ୍ପନ୍ନ ବ୍ୟକ୍ତିମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ଚିହ୍ନଟ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ପ୍ରୟାସ ଜାରି ରହିଛି । ଶିକ୍ଷା, ନିଯୁକ୍ତି ଏବଂ ସାମାଜିକ କ୍ଷେତ୍ରରେ ସେମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ସହ ସେମାନଙ୍କ ପ୍ରତି ଥିବା ଭେଦଭାବ ଦୂର କରିବା ପାଇଁ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ପାଲଟିଛି ।



## ଅଦ୍ଭୁତ କଙ୍କଡ଼ା



କେରଳରେ ମତ୍ସ୍ୟଜୀବୀଙ୍କୁ ଏକ ଅଜବ ଧରଣର କଙ୍କଡା ମିଳିଛି, ଯାହାର ଲିଙ୍ଗ ମିଶ୍ରିତ ରହିଛି । ଅର୍ଥାତ ଏହା ଅଧା ନର ଏବଂ ଅଧା ମାଈ । କେରଳର ସାଇଲେଣ୍ଟ ଭ୍ୟାଲି ଜଙ୍ଗଲରେ ଏହି ଅଦ୍ଭୁତ କଙ୍କଡ଼ା ଦେଖିବାକୁ ମିଳିଛି, ଯାହାର ଅଧା ଶରୀର ନର ଏବଂ ବାକି ଅଧା ମାଈ ବୋଲି ଜଣାପଡ଼ିଛି । ବିଜ୍ଞାନ ଭାଷାରେ ଏଭଳି ସ୍ଥିତିକୁ 'ବାଇଲେଟରାଲ ଗାଇନେଣ୍ଡ୍ରୋମର୍ଫି' କୁହାଯାଏ, ଯେଉଁଥିରେ ଗୋଟିଏ ଜୀବର ଶରୀରର ଦୁଇଟି ଅଲଗା ଅଲଗା ଲିଙ୍ଗର ଲକ୍ଷଣ ଦେଖାଯାଏ । ଏହା ଏକ ପ୍ରକାର ଜେନେଟିକ୍ ବ୍ୟତିକ୍ରମ, ଯାହା ଅଣ୍ଡାର ପ୍ରାଥମିକ ବିକାଶ ସମୟରେ ହୋଇଥାଏ । 'ଭେଲା କାର୍ଲି' ନାମକ ପ୍ରଜାତିର ଏହି ଦୁର୍ଲଭ କଙ୍କଡ଼ାଟି ସାଧାରଣତଃ ଗଛର କୋରଡ଼ରେ ଜମି ରହୁଥିବା ବର୍ଷା ପାଣି ମଧ୍ୟରେ ବାସ କରେ । ଏସମ୍ପର୍କରେ ଏକ ଅନ୍ତର୍ଜାତୀୟ ଜର୍ନାଲ୍‌ରେ ପ୍ରକାଶିତ ହେବାପରେ ଏହା ଚର୍ଚ୍ଚାର ବିଷୟ ପାଲଟିଛି ।

## ଜଗୁଛନ୍ତି ଯବାନ

ସୋସିଆଲ ମିଡିଆରେ ଏଭଳି ଅନେକ ଘଟଣା ଭାଇରାଲ ହୋଇଥାଏ ଯାହା ସମସ୍ତଙ୍କୁ ଚକିତ କରିଥାଏ । ସେହିଭଳି ଏକ ବିରଳ ଘଟଣା ଗୁଜୁରାଟରେ ଦେଖିବାକୁ ମିଳିଛି । ସୂଚନା ଅନୁସାରେ ଗୋଟିଏ ପକ୍ଷୀ ଛୁଆର ଜୀବନ ବଞ୍ଚାଇବାକୁ ଯାଇ ୫୦ ଜଣ ଯବାନଙ୍କୁ ମୂତୟନ କରାଯାଇଛି । ଘଟଣା ଅନୁଯାୟୀ ଗୁଜରାଟର କଚ୍ଛ ଅଞ୍ଚଳରେ ଘଟିଥିବା ସମସ୍ତଙ୍କୁ ଚକିତ କରିଦେଇଛି । ପ୍ରକୃତରେ ଏହି ପକ୍ଷୀ ଛୁଆଟି କୌଣସି ସାଧାରଣ ପକ୍ଷୀ ନୁହେଁ, ବରଂ ଅତି ବିରଳ ପ୍ରଜାତିର 'ଗୋଡାବଣ' ବା 'ଗ୍ରେଟ୍ ଇଣ୍ଡିଆନ୍ ବଷ୍ଟର୍ଡ' ଅଟେ । ଏହି ପ୍ରଜାତି ବର୍ତ୍ତମାନ ବିଲୁପ୍ତ ଅବସ୍ଥାରେ ଥିବାବେଳେ ଦୀର୍ଘ ୧୦ ବର୍ଷ ପରେ ଗୁଜରାଟରେ ଏହି ପ୍ରଥମ ଛୁଆଟି ଜନ୍ମ ହୋଇଛି । ତେଣୁ ଏହାର ଜୀବନ ବଞ୍ଚାଇବା ବନ ବିଭାଗ ପାଇଁ ଏକ ବଡ଼ ମିଶନ ପାଲଟିଛି । ସେଥିନିମନ୍ତେ ୨୪ ଘଣ୍ଟା ତିନୋଟି ସିଫ୍ଟରେ ୫୦ରୁ ଅଧିକ ଜବାନଙ୍କୁ ଏହି ଛୁଆଟିକୁ ଜଗିବା ପାଇଁ ରଖାଯାଇଛି । କେବଳ ସେତିକି ନୁହେଁ, ହାଇ-ଟେକ୍ ବାଇନୋକୁଲାର ଏବଂ ସ୍ପଟିଂ ସ୍କୋପ୍ ଜରିଆରେ ଏହାର ଟ୍ରାକିଂ ମଧ୍ୟ କରାଯାଉଛି ଏବଂ ସମ୍ପୂର୍ଣ୍ଣ ଅଞ୍ଚଳକୁ 'ନୋ-ମେନ୍ସ ଲ୍ୟାଣ୍ଡ' ଭାବେ ଘୋଷଣା କରାଯାଇଛି ।



## ଆସୁଛନ୍ତି ଏକାଠି

ପ୍ରସିଦ୍ଧ ବଲିଉଡ ଅଭିନେତା ସଲମାନ ଖାନ ଏବଂ ସାଉଥ ସୁପରଷ୍ଟାର ନୟନତାରା ପ୍ରଥମ ଥର ପାଇଁ ଏକ ବଡ଼ ଆକ୍ସନ ଥ୍ରୀଲର ଚଳଚ୍ଚିତ୍ରରେ ଏକାଠି ନଜର ଆସିବାକୁ ଯାଉଛନ୍ତି । ଯାହାକୁ ନେଇ ସିନେପ୍ରେମୀଙ୍କ ମଧ୍ୟରେ ବେଶ ଉତ୍ସାହ ପ୍ରକାଶ ପାଇଛି । ସାଉଥ ଫିଲ୍ମମେକର ବାମଶୀ ପୈଡିପଲ୍ଲୀଙ୍କ ନିର୍ଦ୍ଦେଶନାରେ ଏବଂ ଜାତୀୟ ପୁରସ୍କାର ବିଜେତା ପ୍ରଯୋଜକ ଦିଲ୍ ରାଜୁଙ୍କ 'ଶ୍ରୀ ଭେଙ୍କଟେଶ୍ୱର କ୍ରିଏସନ୍ସ' ବ୍ୟାନରରେ ନିର୍ମିତ ହେବାକୁ ଥିବା ଏହି ମେଗା ପ୍ରୋଜେକ୍ଟର ଅସ୍ଥାୟୀ ନାମ 'SVC63' ରଖାଯାଇଛି । ସଲମାନଙ୍କ ସ୍ୱାଗ୍ ଏବଂ ନୟନତାରାଙ୍କ ଅଭିନୟର କମ୍ବିନେସନ ଦର୍ଶକଙ୍କୁ ଖୁବ ପସନ୍ଦ ଆସିବ ବୋଲି ମେକର ଆଶା ରଖିଛନ୍ତି । ଫିଲ୍ମରେ ହାଇ-ଲେଭଲ୍ ଆକ୍ସନ ସହିତ ଏକ ଭାବପ୍ରବଣରେ ପରିପୂର୍ଣ୍ଣ କାହାଣୀ ଦେଖିବାକୁ ମିଳିବ । ସମଗ୍ର ଭାରତର ବିଭିନ୍ନ ସ୍ଥାନରେ ଶୁଟିଂ ହେବାକୁ ଥିବା ଏହି ବଡ ବଜେଟର ଫିଲ୍ମଟି ଆସନ୍ତା ଏପ୍ରିଲ ୧୪ରୁ ସୁଟିଂ ଆରମ୍ଭ ହେବବୋଲି ଜଣା ପଡିଛି । ଫିଲ୍ମକୁ ନେଇ ଫ୍ୟାନଙ୍କ ସହିତ ମେକର୍ସ ସମସ୍ତେ ଖୁବ ଉତ୍ସାହିତ ଥିବା ଜଣା ପଡିଛି ।



## ଇତିହାସ

୧୪୧୬- ଆଲଫୋନ୍ସୋ ଆରଗନର ରାଜା ହୋଇଥିଲେ ।
୧୫୫୯- ଫ୍ରାନ୍ସ ଏବଂ ଇଂଲଣ୍ଡ ମଧ୍ୟରେ 'ଲେ କ୍ୟାଟୋ-କ୍ୟାମ୍ବ୍ରେସିସ୍'ର ପ୍ରଥମ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।
୧୮୬୦- ତୁରିନଠାରେ ପ୍ରଥମ ଇଟାଲୀୟ ସଂସଦ ଅଧିବେଶନ ଅନୁଷ୍ଠିତ ।
୧୮୬୬ - ଆମେରିକା ରାଷ୍ଟ୍ରପତି ଆଣ୍ଡ୍ରୟୁ ଜନସନ୍ ମିସିସିପି, ଆଲାବାମା, ଅରକାନସାସ୍, ନର୍ଥ କାରୋଲିନା, ସାଉଥ୍ କାରୋଲିନା, ଟେନେସି, ଜର୍ଜିଆ ଏବଂ ଭର୍ଜିନିଆରେ ଗୃହଯୁଦ୍ଧର ସମାପ୍ତି ଘୋଷଣା କରିଥିଲେ ।
୧୮୭୮ - ରୋଟରଡ୍ୟାମ୍ ସମ୍ବାଦପତ୍ରର ପ୍ରଥମ ସଂସ୍କରଣ ପ୍ରକାଶିତ ।
୧୯୧୭ - ଆମେରିକା ରାଷ୍ଟ୍ରପତି ଉଡ୍ରୋ ୱିଲସନ ଜର୍ମାନୀ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବା ପାଇଁ କଂଗ୍ରେସକୁ ଅନୁରୋଧ କରିଥିଲେ ।
୧୯୨୧ - ଆଲବର୍ଟ ଆଇନଷ୍ଟାଇନ ନିୟୁୟର୍କ ସିଟିରେ ଥିଓରି ଅଫ ରିଲେଟିଭିଟି ଉପରେ ବକ୍ତୃତା ଦେଇଥିଲେ ।
୧୯୨୬- କୋଲକାତାରେ ହିନ୍ଦୁ-ମୁସଲିମ୍ ଦଙ୍ଗା ଆରମ୍ଭ ।
୧୯୩୫- ମସିହାରେ, ପଦାର୍ଥ ବିଜ୍ଞାନୀ ରବର୍ଟ ୱାଟସନ୍-ୱାଟ୍ 'ରାଡାର' ପାଇଁ ପେଟେଣ୍ଟ ହାସଲ କରିଥିଲେ ।
୧୯୭୦- ମସିହାରେ, ମେଘାଳୟ ଆସାମ ରାଜ୍ୟ ମଧ୍ୟରେ ଏକ ସ୍ୱୟଂଶାସିତ ରାଜ୍ୟ ଭାବରେ ମାନ୍ୟତା ପାଇଥିଲା ।



**ମେଷ:** ଶତ୍ରୁରେ ବିଜୟ, ବ୍ୟବସାୟରେ ଲାଭ, ବନ୍ଧୁଦର୍ଶନ, ଶରୀର ସୁସ୍ଥ, ଶୁଭଖବର, ଅନୁଷ୍ଠାନରୁ ଲାଭ, ଦାମ୍ପତ୍ୟ ଖୁସି, ସନ୍ତାନ ସୁଖ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା-ଭଗବାନ ଶିବ ।

**ବୃଷ:** ସହଯୋଗ ବୃଦ୍ଧି, ଅର୍ଥ ସମସ୍ୟା, ନୂତନ କାର୍ଯ୍ୟରେ ଲାଭ, ଶୁଭଖବର ଲୋକସମ୍ପର୍କ ବୃଦ୍ଧି, ବିଦେଶ ଭ୍ରମଣ, ବିଦ୍ୟାରେ ସଫଳତା, ବନ୍ଧୁଗୃହେ ଯାତ୍ରା, ଉତ୍ସବ ପ୍ରତି ଆଗ୍ରହ, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ଅପମାନ, ଶରୀର କ ଷ୍ଟ, ବନ୍ଧୁଲାଭ, ଦୂରଯାତ୍ରା, ପାରିବାରିକ ସମସ୍ୟା, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ଲାଭ, ଗାଡ଼ିଚାଳନାରେ ସତର୍କ, ଶତ୍ରୁ ସମସ୍ୟା, ଆଶା ବିଫଳ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୪, ଆରାଧନା-ମା' ବଗଳାମୁଖୀ ।

**କର୍କଟ:** ଧନଲାଭ, ନୂତନ କାର୍ଯ୍ୟରେ ଖୁସି, ବନ୍ଧୁଦର୍ଶନ, ସମ୍ପତ୍ତି ବିବାଦ, ଶରୀର ସୁସ୍ଥ, ଉଚ୍ଚଆଶାରେ ଶୁଭ, ଦ୍ରବ୍ୟଲାଭ, ପିଲାଙ୍କ ଖୁସି, ନିଯୁକ୍ତିଲାଭ, ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା-ମା' ଦକ୍ଷିଣକାଳୀ ।

**ସିଂହ:** ସମ୍ମାନିତ, ପାରିବାରିକ ଦୁଃଖ, ବନ୍ଧୁଦର୍ଶନ, ଅତିଥି ସତ୍କାର, ସମ୍ପତ୍ତିଲାଭ, ନୂତନ କର୍ମ ଆରମ୍ଭ, ଦାମ୍ପତ୍ୟ ଖୁସି, ଶୁଭଖବର, ଅନୁଷ୍ଠାନରୁ ଲାଭ, ସ୍ୱାଦିଷ୍ଟ ଭୋଜନ, ଯାତ୍ରାରେ ସତର୍କ, ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** ବନ୍ଧୁଲାଭ, ଆଶା ସଫଳ, ଲୋକସମ୍ପର୍କରେ ଉନ୍ନତି, ଦ୍ରବ୍ୟଲାଭ, ବିବାଦ ସମାଧାନ, ଉତ୍ସବ ପ୍ରତି ଆଗ୍ରହ, ସନ୍ତାନକଷ୍ଟ, ମାନସିକ କଷ୍ଟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୮, ଆରାଧନା- ଲକ୍ଷ୍ମୀନାରାୟଣ ।

**ତୁଳା:** ମାନସିକ ଅଶାନ୍ତି, ବନ୍ଧୁବିଦ୍ରୋହ, ଯାତ୍ରାରେ ସତର୍କ, ଅର୍ଥଲାଭ, ଦେବକାର୍ଯ୍ୟରେ ଆଗ୍ରହ, ଗୃହେ ଶାନ୍ତି, ତୀର୍ଥାଟନ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ଲାଭ, ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ ।

**ବିଛା:** ମାନସିକ ଶାନ୍ତି, ସ୍ତ୍ରୀ ସହଯୋଗ, ବନ୍ଧୁଲାଭ, ବିବାଦ ମୁକ୍ତ, ଶତ୍ରୁ ସମସ୍ୟା, ଉଚ୍ଚଆଶାରେ ବିଳମ୍ବ, କଚେରୀ ମାମଲା, ଶରୀର ସୁସ୍ଥ, ଲୋକସମ୍ପର୍କ ବୃଦ୍ଧି, ନୂତନ କାର୍ଯ୍ୟ ଆରମ୍ଭ, ସନ୍ତାନ ସୁଖ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ:** ଶରୀର ଅସୁସ୍ଥ, ଅର୍ଥ ସମସ୍ୟା, ବ୍ୟବସାୟରେ କଷ୍ଟ, ଶତ୍ରୁ ପରାଜିତ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା, କିଛି କାର୍ଯ୍ୟରେ ବିବାଦ, ସମ୍ମାନଲାଭ, ଅତିଥି ସତ୍କାର, ଦେବକାର୍ଯ୍ୟରେ ଖୁସି, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା- ଗ୍ରାମଦେବତୀ ।

**ମକର:** ଅର୍ଥଲାଭ, ବ୍ୟବସାୟରେ ଶତ୍ରୁତା, ଦୂରଯାତ୍ରା, ମାମଲା ସମାଧାନ, ଯାତ୍ରାରେ ଲାଭ, ଦ୍ରବ୍ୟପ୍ରାପ୍ତି, ନୂତନ କାର୍ଯ୍ୟ ଆରମ୍ଭ, ଶତ୍ରୁ ସମସ୍ୟା ସମାଧାନ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ସମ୍ମାନବୃଦ୍ଧି, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୮, ଆରାଧନା- ମା' ମଙ୍ଗଳା ।

**କୁମ୍ଭ:** ଅର୍ଥ ସମସ୍ୟା, ଦୂରଯାତ୍ରା, ଦେବକାର୍ଯ୍ୟରେ ଲାଭ, ବ୍ୟକ୍ତିଙ୍କ ସହାୟତା, ଯାତ୍ରାରେ ସମସ୍ୟା, ଦ୍ରବ୍ୟ ନଷ୍ଟ, ଶତ୍ରୁ ସମସ୍ୟା, ବ୍ୟବସାୟିକ କଷ୍ଟ, ଗୃହେ ଉତ୍ସବ, ବିଦ୍ୟାରେ ସଫଳତା, ସନ୍ତାନ ଖୁସି, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୬, ଆରାଧନା- ଗୋମାତାଙ୍କୁ ଖାଦ୍ୟ ଦିଅନ୍ତୁ ।

**ମୀନ:** ଯାତ୍ରାରେ ଶୁଭ, ସମ୍ପତ୍ତି ବିବାଦ, ଭ୍ରାତୃ କଳହ, ଶରୀର ସୁସ୍ଥ, ଆଶା ସଫଳ, ନୂତନ ବନ୍ଧୁଲାଭ, ଦ୍ରବ୍ୟଲାଭ, ଦାମ୍ପତ୍ୟ ଖୁସି, ପିଲାଙ୍କ ସମସ୍ୟା, ତୀର୍ଥ ସମସ୍ୟା, ବନ୍ଧୁ ସହଯୋଗ, ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା- ପ୍ରଭୁ ଜଗନ୍ନାଥ ।

ଚୈତ୍ର ଶୁକ୍ଳପକ୍ଷ, ପୂର୍ଣ୍ଣିମା
୨.୪.୨୦୨୬ ଗୁରୁବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ଭୁବନେଶ୍ୱରରେ ଭିଏଫ୍ଏସ୍ ଗ୍ଲୋବାଲ ଭିସା ଆବେଦନ କେନ୍ଦ୍ର ଉଦ୍‌ଘାଟିତ

# ଓଡିଶାବାସୀଙ୍କ ବିଦେଶ ଯାତ୍ରାକୁ ସହଜ କରିବ, ଶିଳ୍ପ ଓ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବୁଧବାର ଭୁବନେଶ୍ୱର ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ ବରମୁଣ୍ଡା ଠାରେ ଭିଏଫ୍ଏସ୍ ଗ୍ଲୋବାଲ ଦ୍ୱାରା ପରିଚାଳିତ ନୂତନ ଭିସା ଆବେଦନ କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଭିସା ଆପ୍ଲିକେସନ୍ ସେଣ୍ଟର ପାଇଁ ରାଜ୍ୟବାସୀଙ୍କ ବହୁଦିନରୁ ଦାବୀ ରହିଆସିଥିଲା, ଆମେ ଏ ସମ୍ବନ୍ଧରେ କେନ୍ଦ୍ର ସରକାରଙ୍କ ନିକଟରେ ସହଯୋଗ କାମନା କରିଥିଲୁ । କେନ୍ଦ୍ର ସରକାରଙ୍କ ସହଯୋଗରେ ଭୁବନେଶ୍ୱରରେ ଏହି ଭିସା ଆପ୍ଲିକେସନ୍ ସେଣ୍ଟର କାର୍ଯ୍ୟକ୍ଷମ ହେଲା । ଏହା ଓଡିଶାବାସୀଙ୍କୁ ଆନ୍ତର୍ଜାତୀୟ ଭିସା ସେବା ପ୍ରଦାନ କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହାଦ୍ୱାରା ଓଡିଶାର ଗ୍ଲୋବାଲ କନେକ୍ଟିଭିଟି ଢାଞ୍ଚା ଆହୁରି ସୁଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି କେନ୍ଦ୍ର ସ୍ଥାପିତ ହେବାଦ୍ୱାରା ସମଗ୍ର ବିଶ୍ୱ ସହିତ ଓଡିଶାର କନେକ୍ଟିଭିଟି ବୃଦ୍ଧିହେବ। ଜନସାଧାରଣଙ୍କୁ ନାଗରିକ କୈନ୍ଦ୍ରୀକ ସେବା ଯୋଗାଇଦେବାରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ଏହା ଏକ ପ୍ରତିଫଳନ। ସେ କହିଥିଲେ ଯେ, ଏପରି ପଦକ୍ଷେପ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବ ଓ ଆନ୍ତର୍ଜାତୀୟ ସମ୍ପର୍କକୁ ମଜବୁତ କରିବ। ରାଜ୍ୟରେ ଶିଳ୍ପାୟନ ଓ ଅର୍ଥନୈତିକ କାର୍ଯ୍ୟକ୍ରମର ଅଭିବୃଦ୍ଧି ଯୋଗୁଁ ଓଡିଶାରେ ଆବଶ୍ୟକତା ଥିଲା। ସ୍ଥାନୀୟ ଯୁବ ପ୍ରଫେସନାଲଙ୍କ ପାଇଁ ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ପୂର୍ବରୁ ସେମାନେ ଭିସା ଆବେଦନ ପାଇଁ କୋଲକାତା ଓ ହାଇଦ୍ରାବାଦକୁ ଯିବାକୁ ପଡୁଥିଲା। ଏବେ ସେମାନେ ସହଜରେ ଓ ସୁବିଧାରେ ଭିସା ପାଇପାରିବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ଭୁବନେଶ୍ୱରର ବରମୁଣ୍ଡା ସ୍ଥିତ ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ ଭିତରେ ପ୍ରାୟ ୩,୦୦୦ ବର୍ଗଫୁଟ୍ ଜାଗା ଏହି ଭିସା ସେଣ୍ଟର ପାଇଁ ପ୍ରଦାନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଏହି କେନ୍ଦ୍ର ୟୁନାଇଟେଡ୍ କିଙ୍ଗଡମ୍, ଆୟରଲ୍ୟାଣ୍ଡ, ଅଷ୍ଟ୍ରିଆ, ଏସ୍ତୋନିଆ, ଇଟାଲୀ, ମାଲ୍ଟା, ସ୍ୱିଜରଲ୍ୟାଣ୍ଡ, ଜାପାନ, ମରୋକ୍କୋ ଓ ଇଜିପ୍ଟ ସହିତ ମୋଟ ୧୦ଟି ଦେଶ ପାଇଁ ଭିସା ସେବା ପ୍ରଦାନ କରିବ। ଆଗାମୀ ଦିନରେ ଅଧିକ ଦେଶକୁ ଏହି ସେବାରେ ଯୋଡାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ, ଭିଏଫ୍ଏସ୍ ଗ୍ଲୋବାଲ ଭାରତର ୨୦ଟି ସହରରେ ୫୬୦ରୁ ଅଧିକ କେନ୍ଦ୍ର ମାଧ୍ୟମରେ ୫୩ଟି ଦେଶ ପାଇଁ ଭିସା ସେବା ପ୍ରଦାନ କରୁଛି। ଭିଏଫ୍ଏସ୍ ଗ୍ଲୋବାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜୁବିନ କାର୍କରିଆ ସଂସ୍ଥାଟିକୁ ବିଶ୍ୱର ସର୍ବବୃହତ୍ ଭିସା ଓ କନସୁଲାର ସେବା ପ୍ରଦାନକାରୀ ଭାବେ ଗଢିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଭାରତର ୨୦ ଟି ସହରରେ ଏହି ସଂସ୍ଥାର ୫୬୦ ଟି ଭିସା ଆପ୍ଲିକେସନ ସେଣ୍ଟର କାମ କରୁଛି । ଭିଏଫ୍ଏସ୍ ଗ୍ଲୋବାଲ ଏକ ବିଶ୍ୱସନୀୟ ପ୍ରଯୁକ୍ତି ସେବା ପ୍ରଦାନକାରୀ ସଂସ୍ଥା ଭାବେ ସରକାର ଓ ଦୂତାବାସମାନଙ୍କୁ ଭିସା, ପାସପୋର୍ଟ ଓ କନସୁଲାର ସେବା ପ୍ରଦାନ କରିବାରେ ସହଯୋଗ କରୁଛି। ଏହି ଅବସରରେ ଅଷ୍ଟ୍ରିଆ, ଇଟାଲୀ ଓ ସ୍ୱିଜରଲ୍ୟାଣ୍ଡ ଦୂତାବାସର ଭାରତରେ ଅବସ୍ଥାପିତ ଅଧିକାରୀଙ୍କ ସମେତ ଓଡ଼ିଶା ବିଧାନ ସଭାର ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଭିଏଫ୍ଏସ୍ ଗ୍ଲୋବାଲ ସାଉଥ ଏସିଆର ସିଓଓ ୟୁମି ତଲୱାର ପ୍ରମୁଖ ଉପସ୍ଥିତ ଥିଲେ ।

- ▸▸ ପ୍ରଥମ ପର୍ଯ୍ୟାୟରେ ୧୦ଟି ଦେଶକୁ ଭିସା ସେବା, ପରେ ଅନ୍ୟାନ୍ୟ ଦେଶକୁ ସୁବିଧା ଉପଲବ୍ଧ ହେବ
- ▸▸ ଓଡିଶାର ଗ୍ଲୋବାଲ କନେକ୍ଟିଭିଟି ଢାଞ୍ଚା ସୁଦୃଢ଼ ହେବ




## ସାମାଜିକ ଗଣମାଧ୍ୟମରେ ଅପପ୍ରଚାର ବିରୋଧରେ ସାଇବର ଥାନାରେ ପିସିସିର ଏତଲା

ଭୁବନେଶ୍ୱର,(ସବ୍ୟୁ): ଏଆଇସିସି ସଙ୍ଗଠନ ସମ୍ପାଦକ ସାଂସଦ କେସି ବେଣୁଗୋପାଲଙ୍କ ମିଥ୍ୟା ଦସ୍ତଖତ ଚିଠି ସାମାଜିକ ଗଣମାଧ୍ୟମରେ ଅପ୍ରଚାରକୁ ନେଇ ଓଡିଶା ପ୍ରଦେଶ କଂଗ୍ରେସର ଏକ ଦଳ ବୁଧବାର ସାଇବର ଥାନାରେ ଏତଲା ଦାୟର କରିଛନ୍ତି । ସଂଗଠନ ସମ୍ପାଦକଙ୍କ ମିଥ୍ୟା ଦସ୍ତଖତରେ ଏଆଇସିସି ପ୍ୟାଡ଼ ବ୍ୟବହାର କରି ପିସିସି ସଭାପତି ପଦ ଗାରିମାକୁ କଳୁଷିତ କରିବା ଭଳି ଏକ ଚିଠି କିଛିଦିନ ହେଲା ବିଭିନ୍ନ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ଘୁରି ବୁଲୁଛି ଯାହା ସମ୍ପୂର୍ଣ୍ଣ ବେଆଇନ ଏବଂ ଧର୍ତ୍ତବ୍ୟ ଅପରାଧ ତଥା ସମାଜ ପାଇଁ ମଧ୍ୟ ଏକ ବଡ଼ ବିପଦ । ତେଣୁ ଏହି ଧର୍ତ୍ତବ୍ୟ ଅପରାଧରେ ଜଡିତ ଥିବା ଅପରାଧୀଙ୍କୁ ଅତିଶୀଘ୍ର ଗିରଫ ଏବଂ ଦଣ୍ଡ ବିଧାନ କରାଯାଉ ବୋଲି ପ୍ରଦେଶ କଂଗ୍ରେସ କମିଟି ଦାବୀ କରିବା ସହ ଭିଏସଏସ ନଗରସ୍ଥିତ ସାଇବର ଥାନାରେ ଏତଲା ଦାୟର କରିଛି । ଏହି ଏତଲା ଦାୟର ଦଳରେ ସନ୍ତୋଷ ସିଂ ସାଲୁଜା, ଡଃ ଲଲାଟେନ୍ଦୁ ମହାପାତ୍ର, ଅରବିନ୍ଦ ଦାସ, ବିଶ୍ୱଜିତ ମହାନ୍ତି, ଶୁଭେନ୍ଦୁ ମହାନ୍ତି, ସୁଦର୍ଶନ ଦାସ, ବିଶ୍ୱଜିତ ମହାନ୍ତି, ସନ୍ତୋଷ ପ୍ରଧାନ, ପ୍ରଦୀପ୍ତ ଦାସ, ମନୋରଞ୍ଜନ ଦାଶ, ପ୍ରକାଶ ମିଶ୍ର, ତରୁଣ ମିଶ୍ର, ହିମାଂଶୁ ଲେଙ୍କା, ମାହେପାରା ନିଖଟ, ପ୍ରତାପ ମଲ୍ଲିକ, ସର୍ବଜିତ ଦାସ, ସୁକାନ୍ତ ନନ୍ଦ ପ୍ରମୁଖ ଭାଗ ନେଇଥିଲେ ।



## ଜିଲ୍ଲା ଯୋଜନା ବୋର୍ଡ ପୁନର୍ଗଠନ

# ନିଯୁକ୍ତି ପାଇଲେ ନୂତନ ଅଧ୍ୟକ୍ଷ, ଚାରି ମନ୍ତ୍ରୀଙ୍କୁ ଦାୟିତ୍ୱ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟ ସରକାର ୩୦ ଜିଲ୍ଲାର ଯୋଜନା ବୋର୍ଡ ନିମନ୍ତେ ଅଧ୍ୟକ୍ଷ ଘୋଷଣା କରିଛନ୍ତି । ଏହି ତାଲିକାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସାମିଲ କରାଯାଇଛି ।

ଆଜି(ବୁଧବାର) ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଦେଓଗଡ଼, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ (ଗଜପତି), ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସମ୍ବଲପୁର, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ରାୟଗଡ଼ା ଦାୟିତ୍ୱ ମିଳିଥିବା ବେଳେ ଅନୁଗୁଳ ଜିଲ୍ଲା ନିମନ୍ତେ ଅଶୋକ ମହାନ୍ତି, ଲକ୍ଷ୍ମଣ ବାଗଙ୍କୁ ବଲାଙ୍ଗୀର, ପଦ୍ମଲୋଚନ ପରିଚ୍ଛାଙ୍କୁ ବାଲେଶ୍ୱର, ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କୁ ବରଗଡ଼, ସୀତାଂଶୁ ଶେଖର ମହାପାତ୍ରଙ୍କୁ ଭଦ୍ରକ, କହ୍ନାଇ ଚରଣ ଡାଙ୍ଗଙ୍କୁ ବୌଦ୍ଧ, ଛବି ମଲ୍ଲିକଙ୍କୁ କଟକ, ସୀମାରାଣୀ ନାୟକଙ୍କୁ ଢେଙ୍କାନାଳ, ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଗଞ୍ଜାମ, ଅମରେନ୍ଦ୍ର ଦାସଙ୍କୁ ଜଗତସିଂହପୁର, ଟଙ୍କଧର ତ୍ରିପାଠୀଙ୍କୁ ଝାରସୁଗୁଡ଼ା, ଆକାଶ ଦାଶନାୟକଙ୍କୁ ଯାଜପୁର, ସୁଧୀର ରଞ୍ଜନ ପାଟଯୋଶୀଙ୍କୁ କଳାହାଣ୍ଡି, ଉମାଚରଣ ମଲ୍ଲିକଙ୍କୁ କନ୍ଧମାଳ, ଡ ଦୁର୍ଗାପ୍ରସନ୍ନ ନାୟକଙ୍କୁ କେନ୍ଦ୍ରପଡ଼ା, ଡ ଫକୀର ମୋହନ ନାୟକଙ୍କୁ କେନ୍ଦୁଝର, ପ୍ରଶାନ୍ତ କୁମାର ଜଗଦେବଙ୍କୁ ଖୋର୍ଦ୍ଧା, ରଘୁରାମ ମାଚ୍ଛଙ୍କୁ କୋରାପୁଟ, ନରସିଂହ ମାଡକାମୀଙ୍କୁ ମାଲକାନଗିରି, ଭାସ୍କର ମଢ଼େଇଙ୍କୁ ମୟୂରଭଞ୍ଜ, ଗୌରୀଶଙ୍କର ମାଝିଙ୍କୁ ନବରଙ୍ଗପୁର, ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କୁ ନୟାଗଡ଼, ଜୟ ଢୋଲକିଆଙ୍କୁ ନୂଆପଡ଼ା, ଓମ୍ ପ୍ରକାଶ ମିଶ୍ରଙ୍କୁ ପୁରୀ, ରଘୁନାଥ ଜଗଦଲାଙ୍କୁ ସୁବର୍ଣ୍ଣପୁର, ଦୁର୍ଗାଚରଣ ତନ୍ତିଙ୍କୁ ସୁନ୍ଦରଗଡ଼ ଦାୟିତ୍ୱ ମିଳିଛି ।

ସୂଚନାଯୋଗ୍ୟ, ୨୦୨୪ ନିର୍ବାଚନ ପରେ ଜୁଲାଇରେ ରାଜ୍ୟ ଯୋଜନାବୋର୍ଡ ଭଙ୍ଗ ହୋଇଥିଲା । ଏହାପରେ ଏହାର ପୁନର୍ଗଠନ ନିମନ୍ତେ ଦାବି ହୋଇ ଆସୁଥିଲା । ପ୍ରାୟ ୨ ବର୍ଷ ପରେ ସମ୍ପ୍ରତି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଯୋଜନା ବୋର୍ଡର ପୁନର୍ଗଠନ କରାଯାଇଛି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି ।

## ରାଜ୍ୟସ୍ତରୀୟ ଓଡିଶା ଦିବସ ସମାରୋହ

# ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆଗାମୀ ୧୦ ବର୍ଷ ହେବ ସଂକଳ୍ପର ଦଶକ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ୧୯୩୬ ମସିହାରେ ଗଠିତ ଓଡ଼ିଶା ରାଜ୍ୟ ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଏକ ନୂଆ ଦିଗ ଦେଖାଇଥିଲା ଏବଂ ପରବର୍ତ୍ତୀ ସମୟରେ ଦେଶର ଅନ୍ୟାନ୍ୟ ରାଜ୍ୟଗଠନ ପାଇଁ ପଥପ୍ରଦର୍ଶକ ହୋଇଥିଲା ବୋଲି ୯୧ତମ ଓଡ଼ିଶା ଦିବସ ଅବସରରେ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରାଜ୍ୟ ଓ ବିଶ୍ୱର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ସମସ୍ତ ଓଡ଼ିଆଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ଓଡ଼ିଶାର ଗୌରବମୟ ଇତିହାସ, ଅସ୍ମିତା ଓ ସଂକଳ୍ପକୁ ସ୍ମରଣ କରି କହିଥିଲେ । ମୁଖ୍ୟମନ୍ତ୍ରୀ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓ ଅନ୍ୟାନ୍ୟ ବରପୁତ୍ରମାନଙ୍କ ତ୍ୟାଗ ଓ ସଂଗ୍ରାମକୁ ସ୍ମରଣ କରି ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଓଡ଼ିଶାର ସ୍ୱର୍ଣ୍ଣିମ ଇତିହାସ, ପାଇକ ବିଦ୍ରୋହ ଓ ଭାଷା ଆଧାରିତ ଆନ୍ଦୋଳନର ଗୌରବକୁ ଉଲ୍ଲେଖ କରି କହିଥିଲେ ଯେ ଓଡ଼ିଆ ଭାଷା ଓ ସଂସ୍କୃତି ହିଁ ରାଜ୍ୟ ଗଠନର ପ୍ରମୁଖ ଶକ୍ତି। ସେ ଓଡ଼ିଆ ଜାତିର ସ୍ୱାଭିମାନ ଓ ଏକତାକୁ ବଜାୟ ରଖି ଆଗକୁ ବଢିବାକୁ ଆହ୍ୱାନ କରିଥିଲେ। ସେହିପରି ପ୍ରଧାନମନ୍ତ୍ରୀଙ୍କ ଠାରୁ ଆସିଥିବା ଚିଠିକୁ ପଢ଼ି କୃତଜ୍ଞତା ଜଣାଇବା ସହିତ ଓଡ଼ିଶା ପୋଲିସଙ୍କୁ ମିଳିଥିବା 'ରାଷ୍ଟ୍ରପତି ପୋଲିସ୍ କଲର୍ସଦ ସମ୍ମାନକୁ ରାଜ୍ୟ ପାଇଁ ଗର୍ବର ବିଷୟ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ୨୦୩୬ରେ ଓଡ଼ିଶା ୧୦୦ ବର୍ଷ ପୂରଣ କରିବା ସମୟରେ ରାଜ୍ୟକୁ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆମ ସରକାର ଦୃଢ଼ ସଂକଳ୍ପବଦ୍ଧ। ୨୦୩୬ ସୁଦ୍ଧା ଅର୍ଥନୀତିକୁ ୫୦୦ ବିଲିଅନ ଡଲାର ଏବଂ ୨୦୪୭ ସୁଦ୍ଧା ୧୫୦୦ ବିଲିଅନ ଡଲାରରେ ପହଞ୍ଚାଇବା ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ। ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆଜି ପ୍ରତ୍ୟେକ ଓଡ଼ିଆ ସମର୍ପିତ ମନୋଭାବ ନେଇ ଆଗକୁ ବଢୁଛନ୍ତି । ରାଜ୍ୟରେ ସଡକ, ରେଳ, ବିମାନ ଓ ଅନ୍ୟାନ୍ୟ ଭିତ୍ତିଭୂମିର ବ୍ୟାପକ ବିକାଶ ଚାଲିଥିବା ସହ ଭୁବନେଶ୍ୱରକୁ ଆଧୁନିକ ଫାଇନାନ୍ସିଆଲ ଓ ଟେକ୍ ହବ୍ ଭାବେ ଗଢ଼ି ତୋଳିବା ଉଦ୍ୟମ ଚାଲିଛି। ପୁରୀରୁ ପାରାଦୀପ ପର୍ଯ୍ୟନ୍ତ ଅଞ୍ଚଳକୁ ଅର୍ଥନୈତିକ କେନ୍ଦ୍ର ଭାବେ ବିକଶିତ କରିବା ଓ ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ପାଇଁ ମଧ୍ୟ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂଆ ବିଶ୍ୱବିଦ୍ୟାଳୟ, ମେଡିକାଲ କଲେଜ୍ ସ୍ଥାପନ ଓ ଡାକ୍ତର ନିଯୁକ୍ତି ଉଦ୍ୟମ ସହ ଆୟୁଷ୍ମାନ ଭାରତ ଯୋଜନା ମାଧ୍ୟମରେ ରାଜ୍ୟବାସୀ ଉପକୃତ ହେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ସେହିପରି ଶିଳ୍ପ ନିବେଶ ଓ ସରକାରୀ ନିଯୁକ୍ତି ମାଧ୍ୟମରେ ରୋଜଗାର ସୃଷ୍ଟିରେ ରାଜ୍ୟ ଆଗୁଆ ଅଛି ବୋଲି ଉଲ୍ଲେଖ କରିଥିଲେ। ବିକାଶ ସହିତ ଓଡ଼ିଆ ଅସ୍ମିତାକୁ ସୁରକ୍ଷିତ ରଖିବାର ଆବଶ୍ୟକତା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଆଗାମୀ ୧୦ ବର୍ଷକୁ ସଂକଳ୍ପର ଦଶକ ଭାବେ ଚିହ୍ନଟ କରି ସମସ୍ତଙ୍କୁ ସମୃଦ୍ଧ ଓଡ଼ିଶା ଗଠନରେ ସାମିଲ ହେବାକୁ ଆହ୍ୱାନ କରିଥିଲେ। ଏହି ସମାରୋହରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ପର୍କିତ ଫଟୋଚିତ୍ର ପ୍ରଦର୍ଶନୀ ଉଦଘାଟନ କରାଯାଇଥିଲା । ଏଥି ସହିତ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶା ସରକାରଙ୍କ ମୁଖପତ୍ର ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁର ଅପ୍ରେଲ ମାସର ସଂସ୍କରଣକୁ ଉନ୍ମୋଚନ ହେବା ସହିତ ପ୍ରଗତି ପ୍ରବାହର ଚତୁର୍ଥ ସଂସ୍କରଣ ଉନ୍ମୋଚନ କରାଯାଇଥିଲା । ଏହି ଅବସରରେ ରାଜ୍ୟ ସ୍ତରରେ ଅନୁଷ୍ଠିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ସଫଳ ହୋଇଥିବା କୃତି ଛାତ୍ରଛାତ୍ରୀଙ୍କୁ ଅର୍ଥ ରାଶି ସହ ମାନପତ୍ର ଓ ରେଡକ୍ରସ ପକ୍ଷରୁ ୮ ଜଣଙ୍କୁ ୨୫,୦୦୦ ଟଙ୍କା ଅର୍ଥ ରାଶି ଦେଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସମାରୋହକୁ ସମାପ୍ତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଏକାମ୍ର-ଭୁବନେଶ୍ୱରର ବିଧାୟକ ବାବୁ ସିଂ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ସୂଚନା ଓ ଲୋକସମ୍ପର୍କ ଏବଂ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।




# ଡିଜିପିନକୁ ଆପଣାଇଲା ଟିପିସିଓଡିଏଲ୍

ଭୁବନେଶ୍ୱର,(ସବ୍ୟୁ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ ଓଡିଶାଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍), ଭାରତର ପ୍ରଥମ ପାୱାରୟୁଟିଲିଟି ଭାବେ ଡିଜିପିନ୍ ବ୍ୟବସ୍ଥାକୁ ଆପଣାଇଛି । ଦେଶର ଏହିଅତ୍ୟାଧୁନିକ ଡିଜିଟାଲ୍ଆଡ୍ରେସିଂ ସିଷ୍ଟମକୁ ଗ୍ରହଣ କରି ଟିପିସିଓଡିଏଲ୍ ବିଦ୍ୟୁତ ବିତରଣ କ୍ଷେତ୍ରରେ ଡିଜିଟାଲ୍ ପବ୍ଲିକ ଇନଫ୍ରାଷ୍ଟ୍ରକଚର (ଡିପିଆଇ) ର ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛି ।ଭାରତୀୟ ଡାକ ବିଭାଗ, ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଏବଂ ଆଇଆଇଟି ହାଇଦ୍ରାବାଦର ମିଳିତ ସହଯୋଗରେବିକଶିତ ଏହି ଡିଜିପିନ୍, ଜଟିଳ ଲାଟିଚ୍ୟୁଡ୍-ଲଙ୍ଗିଚ୍ୟୁଡ୍ ସ୍ଥାନାଙ୍କ ବଦଳରେ ଏକ ସରଳ ୧୦ ଅଙ୍କ ବିଶିଷ୍ଟ ଆଲଫାନ୍ୟୁମେରିକ କୋଡ୍ବ୍ୟବହାର କରେ । ଏହି ନୂତନ ବ୍ୟବସ୍ଥା ଦ୍ୱାରା ଅତି ସଠିକ ଏବଂ ସହଜ ଭାବେ ସ୍ଥାନ ଚିହ୍ନଟ କରାଯାଇପାରିବ ଯାହାକି ସ୍ୱଳ୍ପକନେକ୍ଟିଭିଟି ଥିବା ଅଞ୍ଚଳରେ ମଧ୍ୟ କାର୍ଯ୍ୟକ୍ଷମ ହେବ ଏବଂ ଶାସନ ବ୍ୟବସ୍ଥା ଓ ସେବା ପ୍ରଦାନ କ୍ଷେତ୍ରରେ ଏକ ପରିବର୍ତ୍ତନ ଆଣିବ ।ଆଧାରଭିତ୍ତିକ ଯାଞ୍ଚ ଏବଂ ସହଜୟୁପିଆଇ ପେମେଣ୍ଟ ବ୍ୟବସ୍ଥା ଭଳି ନିଜର ଶକ୍ତିଶାଳୀ ଡିଜିଟାଲ୍ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରି,ଟିପିସିଓଡିଏଲ ଏବେ ନିଜର ଏରପ୍ରାଇଜ୍ ଜିଓଗ୍ରାଫିକ୍ ଇନଫର୍ମେସନ୍ ସିଷ୍ଟମ୍ (ଜିଆଇଏସ୍) ବ୍ୟବସ୍ଥାରେ ଡିଜିପିନ୍ କୁ ସାମିଲ କରିଛି । ଏହା ମାଧ୍ୟମରେ କମ୍ପାନୀର ପ୍ରତ୍ୟେକ ବୈଦ୍ୟୁତିକ ସମ୍ପତ୍ତିକୁ ଏକ ସ୍ୱତନ୍ତ୍ର ଡିଜିଟାଲ୍ ଠିକଣା ପ୍ରଦାନ କରାଯାଉଛି ।ଏହି ସଫଳତା ସମ୍ପର୍କରେ ସୂଚନା ଦେଇ ଟିପିସିଓଡିଏଲ ର ସିଇଓ ଅରଭିନ୍ଦ ସିଂହ କହିଛନ୍ତି ଯେ, ଡିଜିଟାଲ୍ ପବ୍ଲିକ ଇନଫ୍ରାଷ୍ଟ୍ରକଚର ହେଉଛି ଆଧୁନିକ ଶାସନ ବ୍ୟବସ୍ଥାର ମୁଖ୍ୟ ଆଧାର, ଯାହା ସମସ୍ତଙ୍କୁ ଅତି ଦକ୍ଷତାର ସହ ଅତ୍ୟାବଶ୍ୟକ ସେବା ଯୋଗାଇବାରେ ସାହାଯ୍ୟକରେ । ଭାରତ ସରକାରଙ୍କ ଡିଜିଟାଲ୍ ସଶକ୍ତିକରଣ ପରିକଳ୍ପନାକୁ ସଫଳ କରିବା ପାଇଁ ଟିପିସିଓଡିଏଲ ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ଡିଜିପିନ୍ କୁଆପଣାଇବା ଆମ ପାଇଁ ଏକ ରଣନୈତିକ ପଦକ୍ଷେପ, ଯାହା ଆମର ଡିଜିଟାଲ୍ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବ ।।

## ବଦଳିଲା ନନ୍ଦନକାନନ ସମୟ

# ସକାଳ ୭ .୩୦ ରେ ଖୋଲି ସନ୍ଧ୍ୟା ୫ .୩୦ ରେ ବନ୍ଦ ହେବ

ବାରଙ୍ଗ,(ସବ୍ୟୁ): ପ୍ରାଣୀ ଉଦ୍ୟାନ ନନ୍ଦନକାନନ ଖୋଲିବା ଓ ବନ୍ଦ ହେବା ସମୟର ପରିବର୍ତ୍ତନ ହୋଇଛି ।ନନ୍ଦନକାନନ ପ୍ରାଣୀଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ପ୍ରବେଶ ସମୟରେ ପରିବର୍ତନ କରାଯାଇଛି । ପ୍ରତିବର୍ଷ ଭଳି ଗ୍ରୀଷ୍ମଋତୁ ସାଙ୍ଗକୁ ଦିନ ବଡ ଯୋଗୁଁ ନନ୍ଦନକାନନ ପ୍ରାଣୀଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ଏପ୍ରିଲ ୧ ରୁ ସେପ୍ଟେମ୍ବର ୩୦ ଯାଏ ସକାଳ ୭ .୩୦ରେ ଖୋଲି ସନ୍ଧ୍ୟା ୫ .୩୦ଟାରେ ବନ୍ଦ ହେବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି । ପୂର୍ବରୁ ଶୀତକାଳୀନ ଭ୍ରମଣ ପାଇଁ ଦିନ ଛୋଟ ଥିବାରୁ ସକାଳ ୮ଟାରୁ ସନ୍ଧ୍ୟା ୫ଟା ଯାଏ ଉଭୟ ନନ୍ଦନକାନନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ଖୋଲା ରହୁଥିଲା । ଚଳିତ ନିର୍ଦ୍ଧାରିତ ସମୟ ଅନୁସାରେ ଟିକେଟ ବୁକିଂ କରିବାର ଶେଷ ସମୟ ସନ୍ଧ୍ୟା ୫ଟା ଯାଏ ଖୋଲା ରହିବ । ପୂର୍ବଭଳି ପ୍ରତି ସୋମବାର ନନ୍ଦନକାନନ ଓ ରାଜ୍ୟ ଉଭିଦ ଉଦ୍ୟାନ ପର୍ଯ୍ୟଟକଙ୍କ ନିମନ୍ତେ ବନ୍ଦ ରହିବ ।

## ଓଡିଶା ଦିବସ ପାଳନ ଅବସରରେ

# କାନ୍ତକବିଙ୍କ ଦାୟାଦଙ୍କୁ ସମ୍ବର୍ଦ୍ଧନା , ଓଡିଆ ପକ୍ଷର ଲୋଗୋ ଉନ୍ମୋଚନ

ଭଦ୍ରକ,(ସବ୍ୟୁ) : ଭଦ୍ରକ ନେହେରୁ ଷ୍ଟାଡିୟମରେ ଓଡିଶା ଦିବସ ପାଳନ କରାଯାଇଛି । ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକ ମାଟିର ବୀରପୁତ୍ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ସାମୂହିକ ଗାୟନ କରାଯାଇଥିଲା। ଏହାକୁ ୫ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଜନତା ଗାନ କରିଥିଲେ । ବୁଧବାର ସକାଳ ୭ଟାରେ ଓଡିଆଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଯେଉଁ ମାଟିରୁ ବନ୍ଦେ ଉତ୍କଳ ଜନନୀ ସର୍ଜନା ହୋଇ ଝଙ୍କୃତ ହୋଇଥିଲା ସେହି ଭଦ୍ରକ ମାଟିରେ ଜନ୍ମ ହେବା ମୋର ସୌଭାଗ୍ୟ ବୋଲି କହିଥିଲେ। ଓଡିଶା ଦିବସ ଠାରୁ ଆସନ୍ତା ୧୪ ଓଡିଆ ନବବର୍ଷ ଯାଏଁ ବିଭିନ୍ନ କାର୍ଯ୍ୟକ୍ରମ-ପରମ୍ପରା ରକ୍ଷା ଲାଗି ଆମ ପୋଷାକ, ଆମ ପରମ୍ପରା, ଐତିହ୍ୟ ରକ୍ଷା ଲାଗି ଆମ ଐତିହ୍ୟ ଗଣଦୌଡ, ସ୍ୱଚ୍ଛତା ଅଭିଯାନ ଆଦି କାର୍ଯ୍ୟକ୍ରମ ପ୍ରତିଦିନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ । ଉତ୍ସବରେ ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ'ର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦାୟଦ(ପୌତ୍ର) ବରିଷ୍ଠ ସାମ୍ବାଦିକ ତଥା ଦୈନିକ "ସମୟ'ର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର, ନାମକଲ୍ୟାଣ ମହାପାତ୍ର ଓ ସାମ୍ବାଦିକ ଉମାକଲ୍ୟାଣ ମହାପାତ୍ରଙ୍କୁ ଉପଢୌକନ ଦେଇ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧନା ଉତ୍ତରରେ କାନ୍ତକବିଙ୍କ ଦାୟାଦ ଗୁରୁକଲ୍ୟାଣ ମହାପାତ୍ର ଏଭଳି ସ୍ୱତନ୍ତ୍ର ଭବ୍ୟ କାର୍ଯ୍ୟକ୍ରମ ଲାଗି ବିଭାଗୀୟ ମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ କୃତଜ୍ଞତା ଅର୍ପଣ କରିବା ସହ ଏହି କାର୍ଯ୍ୟକ୍ରମ ସବୁ ଜିଲ୍ଲାରେ ଆୟୋଜନ କରିବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେହିଭଳି ଉତ୍ସବରେ ମନ୍ତ୍ରୀ ଓ ଅତିଥିମାନେ ଓଡିଆ ପକ୍ଷର ଲୋଗୋ ଉନ୍ମୋଚନ କରିଥିଲେ । ଜିଲ୍ଲାପାଳ ଦିଲୀପ ରାଉତରାଏ ସ୍ୱାଗତ ବକ୍ତବ୍ୟରେ ଭଦ୍ରକ ଏକ ମାତ୍ର ଜିଲ୍ଲା ଭାବେ ଏପରି ଭବ୍ୟ ଆୟୋଜନ କରିଥିବାରୁ ଏହି ଗର୍ବମୟ ମୁହୂର୍ତ୍ତକୁ ସଫଳ ଲାଗି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବ ଶେଷରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ବାସୁଦେବପୁର, ଚାନ୍ଦବାଲି, ବନ୍ତ, ଭଣ୍ଡାରିପୋଖରୀ ବ୍ଲକ ଅଧ୍ୟକ୍ଷ, ଅଧ୍ୟକ୍ଷାଙ୍କ ସହ ଜିଲ୍ଲା ବିଜେପି ସଭାପତି ଭଗବାନ ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସର୍କା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ଶତପଥୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ ଓ ସାହିତ୍ୟିକମାନେ ଉପସ୍ଥିତ ଥିଲେ ।




"ବନ୍ଦେ ଉତ୍କଳ ଜନନୀ' ଗାନ କଲେ ୫ହଜାର ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଜନତା


Azadi Ka Amrit Mahotsav | G20

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**
DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVT. OF INDIA)
OLATPUR, P.O.-BAIROI, DIST-CUTTACK-754010, ODISHA

**RECRUITMENT NOTICE**

Applications are invited from the eligible candidates for the following posts:

**Ref. No.: AD 6B 10/01/2026 Dated:30.03.2026 (Regular Posts for SVNIRTAR, Cuttack)**

| Sl. No. | Name of the Post | Pay Matrix Level | Category | No. of posts |
|---|---|---|---|---|
| 1 | General Duty Medical Officer (GDMO) | Level-10 (Group - A) | UR | 01 |
| 2 | Lecturer Prosthetics & Orthotics | Level-10 (Group - A) | EWS | 01 (Through Deputation / Direct Recruitment) |
| 3 | Demonstrator (Physiotherapy) | Level-06 (Group - B) | UR | 01 |
| 4 | Typist/Clerk (Hindi/English) | Level-02 (Group - C) | UR (PwD - Hard of Hearing) | 01 |

**Ref. No.: AD6B19/02/2026 Date: 30.03.2026 (Consultant Posts for CRCSRE-Ranchi & Balangir)**

| Sl. No. | Name of the post | Consolidated monthly remuneration (per month) | No. of posts & Name of the Centre |
|---|---|---|---|
| 1 | Lecturer (Occupational Therapy) (Consultant) | Rs.60,000/- | 01- CRCSRE - Ranchi |
| 2 | Administrative Officer (Consultant) | Rs.50,000/- | 01- CRCSRE - Ranchi |
| 3 | Clinical Assistant (Speech Therapist) (Consultant) | Rs.50,000/- | 01- CRCSRE - Ranchi<br>01- CRCSRE - Balangir |
| 4 | Assistant (Consultant) | Rs.45,000/- | 01- CRCSRE - Ranchi |

**Ref. No.: AD6B37/03/2026 Date: 30.03.2026**
**(Consultant Posts for CDEICs of SVNIRTAR- Cuttack, CRCSRE - Ranchi & Balangir)**

| | | | |
|---|---|---|---|
| 01 | Physiotherapist (Consultant) | Rs.35,000/- | 01- CDEIC - CRCSRE - Ranchi |
| 02 | Audiologist and Speech Language Pathologist (ASLP) (Consultant) | Rs.35,000/- | 01- CDEIC-SVNIRTAR - Cuttack<br>01- CDEIC- CRCSRE - Ranchi<br>01- CDEIC- CRCSRE - Balangir |

The aspiring applicants fulfilling the eligibility criteria in all respect can submit their application through on line mode. The online registration of application will be made available on SVNIRTAR, Cuttack official Website i.e. **https://svnirtar.nic.in** or can directly visit the website **i.e.https://recruitment.svnirtar.in.** The link of submission of online application in respect of above said posts along with other relevant information will be activated on **01st April 2026 after 5:00 PM onwards.** For all other details, terms and conditions, please visit to website **https://svnirtar.nic.in.**

**Sd/- Director**

## ବିଜେପିରେ ସାମିଲ ହେଲେ ରାଜ୍ୟର ପ୍ରମୁଖ

# ସମବାୟ ସମିତିର ସଭାପତି, ନିର୍ଦ୍ଦେଶକ ଏବଂ ସଦସ୍ୟ

ଭୁବନେଶ୍ୱର, (ସବ୍ୟ) : ଭାରତୀୟ ଜନତା ପାର୍ଟୀର ନୀତି ଓ ଆଦର୍ଶ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱ ଏବଂ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ରାଜ୍ୟର ପ୍ରମୁଖ ସମବାୟବିତ୍ ଏବଂ ନେତୃବୃନ୍ଦ ବିଜେପିରେ ଯୋଗଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତଙ୍କୁ ଦଳୀୟ ଟୋପି ଓ ଉତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଓଡ଼ିଶା ଷ୍ଟେଟ କୋଅପରେଟିଭ ବ୍ୟାଙ୍କ (ଓଏସ୍‌ସିବି)ର ଅଧ୍ୟକ୍ଷ ଟି.ପ୍ରସାଦ ରାଓ ଡୋରା, ରାଜ୍ୟ ସମବାୟ ସଂଘ (ଓଏସସିୟୁ) ସଭାପତି ଶ୍ରୀମତୀ ପ୍ରଭାସିନୀ



ଷଡଙ୍ଗୀ, ଅର୍ବାନ ବ୍ୟାଂକ ଫେଡେରେସନ ସଭାପତି ମହେନ୍ଦ୍ର କୁମାର ନାୟକ, ଓଡିଶା ମହିଳା ବିକାଶ ସମବାୟ ନିଗମ ଲିମିଟେଡ୍ ଅଧ୍ୟକ୍ଷା ସ୍ୱାଧୀନବାଳା ଦାସ ଓ ଉପାଧ୍ୟକ୍ଷା ସୁଷମା ଦାସ, ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ଉତ୍କଳିକା ସଭାପତି ଶ୍ରୀମତୀ ଦେବସ୍ମିତା ସାହୁ, ଫିସଫେଡ ଅଧ୍ୟକ୍ଷ ଶ୍ରୀମତୀ ସସ୍ମିତା ରାଉତ, ଓପୋଲଫେଡ ଅଧ୍ୟକ୍ଷ ଭୋଳେଶ୍ୱର ସ୍ୱାଇଁ, ଓମଫେଡ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ ଓ ଉପସଭାପତି ସୁନିତା ବରାଳ, ଟିଡିସିସି ଅଧ୍ୟକ୍ଷ ଚମେଲି ଓରାମ, ଶ୍ରମ ଓ ନିର୍ମାଣ କୋଅପରେଟିଭ ଲିମିଟେଡ ଅଧ୍ୟକ୍ଷ ପ୍ରମୋଦ କୁମାର ସାମନ୍ତରାୟ, ଅନୁଗୁଳ କେନ୍ଦ୍ରୀୟ ସମବାୟ ବ୍ୟାଂକର ପୂର୍ବତନ ଅଧ୍ୟକ୍ଷ ବିଭୁଦେନ୍ଦୁ ପଟ୍ଟନାୟକ, ଖୋର୍ଦ୍ଧା ସେଂଟ୍ରାଲ କୋଅପରେଟିଭ ବ୍ୟାଂକର ଉପସଭାପତି ଜୟଶ୍ରୀ ଗଡନାୟକ, ବ୍ରହ୍ମପୁର କେନ୍ଦ୍ରୀୟ କୋଅପରେଟିଭ ବ୍ୟାଂକ ସଭାପତି ଶିବରାମ ପାତ୍ର, ବୌଦ୍ଧ କେନ୍ଦ୍ରୀୟ କୋଅପରେଟିଭ ବ୍ୟାଂକ ସଭାପତି ଅରୁଣ ପ୍ରଧାନ, ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସମବାୟ ସଂସ୍ଥାର ଅଧ୍ୟକ୍ଷ ରାଜେଶ ମହାନ୍ତି, ଭୁବନେଶ୍ୱର କୋଅପରେଟିଭ ସୁପର ବଜାରର ସଭାପତି ସସ୍ମିତା ମହାନ୍ତି, ସ୍ୱର୍ଣ୍ଣଶ୍ରୀ ମହିଳା ସମିତି ଅଧ୍ୟକ୍ଷା ପୂର୍ଣ୍ଣିମା ସିଂହ, ମହିଳା ବିକାଶ ସମବାୟ ନିଗମ ନିର୍ଦ୍ଦେଶକ କଲ୍ୟାଣୀ ସ୍ୱାଇଁ ପ୍ରମୁଖଙ୍କ ସମେତ ଅନ୍ୟ ସମବାୟ ଅନୁଷ୍ଠାନର କର୍ମକର୍ତ୍ତା ବିଜେପିରେ ଯୋଗଦାନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ରାଜ୍ୟ ସମବାୟ ବିଭାଗ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକ ବାବୁ ସିଂ, ସରୋଜ ପାଢୀ, ପୂର୍ଣ୍ଣଚନ୍ଦ୍ର ସେଠୀ, ରାଜ୍ୟ ସମ୍ପାଦକ ସରୋଜ କର, ବରିଷ୍ଠ ନେତା ଯଜ୍ଞେଶ୍ୱର ବାବୁ, ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ୭୮ ପୋଲିସଙ୍କୁ ପୁରସ୍କୃତ କଲେ ଡିଜିପି

ଭୁବନେଶ୍ୱର, (ସବ୍ୟ) : ଭୁବନେଶ୍ୱର ପୋଲିସ ଭବନରେ ବୁଧବାର ଦିନ ଆରକ୍ଷୀ ମହାନିର୍ଦ୍ଦେଶକ ପଦକ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିବା ବେଳେ ସେଥିରେ ୭୮ଜଣ ଦକ୍ଷ ପୋଲିସଙ୍କୁ ପୁରସ୍କୃତ କରାଯାଇଛି । ୭୮ଜଣ ପୋଲିସ ଅଫିସର ଓ କର୍ମଚାରୀଙ୍କୁ ଡିଜିପି ଯୋଗେଶ ବାହାଦୂର ଖୁରାନିଆ ପଦକ ପ୍ରଦାନ କରିଥିଲେ । କର୍ମ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଏମାନଙ୍କୁ ପୁରସ୍କୃତ କରାଯିବା ପାଇଁ ବିବେଚନା କରାଯାଇଥିଲା । ଅତିରିକ୍ତ ଡିଜିପି (ନକ୍ସଲ ବିରୋଧୀ ଅଭିଯାନ) ସଞ୍ଜୀବ ପଣ୍ଡା, ଅତିରିକ୍ତ ଡିଜିପି (ମହିଳା, ଶିଶୁ ଅପରାଧ ନିରାକରଣ ଶାଖା) ଏସ୍.ସାଇନି, ଆଇଜିପି (ଅପରେସନ) ଡଃ ଦୀପକ କୁମାର, ଆଇଜିପି (କ୍ରାଇମବ୍ରାଞ୍ଚ) ସାର୍ଥକ ଷଡଙ୍ଗୀ, ଡିଆଇଜିପି (ସ୍ୱତନ୍ତ୍ର ଗୋଇନ୍ଦା ଶାଖା) ଅଖିଳେଶ୍ୱର ସିଂ, ଡିସିପି (ଭୁବନେଶ୍ୱର) ଜଗମୋହନ ମିନା, ଡିସିପି (କଟକ) ଖିଲାରୀ ଋଷିକେଶ ଦ୍ୟାନଦେଓ, ଏସ୍‌ପି (ସ୍ପେଶାଲ ବ୍ରାଞ୍ଚ) ସୁନୀଲ କୁମାର ନନ୍ଦ, ଏସ୍‌ପି (ପୋଲିସ ପ୍ରଶିକ୍ଷଣ




ପ୍ରତିଷ୍ଠାନ ବୈରୀ) ଅଶୋକ କୁମାର ଦେହୁରୀଙ୍କ ସମେତ ଏସ୍‌ଓଜିର ୨୯ଜଣ, ସ୍ପେଶାଲ ବ୍ରାଞ୍ଚର ୭ଜଣ, ଏସ୍‌ଆଇଡବ୍ଲ୍ୟୁର ୧୦ଜଣଙ୍କ ସମେତ ଅନ୍ୟାନ୍ୟ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଶ୍ରୀ ଖୁରାନିଆ ପଦକ ପ୍ରଦାନ କରିଥିଲେ । ଏଥିସହିତ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ (ଏମ୍‌ଏଚ୍‌ଏ) ଦ୍ୱାରା ରାଜ୍ୟର ସର୍ବଶ୍ରେଷ୍ଠ ପୋଲିସ ଥାନା ଭାବେ ପୁରସ୍କୃତ ହୋଇଥିବା ଗଞ୍ଜାମ ଜିଲ୍ଲାର ବଡଗଡ ଥାନା ଇନ୍ସପେକ୍ଟର ବିମଳ କୁମାର କରଙ୍କୁ ମଧ୍ୟ ଡିଜିପି ପଦକ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ପୋଲିସ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ ।

# ଯୁବ ଶକ୍ତି ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର(ସବ୍ୟ): ରକ୍ତଦାନ, ମହାପୂଣ୍ୟ । ରକ୍ତଦାନ କଲେ ଅନେକଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୁଏ । ଏହି ମନ୍ତ୍ରକୁ ଆଧାର କରି ଉତ୍କଳ ଦିବସ ଅବସରରେ ସୁସ୍ଥ ଓଡ଼ିଶା ଗଠନ କରିବା ଲକ୍ଷ୍ୟରେ ଯୁବ ଶକ୍ତି ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱର ସ୍ଥିତ ରେଡକ୍ରସ ଭବନ ଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ପଦ୍ମଶ୍ରୀ ଡକ୍ଟର ଅଶୋକ ମହାପାତ୍ର, ଡକ୍ଟର ଦେବାଶିଷ ସାହୁ, ଯୁବ ଶକ୍ତି ଟ୍ରଷ୍ଟ ର ସଭାପତି ଅମିତ ମଲ୍ଲିକ ଏହି ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ ।

ଅନେକ ଯୁବ, ଛାତ୍ର, ବୁଦ୍ଧିଜୀବୀ, ସାମ୍ବାଦିକ, ଅଭିନେତା, ଅଭିନେତ୍ରୀ ପ୍ରମୁଖ ଏହି ରକ୍ତଦାନ ଶିବିରରେ ସାମିଲ ହୋଇ ରକ୍ତଦାନ ଶିବିରକୁ ସଫଳ କରିଥିଲେ । ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର



ରାଉତ, ଅଭିନେତା ବାବୁଶାନ୍ ମହାନ୍ତି, ଡକ୍ଟର ଅମୃତ ପାଟ୍ଟଯୋଷୀ, କ୍ରୀଡ଼ାବିତ ଦୁତ୍ତି ଚାନ୍ଦ, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଛାତ୍ର ବିଜେଡ଼ି ସଭାପତି ଇପ୍ସିତା ସାହୁ, ଯୁବ ନେତ୍ରୀ ଚିନ୍ମୟୀ ଜେନା, ଯୁବ ନେତ୍ରୀ ସ୍ୱାଗତିକା ମହାନ୍ତି, ମହିଳା ନେତ୍ରୀ ଲୋରା ମୋହାପତ୍ର, ଯୁବ ଶକ୍ତି ଟ୍ରଷ୍ଟର ଟ୍ରଷ୍ଟି ଆଶିଷ କୁମାର ରାଉତ ଏବଂ କଳିଙ୍ଗ ନାୟକ ପ୍ରମୁଖ ଏହି ରକ୍ତଦାନ ଶିବିରରେ ଉତ୍ସାହର ସହ ସାମିଲ ହୋଇ ରକ୍ତଦାନ ଏକ ଶ୍ରେଷ୍ଠ ଓ ମହାନ ଦାନର ସଚେତନତା ବାର୍ତ୍ତା ଦେଇଥିଲେ ।

# ବିକଶିତ ଓଡିଶା ପାଇଁ ସହରାଞ୍ଚଳ ଜମି ପରିଚାଳନା ଗୁରୁତ୍ୱପୂର୍ଣ୍ଣ : ଉଷା ପାଢ଼ୀ

ଭୁବନେଶ୍ୱର, (ସବ୍ୟ) : ସୁନିୟନ୍ତ୍ରିତ ଓ ସ୍ଥାୟୀ ସହରୀକରଣର ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଖାରବେଳ ଭବନଠାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସହରାଞ୍ଚଳ ଜମି ପରିଚାଳନା ଉପରେ ଏକ ଉଚ୍ଚସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। 'ବିକଶିତ ଓଡ଼ିଶା' ଗଠନ ଦିଗରେ ଜମି ଏକ ରଣନୈତିକ ସମ୍ବଳ ଭାବେ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିବ, ସେ ନେଇ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଏହି ଅବସରରେ ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଧିକାରୀ ହରିବଲ୍ଲଭ ମିଶ୍ର ନିଜର ଦୀର୍ଘ ପ୍ରଶାସନିକ ଅଭିଜ୍ଞତା ଆଧାରରେ ସହରାଞ୍ଚଳ ଜମି ପରିଚାଳନାର ଆଇନଗତ, ପ୍ରଶାସନିକ ଏବଂ ନୀତିଗତ ଦିଗଗୁଡ଼ିକ ଉପରେ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ , ଗୃହ ଓ ନଗର ଉନ୍ନୟନ ବିଭାଗ ତଥା ଇଡ୍‌କୋର ଅଧ୍ୟକ୍ଷା ଶ୍ରୀମତୀ ଉଷା ପାଢ଼ୀ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସୂଚନା ଦେଇ କହିଥିଲେ ଯେ, ଭବିଷ୍ୟତ ପାଇଁ ପ୍ରସ୍ତୁତ ତଥା ସ୍ଥାୟୀ ସହର ଗଠନ କରିବା ଏବଂ 'ବିକଶିତ ଓଡ଼ିଶା'ର ସ୍ୱପ୍ନ ସାକାର କରିବା ପାଇଁ ସୁଚିନ୍ତିତ ଓ ରଣନୈତିକ ଜମି ପରିଚାଳନା ଅପରିହାର୍ଯ୍ୟ। ସହରାଞ୍ଚଳର ଜମି ସମ୍ପତ୍ତିକୁ ସମ୍ପୂର୍ଣ୍ଣ ରୂପେ ବିନିଯୋଗ କରିବା ପାଇଁ ବିଭିନ୍ନ ଶ୍ରେଣୀର ଜମି,



ନିୟାମକ ବ୍ୟବସ୍ଥା ଏବଂ 'ଲ୍ୟାଣ୍ଡ ଭାଲ୍ୟୁ କ୍ୟାପଚର୍' ଭଳି ଅଭିନବ କୌଶଳ ବିଷୟରେ ଗଭୀର ଜ୍ଞାନ ଆହରଣ କରିବାର ଆବଶ୍ୟକତା ରହିଛି। ଦ୍ରୁତ ସହରୀକରଣ ପରିପ୍ରେକ୍ଷୀରେ ଓଡ଼ିଶାରେ ଥିବା ବିଭିନ୍ନ ବର୍ଗର ଜମି ଯଥା- ନଜୁଲ, ଖାସମହଲ, ସରକାରୀ ଖାସ ଦଖଲ (ଜିକେପିବି) ଏବଂ ଲିଜ୍ ହୋଲ୍ଡ ମାମଲାଗୁଡ଼ିକର ସର୍ବୋତ୍ତମ ବିନିଯୋଗ ଉପରେ ଏହି ଅଧିବେଶନରେ ଆଲୋଚନା ହୋଇଥିଲା। ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ସମସ୍ତ ଅତିରିକ୍ତ ସଚିବ ଏବଂ ବିଭାଗର ବରିଷ୍ଠ ପଦାଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଆଲୋଚନାଚକ୍ରରେ 'ଲ୍ୟାଣ୍ଡ ଭାଲ୍ୟୁ କ୍ୟାପଚର୍'କୁ ସହରାଞ୍ଚଳ ଭିତ୍ତିଭୂମି ପାଇଁ ଏକ ସ୍ଥାୟୀ ଆର୍ଥିକ ସମ୍ବଳ ଭାବେ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହା ମାଧ୍ୟମରେ ଜମି ସମ୍ବଳର ଉପଯୁକ୍ତ ବିନିଯୋଗ କରି ଯୋଜନାବଦ୍ଧ ଅଭିବୃଦ୍ଧି ଏବଂ ଉନ୍ନତ ସେବା ପ୍ରଦାନ କରାଯାଇପାରିବ।

## ବେଦାନ୍ତ ଆଇରନ୍‌ଓର ଓଡିଶାର ସ୍ୱେଚ୍ଛାସେବା ସପ୍ତାହ

ଭୁବନେଶ୍ୱର, (ସବ୍ୟ) : ବେଦାନ୍ତ ଆଇରନ୍‌ଓର୍ ଓଡ଼ିଶା ଏହାର କର୍ମଚାରୀ ସ୍ୱେଚ୍ଛାସେବା ସପ୍ତାହ ସମାପ୍ତ କରିଛି । ସେସା କର୍ମଚାରୀ ସ୍ୱେଚ୍ଛାସେବା କାର୍ଯ୍ୟକଳାପ (ଏସ୍‌ଇଭିଏ) ର ଏକ ଅଂଶ, ଏହି ପଦକ୍ଷେପ କମ୍ପାନୀର ଗୋଷ୍ଠୀ ସହଭାଗୀତାକୁ ସୁଦୃଢ଼ କରିବା ଏବଂ ଏହାର ଅଂଚଳଗୁଡ଼ିକରେ ସକାରାnଗକ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା ପାଇଁ ସ୍ଥାୟୀ ପ୍ରତିବଦ୍ଧତାକୁ ସୁଦୃଢ଼ କରିଥାଏ । ଏହି ପଦକ୍ଷେପ ବେଦାନ୍ତ କର୍ମଚାରୀମାନଙ୍କୁ ଓଡ଼ିଶାର ସୁନ୍ଦରଗଡ଼ ଏବଂ କେନ୍ଦୁଝର ଜିଲ୍ଲାର ନାଡିଡିହି, ରେଙ୍ଗାଲବେଡା, କୋଇଡା, ଗୁଆଲି ଏବଂ ଯୋଡା ଗ୍ରାମଗୁଡ଼ିକର ଗୋଷ୍ଠୀ ସଦସ୍ୟଙ୍କ ସହିତ ଯୋଗାଯୋଗ କରୁଛି । ଯୁବ ସଶକ୍ତିକରଣ, ସୁସ୍ଥତା ଏବଂ ପରିବେଶ ସଚେତନତା ଉପରେ କେନ୍ଦ୍ରିତ, ଇଭିଡବ୍ଲୁ । ହେଉଛି ଏକ ପ୍ରୟାସ ଯାହାକୁ ବେଦାନ୍ତ ଆଇଓଓ ନିୟମିତ ଭାବରେ ଏହାର ଗୋଷ୍ଠୀ ସମ୍ପର୍କ ପ୍ରୟାସର ଅଂଶ ଭାବରେ ଆୟୋଜନ କରିଥାଏ । ସାରା ସପ୍ତାହ ଧରି, କର୍ମଚାରୀମାନେ ୩୩୦ ରୁ ଅଧିକ ଗୋଷ୍ଠୀ ସଦସ୍ୟଙ୍କ ନିକଟରେ ପହଂଚିଥିବା ଅର୍ଥପୂର୍ଣ୍ଣ ପଦକ୍ଷେପର ଏକ କ୍ରମରେ ଅଂଶଗ୍ରହଣ କରିଥିଲେ । ବିଶେଷ ଭାବରେ ଗଠିତ କର୍ମଚାରୀ ଦଳଗୁଡ଼ିକ ଶିକ୍ଷା, ସଶକ୍ତିକରଣ ଏବଂ ମନୋରଞ୍ଜନ ଉପରେ କେନ୍ଦ୍ରିତ ସାମୁଦାୟିକ କେନ୍ଦ୍ରିକ କାର୍ଯ୍ୟକଳାପ ପାଇଁ ସେମାନଙ୍କର ସମୟ ଏବଂ ପ୍ରୟାସକୁ ଉତ୍ସର୍ଗ କରି ପ୍ରସାରର ପହଂଚ ଏବଂ ପ୍ରଭାବକୁ ବୃଦ୍ଧି କରିଥିଲେ । ଏହି ପଦକ୍ଷେପ ଉପରେ ପ୍ରତିଫଳିତ କରି, ବେଦାନ୍ତ ଆଇଓଓର ମୁଖ୍ୟ ପରିଚାଳନା ଅଧିକାରୀ ବିଶ୍ୱନାଥ ସାହୁ କହିଛନ୍ତି, ବେଦାନ୍ତରେ, ଆମେ ବିଶ୍ୱାସ କରୁ ଯେ ଫେରସ୍ତ ଦେବା ସ୍ଥାୟୀ ଅଭିବୃଦ୍ଧି ପାଇଁ ମୌଳିକ । କର୍ମଚାରୀ ସ୍ୱେଚ୍ଛାସେବା ସପ୍ତାହ ଆମେ ଯେଉଁ ସହଭାଗୀତା ପାଇଁ ଚେଷ୍ଟା କରୁଛୁ ତାହାର ଭାବନାକୁ ପ୍ରତିପାଦିତ କରେ । ଯେଉଁଠାରେ ଆମର ଲୋକମାନେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିବା ପାଇଁ ସମ୍ପ୍ରଦାୟ ସହିତ କାମ କରନ୍ତି । ମୁଁ ଆମର ଦଳଗୁଡ଼ିକର ଉତ୍ସର୍ଗତା ପାଇଁ ଅତ୍ୟନ୍ତ ଗର୍ବିତ ଏବଂ ଏକ ସମୃଦ୍ଧ, ସହଭାଗୀ ଭବିଷ୍ୟତ ପାଇଁ ଏହି ବନ୍ଧନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ।

## ଲୋକଭବନରେ ଓଡିଶା ଦିବସ ପାଳିତ

# 'ବିକଶିତ ଓଡ଼ିଶା' ଗଠନ ପାଇଁ ସାମୁହିକ ପ୍ରୟାସ କରିବାକୁ ରାଜ୍ୟପାଳଙ୍କ ଆହ୍ୱାନ

ଭୁବନେଶ୍ୱର, (ସବ୍ୟ) : ମୂଲ୍ୟବୋଧ ଆଧାରିତ "ବିକଶିତ ଓଡ଼ିଶା" ଗଠନ ପାଇଁ ସାମୂହିକ ପ୍ରୟାସ କରିବାକୁ ରାଜ୍ୟପାଳ ଡ . ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ଅପ୍ରେଲ ୧ ତାରିଖ ବୁଧବାର ଦିନ ଲୋକଭବନର ନୂତନ ଅଭିଷେକ ହଲ୍ ଠାରେ ଆୟୋଜିତ ଓଡିଶା ଦିବସ ପାଳନ ସମାରୋହରେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଛନ୍ତି ଯେ, ପ୍ରକୃତ ବିକାଶ ଭୌତିକ ଭିତ୍ତିଭୂମି ଏବଂ ଆର୍ଥିକ ଅଭିବୃଦ୍ଧିଠାରୁ ଅଧିକ ଏବଂ ସମାଜରେ ସାଧୁତା, କରୁଣା, ଶୃଙ୍ଖଳା ଏବଂ ଦାୟିତ୍ୱବୋଧରେ ପ୍ରତିଫଳିତ ହେବା ଉଚିତ। ଓଡ଼ିଶା ଦିବସ ଅବସରରେ ରାଜ୍ୟପାଳ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ଏହି ଅବସରକୁ ଓଡ଼ିଶାର ସହଭାଗୀ ପରିଚୟ, ଏକତା ଏବଂ ସ୍ଥାୟୀ ଆତ୍ମାର ଉତ୍ସବ ଭାବରେ ବର୍ଣ୍ଣନା କରିଛନ୍ତି। ରାଜ୍ୟର ପ୍ରଥମ ମହିଳା ଡ .ଜୟଶ୍ରୀ କମ୍ଭମପାଟି ଏହି ଅବସରରେ ଉପସ୍ଥିତ ଥିଲେ। ଓଡ଼ିଶାର ଐତିହାସିକ ଯାତ୍ରାକୁ ସ୍ମରଣ କରି ରାଜ୍ୟପାଳ ଉଲ୍ଲେଖ କରିଛନ୍ତି ଯେ , ୧୯୩୬ ମସିହା ଏପ୍ରିଲ ୧ ତାରିଖରେ



ସ୍ୱତନ୍ତ୍ର ରାଜ୍ୟ ଗଠନ ଏକ ଦୀର୍ଘ ଏବଂ ଦୃଢ଼ ସଂଘର୍ଷର ପରିଣାମ ଥିଲା। ଏହାର ମହାନ ନେତୃବୃନ୍ଦ ଭାରତର ସ୍ୱାଧୀନତା ପାଇଁ ଆନ୍ଦୋଳନ କରିବା ସହିତ ବିଭିନ୍ନ ପ୍ରଦେଶର ଶାସନ ଅଧୀନରେ ଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକର ଏକୀକରଣ ପାଇଁ ମଧ୍ୟ ଲଢ଼ିଥିଲେ। ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, କୃଷ୍ଣ ଚନ୍ଦ୍ର ଗଜପତି, ନୀଳକଣ୍ଠ ଦାସ, ଗୌରୀଶଙ୍କର ରାୟ, ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ , ଫକୀର ମୋହନ ସେନାପତିଙ୍କ ଭଳି ବିଶିଷ୍ଟ ବ୍ୟକ୍ତିମାନେ ଯେଉଁ ମାନେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ଭାବେ ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେମାନଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଓଡ଼ିଆ ଭାଷା, ସଂସ୍କୃତି ଏବଂ ମୂଲ୍ୟବୋଧକୁ ସଂରକ୍ଷଣ କରି ନବସୃଜନ ସହିତ ନେତୃତ୍ୱ ନେବାକୁ ଏବଂ ରାଜ୍ୟ ପାଇଁ ଏକ ସମାବେଶୀ ,ସୁରକ୍ଷିତ ଏବଂ ସମୃଦ୍ଧ ଭବିଷ୍ୟତ ଗଠନ କରିବାରେ ଯୋଗଦାନ ଦେବାକୁ ରାଜ୍ୟପାଳ ଯୁବପିଢୀଙ୍କୁ ଆହ୍ୱାନ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ସେଣ୍ଟର ଫର୍ ଏକ୍ସେଲେନ୍ସ ଫର୍ ଷ୍ଟଡିଜ୍ ଇନ୍ କ୍ଲାସିକାଲ ଓଡ଼ିଆର ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର୍ ବସନ୍ତ କୁମାର ପଣ୍ଡା, ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆର ରାଜ୍ୟ ୟୁନିଟ୍‌ର ନିର୍ଦ୍ଦେଶକ ଡକ୍ଟର ଅସିତ କୁମାର ସ୍ୱାଇଁ ଏବଂ ଜନଗଣନା ନିର୍ଦ୍ଦେଶାଳୟ, ଭୁବନେଶ୍ୱରର ସହକାରୀ ନିର୍ଦ୍ଦେଶକ ଲକ୍ଷ୍ମଣ ମୁଖୀ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜ୍ୟପାଳଙ୍କ ପିଆରଓ ଐଶ୍ୱର୍ଯ୍ୟା ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ସମୃଦ୍ଧ କଳାତ୍ମକ ଐତିହ୍ୟକୁ ପ୍ରତିଫଳିତ କରୁଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷିତ ହୋଇଥିଲା।

## ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟରେ ଉତ୍କଳ ଦିବସ

ଭୁବନେଶ୍ୱର, (ସବ୍ୟ) : ହାଇଟେକ୍ ମେଡିକାଲ୍ କଲେଜ ପରିସରରେ ଥିବା, ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟରେ ଉତ୍କଳ ଦିବସ ମହାସମାରୋହରେ ପାଳନ କରାଯାଇଛି । ବିଦ୍ୟାର୍ଥୀମାନେ ବିଦ୍ୟା ଅର୍ଜନ କରିବା ସହ ଓଡିଶାର ଗାରିମାମୟ ଅଧ୍ୟାୟ ଏବଂ ପରମ୍ପରା ସଂପର୍କରେ ଜାଣିବା ଦରକାର । ଜାତୀୟତାବୋଧ ଦିବସ ଗୁଡିକରେ ମହାବିଦ୍ୟାଳୟ ଛୁଟି ରହିଲେ, ଛାତ୍ରଛାତ୍ରୀ ମାନେ ଏହି ଦିବସର ଗାରିମା ସଂପର୍କରେ ଜାଣିବାରୁ ବଞ୍ଚିତ ହୁଅନ୍ତି ବୋଲି ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଚିତ୍ତରଞ୍ଜନ ସାହୁ କହିଛନ୍ତି । ବିଦ୍ୟାର୍ଥୀମାନେ ଦେଶ, ଜାତି ଓ ରାଷ୍ଟ୍ର ସଂପର୍କରେ ଯଥେଷ୍ଟ ଜ୍ଞାନ ଅର୍ଜନ କରିବା ଆବଶ୍ୟକ ବୋଲି ମହାବିଦ୍ୟାଳୟର ଓଡିଆ ଭାଷା, ସାହିତ୍ୟ ବିଭାଗର ଅଧ୍ୟାପକ ତଥା ଆନ୍ତଃରାଷ୍ଟ୍ରୀୟ ଓଡିଶୀ ନୃତ୍ୟ ଶିଳ୍ପୀ ଡକ୍ଟର ଚିତ୍ତରଞ୍ଜନ ସାହାଣୀ




କହିଥିଲେ । ଉତ୍ସବରେ ପଦାର୍ଥ ବିଜ୍ଞାନର ବରିଷ୍ଠ ଅଧ୍ୟାପକ ଡକ୍ଟର ମୁରଲୀଧର,ସ୍ୱାଇଁ, ଇଂରାଜୀ ବିଭାଗର ବିଗୀୟ ମୁଖ୍ୟ ଡକ୍ଟର ଶରତ କୁମାର ନାୟକ, ରସାୟନ ବିଭାଗର ମୁଖ୍ୟ ଡ଼କ୍ଟର ଧର୍ମେନ୍ଦ୍ର କୁମାର ଜେନା,ଜୀବ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଭାତ କୁମାର ସାହୁ ଏବଂ ଇଂରାଜୀ ବିଭାଗର ଅଧ୍ୟାପକ ପ୍ରିୟବ୍ରତ ସେଠୀ ବିଦ୍ୟାର୍ଥୀ ମାନଙ୍କୁ ଓଡିଶାର ଅସ୍ମିତା ସଂପର୍କରେ ବୁଝାଇଥିଲେ। ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ରାଜ୍ୟଗାନ ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ସହ ଗଣିତ ବିଭାଗର ଅଧ୍ୟାପକ ତଥା ବିଶିଷ୍ଟ ସଂଗୀତଜ୍ଞ ଆଲୋକ କୁମାର ସାହୁ ଏବଂ ଉଦ୍ଭିଦ ବିଜ୍ଞାନର ଅଧ୍ୟାପିକା ଶୁଭଦର୍ଶିନୀ ସାହୁଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ବ୍ରାହ୍ମଣୀ ନଦୀର ରେଖିଦେଇପୁର, ବାଲିକୁଦିଆ ଓ ବୃନ୍ଦାଦେଇପୁରରୁ

# କୋଟି କୋଟି ଟଙ୍କାର ବାଲି ଚୋରାଚାଲାଣ , ହାତବାନ୍ଧି ବସିଛି ପ୍ରଶାସନ

ଚଣ୍ଡିଖୋଲ/ଚଡେଇଧରା, (ସବ୍ୟ): ବାଲି ଚୋରିକୁ ଦୃଢଭାବେ ଦମନ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲା ମଧ୍ୟ ତାହାର କୌଣସି ପ୍ରଭାବ ଯାଜପୁର ଜିଲ୍ଲାର ଧର୍ମଶାଳାରେ ଦେଖାଯାଉନି। ଯାଜପୁର ଜିଲ୍ଲାର ଜେନାପୁର ଥାନା ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ବାଲିକୁଦିଆ,ବୃନ୍ଦାଦେଇପୁର ଓ ରେଖିଦେଇପୁର ସମେତ ୪/୫ଟି ସ୍ଥାନରୁ ଏବେ ଆଖିବୁଜା ବାଲି ଚୋରି ହେବା ସହିତ ବିଭିନ୍ନ ଜିଲ୍ଲାକୁ ତାହା ଚୋରାଚାଲାଣ ଚାଲିଛି। ସନ୍ଧ୍ୟା ହେଲେ ବାଲି ଚୋରଙ୍କ ଉତ୍ପାତ ଆରମ୍ଭ ହୋଇ ପୁରାରାତି ଚାଲୁଛି। ଦୈନିକ ଅଟିକମରେ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବାଲି ଚୋରାଚାଲାଣ ହେଉଥିଲେ ମଧ୍ୟ ସ୍ଥାନୀୟ ପୋଲିସ ଓ ପ୍ରଶାସନ ସବୁ ଦେଖିଅଦେଖା ସାଜିଥିବା ଅଭିଯୋଗ ହୋଇଛି । ଖଣି ବିଭାଗକୁ ବାଲିଘାଟ ହସ୍ତାନ୍ତର ହେବାପରେ ଆଶାତୀତ ଭାବେ ବାଲି ଚୋରି ବଢିଚାଲିଛି



। ରାଜସ୍ୱ ବିଭାଗ ଅଧିନରେ ବାଲି ଘାଟ ଥିବା ସମୟରେ ଚୋରା ବାଲିଘାଟ ଉପରେ କ୍ରମାଗତ ଚଢାଉ ହେଉଥିଲା । ଫଳରେ ବାଲି ମାଫିଆଙ୍କ ଉପରେ ଲଗାମ ଥିଲା । ଏବେ ଖଣି ବିଭାଗର ଚରମ ଅବହେଳା ଓ ନିଷ୍କ୍ରିୟତା ପାଇଁ ଏହି ଅଞ୍ଚଳରୁ ବାଲି ଚୋରାଚାଲାଣ ବଢ଼ିବାରେ ଲାଗିଛି । ସରକାରୀ ନିୟମ ଓ କଟକଣାର କୌଣସି ପ୍ରଭାବ ନଥିବାରୁ ଚୋରା ବାଲିକୁ ମାଫିଆମାନେ ଚଡାଦରରେ ବିକ୍ରିକରି କୋଟି ଟଙ୍କା କମାଉଥିଲା ବେଳେ ସରକାର ଦିନକୁ ଅଟିକମରେ ଦୁଇରୁ ତିନି କୋଟି ଟଙ୍କାର ରାଜସ୍ୱ ହରାଉଥିବା ଆଲୋଚନା ହେଉଛି। ସୂଚନା ଅନୁଯାୟୀ ଧର୍ମଶାଳା ତହସିଲ ଓ ଜେନାପୁର ଥାନା ଅନ୍ତର୍ଗତ ରେଖିଦେଇପୁର ଓ ବଳରାମପୁର ରାଜସ୍ୱ ନିରୀକ୍ଷକଙ୍କ ଅଧିନ ରେଖିଦେଇପୁର,ବାଲିକୁଦିଆ ଓ ବୃନ୍ଦାଦେଇପୁର ଘାଟରୁ ପ୍ରତ୍ୟେକ ରାତିରେ ବେଆଇନ ଚାଲାଣ ହେଉଛି। ଉକ୍ତ ବେଆଇନ ଘାଟରୁ ରାତି ଅଧିଆ ଶହ ଶହ ଟ୍ରାକ୍ଟର ଓ ହାଇୱାରେ ବାଲି ଲୋଡ଼ କରି ମାଫିଆମାନେ ବାହାରକୁ ଚାଲାଣ କରୁଛନ୍ତି। ଏହିସବୁ ବେଆଇନ ବାଲିଘାଟ ସରକାରଙ୍କ ପରିବର୍ତ୍ତେ ମାଫିଆଙ୍କ କବଜାରେ ରହିଛି। ତେବେ ସରକାରୀ ବାବୁ ବାଲି ଚୋରଙ୍କୁ ଏଠାରେ ସୁରକ୍ଷା ଯୋଗାଇ ଦେଉଥିବା ଅଭିଯୋଗ ହେଉଛି। ଆଖିବୁଜା ବାଲି ଉତ୍ତୋଳନ ଯୋଗୁଁ ଏବେ ରେଖିଦେଇପୁର ନଦୀ ସଜ୍ୟା ଓ ଗ୍ରାମବାସୀଙ୍କ ପାଇଁ ବିପଦ ସୃଷ୍ଟି କରିଥିବା ଲୋକେ ଜିଲ୍ଲା ଖଣି ଅଧିକାରୀ,ଧର୍ମଶାଳା ତହସିଲଦାରଓ ଯାଜପୁର ଜିଲ୍ଲାପାଳଙ୍କୁ ଲିଖିତଭାବେ ଜଣାଇ ଉକ୍ତ ତିନିଟି ଘାଟରୁ ବାଲି ଚୋରିକୁ ରୋକିବା ସହ ସ୍ଥାନୀୟ ଲୋକମାନଙ୍କୁ ସୁରକ୍ଷା ଦେବାକୁ ଦାବି କରିଛନ୍ତି। ରେଖିଦେଇପୁର ଚୋରା ବାଲି ଘାଟରୁ ମାତ୍ର ୫ଶହ ମିଟର ଦୂରରେ ରହିଛି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ। ହେଲେ ଏହି ବାଲି ଚୋରିକୁ କାହିଁକି ରୋକାଯାଇ ପାରୁନାହିଁ ତାହା ପ୍ରଶ୍ନ ହୋଇଛି।

## କଟକରେ ଓଡ଼ିଶା ଜନତା କଂଗ୍ରେସର ବିଶାଳ ମିଶ୍ରଣ ପର୍ବ

# ସାମିଲ ହେଲେ ହଜାର ହଜାର କର୍ମୀ

କଟକ, (ସବ୍ୟ) : କଟକ ସହରର ରାଜନୈତିକ ବାତାବରଣ ବୁଧବାର ବେଶ୍ ସରଗରମ ହୋଇଉଠିଥିଲା। ସ୍ଥାନୀୟ ବିଜୁ ପଟ୍ଟନାୟକ ଛକ ସ୍ଥିତ ଖ୍ରୀଷ୍ଟିୟାନ୍ ପଡ଼ିଆଠାରେ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ ଏକ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ସହରର ବିଭିନ୍ନ ରାଜନୈତିକ ଦଳର ଶତାଧିକ ନେତା ଓ କର୍ମୀ ଓଡ଼ିଶା ଜନତା କଂଗ୍ରେସର ଆଦର୍ଶ ତଥା ବିଚାରଧାରାରେ ଅନୁପ୍ରାଣିତ ହୋଇ ଆନୁଷ୍ଠାନିକ ଭାବେ ଦଳରେ ସାମିଲ ହୋଇଛନ୍ତି। ପାର୍ଟିର ପ୍ରତିଷ୍ଠାତା ତଥା ରାଜ୍ୟ ସଭାପତି ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ଏହି ନୂତନ ସଦସ୍ୟମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଛନ୍ତି। ଏହି ଅବସରରେ ଶ୍ରୀ ମୋକିମ୍ ନିଜ ଅଭିଭାଷଣରେ କହିଛନ୍ତି ଯେ, ଓଡ଼ିଶା ରାଜନୀତି ବର୍ତ୍ତମାନ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ରାଜ୍ୟର ସାମଗ୍ରିକ ବିକାଶ ଓ ସମୃଦ୍ଧି ପାଇଁ ଜନସାଧାରଣ ଏବେ ଏକ ବିଶ୍ୱାସଯୋଗ୍ୟ ବିକଳ୍ପ ଦଳ ଖୋଜୁଛନ୍ତି। ଓଡ଼ିଶା ଜନତା କଂଗ୍ରେସ ପାର୍ଟି ସେହି ଆବଶ୍ୟକତାକୁ ପୂରଣ କରିବା ସହ ଲୋକଙ୍କ ଆଶା ଓ ଆକାଂକ୍ଷାର ଏକମାତ୍ର ବିକଳ୍ପ ଭାବେ ଉଭା ହୋଇଛି। ଆଗାମୀ ଦିନରେ ଓଡ଼ିଶାବାସୀଙ୍କ ଅକୁଣ୍ଠ ସମର୍ଥନରେ ଏହି ଦଳ ଏକ ଶକ୍ତିଶାଳୀ ରାଜନୈତିକ ଶକ୍ତି ଭାବେ ଗଢ଼ିଉଠିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଏହି ମିଶ୍ରଣ ପର୍ବରେ ପ୍ରାୟ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଲୋକ ସାମିଲ ହୋଇ ଦଳର ସଂଗଠନକୁ ଅଧିକ ମଜବୁତ କରିଛନ୍ତି। ଏଥିସହ ଅନେକ ବରିଷ୍ଠ ନେତା ମଧ୍ୟ ନିଜ ସମର୍ଥକଙ୍କ ସହ ଦଳରେ ଯୋଗ ଦେଇଛନ୍ତି, ଯାହା ସହରର ରାଜନୈତିକ ସମୀକରଣରେ ପରିବର୍ତ୍ତନ ଆଣିବାର ସଙ୍କେତ ଦେଉଛି। ଏହି କାର୍ଯ୍ୟକ୍ରମରେ ଅଟକ ମହାନଗର ନିଗମ ଅନ୍ତର୍ଗତ ସମସ୍ତ ୱାର୍ଡରୁ ବିଭିନ୍ନ ଦଳର ବହୁ ପ୍ରମୁଖ କର୍ମକର୍ତ୍ତାମାନେ, ପୂର୍ବତନ କର୍ପୋରେଟର, କଂଗ୍ରେସ ଦଳର ବ୍ଲକ କଂଗ୍ରେସ ସଭାପତି ମାନେ, କଟକ ସହରର ବୁଦ୍ଧିଜୀବୀ, ଆଡଭୋକେଟ୍, ବିଭିନ୍ନ ପୂଜା କମିଟିର




ସଭାପତି ଓ ସଂପାଦକ, ଓଡ଼ିଆ ଚଳଚ୍ଚିତ୍ର ଜଗର ଅଭିନେତ୍ରୀ ନିକିତା ମିଶ୍ର ଓଡ଼ିଶା ଜନତା କଂଗ୍ରେସ ପାର୍ଟିରେ ସାମିଲ ହୋଇଥିଲେ । କଟକ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା ସମସ୍ତ କର୍ମୀମାନଙ୍କୁ ନୂତନ ପାର୍ଟିକୁ ସ୍ୱାଗତ କରିଥିଲେ । ଏହି ଅବସରରେ ସୂଚନା ଅଧିକାରୀ କର୍ମୀ ପ୍ରଦୀପ ପ୍ରଧାନ, ବାସୁଦେବ ଭଟ୍ଟ, ମନୋଜ ଜେନା, ତପନ ମିଶ୍ର, ପୂର୍ବତନ କୃଷି ଅଧିକାରୀ ସମରେଶ ବେହେରା, ନିକୁଞ୍ଜ ପଶାୟତ, ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଫେସର ରବିନାରାୟଣ ଶତପଥୀ ଜଗଦଗୁରୁ କ୍ରିପାଳୁ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି

କଟକ, (ସ୍ୱପ୍ର) : ଦେଶର ସୁପରିଚିତ ଆଧ୍ୟାତ୍ମିକ ସନ୍ଥ ସ୍ୱାମିଜୀ କ୍ରିପାଳୁଜୀ ମହାରାଜାଙ୍କ ନାମରେ ନାମିତ ଜଗତଗୁରୁ କ୍ରିପାଳୁ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ରବିନାରାୟଣ ଶତପଥୀ ଉତ୍କଳ ଦିବସରେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

କଟକ ଜିଲ୍ଲା ଡମପଡାର ବାଆଁରାରେ ନବନିର୍ମୀତ ଏହି ଆଧ୍ୟାତ୍ମିକ ବିଶ୍ୱବିଦ୍ୟାଳୟର ଚଳିତ ୨୦୨୬-୨୭ ଶିକ୍ଷା ବର୍ଷରୁ ବିଭିନ୍ନ ଉଚ୍ଚତର ଏବଂ ବୈଷୟିକ ଶିକ୍ଷା ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି । ଅବସରପ୍ରାପ୍ତ ପ୍ରଶାସକ ତଥା ବିଶ୍ୱବିଦ୍ୟାଳୟର ନୂତନ କୁଳସଚିବ ମଧୁସୂଦନ ମିଶ୍ର ଏବଂ ସେବାନିବୃତ୍ତ ପ୍ରଶାସକ ତଥା ଉପଦେଷ୍ଟା ବେଣୁଧର ଦାସ ପ୍ରମୁଖ ନୂତନ କୁଳପତି ପ୍ରଫେସର



ଶତପଥୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ । ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟରେ ଡିନ୍, ଅଧକ୍ଷ ଓ ନିର୍ଦ୍ଦେଶକ ପଦବୀରେ ଦୀର୍ଘ ୩୨ ବର୍ଷ ଧରି ଉଚ୍ଚ ଶିକ୍ଷା, ଗବେଷଣା, ପ୍ରଶାସନିକ ଦକ୍ଷତା, ସୃଜନଶୀଳ ଅଧ୍ୟୟନ କ୍ଷେତ୍ରରେ କାର୍ଯ୍ୟକରି ବିଶେଷ ପ୍ରଶଂସିତ ହୋଇଛନ୍ତି ପ୍ରଫେସର ଶତପଥୀ । ଉଚ୍ଚତର ଗବେଷଣା ଏବଂ ଅଧ୍ୟୟନ କ୍ଷେତ୍ରରେ ୨୧ ଟି ଉପାଦେୟ ପୁସ୍ତକ ରଚନା କରିବା ସହିତ ଦେଶ ବିଦେଶର ଅନେକ ଆନ୍ତର୍ଜାତିକ ସେମିନାରରେ ୩୨ ଟି ଗବେଷଣାତ୍ମକ ନିବନ୍ଧ ଉପସ୍ଥାପନା କରିଛନ୍ତି । ପ୍ରଫେସର ଶତପଥୀଙ୍କ ଅଧୀନରେ ୧୬ ଜଣ ପିଏଚଡି ଡିଗ୍ରୀ, ୨୨ ଜଣ ମାଷ୍ଟରର୍ସ ସ୍କଲାର ଲାଭ କରିଛନ୍ତି । ବିଭିନ୍ନ ଶୈକ୍ଷିକ ପ୍ରତିଷ୍ଠାନରେ ଜଣେ ଦକ୍ଷ ଓ ନିଷ୍ଠାପର ଏକାଡେମିସିଆନ ଭାବରେ କାର୍ଯ୍ୟ କରିଥିବା ପ୍ରଫେସର ଶତପଥୀଙ୍କର ଏହି ଆଧ୍ୟାତ୍ମିକ ବିଶ୍ୱବିଦ୍ୟାଳୟରେ କୁଳପତି ଭାବରେ ଯୋଗଦାନ ଏହି ଅନୁଷ୍ଠାନକୁ ଗୌରବାନିତ୍ୱ କରିବ ବୋଲି ଆଶା କରାଯାଉଛି ।

# ଥାନାଧିକାରୀଙ୍କୁ ଗାଳିଗୁଲଜ କରି ଯୁବକ ଗିରଫ

ବାରିପଦା, (ସବ୍ୟୁ) : ଥାନାରେ ପଶି ହଙ୍ଗାମା କଲେ ଯୁବକ । ମହିଳା ଥାନା ଅଧିକାରୀଙ୍କ ସହିତ ଅନ୍ୟ ମହିଳା ଅଧିକାରୀଙ୍କୁ ଦୁର୍ବ୍ୟବହାର କରିଲେ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅଞ୍ଚଳର ଦୀପକ କୁମାର ସିଂ । ତାଙ୍କ ଘର ବାଲେଶ୍ୱର ଜିଲ୍ଲା ଧରମପୁର ଅଞ୍ଚଳରେ । ଉକ୍ତ ମାମଲା ସଂପର୍କରେ ଆଲୋଚନା ଚାଲିଥିବା ବେଳେ ଭଦ୍ରଲୋକ ସାଜି ଆସିଥିବା ଦୀପକ କୁମା ସିଂ ହଠାତ୍ ରାଗି ଯାଇ ଥାନା ଅଧିକାରିଣୀ, ସବ୍-ଇନ୍ସପେକଟର ଓ ଅନ୍ୟ ପୁଲିସ୍ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ତା ସହିତ ସମସ୍ତ ପୁଲିସ୍ ଅଧିକାରୀ ଓ କର୍ମଚାରୀମାନଙ୍କୁ ଦୁର୍ବ୍ୟବହାର କରିଥିଲେ ।

କେବଳ ଏତିକି ନୁହେଁ, ଥାନାରେ ପୁଲିସ୍ ଅଧିକାରୀ ଓ କର୍ମଚାରୀଙ୍କୁ ମାରି ଦେବାକୁ ବି ଧମକ ଦେଇଥିଲେ । କପ୍ତିପଦା ଏସ୍‌ଡିପିଓ କହିଛନ୍ତି ଯେ, ଅନ୍ୟ ଏକ କେସ୍‌ରେ ସେ (ଗିରଫ ଯୁବକ) ଭଦ୍ରବ୍ୟକ୍ତି ସାଜି କପ୍ତିପଦା ଥାନାକୁ ଆସିଥିଲେ । ଆଲୋଚନା ଚାଲିଥିବାବେଳେ ସେ ରାଗିଯାଇ



ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଦୁର୍ବ୍ୟବହାର କରିଥିଲେ ଓ ଧମକ ଦେଇଥିଲେ । ତାଙ୍କ ନାଁରେ ମାମଲା ରୁଜୁ କରାଯିବା ସହ ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରିବା ସହିତ ତାଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ଜିଲ୍ଲା କଂଗ୍ରେସ ପକ୍ଷରୁ ନବନିର୍ବାଚିତ ଓକିଲ ସଂଘ ସଭାପତିଙ୍କୁ ସମ୍ବର୍ଦ୍ଧନା

ବାରିପଦା, (ସବ୍ୟୁ) : ବାରିପଦା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ନବନିର୍ବାଚିତ ବାରିପଦା ବାର ଆସୋସିଏସନର ନବନିର୍ବାଚିତ ସଭାପତି ଓ ସଦସ୍ୟ ମାନଙ୍କୁ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ସହିତ ଅନ୍ୟ କଂଗ୍ରେସ ନେତା ମାନେ ପୁଷଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହିତ ମିଠା ଖୁଆଇ ଅଭିନନ୍ଦନ ଜଣାଇଥିଲେ। ସଭାପତି ଭାବେ ଜ୍ୟୋତି ପ୍ରକାଶ ରଥ, ଯୁଗ୍ମ ସମ୍ପାଦକ ସ୍ୱରପ କୁମାର ମିଶ୍ର ଓ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସୁଶ୍ରୀ ସୁସ୍ମିତା ଘୋସାଲଙ୍କୁ କଂଗ୍ରେସ କର୍ମୀ ଅଭିନନ୍ଦନ ଜଣାଇଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଏସଟି ସେଲ ରାଜ୍ୟ ଉପସଭାପତି ଚୈତନ୍ୟ ହାଁସଦାଃ, ମୀନକେତନ ବେହେରା ଅଶୋକ ଗିରି, ଅଂଶୁମାନ ଦାଶ, ସମର ରଞ୍ଜନ ଦାଶ ଚନ୍ଦନ କିସ୍କୁ, ରଣା ସତ୍ୟକାମ ସେନାପତି, ଅସିତ ବେହେରା, ରକିମ ଭାଇ, ନଳିନୀ ପଟ୍ଟନାୟକ, ଉତ୍ତମ ବେହେରା, ମହିଳା ନେତ୍ରୀ ମାଧବୀ ସେନାପତି, ଭୁବନେଶ୍ୱରୀ ଜେନା, ସହିତ ଶତାଧିକ କଂଗ୍ରେସ ନେତା ଓ ନେତ୍ରୀ ଉପସ୍ଥିତ ଥିଲେ।

# ୯୧ ତମ ପୋଲିସ ପ୍ରତିଷ୍ଠା ଦିବସ, ୧୩ ପୋଲିସଙ୍କୁ ପୁରସ୍କାର

ବ୍ରହ୍ମପୁର, (ସବ୍ୟୁ) : ବୁଧବାର ଆମ୍ବପୁଆ ସ୍ଥିତ ରିଜର୍ଭ ପଡ଼ିଆରେ ଅନୁଷ୍ଠିତ ୯୧ ତମ ପୋଲିସ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଇଜି ନୀତି ଶେଖର ପତାକା ଉତ୍ତୋଳନ କରିଥିଲେ । ଏହା ସହିତ ପରେଡ଼ର ଅଭିବାଦନ ମଧ୍ୟ କରିଥିଲେ । ପୋଲିସ ନିଜର ଦାୟିତ୍ୱ ସମ୍ପାଦନ କ୍ଷେତ୍ରରେ ଯନିବାନ ହୋଇ କାର୍ଯ୍ୟ କଲେ ସଫଳତା ନିଶ୍ଚିତ ବୋଲି ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜ ଆରକ୍ଷୀ ମହାନିରୀକ୍ଷକ (ଆଇଜି) ନୀତି ଶେଖର କହିଛନ୍ତି । ଆଇନ ଶୃଙ୍ଖଳା ନିୟନ୍ତ୍ରଣ ହେଉ କି ଅପରାଧୀ ଦମନ ହେଉ ପ୍ରତ୍ୟେକ କ୍ଷେତ୍ରରେ ପୋଲିସର କାର୍ଯ୍ୟ ପ୍ରଶଂସନୀୟ । ଜନସାଧାରଣ ମଧ୍ୟ ଏଥିରେ ପୋଲିସକୁ ବହୁ ସହଯୋଗ କରୁଛନ୍ତି ।

ପୋଲିସ ଓ ସାଧାରଣ ଜନତାଙ୍କ ମିଳିତ ଉଦ୍ୟମରେ ଅପରାଧମୁକ୍ତ ସମାଜ ଗଠନ କରାଯାଇ ପାରିବ ବୋଲି ଆଇଜି ଶେଖର କହିଛନ୍ତି । ସେହିପରି ବ୍ରହ୍ମପୁର ଏସପି ଡା.ସରବର୍ଣ୍ଣା



ବିବେକ ଏମ ଏହି ଅବସରରେ ସମାଜରେ ଥିବା ଦୁର୍ବଳ ଶ୍ରେଣୀର ଲୋକ, ମହିଳା ଓ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଆହ୍ୱାନ ଦେଇଥିଲେ ।

ଲୋକଙ୍କ ମଧ୍ୟରେ ପୋଲିସର ବିଶ୍ୱାସ ଓ ଭରସା ଜନ୍ମାଇବାକୁ ହେବ । ପୋଲିସ ରିଜର୍ଭ ଇନ୍ସପେକଟର ଏମ.ଲକ୍ଷ୍ମୀ ରଞ୍ଜନ ପେରେଡ଼ ପରିଚାଳନା କରିଥିଲେ । ଏହି ଅବସରରେ ଜିଲାରେ କାର୍ଯ୍ୟରତ ପୋଲିସର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜଣେ ଏସଆଇ, ଜଣେ ଏଏସଆଇ, ଜଣେ ହାଭିଲଦାର, ୭ ଜଣ କନେଷ୍ଟେବଲ, ଦୁଇ ଜଣ ଡ୍ରାଇଭର ଓ ଜଣେ ଆସିଷ୍ଟାଣ୍ଟ ଆର୍ମର ଏପରି ୧୩ ଜଣଙ୍କୁ ପୁରସ୍କୃତ କରାଯାଇଥିଲା ।

# ମହନ୍ତଙ୍କ ଝୁଲନ୍ତା ମୃତଦେହ ଜବତ

ବ୍ରହ୍ମପୁର, (ସବ୍ୟୁ): ବଡବଜାର ପୋଲିସ ହରିଡାଖଣ୍ଡି ନିକଟ ଅନନ୍ଦମାର୍ଗରେ ଥିବା ଏକ ମଠର କୋଠରୀରୁ ଜଣେ ମହନ୍ତଙ୍କ ଝୁଲନ୍ତା ଅବସ୍ଥାରେ ଥିବା ମୃତଦେହ ବୁଧବାର ଜବତ କରିଛି । ମୃତକ ଜଣଙ୍କ ସର୍ବେଶ୍ୱର ଦାଶ(୫୨) । ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କୋଠରୀର ତାଲା ଭାଙ୍ଗି ମୃତଦେହ ଜବତ କରିବା ସହ ସେଠାରେ ତାହାର ପଞ୍ଚନାମା କରିଛି । ମୃତ୍ୟୁର କାରଣ ଜଣାପଡୁନଥିବା ପୋଲିସ କହିଛି । ମହନ୍ତ ଜଣଙ୍କ କାହିଁକି ଓ କେଉଁ ପରିସ୍ଥିତିରେ ଏଭଳି ଆତ୍ମହତ୍ୟା କରିଥିଲେ ସେନେଇ ପୋଲିସ ଘଟଣାର ତଦନ୍ତ ଜାରି ରଖିଛ । ଉକ୍ତ ମଠର ମୁଖ୍ୟ ମହନ୍ତ ତ୍ରିବିକ୍ରମ ମହାରାଜାଙ୍କ ଅଭିଯୋଗ ଆଧାରରେ ପୋଲିସ ୫/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ପୋଲିସ ମୃତକଙ୍କ ବେକରେ ଲାଗିଥିବା ଗାମୁଛା ଓ ତାଙ୍କ ମୋବାଇଲ ଜବତ କରିଛି ।

ପ୍ରାଥମିକ ତଦନ୍ତରୁ ମୃତ ମହନ୍ତଙ୍କ ଘର ଧରାକୋଟ ଅଞ୍ଚଳର ହୋଇଥିବା ବେଳେ ସେ ୨୦୧୨ ମସିହାରୁ ମହନ୍ତ ଦୀକ୍ଷା ଗ୍ରହଣ କରି ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ବିଭିନ୍ନ ମଠରେ ରହୁଥିଲେ । ସେ ବ୍ରହ୍ମପୁର ହରିଡାଖଣ୍ଡିରେ ଥିବା ରାମକୃଷ୍ଣ ମଠରେ ଗତ ଦୁଇ ବର୍ଷ ହେଲା ରହୁଥିଲେ । ଉକ୍ତ ମଠରେ ୪ଟି କୋଠରୀରେ ୪ଜଣ ମହନ୍ତ ରହୁଥିଲେ । ମଙ୍ଗଳବାର ରାତ୍ର ସମସ୍ତେ ଖାଇସାରି ନିଜ ନିଜ କୋଠରୀକୁ ଯାଇଥିଲେ । ବୁଧବାର ଭୋରୁ ସମସ୍ତେ ସ୍ନାନ ପାଇଁ ଉଠିଥିଲେ । ହେଲେ ସର୍ବେଶ୍ୱର ଉଠିନଥିଲେ । ଅନ୍ୟ ମହନ୍ତମାନେ ତାଙ୍କୁ ଫୋନ କରିଥିଲେ ମଧ୍ୟ ସେ ଫୋନ ଗ୍ରହଣ କରିନଥିଲେ । ଉକ୍ତ କୋଠରୀର ଝରକା ପଟେ ଦେଖିବା ବେଳେ ସେ ବେକରେ ଗାମୁଛା ଲଗାଇ ଝୁଲୁଥିଲେ । ପରେ ମୁଖ୍ୟ ମହନ୍ତ ଏନେଇ ପୋଲିସକୁ ଖବର କରିଥିଲେ । ଉକ୍ତ କୋଠରୀ ଭିତର ପଟୁ ବନ୍ଦ ରହିଥିବରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କବାଟ ଭାଙ୍ଗି ତାଙ୍କ ମୃତଦେହ ଜବତ କରଯାଇଥିଲା । ଅନ୍ୟପଟେ ପୋଲିସ ଠାରୁ ଖବର ପାଇ ଧରାକୋଟର ରହୁଥିବା ମୃତକଙ୍କ ଭାଇ ଓ ଘର ଲୋକ ସେଠାରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ ।

# ୪୧ ଥର ରକ୍ତଦାନ କଲେ ପୋଲିସ ଏଏସଆଇ ପ୍ରଦୀପ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ପୋଲିସ ଜିଲ୍ଲାର କାର୍ଯ୍ୟରତ ଏଏସଆଇ ପ୍ରଦୀପ କୁମାର ମହାପାତ୍ର ରକ୍ତଦାନ କରି ରେକର୍ଡ କରିଛନ୍ତି । ସେ ୪୧ ଥର ରକ୍ତଦାନ କରି ଅନ୍ୟମାନଙ୍କ ପାଇଁ ଉଦହରଣ ସାଜିଛନ୍ତି । ତାଙ୍କର ନିଜର ଘର ମାଲକାନଗିରି ଜିଲ୍ଲାର ବାଲିମେଳା ନିରାକାରପୁର । ସେ ପ୍ରାୟ ୧୯ବର୍ଷ ଧରି ଗଞ୍ଜାମ ପୋଲିସ ଜିଲ୍ଲାର ହେଡ଼କ୍ୱାର୍ଟରରେ କାର୍ଯ୍ୟ କରୁଛନ୍ତି । ପୋଲିସ କାର୍ଯ୍ୟର ବ୍ୟବସ୍ଥା ଭିତରେ ମଧ୍ୟ ସେ ଅନ୍ୟର ଜୀବନ ବଞ୍ଚାଇବା ନିମନ୍ତେ ଆଗକୁ ଆସି ସଂଗେ ସଂଗେ ରକ୍ତ ଦାନ କରି ଦିଅନ୍ତି । ସେ ରକ୍ତର ଆବଶ୍ୟକତା



ଥିବା ରୋଗୀଙ୍କ ପାଇଁ ବରଦାନ ସଦୃଶ । ଆଜି ୯୧ତମ ପୋଲିସ ପ୍ରତିଷ୍ଠା ଦିବସରେ ସ୍ୱେଚ୍ଛାକୃତ ଭାବେ ଆୟୋଜିତ ରକ୍ତଦାନ ଶିବିରରେ ରକ୍ତଦାନ କରି ଲୋକଙ୍କୁ ସଚେତନତାର ବାର୍ତ୍ତା ଦେଇଛନ୍ତି । ସେ ୨୦୦୫ ବର୍ଷ ଠାରୁ ରକ୍ତଦାନ କରି ଆସିଛନ୍ତି । ଆଜକୁ ମିଶାଇ ସମୁଦାୟ ୪୧ ଥର ରକ୍ତଦାନ କରି ସମସ୍ତଙ୍କ ପ୍ରିୟପତ୍ର ପାଲଟିଛନ୍ତି ।

# ସୋସିଆଲ ମିଡିଆରେ ବୁଲୁଛି ଫେକ୍ ବିଜ୍ଞାପନ

ଭଞ୍ଜନଗର, (ସବ୍ୟୁ) : ଏବେ ସୋସିଆଲ ମିଡିଆରେ ଭଞ୍ଜନଗର ଏସଡିପିଓଙ୍କ କାର୍ଯ୍ୟାଳୟରେ ୫ଟି ବିଭିନ୍ନ ପଦବୀ ଖାଲିଥିବା ଓ ଆଉଟ୍ ସୋର୍ସିଂ ଜରିଆରେ ଏହି ପଦବୀ ପୁରଣ କରାଯିବା ନେଇ ଏକ ବିଜ୍ଞାପନ ଘୁରି ବୁଲୁଛି । ଏକଥା ଜଣାପଡିବା ପରେ ଭଞ୍ଜନଗର ଏସଡିପିଓ ଡକଟର ଦୀପକ କୁମାର ମିଶ୍ର ଯୁବ ବର୍ଗ ଏଭଳି ମିଥ୍ୟା ନିଯୁକ୍ତି ବିଜ୍ଞାପନ ପଛରେ ନପଡ଼ିବାକୁ ପରାମର୍ଶ ଦେଇଛନ୍ତି । କେହି ଜାଣିଶୁଣି ଏଭଳି ମିଥ୍ୟା ନିଯୁକ୍ତି ବିଜ୍ଞାପନ ବାହାର କରି ବେକାର ଯୁବକ ଯୁବତୀଙ୍କୁ ଲୁଟିବାକୁ ଅପଚେଷ୍ଟା କରୁଥିବା ଏସଡିପିଓ ଡକଟର ମିଶ୍ର ଆଶଙ୍କା କରିଛନ୍ତି । ଏହା ପଛରେ କାହାର ହାତ ରହିଛି । ସେନେଇ ପୁଲିସ ଖୋଳତାଡ଼ ଆରମ୍ଭ କରୁଥିବା ସେ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଏବେ ସୋସିଆଲ ମିଡିଆ ଭଞ୍ଜନଗର ଏସଡିପିଓଙ୍କ କାର୍ଯ୍ୟାଳୟରେ ଗୋଟିଏ ଲେଖାଏଁ ଡିଇଓ, ଆକାଉଣ୍ଟେଣ୍ଟ, ଅଫିସ ଆସିଷ୍ଟାଣ୍ଟ, ପିଅନ ଓ ହାଉସ୍ କିପିଙ୍ଗ ପଦବୀ ଖାଲିଥିବା ନେଇ ଏକ ନକଲି ବିଜ୍ଞାପନ ଘୁରି ବୁଲୁଛି । ଏଥିପାଇଁ ମାସିକ ଦରମା ସଂପର୍କରେ ମଧ୍ୟ ଉଲ୍ଲେଖ କରାଯାଇଛି । ଚାକିରି ଅନ୍ୱେଷଣରେ ଥିବା ଯୁବବର୍ଗଙ୍କୁ ଏଭଳି ନକଲି ବିଜ୍ଞାପନ ପଛରେ ପକାଇ ଟଙ୍କା ହଡପ କରିବାକୁ ଷଡ଼ଯନ୍ତ୍ର କରାଯାଇଛ । ଏଣୁ ଏଭଳି କିଛି ଚାକିରି ଏସଡିପିଓ କାର୍ଯ୍ୟାଳୟରେ ନାହିଁ । ଏଣୁ ଏଥିପ୍ରତି ଯୁବ ବର୍ଗ ସତର୍କ ରହିବାକୁ ଏସଡିପିଓ ଡକଟର ମିଶ୍ର ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ।

# ବୁଗୁଡ଼ା ଓକିଲ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଓକିଲ ସଂଘର ନିର୍ବାଚନରେ ନିର୍ବାଚିତ ହୋଇଥିବା କର୍ମକର୍ତ୍ତାଗଣ ଆଜି ଶପଥ ଗ୍ରହଣ କରିଛନ୍ତି । ନବ ନିର୍ବାଚିତ ସଭାପତି ମାନସ ରଞ୍ଜନ ଦାଶ, ଉପସଭାପତି ସୁବ୍ରତ କୁମାର ପଟ୍ଟନାୟକ, ସମ୍ପାଦକ ଶ୍ୟାମସୁନ୍ଦର ବିଷୋୟୀ, ଯୁଗ୍ମ ସମ୍ପାଦକ ମନୋଜ କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ କାହ୍ନୁ ଚରଣ ସାହୁ, କାର୍ଯ୍ୟକାରୀ କମିଟି ସଦସ୍ୟ ସରୋଜ କୁମାର ଦାଶ ପ୍ରମୁଖଙ୍କୁ ନିର୍ବାଚନ ଅଧିକାରୀ ସତ୍ୟ ନାରାୟଣ ମିଶ୍ର ଶପଥ ପାଠ କରାଇଥିଲେ । ପରେ କର୍ମକର୍ତ୍ତାଗଣ ବୁଗୁଡ଼ା ଓକିଲ ସଂଘର ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ ।

# ଭଞ୍ଜନଗର ଉପଖଣ୍ଡସ୍ତରୀୟ ଉତ୍କଳ ଦିବସ

ଭଞ୍ଜନଗର, (ସବ୍ୟୁ): ଭଞ୍ଜନଗର ନିୟନ୍ତ୍ରିତ ବଜାର ସମ୍ମିଳନୀ କକ୍ଷରେ ଉତ୍କଳ ଦିବସ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ସଭାପତି ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କ ସଭାପତିତ୍ୱରେ ୯୧ ତମ ଉତ୍କଳ ଦିବସ ପାଳନ ହୋଇଯାଇଛି । ସକାଳ ସମୟ ୭.୩୦ ମି.ରେ ଭଞ୍ଜନଗର ସହରରେ ଥିବା ସମସ୍ତ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି ।

ଏହି ଅବସରରେ ଉତ୍କଳ ଦିବସର ଐତିହ୍ୟ ଓ ବୀରପୁରୁଷ ମାନଙ୍କୁ ସ୍ମରଣ କରି ଅତିଥି ମାନଙ୍କର ଅଭିଭାଷଣ, ବିଭିନ୍ନ ଚର୍ଚ୍ଚା, ସ୍ୱାଗତ ସଙ୍ଗୀତ, ଉତ୍କଳ ସଙ୍ଗୀତ ଗାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

ଉପଖଣ୍ଡ ସ୍ତରୀୟ ପୂର୍ବ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି । କାର୍ଯ୍ୟକ୍ରମରେ ଅଧକ୍ଷ ପୌରପରିଷଦ ଗୋପବନ୍ଧୁ ମହାପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାରତୀ ଦେବୀ, ତହସିଲଦାର ଅଭିସ୍ୱା ପଟ୍ଟନାୟକ, ସାଂସଦ ପ୍ରତିନିଧି ପୌରପରିଷଦ ସନ୍ତୋଷ କୁମାର ତିଆଡ଼ି, କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁରଲୀକୃଷ୍ଣ ପଣ୍ଡା, ବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ ସନ୍ତୋଷ କୁମାର ଆପଟ, ମୁଖ୍ୟବକ୍ତା ଡ଼. ବିଚିତ୍ରା ନନ୍ଦ ଦାସ ଆଦି ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ସନ୍ତୋଷ କୁମାର ନାୟକ ପରିଚାଳନା କରିବା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବିଜେଡି ପକ୍ଷରୁ ଓଡ଼ିଶା ଦିବସ ପାଳିତ

ବାରିପଦା, (ସବ୍ୟୁ) : ବିଜୁ ଜନତା ଦଳ ପକ୍ଷରୁ ବାରିପଦା ସ୍ଥିତ ବିଜୁ ଭବନରେ ଓଡ଼ିଶା ଦିବସ ପାଳିତ ହୋଇଛି । ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ମହାନ୍ତିଙ୍କ ପୌରହିତରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଓଡ଼ିଶା ଦିବସ ଅବସରରେ ମହାପୁରୁଷ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ।

ଏହି ଦିବସର ଅନ୍ତରାଳରେ ଘଟିଯାଇଥିବା ଇତିହାସ ପଛର ସ୍ମରଣୀୟ କାହାଣୀକୁ ନେଇ "ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ୮୯ବର୍ଷର ଯାତ୍ରା ଆଲୋଚନା ଚକ୍ରରେ ଅତିଥି ମାନେ ଉପସ୍ଥାପନା କରିଥିଲେ । ଏହି ସଫଳତା ପଛରେ ଥିବା ମହାପୁରୁଷ ମାନଙ୍କ ସମ୍ବନ୍ଧରେ ସୂଚନା ଦେଇଥିଲେ । ବିଜୁ ବାବୁଙ୍କ ସ୍ୱପ୍ନର ବିକଶିତ ଓଡ଼ିଶାକୁ ଭାଗ ଭାଗ କରିବା ନିନ୍ଦନୀୟ ଅଟେ । ଓଡ଼ିଶାର ସୀମାନ୍ତବର୍ତ୍ତି ଜିଲ୍ଲାରେ ଧୀରେ ଧୀରେ ପଡୋଶୀ ରାଜ୍ୟ ନିଜର ଆଧିପତ୍ୟ ବିସ୍ତାର କରୁଛନ୍ତି । ଯାହାକୁ ନେଇ ବିଜେପି ସରକାର ଚୁପ୍ ହୋଇ ବସିଥିବା ନେଇ ବିଜେଡି ଅଭିଯୋଗ କରିଛି । ତେଣୁକରି ଓଡ଼ିଶାର ଅଖଣ୍ଡତା କିପରି ବଜାୟ ରହିବ ସେନେଇ ପଦକ୍ଷେପ ଗ୍ରହଣ ନକରିଲେ ବିଜେଡି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଆହ୍ୱାନ ଦିଆଯାଇଛି । ଏହାସହିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତି ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ କଟୁ ମନ୍ତବ୍ୟକୁ ନିନ୍ଦା କରାଯାଇଛି ।

ବିଜୁ ବାବୁ ଓଡ଼ିଶାର ବରପୁତ୍ର ଅଟନ୍ତି । ତାଙ୍କ ବିରୋଧରେ ବିଜେପି ସାଂସଦଙ୍କ ମିଥ୍ୟା ଓ ଅପମାନଜନକ ମନ୍ତବ୍ୟକୁ ଓଡ଼ିଶାବାସୀ ଗ୍ରହଣ କରିବେ ନାହିଁ । ବିଜେପି ନିର୍ବାଚନ ପୂର୍ବରୁ ଓଡିଆ ଅସ୍ମିତା କଥା କହି ସରକାର ଗଢିବା ପରେ ଓଡ଼ିଆ ଅସ୍ମିତା ସୁରକ୍ଷା କଥା ଭୁଲିଯାଇଛି । ବିଜୁ ପଟ୍ଟନାୟକଙ୍କ ପ୍ରତି ଅପମାନ ଜନକ ମନ୍ତବ୍ୟ ବେଳେ ବିଜେପି ସରକାରଙ୍କ ଓଡ଼ିଆ ଅସ୍ମିତା କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଛନ୍ତି । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦାଃ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ମୟୂରଭଞ୍ଜ-୨ ସଭାପତି ଡାଃ ଦେବାଶିଷ ମାର୍ଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ପୂର୍ବତନ ଜିଲ୍ଲା ସଭାପତି ଦେବାଶିଷ ମହାନ୍ତି, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ଉପ ନଗରପାଳ ଜିତେନ୍ଦ୍ର ମହାନ୍ତି, ଜିଲ୍ଲା ଯୁବ ସଭାପତି ଅରୁଣ ବରାଡ଼, ଜିଲ୍ଲା ମହିଳା ସଭାପତି ଦୀପ୍ତିଲତା ମିଶ୍ର, ଜିଲ୍ଲା ଛାତ୍ର ସଭାପତି ସୁନୀଲ ନାୟକଙ୍କ ସମେତ ସମସ୍ତ ୱାର୍ଡ କାଉନସିଲର ସମେତ ବିଜୁ ମହିଳା, ଯୁବ, ଛାତ୍ର ଜନତା ଦଳର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଏମଡିଏ ପକ୍ଷରୁ ଉତ୍କଳ ଦିବସ ପାଳିତ



କଟକ, (ସ୍ୱପ୍ର) : ଉତ୍କଳ ଦିବସ ଅବସରରେ ଏମଡିଏ ପକ୍ଷରୁ ଉତ୍କଳ ଦିବସ ପାଳନ କରାଯାଇଥିଲା । ପ୍ରଭାତରୁ ବନ୍ଦେ ଉତ୍କଳ ଜନନୀ ଗୀତ ଡାକବାଜି ଯନ୍ତ୍ର ମାଧ୍ୟମରେ ନଗର ପରିକ୍ରମା କରାଯାଇଥିଲା । ବୁଧବାର ଏମଡିଏ ପରିସରରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିର ଠାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପରେ ଉତ୍କଳର ବରପୁତ୍ରମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଶେଷରେ ଜଷ୍ଟିସ ଛକ ସ୍ଥିତ ଉତ୍କଳ ଗୌରବ ମଧୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏମଡିଏ ସଭାପତି ସଞ୍ଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡେଇ, ଉପସଭାପତି ସରୋଜ ସ୍ୱାଇଁ, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ସହ-ସମ୍ପାଦକ ଜ୍ଞାନ ରଞ୍ଜନ ଦାସ, କୋଷାଧକ୍ଷ ପ୍ରଭାକର ରଣା ଓ ପ୍ରଶାନ୍ତ ପ୍ରଧାନ, ମହିଳା ସମିତି ସଭାନେତ୍ରୀ ନମିତା ଦାଶ, ସମ୍ପାଦକ ମଧୁସ୍ମିତା ଷଡ଼ଙ୍ଗୀ, ମୁରବୀ ଇଂ ଗୋପାଳ କୃଷ୍ଣ ବେହେରା, ଡ଼ଃ ଗୋବିନ୍ଦ ଭୂୟାଁ, ପେନସନର୍ସ ଆସୋସିଏସନ ସଭାପତି ଇଂ ତାପସ ସାମନ୍ତ, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ତ୍ରିପାଠୀ, ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଅଗ୍ରଣୀ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଗୌରବମୟ ଇତିହାସକୁ ସ୍ମରଣ କରିଥିଲେ । ସନ୍ଧ୍ୟାରେ ଶ୍ରୀ ଜଗନ୍ନାଥ ମନ୍ଦିରରେ ଉତ୍କଳର ବରପୁତ୍ରମାନଙ୍କ ଉଦ୍ଦେଶ୍ୟରେ ଦୀପଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ସଦ୍‌ଭାବନା ସମିତି ୪୭ତମ ମାନବ ଧର୍ମ ସମ୍ମିଳନୀ ବାର୍ଷିକୋତ୍ସବ

# ଜିଲ୍ଲାର ଶ୍ରେଷ୍ଠ ୪ସେବକଙ୍କୁ ସେବାଶ୍ରୀ ଉପାଧି ଓ ସର୍ବଧର୍ମ ସଞ୍ଚାଳକ ବର୍ଗଙ୍କୁ ଭବ୍ୟ ଅଭ୍ୟର୍ଥନା

ବାରିପଦା, (ସବ୍ୟୁ) : ୧୯୮୦ ମସିହା ଠାରୁ ଦେଶରେ ନିଆରା ଗଠିତ ବାରିପଦା ସଦ୍‌ଭାବନା ସମିତି ତାର ପ୍ରତିଷ୍ଠା ଦିବସ ଅପ୍ରେଲ ୧ ଉକିଳ ଦିବସରେ ୪୭ତମ ମାନବ ଧର୍ମ ସମ୍ମିଳନୀ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ଜିଲ୍ଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉତ୍ସବରେ ଓଡିଶାରେ ମାନବ ଧର୍ମର ତଥା ବାରିପଦା ସଦ୍‌ଭାବନା ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ପୌରହିତ୍ୟ କରି ସଦ୍‌ଭାବନା ପରସ୍ପର ମଧ୍ୟରେ ସାମ୍ୟଭାବ ଏବଂ ପରସ୍ପରକୁ ସମତୁଲତାରେ, ସରସତାରେ ଯୋଡିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଯୋଗଦେଇ ଜାତୀୟ ସଂହତି ଥାଇ ସଦ୍‌ଭାବନା ସମିତିର ପ୍ରୟାସ ଅନୁସରଣୀୟ କହିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଯୋଗଦେଇ ସନ' ଭକ୍ତି ଆମୋଘ ସାଧନା ହେଲେ ସମାଜ ସୁଧୁରିଯିବ ବକ୍ତବ୍ୟ ରଖିଥିଲେ । ବରେଣ୍ୟ ପ୍ରବକ୍ତା ଭାବେ ବେଦ ବିଶାରଦ ଆଚାର୍ଯ୍ୟ ଦେବ



ବିଜୟଜୀ ଧର୍ମ ଏବଂ ଆଧ୍ୟାତ୍ମିକତା ଭିତରେ ଅନ୍ତର ଯେ, ବୁଝେ ସେ ଅତିମାନବ ଓ ମନୁଷ୍ୟକୁ ଉପାସ୍ୟ ଦେବତା ମାନବ ସେବା ହିଁ ମାନବ ସେବାର ଯେ ମର୍ମ ବୁଝେ ସେ ପୂଜାପଣାରେ ବିଳାସିତାକୁ ଆପଣେଇ ନଥାଏ ବୋଲି ବକ୍ତବ୍ୟ ରଖିଥିଲେ । ପୂର୍ବବର୍ଷ ଭଳି ଚଳିତ ଥର ଜିଲ୍ଲାର ଶ୍ରେଷ୍ଠ ପୁଲିସ କନେଷ୍ଟବଳ ଭାବେ ପରମାନନ୍ଦ ମହାନ୍ତ, ଶ୍ରେଷ୍ଠ ଅଗ୍ନିକ ଭାବେ ପ୍ରଭାସ କୁମାର ଜେନା, ଶ୍ରେଷ୍ଠ ନର୍ସିଂ ଅଫିସର ଭାବେ ପିଆରଏମ ମେଡିକାଲର ଦେବାଶିଷ ବେହେରା ଓ ଶ୍ରେଷ୍ଠ ସଫେଇ କର୍ମଚାରୀ ଭାବେ ବାରିପଦା ପୌରପରିଷଦର ହରେନ୍ଦ୍ର ମୁଖିଙ୍କୁ ସମ୍ବର୍ଦ୍ଧନା ସନନ୍ଦ, ସାଲ୍, ଉତ୍ତରୀୟ, ପୁଷ୍ପମାଲ୍ୟ ଦେଇ ଅତିଥିବର୍ଗ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ଜିଲ୍ଲାର ପ୍ରମୁଖ ସର୍ବଧର୍ମ ସଂସ୍ଥାନର ସଞ୍ଚାଳକ ମାନଙ୍କ ସଙ୍ଗଠନ ପ୍ରଜାପିତା, ସତ୍ସଙ୍ଗ ବିହାର ଅନୁକୂଳ ଚନ୍ଦ୍ର, ସତ୍ୟସାଇ ସଂସ୍ଥାନ, ଠାକୁର ନିଗମାନନ୍ଦ, ମୁନିସମାଜ, ବିବେକାନନ୍ଦ କେନ୍ଦ୍ର, ଚିନ୍ମୟ ମିଶନ୍, ଗାୟତ୍ରୀ ପରିବାର, ରାଧେଗୋବିନ୍ଦ ଧାମ୍, ଖାଲସା ପନ୍ଥ, ଇସ୍‌ଲାମ ଶାଖା, ଖ୍ରୀଷ୍ଟିୟାନ୍ ଶାଖା ପ୍ରମୁଖଙ୍କୁ ଅତିଥି ବର୍ଗ ଉତ୍ତରୀୟ, ପୁଷ୍ପମାଲ୍ୟ ଦେଇ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ । ସଭାରେ ସମିତିର କୋଷାଧକ୍ଷ ଅବସରପ୍ରାପ୍ତ ଅଧକ୍ଷ ସନ୍ଦିପ କୁମାର ଚାନ୍ଦ ସ୍ୱାଗତ ଅଭିଭାଷଣ, ସଦସ୍ୟ ସାମ୍ବାଦିକ ମନୋଜ କୁମାର ପଣ୍ଡା ଅତିଥି ପରିଚୟ ଓ ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଜନଜାତିର ଜନନାୟକ କ୍ରାନ୍ତିବୀର ବିର୍ସା ମୁଣ୍ଡାଙ୍କୁ ଭାରତରତ୍ନ ଦାବି
# ରାଜ୍ୟସଭାରେ ନିରଞ୍ଜନ ବିଶିଙ୍କ ଓଜସ୍ୱିନୀ ଭାଷଣ



ବଲାଙ୍ଗିର,(ସବ୍ୟୁ): ରାଜ୍ୟସଭାର ଶୂନ୍ୟକାଳରେ ସାଂସଦ ନିରଞ୍ଜନ ବିଶି ମହାନ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ, ଜନଜାତିର ଜନନାୟକ, କ୍ରାନ୍ତିବୀର ବିର୍ସା ମୁଣ୍ଡାଙ୍କୁ ମରଣୋତ୍ତର ଭାରତ ରତ୍ନ ପ୍ରଦାନ ପାଇଁ ଦୃଢ ଦାବି କରିଥିଲେ। ସେ କହିଥିଲେ ଯେ ୧୫ ନଭେମ୍ବର ୧୮୭୫ରେ ଝାରଖଣ୍ଡର ଉଲିହାତୁରେ ଜନ୍ମିତ ବିର୍ସା ମୁଣ୍ଡା କେବଳ ଏକ ଐତିହାସିକ ବ୍ୟକ୍ତି ନୁହେଁ, ସେ ଲକ୍ଷାଧିକ ଲୋକଙ୍କ ପାଇଁ ଧର୍ତି ଆବା ଓ ପୃଥିବୀର ଭଗବାନର ପ୍ରତୀକ ବୋଲି କୁହାଯାଏ । ୧୮୯୫ ରୁ ୧୯୦୦ ମଧ୍ୟରେ ସେ ଉଲଗୁଲାନ (ମହାନ ବିପ୍ଳବ ) ମାଧ୍ୟମରେ ଇଂରାଜ ଶାସନ, ଜମିଦାରୀ ଶୋଷଣ ଓ 'ବେଠି ବେଗାରୀ' ପ୍ରଥା ବିରୋଧରେ ଆନ୍ଦୋଳନ କରିଥିଲେ। ଏହା ଜଳ, ଜଙ୍ଗଲ, ଜମି ଓ ଆଦିବାସୀ ଭାଷା, ପ୍ରଥା ପରମ୍ପରା,ସଂସ୍କୃତିର ସୁରକ୍ଷା ପାଇଁ ସଂଗ୍ରାମ ଥିଲା। ସେ ଛୋଟାନାଗପୁର ଅଞ୍ଚଳରେ ହଜାର ହଜାର ଆଦିବାସୀଙ୍କୁ ଏକତ୍ର କରି ସ୍ୱାଭିମାନ ସଚେତନ କରିଥିଲେ ଏବଂ ' ବିର୍ସାଇଟ ଆନ୍ଦୋଳନ' ଦ୍ୱାରା ସାମାଜିକ ସଂସ୍କାର କରିଥିଲେ। ୧୮୯୫ରେ ଗିରଫ ଓ ପରେ ରାଞ୍ଚି କାରାଗାରରେ ଅବରୋଧ ହେବା ପରେ ମଧ୍ୟ ସେ ଲଢ଼େଇ ଜାରି ରଖିଥିଲେ। ୯ ଜୁନ ୧୯୦୦ରେ କେବଳ ୨୫ ବର୍ଷ ବୟସରେ ସେ ଶହୀଦ ହୋଇଥିଲେ। ତାଙ୍କ ବଳିଦାନର ପରିଣାମରେ ଛୋଟାନାଗପୁର ଟେନେନ୍ସି ଆଇନ ୧୯୦୮ ପ୍ରବର୍ତ୍ତନ ହୋଇଥିଲା, ଯାହା ଆଜି ମଧ୍ୟ ଆଦିବାସୀ ଜମି ସୁରକ୍ଷା କରୁଛି। ସେ କହିଥିଲେ ଯେ ଦେଶରେ ୧୫ କୋଟିରୁ ଅଧିକ ଆଦିବାସୀ ଅଛନ୍ତି ଏବଂ ସେମାନଙ୍କ ପାଇଁ ବିର୍ସା ମୁଣ୍ଡା ଗୌରବ ଓ ପରିଚୟର ପ୍ରତୀକ। ଭାରତ ସରକାର ୧୫ ନଭେମ୍ବରକୁ ଜନଜାତିୟ ଗୌରବ ଦିବସ ଘୋଷଣାକୁ ସ୍ୱାଗତ କରି, ଏବେ ଭାରତ ରତ୍ନ ସମ୍ମାନ ପ୍ରଦାନ କରିବାକୁ ଦାବୀ କରିଥିଲେ।

# ସଂଗ୍ରହାଳୟ ଭାବେ ଝଲସିବ ବୀର ସୁରେନ୍ଦ୍ର ସାଏ ଟାଉନ ହଲ



ସମ୍ବଲପୁର,(ସବ୍ୟୁ): ଐତିହ୍ୟ ସମ୍ପନ୍ନ ସମ୍ବଲପୁର ସହରର କଳା, ସଂସ୍କୃତି, ସ୍ଥାପତ୍ୟର ସ୍ୱତନ୍ତ୍ର ପରିଚୟ ରହିଛି । ଏହା ୨ହଜାର ବର୍ଷର ପ୍ରାଚୀନ ଇତିହାସକୁ ବହନ କରୁଛି । ଏସବୁକୁ ଆଗାମୀ ପିଢି ପାଇଁ ସାଇତି ରଖିବା ଲାଗି ସମ୍ବଲପୁରରେ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି । ଏଭଳିସ୍ଥଳେ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଟାଉନ ହଲ୍ / ଭିକ୍ଟୋରିଆ ହଲକୁ ସଂଗ୍ରହାଳୟର ରୂପ ଦିଆଯାଉଛି । ଏହି ଅଞ୍ଚଳର ଐତିହ୍ୟ ଓ ବୈଭବ୍ୟକୁ ସଂରକ୍ଷିତ କରାଯାଇ ଜନସାଧାରଣଙ୍କ ପାଇଁ ପ୍ରଦର୍ଶିତ କରାଯିବ । ସଂଗ୍ରହାଳୟରେ ପୁରାତନ ସାମଗ୍ରୀ , ସମ୍ବଲପୁରୀ ବାନ୍ଧ ବସ୍ତ୍ର ତିଆରି ପାଇଁ ଦରକାର ହେଉଥିବା ହସ୍ତତନ୍ତ, ପାରମ୍ପାରିକ ଅଳଙ୍କାର, ବାଦ୍ୟଯନ୍ତ୍ର, ଘରକରଣା ସାମଗ୍ରୀ, ଲୁପ୍ତପ୍ରାୟ ଖେଳଣା ସାମଗ୍ରୀ, ବସ୍ତ୍ରର ପୁରାତନ ଡିଜାଇନ୍ ଆଦି ସଂଗ୍ରହ କରାଯାଇଛି । ହସ୍ତତନ୍ତକୁ ପ୍ରସ୍ତାବିତ ସଂଗ୍ରହାଳୟରେ ରଖାଯାଇଛି । ଏଥିସହ ପଶ୍ଚିମ ଓଡିଶାର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ନାମ ଓ ତାଙ୍କ ସମ୍ବନ୍ଧରେ ସବିଶେଷ ତଥ୍ୟ ରଖାଯାଇଛି । ଏହି ଅଞ୍ଚଳର କରଡି ଭଜା, ସରସତିଆ, ଆମ୍ବିଳ, ହେଣ୍ଡୁଆ ଚୁଟ୍ଟୁଚା, ରସବରା ଓ ଚାଉଳ ବରା ଭଳି ଖାଦ୍ୟର ରୋଷେଇ ପ୍ରଣାଳୀ ମଧ୍ୟ ପ୍ରଦର୍ଶିତ କରାଯାଇଛି । ନୂଆଁଖାଇ, ଶୀତଳଷଷ୍ଠୀ, ଭାଇ ଜୁଇଁତିଆ ଓ ପୁଅ ଜୁଇଁତିଆ, ମକର ଯାତ୍ରା, ଛତର ଯାତ୍ରା, ଧନୁଯାତ୍ରା, ବଏଲ ଯାତ୍ରା ଓ କରମସାନୀ ଯାତ୍ରା ଭଳି ପର୍ବପର୍ବାଣୀ ସମ୍ପର୍କରେ ଉଲ୍ଲେଖ ରହିଛି । ସୁସଜ୍ଜିତ ଆଲୋକ ବ୍ୟବସ୍ଥା ସହ ଶୀତତାପ ନିୟନ୍ତ୍ରିତ କଠୋରୀରେ ଏସବୁ ସଂଗ୍ରହ କରି ରଖାଯାଇଛି । ଏହାର ନିର୍ମାଣ ଓ ସାଜସଜ୍ଜା କାମ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଟାଉନ ହଲ୍ ଓ ଏହାର ପରିସର ପରିଦର୍ଶନ କରିଛନ୍ତି । ଏହାର ପୁନଃରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ସହ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିଛନ୍ତି । ତୁରନ୍ତ ବକଳା କାମ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୧୫ତାରିଖରେ ଏହା ଲୋକାର୍ପିତ ହେବ ବୋଲି ଜଣାପଡିଛି । ଫଳରେ ପୁରାତନ ବୀର ସୁରେନ୍ଦ୍ର ସାଏ ଟାଉନ୍ ହଲ୍ ନୂତନ ସଂଗ୍ରହାଳୟ ଭାବେ ଝଲସି ଉଠିବ ।

୧୯୦୨ ମସିହାରେ ବ୍ରିଟେନର ରାଣୀ ଭିକ୍ଟୋରିଆଙ୍କ ନାମରେ ମୂଳ ସୌଧର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ୧୯୦୪ମସିହାରେ ସ୍ରୋଲ ପ୍ରୋଭିନ୍ସର ତତ୍କାଳୀନ ମୁଖ୍ୟ କମିଶନର ଜେ.ପି. ହେୱେଟ ଏହାକୁ ଉଦ୍ଘାଟନ କରିଥିଲେ । ସ୍ରୋଲ ପ୍ରୋଭିନ୍ସର ଅଧିକ୍ଷଣ ଯନ୍ତ୍ରୀ ଜେ.ବି. ଲେଭେନ ଥୋର୍ପେ କୋଠାର ଡ଼ିଜାଇନ କରିଥିଲେ । ଏହି ସୌଧ ପାଇଁ ସମ୍ବଲପୁର ଅଞ୍ଚଳର ରାଜା, ଜମିଦାର ଓ ବଦାନ୍ୟ ବ୍ୟକ୍ତିମାନେ ପ୍ରାୟ ୧୦ ହଜାର ଟଙ୍କା ଦାନ କରିଥିଲେ । ଏହି କୋଠାରେ ଭାରତ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଗଡ଼ଜାତ ଶାସକ, ପ୍ରଶାସକ ଓ ରାଜା ଜମିଦାରମାନଙ୍କ ଦରବାର ବସୁଥିଲା । ପରେ ମହିଳା କଲେଜ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ, ଏସଡ଼ିଏ ଓ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ତଥା ପାଠାଗାର ଏଠାରେ ଅସ୍ଥାୟୀ ଭାବେ ଚାଲୁଥିଲା । ମାତ୍ର ପରବର୍ତ୍ତୀ ସମୟରେ ଏହାର ରକ୍ଷଣାବେକ୍ଷଣର ଅଭାବରୁ ଏହା ନଷ୍ଟ ହେବାକୁ ବସିଥିଲା । ଏହାକୁ ଦୃଷ୍ଟିରେ ରଖି ସଚେତନ ନାଗରିକ ଓ ବିଭିନ୍ନ ଅନୁଷ୍ଠାନ ଏହାର ପୁନରୁଦ୍ଧାର ପାଇଁ ଦାବି କରିଥିଲେ । ଏହାକୁ ଦୃଷ୍ଟିରେ ରଖି ୨୦୧୭ ମେ ମାସରେ ଏହି ସୌଧର ପୁନରୁଦ୍ଧାର କାର୍ଯ୍ୟ ଇନଟାକ୍ ଆରମ୍ଭ ହୋଇଥିଲା । ଏଥିପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧କୋଟି ୨୪ଲକ୍ଷ ଟଙ୍କାର ଅର୍ଥ ମଞ୍ଜୁର ହୋଇଥିଲା । ପଶ୍ଚିମଓଡ଼ିଶାର ଜନଜୀବନ, ପରମ୍ପରା ଏବଂ ସଂସ୍କୃତିକୁ ନେଇ ଏକ ସଂଗ୍ରହାଳୟ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ବସିଛି । ଫଳରେ ଇତିହାସର ମୁକସାକ୍ଷୀ ଭାବେ ପରିଚିତ ଏହି ହଲର ଅବିକଳ ସ୍ଥିତିକୁ ଫେରିବା ସହ ପୁଣି ଥରେ ଝଲସି ଉଠିବ ।

# ଡୁଡୁକେଲ ମହାଭାରତ ମହାପାରାୟଣର କଳସ ଯାତ୍ରା



ଗୋଲାମୁଣ୍ଡା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଡୁଡୁକେଲ ଗ୍ରାମର ମହାଭାରତ ମହାପାରାୟଣ ମହାଯଜ୍ଞ ପାଇଁ ବୁଧବାର କଳସ ଯାତ୍ରା ସମ୍ପନ୍ନ ହୋଇଯାଇଛି। ଗୋଲାମୁଣ୍ଡା ସ୍ଥିତ ଶିବମନ୍ଦିର ପୋଖରୀରୁ ପାଣି ଉଠେଇ ଡୁଡୁକେଲ ମହାଭାରତ ପଡିଆ ପର୍ଯ୍ୟନ୍ତ ପ୍ରାୟ ୬ କିମି ଦୂର ଶତାଧିକ ମହିଳା ଏହି କଳସ ଯାତ୍ରାରେ ସାମିଲ ହୋଇଥିଲେ । ଏହି ମହା ଯଜ୍ଞ ଗୁରୁବାର ଠାରୁ ଏକମାସ ଧରି ରୀତି କାନ୍ତିରେ ଚାଲିବ ।ଏହି ଯଜ୍ଞରେ କର୍ତ୍ତା ଭାବେ ସୁବାଷ ବଗର୍ତ୍ତି ଓ ତାଙ୍କ ଧର୍ମପତ୍ନୀ ମଦନା ବଗର୍ତ୍ତି , ମୁଖ୍ୟ ପୂଜକ ଗୌତମ ଯୋଶୀ ଥିବାବେଳେ ଗୋବର୍ଦ୍ଧନ ମିଶ୍ର ବ୍ୟାସ ଆସନ ଅଳଙ୍କୃତ କରିବେ ବୋଲି ଆୟୋଜକ କମିଟିର ସଭାପତି ଗିରିଧାରୀ ତେଜୀ ପ୍ରକାଶ କରିଛନ୍ତି। ତତ୍ ସହିତ ଏହି ମହା କଳସ ଯାତ୍ରାରେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ଯଜ୍ଞ କମିଟିର ସଂପାଦକ ପରୀକ୍ଷିତ ଖର୍ସେଲ , ଧର୍ମଗଡ ବ୍ଲକ ଯାଦବ ସଭାପତି ଶଙ୍କର ଯୁଆଡ,ଗୋଲାମୁଣ୍ଡା ସରପଞ୍ଚ ପୁରୁଷୋତ୍ତମ ରାଉତ, ମାନଝରି ସରପଞ୍ଚ ଜଗୁଜିବନ୍ ଅଗ୍ରୀଆ, ସମିତି ସଭ୍ୟ ସୁବାସ ନାଏକ, ନାରାୟଣ ଅଗ୍ରୀଆ,ସାଧୁ ବଗର୍ତ୍ତି, ତିଲେଶ୍ୱର୍ ଘି ସହିତ ଗ୍ରାମବାସୀ ଓ ଅନେକ ସାଧୁ ସନ୍ଥ ଯୋଗଦେଇଥିଲେ।

## ଜମନକିରା ତହସିଲ କାର୍ଯ୍ୟାଳୟରେ
# ସ୍ୱ-ଗଣନା ଓ ଗୃହ-ଗଣନା ନେଇ ସଚେତନତା

ଜମନକିରା,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ତହସିଲ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସ୍ୱ-ଗଣନା ଏବଂ ଗୃହ-ଗଣନା ନେଇ ସଚେତନତା କାର୍ଯ୍ୟକ୍ରମ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି। ଏଥିରେ ପ୍ରଶାସନ ପକ୍ଷରୁ ତହସିଲଦାର ପ୍ରବୀଣା ବିଲୁଙ୍ଗ ଅଧ୍ୟକ୍ଷତା କରିଥିବା ବେଳେ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ, ଅତିରିକ୍ତ ତହସିଲଦାର ସୌରଭ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ସାଂସଦ ପ୍ରତିନିଧି ରମେଶ କୁମାର ସାହୁ, ମନ୍ତ୍ରୀ ପ୍ରତିନିଧି ମନୋଜ କୁମାର ମାଝୀ, ଟିକିଲିପଡ଼ା ସରପଞ୍ଚ ଅଜିତ ନାଏକ ପ୍ରମୁଖ ମଞ୍ଚାସିନ ଥିଲେ। ସଚେତନତା ଶିବିରକୁ ତହସିଲ କାର୍ଯ୍ୟାଳୟର କିରାଣୀ ତରୁଣ କୁମାର ପଧାନ ସ୍ୱାଗତ ସମ୍ଭାଷଣ ଦେଇଥିବା ବେଳେ ପ୍ରଶିକ୍ଷକ ଭାବେ ଜମନକିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଧୀରେନ୍ଦ୍ର କୁମାର ସାହୁ ପ୍ରୋଜେକ୍ଟର ମାଧ୍ୟମରେ ବୁଝେଇ ଥିଲେ। ସଚେତନତା ବାର୍ତ୍ତାର ମୁଖ୍ୟ ବିଷୟ ହେଲା ଅନଲାଇନ ମାଧ୍ୟମରେ ଜଣେ ବ୍ୟକ୍ତି ସ୍ୱ- ଗଣନା କରିପାରିବ। ଯେତେ ବେଳେ ଗଣନା ପାଇଁ କର୍ମକର୍ତ୍ତା ଆସିବେ ସେତେବେଳେ ମିଳିଥିବା ସଫଳତା ପଞ୍ଜୀକୃତ ନମ୍ବରକୁ ଦେଖେଇ ଗଣନା ବେଳେ ସହଯୋଗ କରି ଗଣନା କୁ ସମ୍ପୂର୍ଣ୍ଣ କରିପାରିବେ। ମାତ୍ର ଏହି ଅନଲାଇନ ସୁବିଧା କେବଳ ଏପ୍ରିଲ ୧ ତାରିଖରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ତେଣୁ ଉକ୍ତ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଅନଲାଇନରେ ପଞ୍ଜୀକୃତ କରିବା ପାଇଁ ଶିବିରରେ ସୂଚନା ପ୍ରଦାନ କରିଛନ୍ତି। ଅନଲାଇନ କଲାବେଳେ ଆପ୍ ରେ ଦର୍ଶାଯାଇଥିବା ତଥ୍ୟ ଗୁଡିକୁ ସଠିକ ଭାବେ ପୁରାଣ କରି ତଥ୍ୟ ପ୍ରଦାନ କରିବା ପାଇଁ ପରାମର୍ଶ ଦିଆଯାଇଛି। ସଚେତନତା ଶିବିରରେ ମୁଖ୍ୟ କିରାଣୀ ମୌନବ୍ରତ ସାହୁ, ଆଲୋକ କୁମାର ପଧାନ, ସଞ୍ଜୟ ମୁଣ୍ଡା, ମୁନୁକୁ ସେଠ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ମାରାଗୁଡ଼ା ଲୋକ ମହୋତ୍ସବ ଉଦ୍‌ଘାଟିତ
# ଭବ୍ୟ ମଶାଲ ଶୋଭାଯାତ୍ରା, ସାରସ୍ୱତ ସଭା, କବିତା ପାଠୋତ୍ସବ



ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲାର ଇତିହାସ, ଐତିହ୍ୟ, ଲୋକକଳା ଓ ସଂସ୍କୃତିର ମହାପାର୍ବଣ ମାରାଗୁଡ଼ା ଲୋକମହୋତ୍ସବ-୨୦୨୬ ବୁଧବାର ଭବ୍ୟ ମଶାଲ ଶୋଭାଯାତ୍ରା ସହ ଶୁଭାରମ୍ଭ ହୋଇଯାଇଛି। ସକାଳେ କଣାଭଏଁରା ମନ୍ଦିର ଓ ସାଲିହା ସ୍ମୃତି ସ୍ତମ୍ଭରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପହଞ୍ଚି ଥିଲା। ପରେ ମଶାଲ ସହ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା ଯାହା ମେଘା ହୋଟେଲ ମାର୍ଗ ହୋଇ ନେସନାଲ ମହାବିଦ୍ୟାଳୟ ପଡ଼ିଆରେ ପହଞ୍ଚିଥିଲା। ଏଥିରେ ବିଭିନ୍ନ ଦଳ ପକ୍ଷରୁ ଲୋକନୃତ୍ୟ ଓ ସାଂସ୍କୃତିକ ପ୍ରଦର୍ଶନୀ ଦେଖିବାକୁ ମିଳିଥିଲା।

ଜିଲ୍ଲାପାଳ ମଧୁସୂଦନ ଦାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ବିଧାୟକ ନୂଆପଡା ଜୟ ଢ଼ୋଲକିଆ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ସିଡିଓ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ନୂଆପଡ଼ା, ଖଡିଆଳ,କୋମନା ବ୍ଲକ ଅଧ୍ୟକ୍ଷା, ଖରିଆର ରୋଡ ଏନ୍ ଏ ସି ଅଧ୍ୟକ୍ଷା, ଜିଲ୍ଲା ପରିଷଦ ସଭ୍ୟଙ୍କ ସହ ଅନ୍ୟାନ୍ୟ ନିର୍ବାଚିତ ଜନ ପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ, ସମାଜ ସେବୀ, ଗଣମାଧ୍ୟମ ପ୍ରତିନିଧି, ସଧାରଣ ଲୋକ ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଶୋଭାଯାତ୍ରା ମହୋତ୍ସବ ସ୍ଥଳ ପହଞ୍ଚିବା ପରେ ମଞ୍ଚ ପୂଜନ ଓ ପତାକା ଉତ୍ତୋଳନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ ନେସନାଲ ମହାବିଦ୍ୟାଳୟ ସଭାଗୃହରେ ଏକ ସାରସ୍ୱତ ସଭା ଓ ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା।

ସନ୍ଧ୍ୟାରେ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍ଘାଟିତ ହୋଇଥିବାବେଳେ ପରେ ପରେ ସାଂସ୍କୃତିକ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହୋତ୍ସବର ପ୍ରଥମ ଦିନରେ ଆୟୋଜିତ ଏହି ବିଭିନ୍ନ କାର୍ଯ୍ୟକ୍ରମ ଜିଲ୍ଲାବାସୀଙ୍କ ମଧ୍ୟରେ ବିପୁଳ ଉତ୍ସାହ ସୃଷ୍ଟି କରିଥିଲା। ସମଗ୍ର କାର୍ଯ୍ୟକ୍ରମରେ ହଜାର ହଜାର ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମାରାଗୁଡ଼ା ଅଞ୍ଚଳର ପୁରାତନ ଐତିହ୍ୟ ସହିତ ଜିଲ୍ଲାର ଲୋକକଳା ଲୋକସଂସ୍କୃତିକୁ ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ପାଞ୍ଚଦିନିଆ ମହୋତ୍ସବ ଏପ୍ରିଲ ୧ ରୁ ୫ ତାରିଖ ପର୍ଯ୍ୟନ୍ତ ନେସନାଲ ମହାବିଦ୍ୟାଳୟ ପଡ଼ିଆରେ ଚାଲିବଛଜିଲ୍ଲା। ପ୍ରଶାସନ ପକ୍ଷରୁ ସମସ୍ତ ଜିଲ୍ଲାବାସୀଙ୍କୁ ଏହି ଲୋକମହୋତ୍ସବରେ ସକ୍ରିୟ ଭାବେ ଯୋଗଦେଇ ଏହାକୁ ସଫଳ କରିବାକୁ ଅନୁରୋଧ କରାଯାଇଛି।

## ଧାନଚାଷ ପରବର୍ତ୍ତୀ ଫସଲ ପରିଚାଳନାର କ୍ଷେତ୍ର ଦିବସ ପାଳିତ
# ମୁଗ ଫସଲ ବୁଲି ଦେଖିଲେ କୃଷି ଅଧିକାରୀ



ଖପ୍ରାଖୋଲ ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ସାହଜପାଣି ପଞ୍ଚାୟତ ଫୁଲୁକିମୁଣ୍ଡା କଲ୍ୟାଣ ଦିସ ପରିସରରେ ଧାନ ଚାଷ ପରବର୍ତ୍ତୀ ଫସଲ ପରିଚାଳନା କ୍ଷେତ୍ର ଦିବସ ଓ ପ୍ରାକୃତିକ କୃଷି ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଏଫ୍ଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ କାଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ରୁପେ ପାଟଣାଗଡ଼ ଜିଲ୍ଲା କୃଷି ଅଧିକାରୀ ସୁଧାକର ନନ୍ଦ,ସମ୍ମାନୀତ ଅତିଥି ଖପ୍ରାଖୋଲ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ, ଜଗବନ୍ଧୁ ବେହେରା, ଲଳିତ ଭଇସାଲ ଯୋଗଦେଇଥିଲେ। ଏହି ଅବସରରେ ଖରିଫ୍ ଧାନ ଫସଲ ପରବର୍ତ୍ତୀ ଅଣ ଧାନ ଚାଷ ପରିଚାଳନା ଉପରେ ଆଲୋଚନା ହୋଇଥିବା ବେଳେ ମାଟି, ପାଣି, ପରିବେଶ ର ସୁରକ୍ଷା ପାଇଁ ପ୍ରାକୃତିକ କୃଷି କରିବାକୁ କୁହାଯାଇଥିଲା। ଏହି ଅବସରରେ କୃଷି ଅଧିକାରୀ ମାନେ ସୁଜନ ନାଗଙ୍କ ମୁଗ ଫସଲ ବୁଲି ଦେଖିଥିଲେ। ଏହି ଅବସରରେ କୃଷି କର୍ମଚାରୀ, କୃଷି ସଖୀ, କୃଷକ ସାଥୀ ତଥା ଚାଷୀ ଉପସ୍ଥିତ ଥିଲେ।

# ଅଗ୍ନିଶମ ବିଭାଗ ପକ୍ଷରୁ ସଚେତନତା ଓ ମକ୍ ଡ୍ରିଲ

ସମ୍ବଲପୁର ,(ସବ୍ୟୁ): ସମ୍ବଲପୁର ଅଗ୍ନିଶମ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଓ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ସପିଂ ମଲ୍ ଓ ଜନଗହଳି ପୂର୍ଣ୍ଣ ସ୍ଥାନରେ ଥିବା ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ସମ୍ପର୍କରେ ଜନସାଧାରଣଙ୍କୁ ପ୍ରାୟୋଗିକ ପ୍ରଦର୍ଶନ ମାଧ୍ୟମରେ ସଚେତନ କରିବା ଏବଂ ପ୍ରାକୃତିକ ବିପର୍ଯ୍ୟୟ ଜନିତ ଜରୁରୀକାଳୀନ ପରିସ୍ଥିତିର ସତର୍କତା ଅବଲମ୍ବନ ଉପରେ ଶିକ୍ଷା ଦିଆଯାଉଛି । ଏଭଳିସ୍ଥଳେ ମଙ୍ଗଳବାର ସିଟି ସେଣ୍ଟର ମଲ୍ ଠାରେ ନିଆଁ ଲାଗିବା ସମୟରେ ଭୟଭୀତ ନହୋଇ କିପରି ତୁରନ୍ତ ପଦକ୍ଷେପ ନିଆଯିବ ଓ ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର ଆଦି ସମ୍ପର୍କରେ ଶିକ୍ଷଣ ପ୍ରଦାନ କରାଯାଇଥିଲା । ଏପରିକି ଏଆରଟି ଭଳି ଅତ୍ୟାଧୁନିକ ଉଦ୍ଧାରକାରୀ ଗାଡି, ରୋବୋଟ୍ ମନିଟର , ହାଇଡ୍ରୋଲିକ୍ ପ୍ଲାଟଫର୍ମ ଓ ସରଞ୍ଜାମ ଜରିଆରେ ଜନଜୀବନ ସୁରକ୍ଷା ଏବଂ ସମ୍ପତ୍ତି ରକ୍ଷା ଉପରେ ମକ୍ ଡ୍ରିଲ କରାଯାଇଥିଲା । ଅଗ୍ନିଶମ ଅଧିକାରୀ ସୁଦାମ ଚନ୍ଦ୍ର କିସ୍କୋ, ଏଫ୍ଓ ତାରାଚାନ୍ଦ ମାଝୀ ପ୍ରମୁଖ ସଚେତନ କରିଥିଲେ । ଏଥିରେ ଅଗ୍ନିଶମ ବିଭାଗ କର୍ମଚାରୀ, ମହାନଗର ନିଗମ କର୍ମଚାରୀ, ସର୍ପିଂ ମଲ୍ କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ ।

# ବୃଦ୍ଧା ନିଖୋଜ, ସନ୍ଧାନୀ କୁକୁର ସାହାଯ୍ୟରେ ଛାନଭିନ୍

କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ ଘଣ୍ଟିଗୁଡା ଧୋବେନପଡା ଗ୍ରାମର ଦେବିସିଂ ମୁଲକିଆଙ୍କ ପତ୍ନୀ ଡାଲିମ୍ବ ମୂଲକିଆ (୮୬) ଗତ ୩୦ ତାରିଖ ସନ୍ଧ୍ୟାରୁ ନିଖୋଜ ଥିବା ଅଭିଯୋଗ ହୋଇଛି। ଗାଁ ନିକଟସ୍ଥ କାଜୁ ବଗିଚାକୁ କାଜୁ ସଂଗ୍ରହ କରିବା ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ । ପରିବାର ଲୋକେ ଖୋଜାଖୋଜି କରିବା ପରେ ମଧ୍ୟ କୌଣସି ଖୋଜ ଖବର ନମିଳିବାରୁ ଜେଜେମା ନିଖୋଜ ଥିବା ନେଇ ତାଙ୍କ ନାତି ସଞ୍ଜୀବ ମୁଲକିଆ ଆମପାଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ପହଞ୍ଚି କାଜୁ ବଗିଚାରେ ପାରିପାର୍ଶ୍ୱିକ ଅବସ୍ଥା ଅନୁଧ୍ୟାନ ସହ ତଦନ୍ତ ଆରମ୍ଭ କରିଥିଲେ। ତେବେ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିବାକୁ ଅଭିଯୋଗକାରୀ ପରିବାର ଲୋକେ କହିବାରୁ ବୁଧବାର ପୋଲିସ ସନ୍ଧାନୀ କୁକୁର ସାହାଯ୍ୟ ନେଇ ଖୋଜାଖୋଜି କରିବା ପରେ ମଧ୍ୟ କୌଣସି ସନ୍ଧାନ ମିଳିନଥିବା ଜଣାପଡିଛି। ଏନେଇ ଆମପାଣି ପୋଲିସରେ ନିଖୋଜ ମାମଲା ରୁଜୁ କରିଥିବା ବେଳେ ତଦନ୍ତ ଜାରି ରହିଥିବା ନେଇ ସୂଚନା ମିଳିଛି।

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଜାତୀୟ ଆଲୋଚନାଚକ୍ର

ବଲାଙ୍ଗିର ,(ସବ୍ୟୁ): ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଦୁଇଦିନ ଧରି ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଆଲୋଚନାଚକ୍ରର ଉଦ୍ଘାଟନୀ ଉତ୍ସବରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ତଥା ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ଦାଶ ମୁଖ୍ୟ ଅତିଥି , ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ ହରପ୍ରସାଦ ଭୋଇ, ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଶ୍ୟାମ ଭୋଇ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡକ୍ଟର ସୁଶାନ୍ତ କୁମାର ପଣ୍ଡା, ମୁଖ୍ୟ ବକ୍ତା ଭାବରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସଂଯୁକ୍ତ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ଯୋଗଦାନ କରିଥିଲେ। ଏହି ଉତ୍ସବରେ ଡ଼ ପଣ୍ଡା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ ଶେଷରେ ଅଧ୍ୟାପକ ଡକ୍ଟର ରୋହିତ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

ଉଦ୍‌ଘାଟନୀ ଉତ୍ସବ ପରେ ଆଲୋଚନା ଚକ୍ରର ପ୍ରଥମ ଅଧିବେଶନରେ ସମକାଳୀନ ଓଡ଼ିଆ କଥା ସାହିତ୍ୟ (୧୯୮୦-୨୦୨୦) ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏଥିରେ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ସଭାପତି ରୂପେ ଦାୟିତ୍ୱ ବହନ କରିବା ସହିତ ଉକ୍ତ ବିଷୟ ସମ୍ପର୍କରେ ନିଜର ବହୁମତ ପ୍ରଦାନ କରିଥିଲେ। ବିଷୟ ବିଶେଷଜ୍ଞ ଭାବରେ ପ୍ରଫେସର ଶ୍ୟାମ ଭୋଇ, ପ୍ରଫେସର କୌତୁକ ପନ୍ଦର, ଡ. ସଞ୍ଜୟ ମିଶ୍ର ଯୋଗଦାନ କରି ସମକାଳୀନ କଥା ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ପର୍ଯ୍ୟାଲୋଚନା କରିଥିଲେ। ଶେଷରେ ବିଶ୍ୱବିଦ୍ୟାଳୟର ଗବେଷକ ସୁରେଶ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

ପରେ ଦ୍ୱିତୀୟ ଅଧିବେଶନ ସମକାଳୀନ ଓଡ଼ିଆ କବିତା (୧୯୮୦-୨୦୨୦) ଶୀର୍ଷକକୁ ନେଇ ଆଲୋକପାତ ହୋଇଥିଲା। ଉକ୍ତ ସଭାରେ ସଭାମୁଖ୍ୟ ଭାବରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦାର ପ୍ରାକ୍ତନ ପ୍ରଫେସର ଡ. ବବ୍ରୁବାହନ ମହାପାତ୍ର ଦାୟିତ୍ୱ ବହନ କରିଥିଲେ। ସଭାପତି ପ୍ରଫେସର ମହାପାତ୍ର, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରଫେସର ପ୍ରତାପ କୁମାର ଦାଶ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ସହଯୋଗୀ ପ୍ରଫେସର ଡ. ଗୋପୀନାଥ ବାଗ ଓଡ଼ିଆ କବିତାର ବିଭିନ୍ନ ଧାରା ସମ୍ପର୍କରେ ପ୍ରବୋଧନା ଦେଇଥିଲେ। ଅନ-ଲାଇନ ମାଧ୍ୟମରେ ଯୋଗଦାନ କରିଥିବା ଦୁଇ ବିଶିଷ୍ଟ କବି ପ୍ରଫେସର ଶତ୍ରୁଘ୍ନ ପାଣ୍ଡ ଓ ଡ. ଗୌତମ ଜେନା ମଧ୍ୟ ସମକାଳୀନ ଓଡ଼ିଆ କବିତାର ରୂପରେଖକୁ ନେଇ ତାଙ୍କର ମତବ୍ୟକ୍ତ କରିଥିଲେ। ଅଧିବେଶନ ଶେଷରେ ଓଡ଼ିଆ ବିଭାଗର ଅଧ୍ୟାପକ ଅବକାଶ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

ତୃତୀୟ ଅଧିବେଶନର ଶୀର୍ଷକ ସମକାଳୀନ ଓଡ଼ିଆ ନାଟ୍ୟ ସାହିତ୍ୟ (୧୯୮୦-୨୦୨୦) କାର୍ଯ୍ୟକ୍ରମ ଉପଲକ୍ଷେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପ୍ରାକ୍ତନ ପ୍ରଫେସର ସମର ମୁଦାଲି ସଭାମୁଖ୍ୟ ଆସନ ଅଳଙ୍କୃତ କରିଥିବା ସ୍ଥଳେ, ବିଷୟ ବିଶେଷଜ୍ଞ ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ଗଣେଶ ରାମ ନାହାକ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ପରୀକ୍ଷିତ ଭୋଇ, ଅନଲାଇନ ମାଧ୍ୟମରେ ଯୋଡ଼ି ହୋଇଥିବା ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ପଶ୍ଚିମବଙ୍ଗ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଶରତ କୁମାର ଜେନା ଓ ଉକ୍ତ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ସୁଶାନ୍ତ କୁମାର ପଣ୍ଡା ଯୋଗଦାନ କରିଥିଲେ। ସମସ୍ତ ଅତିଥି ବୃନ୍ଦ ଆଜିର ବିଷୟ ଆଧାରିତ ବିଭିନ୍ନ ଦିଗର ଭାବଧାରକୁ ଅତି ନିପୁଣ ଭାବରେ ଉପସ୍ଥାପନ କରିଥିଲେ । ଶେଷରେ ଗବେଷକ ଶୁଭ୍ରାଂଶୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଅଧିବେଶନରେ ଡ଼ ସୁଶାନ୍ତ କୁମାର ପଣ୍ଡା ସଂଯୋଜକ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ଆଲୋଚନାଚକ୍ରରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅଧ୍ୟାପକ-ଅଧ୍ୟାପିକା ଗବେଷକ-ଗବେଷିକା ଏବଂ ଛାତ୍ରଛାତ୍ରୀ ଯୋଗଦେଇ ପ୍ରବନ୍ଧ ଉପସ୍ଥାପନା କରିବା ସହ ସଭାକୁ ସାଫଲ୍ୟ ମଣ୍ଡିତ କରାଇଥିଲେ ।

## କନ୍ଧମାଳ ପଞ୍ଚାୟତ କଲେଜରେ
# ଇତିହାସ ବିଭାଗ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



କନ୍ଧମାଳ,(ସବ୍ୟୁ) : ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ସଦର ପଞ୍ଚାୟତ କଲେଜ କନ୍ଧମାଳ ର ଯୁକ୍ତ ତିନି ଇତିହାସ ବିଭାଗ ଶେଷ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା କଲେଜର ଅଧ୍ୟାପକ ବସନ୍ତ କୁମାର ଖଟୁଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥିଭାବେ କଲେଜର ଅଧ୍ୟକ୍ଷ ଡ଼ଃ ଅନୋଜ କୁମାର ଭୁକ୍ତା ଯୋଗଦେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତର କୃତି ହିଁ ମହାବିଦ୍ୟାଳୟର ପ୍ରକୃଷ୍ଟ ବିଦାୟ ବୋଲି କହିଥିଲେ। ସେହିପରି ମୂଖ୍ୟ ବକ୍ତା ଭାବେ ଇତିହାସ ବିଭଗର ମୁଖ୍ୟ ସାଗର ବଗର୍ତ୍ତ ଯୋଗଦେଇ ସମୟର ସଠିକ ଚିନ୍ତାଧାରା ହିଁ ଛାତ୍ରଛାତ୍ରୀଙ୍କ ଲକ୍ଷ୍ୟକୁ ଉଚ୍ଚାକାଂକ୍ଷୀ କରିଥାଏ। ସେହିପରି ସମ୍ମାନୀତ ଅତିଥି ଭାବେ ଅଧ୍ୟାପିକା ନିର୍ମଳା ଭୋଇ ଓ ଓଡ଼ିଆ ବିଭାଗ ଅଧ୍ୟାପକ ସୁନୀଲ ହରିପାଲ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନେ ଉଚ୍ଚ ଶିକ୍ଷା ସହ ଏକ ଉଜ୍ଜଳ ଭବିଷ୍ୟତ ଗଠନ ପାଇଁ ସଠିକ ମାର୍ଗ ଚୟନ ଓ କଠିନ ପରିଶ୍ରମ ପାଇଁ ମାର୍ଗଦର୍ଶନ କରିଥିଲେ । ବିଦାୟୀ ଛାତ୍ରଛାତ୍ରୀ ନିଜ ନିଜର ଅନୁଭୂତି ବଖାଣିଥିଲେ। ଇତିହାସ ବିଭାଗ ଅଧ୍ୟାପକ ଶ୍ରୀ ଖଟୁଆ ସଭା ପରିଚାଳନା ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଇତିହାସ ବିଭାଗର ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ମାନେ ପରିଚାଳନା କରିଥିଲେ ।

# ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳିତ




ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ତପସ୍ୱିନୀ ହଲ ଠାରେ ଜିଲ୍ଲା ପ୍ରଶାସନ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳିତ ହୋଇଯାଇଛି । ଏନେଇ ଆୟୋଜିତ ସଭାରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଶା ଗଠନରେ ବରପୁତ୍ରମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଆଗାମୀ ୧୦ବର୍ଷ ମଧ୍ୟରେ ଓଡିଶା ଗଠନକୁ ୧୦୦ବର୍ଷ ପୂର୍ତ୍ତି ହେବ । ତେବେ ବିକଶିତ ଓଡିଶା ଗଠନ ଲକ୍ଷ୍ୟ ଥିବା କହିଥିଲେ । ଏହି ସମୟ ମଧ୍ୟରେ ସମ୍ବଲପୁରକୁ ମଧ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ଓ ଅର୍ଥନୀତି କ୍ଷେତ୍ରରେ ସମୃଦ୍ଧ ହେବାକୁ ପଡିବ ବୋଲି କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ ଓ ସୁଧାଂଶୁ କୁମାର ଭୋଇ, ମହାନଗର ନିଗମ କମିଶନର ରେହାନ କ୍ଷତ୍ରି, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର. ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ କଲ୍ୟାଣୀ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ ବାଳାଶ୍ରମ କନିଷ୍ଠ ବର୍ଗ ପ୍ରଥମ, ଶ୍ରୀ ଗଣେଶ ବିଦ୍ୟାଳୟ ଦ୍ୱିତୀୟ ଓ ବାଳାଶ୍ରମ ବରିଷ୍ଠ ବର୍ଗ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସକାଳେ ରାମଧୁନ ସହ ସହର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଅତିଥି ମାନେ ମାଲ୍ୟାର୍ପଣ କରିଥିଲେ ।

## ପୂଜ୍ୟପୂଜା ପ୍ରତି ଅସମ୍ମାନ

# ଉତ୍କଳ ଦିବସରେ ମାଳଟିଏ ବେକରେ ପଡିଲା ନାହିଁ !



ରାୟଗଡା,(ସବ୍ୟୁ): ଉତ୍କଳ ଦିବସ ପୂଜ୍ୟ ପୂଜାଙ୍କ ଦିନ ରାୟଗଡ଼ାର ଗୋଟିଏ ପାର୍କରେ ସ୍ୱର୍ଗତ ରାମଚନ୍ଦ୍ର ଦିନ ତମାମ ଅନାଇ ରହିଥିଲେ ଫୁଲମାଳ ଟିଏ ବେକରେ ପଡିଲା ନାହିଁ। ସକାଳୁ ପାର୍କ ପରିବେଶକୁ ଆନ୍ତରିକତା ସହ ସଫାସୁତୁରା କରି ବ୍ଲିଚିଙ୍ଗ ପାଉଡର ପକେଇ ପୁତିଗନ୍ଧମୟ ସ୍ଥିତିକୁ ପରିବର୍ତ୍ତନ କରାଗଲା। ଉଦ୍ଘାଟନ ପର ଠାରୁ ମୁକୁଳା ପଡିଥିବା ସ୍ୱର୍ଗତ ରାମଚନ୍ଦ୍ର ଆଶାବାଦୀ ଥିଲେ । ଏହି ପୂଜ୍ୟ ପୂଜା ଦିନରେ ମୋ ବେକକୁ ଫୁଲମାଳ ଟିଏ ଆସିବ। ଏହି ଦିନ ମାନଙ୍କରେ ପଟୁଆରରେ ଆସି ଫୁଲମାଳ ଟିଏ ପକାଇବେ ତେବେ ପ୍ରଶାସନିକ ବ୍ୟବସ୍ଥା ମଧ୍ୟରୁ ଫୁଲମାଳ ଆସିଲା ନା ଦଳ ପକ୍ଷରୁ ମଧ୍ୟ ତାଙ୍କ ଭକ୍ତ ମାନେ ଫୁଲମାଳ ଟିଏ ପକାଇଲେ ନାହିଁ। ଦିନ ତମାମ ଅନାଇ ରହିଥିବା ୭ ଥରିଆ ବିଧାୟକ ବିଭିନ୍ନ ବିଭାଗର ମନ୍ତ୍ରୀ ଏବଂ ୨ଥରିଆ ସାଂସଦ ସ୍ୱର୍ଗତ ରାମଚନ୍ଦ୍ର ଉଲ୍ଲାକା ଦେଖଣାହାରୀ ସାଜି ଠିଆହୋଇ ରହିଗଲେ ।

ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ତାଲିକାରେ ତାଙ୍କ ନାମ ଥିଲା କି ନାହିଁ ଜଣାନାହିଁ। କିନ୍ତୁ ୭ ଥରିଆ ବିଧାୟକ ବିଭିନ୍ନ ବିଭାଗର ମନ୍ତ୍ରୀ ଏବଂ ୨ଥରିଆ ସାଂସଦ ହୋଇ ଅନେକ ବିକାଶ ମୂଳକ କାର୍ଯ୍ୟର ବିନ୍ଧାଣୀ ଅଟନ୍ତି। ଯେଉଁ ସ୍ୱପ୍ନର ପରବର୍ତ୍ତୀ କାର୍ଯ୍ୟ କଳାପକୁ ସାକାର କରାଯାଉ ଅଛି। ବୁଦ୍ଧିଜୀବୀ ମହଲରେ କହୁଛନ୍ତି ଏହି ପରିପ୍ରେକ୍ଷୀରେ ଏହି ଉତ୍କଳ ଦିବସ ରେ ତାଙ୍କ ବେକରେ ଫୁଲମାଳ ପଡିବା ଆବଶ୍ୟକ କିନ୍ତୁ ଫୁଲମାଳ ପଡିଲା ନାହିଁ। ରାୟଗଡା ସହରର ନେହେରୁ ନଗର ସ୍ଥିତ ରାମଚନ୍ଦ୍ର ପାର୍କରେ ରହିଥିବା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରାମଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ନ ହେବା ଘଟଣା ଜନ ଅସନ୍ତୋଷ ସୃଷ୍ଟି କରିଛି। ଉତ୍କଳ ଦିବସ ଉପଲକ୍ଷେ ସକାଳୁ ସକାଳୁ ପୌରପରିଷଦ କର୍ମଚାରୀମାନେ ପାର୍କକୁ ସଫା ସୁତୁରା କରିବା ସହ ରାସ୍ତାରେ ବ୍ଲିଚିଂ ପାଉଡର ପକାଇ ସଜାଇ ରଖିଥିଲେ। ସରକାରୀ ବାବୁଙ୍କ ଆଗମନ ପାଇଁ କିନ୍ତୁ ସଂଝ ବେଳ ପର୍ଯ୍ୟନ୍ତ କୌଣସି ସରକାରୀ ପ୍ରତିନିଧି କିମ୍ବା ନେତା ଏଠାରେ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରିନଥିବା ଦେଖିବାକୁ ମିଳିଛି। ସ୍ୱର୍ଗତ ଉଲ୍ଲାକାଙ୍କ ପୁତ୍ର ଓ ୨ଥରିଆ କୋରାପୁଟ ସାଂସଦ ସପ୍ତଗିରୀ ଶଙ୍କର ଉଲ୍ଲାକା ଦିଲ୍ଲୀରେ ଥିବା ବେଳେ ଅନ୍ୟ ପୁତ୍ର ତଥା ବରିଷ୍ଠ ବିଜେପି ନେତା ଶିବ ଶଙ୍କର ଉଲ୍ଲାକା ମଧ୍ୟ ପ୍ରତିମୂର୍ତ୍ତି ପାଖକୁ ଆସିନଥିଲେ। ବର୍ତ୍ତମାନ ରାୟଗଡା ଜିଲ୍ଲାରେ କଂଗ୍ରେସ ଦଳର ପ୍ରଭାବ ଥିବା ସତ୍ତ୍ୱେ, ଜିଲ୍ଲା କଂଗ୍ରେସ ସଭାପତି ଓ ରାୟଗଡା ବିଧାୟକ କାଡ୍ରାକା ଆପାଲାସ୍ୱାମୀ ବିଧାନସଭା କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଭୁବନେଶ୍ୱରରେ ଅଛନ୍ତି। ସେହିପରି ରାଜ୍ୟ କଂଗ୍ରେସ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା ମଧ୍ୟ ଏହି କାର୍ଯ୍ୟ କରିପାରନ୍ତେ। ପ୍ରଶାସନ ପକ୍ଷରୁ ପାଳିତ ଉତ୍ସବରେ ବରିଷ୍ଠ ନେତା ଶଙ୍କର୍ଷଣ ମଙ୍ଗରାଜ ଉପସ୍ଥିତ ଥିବା ସତ୍ତ୍ୱେ ମଧ୍ୟ ଏହି ପ୍ରତିମୂର୍ତ୍ତି ପ୍ରତି ଅଣଦେଖା ଦେଖିବାକୁ ମିଳିଛି। ଏପରିକି ସ୍ୱର୍ଗତ ଉଲ୍ଲାକାଙ୍କ ପତ୍ନୀ ରନ୍‌ମଣୀ ଉଲ୍ଲାକା ଯିଏ କଂଗ୍ରେସର ଜଣେ ରାଜ୍ୟସ୍ତରୀୟ ନେତ୍ରୀ ସେ ମଧ୍ୟ ସ୍ୱାମୀଙ୍କୁ ଭୁଲିଗଲେ। ରାୟଗଡା ଜିଲ୍ଲାର ଗର୍ବ ଓ ଅସ୍ମିତାର ପ୍ରତୀକ ସ୍ୱର୍ଗତ ରାମଚନ୍ଦ୍ରଙ୍କ ଅତୁଳନୀୟ ଅବଦାନ ସତ୍ତ୍ୱେ ତାଙ୍କ ପ୍ରତି ଏପରି ଅଣଦେଖା କାହିଁକି ହେଲାଛ ପ୍ରକାଶ ଥାଉକି ଗତ ଡିସେମ୍ବର ମାସ ୨୪ ତାରିଖରେ ଏହି ମୂର୍ତ୍ତି ପ୍ରତିଷ୍ଠା ପାଇଁ ବାଦ ବିବାଦ ଚାଲିଥିଲା। କଂଗ୍ରେସର ପକ୍ଷରୁ ବଡ଼ ଆଡମ୍ବରରେ କେନ୍ଦ୍ରୀୟ ନେତା ତଥା ଅନ୍ୟ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଧାୟକ ଉପସ୍ଥିତିରେ ସ୍ୱର୍ଗତ ରାମଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିବା ବେଳେ ଡବଲ ଇଞ୍ଜିନ ସରକାରଙ୍କ ବରିଷ୍ଠ ନେତା ରାମଚନ୍ଦ୍ରଙ୍କ ସୁପୁତ୍ର ଶିବ ଶଙ୍କର ଉଲ୍ଲାକାଙ୍କ ପ୍ରତିନିଧିରେ ରାଜ୍ୟ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା। ଏହି ପ୍ରତିମୂର୍ତ୍ତି ଉନ୍ମୋଚିତ କରିଥିଲେ। ତେବେ ଏପରି ଅବହେଳା କାହିଁକି କରାଯାଇଛି ବୋଲି ରାୟଗଡା ବିଧାୟକ ଆପାଲାସ୍ୱାମୀଙ୍କୁ ପଚାରିବାରୁ ମୁଁ ଭୁବନେଶ୍ୱର ଠାରେ ରହିଛି ପ୍ରଶାସନ ବା ସଂସ୍କୃତି ବିଭାଗ ପକ୍ଷରୁ କରିବା କଥା କାହିଁକି ଅସମ୍ମାନ କରାଗଲା ଏହାକୁ ମୁଁ ନିନ୍ଦା କରୁଛି। ଏହାର କିଏ ଉତ୍ତର ଦାୟୀ ରାୟଗଡା ଗଲା ପରେ ଜଣାପଡିବ। ସେହିପରି ସାଂସଦ ଶପ୍ତଗିରୀ ଏବଂ ଶିବ ଶଙ୍କରଙ୍କୁ ଆମ ପ୍ରତିନିଧି ଯୋଗାଯୋଗ କରିପାରିନଥିଲେ ।

## ନିଖୋଜ ବୃଦ୍ଧାଙ୍କ ନରକଙ୍କାଳ ଉଦ୍ଧାର ଘଟଣା

# ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର

ମୁରିବାହାଲ,(ସବ୍ୟୁ) :ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଗୁଲମୀ ଜଙ୍ଗଲରୁ ସୋମବାର ଦିନ ଏକ ନରକଙ୍କାଳ ଉଦ୍ଧାର କରାଯାଇଥିଲା। ଉଦ୍ଧାର ହୋଇଥିବା ନର କଙ୍କାଳଟି ହଲଦୀ ପଞ୍ଚାୟତ ଦାଢ଼ିଆପଦର ଗ୍ରାମର ଜଣେ ନିଖୋଜ ବୃଦ୍ଧା ଦୁଲାରି ପୁଟେଲ(୮୦)ଙ୍କର ବୋଲି ଚିହ୍ନଟ ହୋଇଥିଲା। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି କଙ୍କାଳଟିକୁ ଚିହ୍ନଟ କରିଥିଲେ। ଦାଢ଼ିଆପଦର ଗ୍ରାମର ମୃତ ବୃଦ୍ଧା ଜଣକ ଗତ ୧୦ ତାରିଖରେ ମହୁଲ ଫୁଲ ସଂଗ୍ରହ କରିବା ପାଇଁ ସ୍ଥାନୀୟ ଗୁଲମୀ ଜଙ୍ଗଲକୁ ଯାଇଥିଲେ। ମାତ୍ର ସେଠାରୁ ସେ ଆଉ ଘରକୁ ଫେରିନଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିନଥିଲା। ଏ ନେଇ ବୃଦ୍ଧାଙ୍କ ପୁଅ ମୁରିବାହାଲ ଥାନାରେ ଗତ ୧୧ ତାରିଖରେ ଏକ ଲିଖିତ ଅଭିଯୋଗ କରିଥିଲେ। ସୋମବାର ସ୍ଥାନୀୟ ଲୋକେ ଜଙ୍ଗଲ ମଧ୍ୟରେ ଏକ କଙ୍କାଳ ପଡ଼ିଥିବା ଦେଖିବାକୁ ପାଇ ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ବୃଦ୍ଧାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। ନର କଙ୍କାଳର ବେକରେ ଥିବା ଏକ ମାଳିରୁ ଏହା ନିଖୋଜ ବୃଦ୍ଧା ଜଣଙ୍କ ବୋଲି ପରିବାର ଲୋକେ ସ୍ପଷ୍ଟ କରିଥିଲେ। ମୃତ୍ୟୁ ପରେ ଜଙ୍ଗଲର ଜୀବଜନ୍ତୁ ମୃତ ଦେହକୁ ଆକ୍ରମଣ କରିଥିବାରୁ କେବଳ ସେହି ସ୍ଥାନରେ ହିଁ ବୃଦ୍ଧାଙ୍କ କଙ୍କାଳ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏକ ଗଛ ମୂଳେ ରକ୍ତ ଲାଗି ଶୁଖି ଯାଇଥିବା ମଧ୍ୟ ଦେଖିବାକୁ ମିଳିଛି। ନିଖୋଜ ବୃଦ୍ଧାଙ୍କ ସାମାନ୍ୟ ମାନସିକ ବିକୃତି ଥିବାବେଳେ ତାଙ୍କ ମୃତ୍ୟୁ କିଭଳି ପରିସ୍ଥିତିରେ ହେଲା ତାହା ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି। ସେ ଜଙ୍ଗଲରେ ରାସ୍ତା ଭୁଲି ପଡିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହେଲା ନା ଅନ୍ୟ କାରଣରୁ ତାହା ଅସ୍ପଷ୍ଟ ରହିଛି। ପୋଲିସ ନର କଙ୍କାଳ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବଲାଙ୍ଗିର ପଠାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ମଙ୍ଗଳବାର ପରିବାର ଲୋକେ ନର କଙ୍କାଳକୁ ସତ୍କାର କରିଥିବା ଜଣାପଡିଛି। ଏ ସମ୍ପର୍କରେ ଥାନାରେ ଅପମୃତ୍ୟୁ କେଶ ନ ୦୨/୨୬ ମାମଲା ରୁଜୁ ସହ ଅଧିକ ତଦନ୍ତ ଜାରି ରହିଥିବା ଥାନା ଆଇଆଇସି ବୁଲୁ ମୁଣ୍ଡା ପ୍ରକାଶ କରିଛନ୍ତି।

# ଓପିଏଚ୍‌ଡବ୍ଲୁସି ଡେପୁଟି ମ୍ୟାନେଜର ବିଦ୍ୟୁତ୍ ରଞ୍ଜନ ଗିରଫ

ସମ୍ବଲପୁର,(ସବ୍ୟୁ): ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓପିଏଚ୍‌ଡବ୍ଲୁସି ଡେପୁଟି ମ୍ୟାନେଜର ବିଦ୍ୟୁତ୍ ରଞ୍ଜନ ଭୋଳଙ୍କୁ ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି । ତାଙ୍କୁ ଆଜି ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଛି । ଜାମିନ ନାମଞ୍ଜୁର ହୋଇଥିବା ବେଳେ ତାଙ୍କୁ ସମ୍ବଲପୁର ମଣ୍ଡଳ କାରାଗାରକୁ ପଠାଯାଇଛି । ସୂଚନାଯୋଗ୍ୟ, ଓଡିଶା ପୋଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ (ଓପିଏଚ୍‌ଡବ୍ଲୁସି) ସମ୍ବଲପୁର ଡିଭିଜନରେ ଡେପୁଟି ମ୍ୟାନେଜର ଭାବେ କାର୍ଯ୍ୟରତ ବିଦ୍ୟୁତ୍ ରଞ୍ଜନ ଭୋଳ ବିଭିନ୍ନ ଲୋକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲାଞ୍ଚ ନେଇ ଗତ ୩୧ତାରିଖରେ ଘରକୁ ଯାଉଥିଲେ । ଏହା ଜାଣିବା ପରେ ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟର ଅନୁମତିକ୍ରମେ ଭିଜିଲାନ୍ସ ଟିମ୍ ସମ୍ବଲପୁର ରେଳ ଷ୍ଟେସନରେ ତାଙ୍କୁ କାବୁ କରିଥିଲା । ଯାଞ୍ଚବେଳେ ତାଙ୍କ ନିକଟରୁ ୫ଲକ୍ଷ ୧୮ହଜାର୯୦୦ଟଙ୍କା ଜବତ ହୋଇଥିଲା । ତେବେ ଏହି ଜବତ ଟଙ୍କା ସମ୍ପର୍କରେ ସେ ସନ୍ତୋଷ ଜନକ ଉତ୍ତର ରଖି ପାରିନଥିଲେ । ଏଭଳିସ୍ଥଳେ ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏକକାଳୀନ ସମ୍ବଲପୁର, ଭୁବନେଶ୍ୱର ଓ ଭଞ୍ଜନଗରରେ ଥିବା ତାଙ୍କ ବାସଭବନ ଉପରେ ଚଢଉ କରାଯାଇଥିଲା । ଏହି ସମୟରେ ୨ଟି ଆଲିସାନ୍ କୋଠା, ଭୁବନେଶ୍ୱରରେ ଏକ ଫ୍ଲାଟ୍, ଜଟଣୀ, ବ୍ରହ୍ମପୁର ଓ ଅନ୍ୟ ସ୍ଥାନରେ ମୋଟ ୨୯ଟି ପ୍ଲଟ୍, ୬ଟି ସୁନା ମୁଦ୍ରା ଓ ୨ଟି ସୁନା ବିସ୍କୁଟ ସହ ୧କିଗ୍ରା୧୪୦ଗ୍ରାମ ସୁନା, ୪୮ଲକ୍ଷ୭୯ହଜାର୧୦୦ଟଙ୍କା ନଗଦ , ୩୦ଲକ୍ଷ ଟଙ୍କାର ବିଭିନ୍ନ ଜମା ଓ ପୁଞ୍ଜି ଠାବ କରାଯାଇଛି । ଶ୍ରୀଭୋଳ ନିଗମର ସହକାରୀ ପ୍ରକଳ୍ପ ମ୍ୟାନେଜର ଭାବେ ୧ଅଗଷ୍ଟ, ୧୯୯୮ରେ ମାତ୍ର ୭୦୦୦ଟଙ୍କା ଦରମାରେ କାର୍ଯ୍ୟରେ ଯୋଗ ଦେଇଥିଲେ ।

# ବୁଢ଼ୀ ଗଙ୍ଗାଦେବୀଙ୍କ ଚଇତ୍ରା ଯାତ୍ରା



ଭବାନୀପାଟଣା, (ସବ୍ୟୁ): ନଗର ଦେବୀ ହେଉଛନ୍ତି ବୁଢ଼ୀ ଗଙ୍ଗା ଦେବୀ ଠାକୁରାଣୀ। ସହରର ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ଭିତରେ ରହିଛି ବୁଢ଼ୀ ଗଙ୍ଗା ଦେବୀ ଠାକୁରାଣୀଙ୍କ ଗୁଡ଼ି ବା ମନ୍ଦିର। ପ୍ରତିବର୍ଷ ଚୈତ୍ର ମାସର ତୃତୀୟ ମଙ୍ଗଳ ବାରରୁ ଶେଷ ମଙ୍ଗଳ ବାର ଯାଏଁ ସପ୍ତାହ ବ୍ୟାପି ବୁଢ଼ୀ ଗଙ୍ଗା ଦେବୀ ଠାକୁରାଣୀଙ୍କ ଚଇତ୍ରା ଯାତ୍ରା ଅନୁଷ୍ଠିତ ହୋଇଥାଏ। ପରମ୍ପରା ଅନୁଯାୟୀ ଚୈତ୍ର ତୃତୀୟ ମଙ୍ଗଳ ବାର ସନ୍ଧ୍ୟାରେ କଳାହାଣ୍ଡି ରାଜ ପ୍ରାସାଦରେ ମହାରାଜାଙ୍କ ତରଫରୁ ବୁଢ଼ୀ ଗଙ୍ଗା ଦେବୀ ଠାକୁରାଣୀଙ୍କ ଘଟ ବା ଘଣ୍ଟ ରେ ଅରୁଆ ଚାଉଳ ପୂର୍ଣ୍ଣ କରି ବଟା ହଳଦୀ ଘଣ୍ଟରେ ପ୍ରଲେପ କରି ପୂଜାର୍ଚ୍ଚନା କରାଯାଇଥାଏ। ତାପରେ ରାଜ ପ୍ରାସାଦରୁ ଦେବୀଙ୍କ ଘଣ୍ଟକୁ ମୁଣ୍ଡରେ ବୋହି ପୂଜାରୀ ନଗର ପରିକ୍ରମା କରିଥାନ୍ତି। ତୃତୀୟ ମଙ୍ଗଳବାର ରୁ ଆରମ୍ଭ କରି ରବିବାର ଯାଏଁ ଦେବୀଙ୍କ ଘଣ୍ଟ ସହରର ବିଭିନ୍ନ ପଡ଼ା ପରିକ୍ରମା କରିଥାନ୍ତି। ପ୍ରତ୍ୟେକ ଘର ସାମନାରେ ଶ୍ରଦ୍ଧାଳୁ ମାନେ ଧୂପ,ଦୀପ, ନୈବେଦ୍ୟ ଓ ପଣା ଦେବୀଙ୍କୁ ଅର୍ପଣ କରିଥାନ୍ତି। ଛୋଟ ଛୋଟ ଶିଶୁ ମାନେ ମଙ୍ଗଳ କାମନା କରି ଦେବୀଙ୍କ ଘଣ୍ଟ ସାମନାରେ ରାସ୍ତାରେ ଶୋଇଥାନ୍ତି। ଦେବୀଙ୍କ ଘଣ୍ଟ ମୁଣ୍ଡରେ ବୋହୁଥିବା ପୂଜାରୀ ଶୋଇ ଥିବା ଶିଶୁ ମାନଙ୍କୁ ଡେଇଁ ଡେଇଁ ଯାଆନ୍ତି। ସୋମବାର ଦିନ ଦେବୀଙ୍କ ବିଶ୍ରାମ। ଚୈତ୍ର ଶେଷ ମଙ୍ଗଳ ବାର ମନ୍ଦିରରେ ଅନୁଷ୍ଠିତ ହୋଇଥାଏ ଚଇତ୍ରା ଯାତ୍ରା। ଶ୍ରଦ୍ଧାଳୁ ମାନେ କାମନା କରି ଦେବୀଙ୍କୁ ପାରା, କୁକୁଡ଼ା, ଛେଳି ବଳି ଅର୍ପଣ କରିଥାନ୍ତି। ଚଇତ୍ରା ଦିନ କଳାହାଣ୍ଡିରେ ଚାହାଁର, ମହୁଲ, ଆମ୍ବ ଓ କାନ୍ଦୁଲ ଦେବୀଙ୍କୁ ଅର୍ପଣ କରି ଏହି ଚାରୋଟି ପଦାର୍ଥର ନୂଆଁ ଖାଇଥାନ୍ତି। କଳାହାଣ୍ଡିର ସାମାଜିକ ଜନ ଜୀବନରେ ଚଇତ୍ରା ଏକ ମୁଖ୍ୟ ଯାତ୍ରାଛ ଜାତି, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଆନନ୍ଦର ସହ ଚଇତ୍ରା ଯାତ୍ରା ଉତ୍ସାହର ସହ ପାଳନ କରିଥାନ୍ତି। ସାମାଜିକ ସହାବସ୍ଥାନରେ ଚଇତ୍ରା ଯାତ୍ରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

# ଗୁଦଗୁଦା ମହୋତ୍ସବ ଉଦ୍‌ଯାପିତ

କୁଚିଣ୍ଡା,(ସବ୍ୟୁ): ସମ୍ବଲପୁର ଜିଲ୍ଲାର କୁଚିଣ୍ଡାର ଗର୍ବ ଓ ଗୌରବକୁ ନେଇ ଆରମ୍ଭ ହୋଇଥିବା ଗୁଦଗୁଦା ମହୋତ୍ସବ ମହା ସମାରୋହ ରେ ସମାପ୍ତ ହୋଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତ ତଥା ଅଞ୍ଚଳର ବଛା ବଛା କଳାକାରଙ୍କୁ ନେଇ ଦୁଲୁକୁଥିବା ମଞ୍ଚ ନାଚ ଗୀତ ସାଙ୍ଗକୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଲୋକଙ୍କୁ ବିମୋହିତ କରୁଥିବା ବେଳେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଶିଦ୍ଧେଶ୍ୱର ବୋଲିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, କମିଶନର ମହାନଗର ନିଗମ ରୋହନ କ୍ଷେତ୍ରୀ, ଉପଜିଲ୍ଲାପାଳ ତଥା ଗୁଦଗୁଦା ମହୋତ୍ସବ କମିଟି ସଭାପତି ସରଓ୍ୱାନନ ସ, ବରିଷ୍ଠ ନାଟ୍ୟକାର ଓ ନିର୍ଦ୍ଦେଶକ ପ୍ରଦୀପ ପଣ୍ଡା, ବରିଷ୍ଠ ସମ୍ବଲପୁରୀ ଲୋକନୃତ୍ୟ ଗୁରୁ ରଞ୍ଜନ କୁମାର ସାହୁ, ବରିଷ୍ଠ କଳାକାର ସୁରଥ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ମହୋତ୍ସବ ର ଉତ୍ତରୋତ୍ତର କାମନା କରିଥିଲେ। ଅନ୍ତିମ ସନ୍ଧ୍ୟାରେ ବୌଦ୍ଧ, ଗଞ୍ଜାମ, ବଲାଙ୍ଗୀର, କୁଚିଣ୍ଡା ଜମନକିରା, ବାମରା ଆଦି ଅଞ୍ଚଳରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସୁନ୍ଦର ସୁନ୍ଦର ନୃତ୍ୟଗୀତ ପରିବେଷଣ କରାଯାଇଥିଲା।

# ଉତ୍କଳ ଦିବସରେ ସମ୍ମାନିତ ହେଲେ ଚିତ୍ର ଶିଳ୍ପୀ ସୁଧୀର ସ୍ୱାଇଁ



ରେଢ଼ାଖୋଲ,(ସବ୍ୟୁ): ଅନୁଗୋଳ ଜିଲ୍ଲା କିଶୋରନଗର ଅଗ୍ରଣୀ ଅନୁଷ୍ଠାନ ଉତ୍କଳ ସମ୍ମିଳନୀ,(କିଶୋର ନଗର ଶାଖା) , 'କଳ୍ପତରୁ' ଏବଂ ଆମ ଗାଁ ଆମ ବିଚାର ମଞ୍ଚ ତରଫରୁ ସ୍ଥାନୀୟ ସରକାରୀ ଶିକ୍ଷା ପ୍ରତିଷ୍ଠାନ, କିଶୋରନଗର ଠାରେ ଉତ୍କଳ ଦିବସ ପାଳନ ଅବସରରେ ରେଢ଼ାଖୋଲର ଚିତ୍ରଶିଳ୍ପୀ ସୁଧୀର କୁମାର ସ୍ୱାଇଁଙ୍କୁ ସମ୍ମାନୀତ କରାଯାଇଥିଲା । ଆଠମଲ୍ଲିକର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ବରିଷ୍ଠ ସାମ୍ବାଦିକ ସୁଦର୍ଶନ ଛୋଟରାୟ, ସୁସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି, ବରିଷ୍ଠ ସାମ୍ବାଦିକ ସତ୍ୟ ସୁନ୍ଦର ଭଞ୍ଜ ଓ ଅନୁଷ୍ଠାନର ସଭାପତି ଡା. ଅଲେଖ କୁମାର ପ୍ରଧାନ ଓ ସୁଧୀ ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ହୋଇ ମାନପତ୍ର ଓ ଉପଢୌକନ ଏବଂ ଚାରା ଗଛ ପ୍ରଦାନ କରି ସମ୍ମାନୀତ କରିଥିଲେ। ସୂଚନା ଯୋଗ୍ୟ ଯେ,ଚିତ୍ର ଶିଳ୍ପୀ ସୁଧୀର କୁମାର ସ୍ୱାଇଁ ଅଧୁନା ସ୍ଥାନୀୟ ଟାଟା ଡ଼ିଏଭି ସ୍କୁଲ ଯୋଡ଼ାରେ ଫାଇନ ଆର୍ଟ ବିଭାଗରେ ଅଧ୍ୟାପନା କରୁଛନ୍ତି ।

# ଓଡ଼ିଆ ଅଧ୍ୟାପକଙ୍କ ଅବସରକାଳୀନ ସଭା

ଗୋଲାମୁଣ୍ଡା,(ସବ୍ୟୁ): ସ୍ଥାନୀୟ ସର୍ବମଙ୍ଗଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରତାପ ଚନ୍ଦ୍ର ନାୟକ ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ତାଙ୍କ ଅଧ୍ୟାପନାର ସମୟ ଅତ୍ୟନ୍ତ ନିଷ୍ଠାପର ଭାବେ ଅତିବାହିତ କରି ମାର୍ଚ୍ଚ ୩୧ ତାରିଖରେ ଅବସର ନେଇଛନ୍ତି। ଶ୍ରୀ ନାୟକ ସମସ୍ତ ସହକର୍ମୀଙ୍କ ସହ ମେଳାପି ଓ ଖୁସି ମିଜାଜର ମଣିଷ ଭାବରେ ତାଙ୍କର ଅନୁପସ୍ଥିତିରେ ଅନୁଭବ ହେବ ବୋଲି ଆୟୋଜିତ ଅବସର କାଳୀନ ସଭାରେ କର୍ମଚାରୀ ମାନେ ପ୍ରକାଶ କରିଥିଲେ। ଅଧ୍ୟକ୍ଷ ସରୋଜକାନ୍ତ ରଥ ତାଙ୍କର କାର୍ଯ୍ୟଦକ୍ଷତା , ଶିକ୍ଷାଦାନ ଶୈଳୀ,ନିଷ୍ଠାପର ସହଯୋଗିତା ସହିତ ସମୟାନୁବର୍ତ୍ତୀ ଗୁଣକୁ ପ୍ରଶଂସା କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ–ଅଣଶିକ୍ଷକ କର୍ମଚାରୀଙ୍କ ଗହଣରେ ତାଙ୍କର ଔପଚାରିକ ସମ୍ବର୍ଦ୍ଧନା ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନରେ ଅଧ୍ୟକ୍ଷଙ୍କ ଦ୍ୱାରା ସମ୍ପର୍ଣ୍ଣ ହୋଇଥିଲା। ଚଳିତ ଏପ୍ରିଲ୍ ମାସ ଆରମ୍ଭରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦୈନନ୍ଦିନ ଶୈକ୍ଷିକ ବାତାବରଣ ମୁଖରିତ ହେଉଥିବା ବେଳେ ପ୍ରତାପ ସାରଙ୍କର ସହକର୍ମୀ ତଥା ଛାତ୍ର–ଛାତ୍ରୀମାନଙ୍କ ସହ ସୁ–ସମ୍ପର୍କ ତଥା ଶୃଙ୍ଖଳିତ ଭାବେ କାର୍ଯ୍ୟ କରିବାର ନିଆରା ପ୍ରୟାସ ବିଷୟରେ ଶିକ୍ଷକଙ୍କ ସାଧାରଣ ପ୍ରକୋଷ୍ଠରେ ଗୁଞ୍ଜରଣ ହେଉଥିବ ବୋଲି ସମସ୍ତଙ୍କ ବାର୍ତ୍ତା ଥିଲା। ନିଜର ଭୂମିକାକୁ ଚିହ୍ନିପାରି ତାକୁ ଚରିତାର୍ଥ କରିବାର କଳା ସମସ୍ତଙ୍କ ପାଖରେ ନଥାଏ,ଏହାକୁ ଆପଣାର ଓ ଆହରଣ କରିବାକୁ ପଡେ ଛ କୁଆର ସିନା କୂଳରେ ମଥାପିଟି ଫେରିଯାଏ ,ମାତ୍ର ବାଲିର ଶେଜରେ ଯେଉଁ ସ୍ମୃତିର ମୁକ୍ତାଗର୍ଭା ଶାମୁକା ଛାଡିଯାଏ – ତାହା ହିଁ କୁଆରିଆ ସମୟର ପ୍ରତ୍ୟାର୍ପଣ ବୋଲି ନିଜର ବକ୍ତବ୍ୟରେ ଅଧ୍ୟାପକ ଶ୍ରୀ ନାୟକ ପ୍ରକାଶ କରିଥିଲେ।

# ମୁସିଗୁଡା ଓଡିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଭବାନୀପାଟଣା, (ସବ୍ୟୁ): ଭବାନୀପାଟଣା ବ୍ଲକ ଅନ୍ତର୍ଗତ ମୁଷିଗୁଡା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଶଶାଙ୍କ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଝିଲୀ ମେହେର, ମୁଖ୍ୟବକ୍ତା ଭାବେ ସୁକାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ହରିହରନ ନାଗ, ସୁଶ୍ରୀ ରାଜଶ୍ରୀ ନାୟକ, ପିଟିଏ ସଦସ୍ୟ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ରାୟ, ସି ଆର ସି ବିଜୟ କୁମାର ଦାସ, ଭୂଜବଲ୍ କେତକୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ଶଶାଙ୍କ ଚୌଧୁରୀ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଥିଲେ। ସ୍କୁଲ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ପାରିବେଷିତ ହୋଇଥିଲା । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା, ପ୍ରବନ୍ଧ, ରଙ୍ଗୋଲି ତଥା ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିବା କୃତି ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ସତ୍ୟନାରାୟଣ ଗିଭେଲା ଏବଂ ପଦ୍ମଲୋଚନ କଟା ପରିଚାଳନା କରିଥିବା ବେଳେ ଶିକ୍ଷକ ଦୀପକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ରେ ଶିକ୍ଷକ,ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ଓ ସେମାନଙ୍କ ଅଭିଭାବକ ମାନେ ଉପସ୍ଥିତରହିଥିଲେ।

## ସୁବର୍ଣ୍ଣପୁର ଜିଲ୍ଲାକୁ ଐତିହ୍ୟ ଜିଲ୍ଲା ଭାବେ ଘୋଷଣା ଦାବି

# ସୁବର୍ଣ୍ଣପୁରୀ ଦିନ ପାଳନ ଅବସରରେ ଦାବି



ସୋନପୁର,(ସବ୍ୟୁ): ଏପ୍ରିଲ ୧ ସୁବର୍ଣ୍ଣପୁର ଜିଲ୍ଲାର ପ୍ରତିଷ୍ଠା ଦିବସ । ୧୯୯୩ ଏପ୍ରିଲ ୧ ତାରିଖ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସୁବର୍ଣ୍ଣପୁର ଜିଲ୍ଲା ପ୍ରତିଷ୍ଠା କରି ସାଧାରଣ ସଭାରେ କହିଥିଲେ ମୁଁ ତୁମ୍ଭମାନଙ୍କୁ ଜିଲ୍ଲାଟେ ଦେଉଛି, ତାହାକୁ ବାସ୍ତବରେ ସୁବର୍ଣ୍ଣପୁର ଭାବେ ଗଢି ତୋଳିବା ଦାୟୀତ୍ୱ ତୁମ୍ଭମାନଙ୍କର । ସେହି ଐତିହ୍ୟପୂର୍ଣ୍ଣ ସୁବର୍ଣ୍ଣପୁରର ଗୌରବଶାଳୀ ଅତୀତର ଇତିହାସ ସମ୍ପର୍କରେ ଭଲଭାବେ ଜାଣିଥିଲେ । ଐତିହାସିକ ଓ ପୂରାତତ୍ତ୍ୱ ଦୃଷ୍ଟିରୁ ଦେଖିଲେ ଖ୍ରୀ.ପୂ. ୮୦୦ ଶତାବ୍ଦୀରୁ ଖ୍ରୀ.ଅ. ୮୦୦ ଶତାବ୍ଦୀ ପର୍ଯ୍ୟନ୍ତ ମହାନଦୀ କୂଳେ କୂଳେ ଏକ ଉନ୍ନତ ମାନବ ସଭ୍ୟତା ବିରାଜମାନ କରୁଥିଲା ଯାହାକୁ ସୁବର୍ଣ୍ଣପୁରୀ ବା ମହାନଦୀ ସଭ୍ୟତା କୁହାଯାଉଥିଲା । ସେତେବେଳେ ଏହି ସଭ୍ୟତା ମାନବ ସମାଜକୁ ସବୁକ୍ଷେତ୍ରରେ ବିଶେଷତଃ ଆଧ୍ୟାତ୍ମିକତା କ୍ଷେତ୍ରରେ ଆଲୋକ ବର୍ତ୍ତିକା ଦେଖାଉଥିଲା । ଏଠାରେ ବୌଦ୍ଧ, ଶାକ୍ତ, ଶୈବ, ବୈଷ୍ଣବ, ନାଥ ତଥା ମହିମା ଧର୍ମର ସମନ୍ୱୟ ଘଟିଛି । ଇନ୍ଦ୍ରଭୂତି, ଲକ୍ଷ୍ମୀକରା, ପଦ୍ମସମ୍ଭବ , ମତ୍ସେନ୍ଦ୍ରନାଥ, ଚନ୍ଦ୍ରମଣି ଦାସ, ଭୀମଭୋଇଙ୍କ ଭଳି ମହାପୁରୁଷମାନଙ୍କ ଏହା ହେଉଛି ସାଧନା ଓ ସିଦ୍ଧି ପୀଠ । ଏହା ହେଉଛି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଦିପୀଠ । ତେଣୁ ବିଶ୍ୱ ଇତିହାସରେ ସୁବର୍ଣ୍ଣପୁରର ସ୍ୱତନ୍ତ୍ର ସ୍ଥାନ ରହିଛି । ସେହି ଦୃଷ୍ଟିରୁ ଆଜି ଦିନଟି ସୁବର୍ଣ୍ଣପୁରୀ ଦିନ ଭାବରେ ପାଳନ କରିବା ଯଥାର୍ଥ ବୋଲି ଏହି ଉପଲକ୍ଷେ ଅନୁଷ୍ଠିତ ସାଧାରଣ ସଭାରେ ବକ୍ତାମାନେ ମତ ଦେଇଥିଲେ ।

ସୁବର୍ଣ୍ଣପୁରର ସାମୁହିକ ଉନ୍ନତି ସକାଶେ ଖଇରମାଲ ବ୍ୟାରେଜ ନିର୍ମାଣ , ଏକ ଟେକ୍ସଟାଇଲ ଶିଳ୍ପ ପ୍ରତିଷ୍ଠା, ସମ୍ବଲପୁର ସୁବର୍ଣ୍ଣପୁର ରେଳ ଲାଇନ ନିର୍ମାଣ, ମହାନଦୀ ରିଙ୍ଗରୋଡ ନିର୍ମାଣ, ସୋନପୁର ମହା ବିଦ୍ୟାଳୟକୁ ସରକାରୀ କରିବା, ମତ୍ସ୍ୟ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଆଦିକାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ବକ୍ତାମାନେ ଦୃଢ ଦାବି ଉପସ୍ଥାପିତ କରିଥିଲେ । ସୁବର୍ଣ୍ଣପୁର ଜିଲ୍ଲାକୁ ଏକ ଐତିହ୍ୟ ଜିଲ୍ଲାଭାବେ ଘୋଷଣା କରିବାକୁ ସର୍ବସମ୍ମତିକ୍ରମେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ସଭାରେ କୋଶଳ ସାହିତ୍ୟ ସଂସ୍କୃତି ଏକାଡେମୀର ସାଧାରଣ ସମ୍ପାଦକ ତଥା ସାମ୍ବାଦିକ ଗୋରେଖନାଥ ସାହୁ ଅଧକ୍ଷତା କରିଥିବା ବେଳେ ପୌର ପରିଷଦ ଅଧକ୍ଷା ତାମସୀ ତାମସ୍ମୀତା ନାଏକ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ଏଥିରେ ଶତାଧିକ ବୁଦ୍ଧିଜୀବୀ , ସମାଜସେବୀ, ଶିକ୍ଷାବିଦ୍, କଳାକାର, ନାଟ୍ୟକାର, ସ୍ୱେଚ୍ଛାସେବୀ ଯୋଗ ଦେଇ ନିଜ ନିଜ ମତ ରଖିଥିଲେ । ସେମାନଙ୍କ ମଧ୍ୟରେ ଗଦାଧର ବାରିକ, ଶ୍ରୀବତ୍ସ ମଲ୍ଲିକ, ଲତୁକେଶ୍ୱର ମଲ୍ଲିକ, ଡ. ସନ୍ତୋଷ କୁମାର ପାଢୀ, ଜ୍ୟୋତି ରଂଜନ ପଟ୍ଟନାୟକ, ଆର୍ତ୍ତତ୍ରାଣ ବାବୁ, ଡ. ଉମାକାନ୍ତ ନାଗ, ଦୁର୍ଯ୍ୟୋଧନ ସାହୁ, କଲ୍ୟାଣୀ ପାଣିଗ୍ରାହୀ , ଶ୍ରଦ୍ଧାଞ୍ଜଳି ମିଶ୍ର, ଆଶୀଷ କୁମାର ଅଗ୍ରୱାଲ, ମାଧବ କୁମ୍ଭାର, ପଙ୍କଜ କୁମାର ମେହେର, ସୁନନ୍ଦା ସାହୁ, ଦିଲ୍ଲୀପ କୁମାର ରଥ, ବ୍ରଜମୋହନ ଦାନୀ, ସିତାଂଶୁ ମିଶ୍ର ପ୍ରମୁଖ ସୁବର୍ଣ୍ଣପୁର ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ସକାଶେ ଆଲୋକପାତ କରିଥିଲେ । ଶେଷରେ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ସଭାନେତ୍ରୀ ପ୍ରାଧ୍ୟାପିକା ମୀନା ମହାରଣା ଧନ୍ୟବାଦ ଦେଇଥିଲେ । ପରେ ଉପସ୍ଥିତ ସମସ୍ତ ଜନତା ଏକ ଶୋଭାଯାତ୍ରାରେ ବାହାରି ନମଗୁରୁ ସଂକୀର୍ତ୍ତନ ମଣ୍ଡଳୀ ସହ ସହର ପରିକ୍ରମା କରିଥିଲେ ।

# କନ୍ଧମାଳର ବିଭିନ୍ନ ଅନୁଷ୍ଠାନରେ ଉତ୍କଳ ଦିବସ ପାଳିତ



କନ୍ଧମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକର ବିଭିନ୍ନ ଅନୁଷ୍ଠାନ ତରଫରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି କ୍ରମରେ ଘଣ୍ଟାପଡ଼ାସ୍ଥିତ ସମଲେଶ୍ୱରୀ ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ପିତବାସ ପଣ୍ଡାଙ୍କ ଅଧକ୍ଷତାରେ ଏକ ସଭାର ଆୟୋଜନ ହୋଇଥିଲା। ଅତିଥି ଭାବେ ହାଇ ସ୍କୁଲର ପ୍ରତିଷ୍ଠାତା ସଦସ୍ୟ ଉଚ୍ଛେଇ ବାରିକ ଓ ପରିଚାଳନା କମିଟି ସଦସ୍ୟ ପ୍ରଭାତ ସାହୁ ଉପସ୍ଥିତ ରହି ମହାପୁରୁଷମାନଙ୍କୁ ଫୁଲ ଚନ୍ଦନ ଦେଇ ଉତ୍କଳ ଦିବସରେ ମହାପୁରୁଷଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ ।

ସେହିପରି ସହକାରୀ ଶିକ୍ଷକ ସନ୍ତୋଷ ସାହୁ, ଲିପୁନ ପ୍ରଧାନ,ମୁକେଶ ମଲିକ, ବିଭୂତି ଭୂଷଣ ଦୁର୍ଗ, ରାକେଶ ଭୋଇ, ସୁପ୍ରଭା ଦେହୁରୀ, ମନ୍ଦାକିନୀ ବର୍ଗର୍ତ୍ତୀ, ବନମାଳୀ ମଲିକଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ଏମଇସ୍କୁଲରେ ପ୍ରଧାନ ଶିକ୍ଷକ ମହେନ୍ଦ୍ର ଲୁହାଙ୍କ ତତ୍ତ୍ୱାବଧାନରେ, ଅଙ୍ଗନୱାଡ଼ି କେନ୍ଦ୍ରରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଶିଶୁମନ୍ଦିରରେ ମଧ୍ୟ ପ୍ରଧାନ ଗୁରୁଜୀ ଲିଙ୍ଗରାଜ ସେଠଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ନୂତନ ପରିଚାଳନା କମିଟି ସଭାପତି ନିଳାଚଳ ଭୋଇ, ସଂପାଦକ ରଞ୍ଜିତ ରଣା ଓ ସମସ୍ତ ସଦସ୍ୟଙ୍କୁ ଭବ୍ୟ ସ୍ୱାଗତ କରି ଦାୟିତ୍ୱ ପ୍ରଦାନ କରିଥିଲେ। ସେହିପରି ଆମ୍ବଗାଁ ଜନତା ଉଚ୍ଚ ମାଧମିକ ବିଦ୍ୟାଳୟରେ ଅଧକ୍ଷ ଶୁକଦେବ ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ ହୋଇ ମହାମନିଷଙ୍କ ସ୍ମୃତି ଚାରଣ କରିଥିଲେ।

# ଉତ୍କଳ ଦିବସ ଉପଲକ୍ଷେ ରୋଗୀଙ୍କୁ ଫଳ ବଣ୍ଟନ

ବୋରିଗୁମ୍ମା,(ସବ୍ୟୁ): ପବିତ୍ର ଉତ୍କଳ ଦିବସ ଅବସରରେ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା । ସାମ୍ବାଦିକ ରଞ୍ଜନ କୁମାର ମିଶ୍ର, କୋରାପୁଟ ଜିଲ୍ଲା ବିଜେପି ଉପ ସଭାପତି ରାଜ ସିଂ ପ୍ରମୁଖ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଯାଇ ରୋଗୀ ମାନଙ୍କୁ ଫଳ ବଣ୍ଟନ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଫଳ ବଣ୍ଟନ ସମୟରେ ବୋରି ମେଡ଼ିକାଲ ଡ଼.ଅକ୍ଷୟ କୁମାର କୁଣ୍ଡୁ, ଡ଼.ଦିଲ୍ଲୀପ ନାଥ ଔଷଧ ଭଣ୍ଡାର ଇନଚାର୍ଜ ଗୋଲକ ଚୌଧୁରୀ, ସାମ୍ବାଦିକ ସୀମାଞ୍ଚଳ ମହାରଣା, ଏନ.ପିମ୍ପସ କୁମାର, ତ୍ରିପତି ପଟ୍ଟନାୟକ, ସମ୍ପଦ ଦୋରା, ଅଭିଲାଷ ପଟ୍ଟନାୟକ, ମାନସ ରଥ, ପ୍ରବୀଣ କୁମାର, ଜଗଦୀଶ ପ୍ରମୁଖ ଉପସ୍ଥିତ ଥିଲେ।

**AFFIDAVIT**

By virtue of an affidavit sworn before Notary Public, Jharsuguda, on dated 23.02.2026. I, Sarojini Patel, Aged (35), W/o- Pramod Patel, Resident of At- Chandamal, Po- Dharopani, Dist- Sambalpur, Odisha, Declare that I have changed my name from Purnami Patel to Sarojini Patel. Henceforth, I shall be known as Sarojini Patel for all purposes.

Sarojini Patel

### (ଶ୍ରୀମଭଗବଦ୍ ଗୀତା ୩/୦୧)

**ସାଂଖ୍ୟଯୋଗଃ**

**ଅର୍ଜୁନ ଉବାଚ**

**ଜ୍ୟାୟସୀ ଚେତ୍କର୍ମଣସ୍ତେ ମତା ବୁଦ୍ଧିର୍ଜନାର୍ଦ୍ଦନ ।**
**ତତ୍କିଂ କର୍ମ୍ମଣି ଘୋରେ ମାଂ ନିୟୋଜୟସି କେଶବ ॥ ୧ ॥**

ହେ ଜନାର୍ଦ୍ଦନ ! ହେ କେଶବ ! ଯଦି କର୍ମ ଅପେକ୍ଷା ଜ୍ଞାନଯୋଗ ଶ୍ରେଷ୍ଠ, ଏହାହିଁ ତୁମର ଅଭିମତ, ତେବେ ଏ ହିଂସାତ୍ମକ କର୍ମରେ (ଯୁଦ୍ଧରେ) ମୋତେ କାହିଁକି ଲଗାଉଛ ॥୧॥

# ସେମାନଙ୍କ ଶୁଭେଚ୍ଛା, ଆମ ପାଇଁ ପ୍ରେରଣା

ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ଓଡ଼ିଶା ଦିବସ' ଅବସରରେ ରାଜ୍ୟର ବିଭବପୂର୍ଣ୍ଣ ସାଂସ୍କୃତିକ ପରମ୍ପରାକୁ ସ୍ମରଣ କରିବା ସହିତ ଭାରତର ସ୍ୱାଧୀନତା ସଂଗ୍ରାମକୁ ଓଡ଼ିଶାର ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିଛନ୍ତି ।

ଭାରତର ଉପ-ରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ 'ଓଡ଼ିଶା ଦିବସ'ରେ ଶୁଭେଚ୍ଛା ଜ୍ଞାପନ କରି କହିଛନ୍ତି ଯେ ଓଡ଼ିଶା ସମୃଦ୍ଧ ପଥରେ ଆଗେଇ ଚାଲୁ ଓ ବିକଶିତ ଭାରତ ପ୍ରତି ଧ୍ୟାନ ଦେଇ ତାହାର ସମୃଦ୍ଧି ପାଇଁ ଉଦ୍ୟମ ଜାରି ରଖୁ ।

'ଓଡ଼ିଶା ଦିବସ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି, ସେଥିରେ ସେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା ଏପରି ଏକ ରାଜ୍ୟ ଯାହା ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ମହାନତାର ଏକ ଶାଶ୍ୱତ ପ୍ରତୀକ ରୂପେ ସଗୌରବେ ଦଣ୍ଡାୟମାନ ରହିଛି । ଓଡ଼ିଆ ସଙ୍ଗୀତ, କଳା ଏବଂ ସାହିତ୍ୟ ଭାରତକୁ ବିଭିନ୍ନ ମାର୍ଗରେ ସମୃଦ୍ଧ କରିଛି । ନିଜର ଦୃଢ଼ସଂକଳ୍ପ, ସରଳତା ପାଇଁ ପରିଚିତ ଓଡ଼ିଶାର ଲୋକମାନେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଦେଇଛନ୍ତି । ଓଡ଼ିଶା ଆଗାମୀ ଦିନରେ ପ୍ରଗତିର ନୂଆ ଶିଖର ଛୁଇଁବ ବୋଲି ଆଶା ପ୍ରକାଶ କରଛନ୍ତି । ପ୍ରକୃତରେ ଓଡ଼ିଶା ପ୍ରତି ମୋଦିଜୀଙ୍କ ଶୁଭେଚ୍ଛା ଆମମାନଙ୍କ ପାଇଁ ଖୁବ୍ ପ୍ରେରଣାପ୍ରଦ ବୋଲି ମନେ ହୋଇଥାଏ ।

କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହା ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟ କୃପାରୁ ସାଂସ୍କୃତିକ ବୈଭବ ଓ ଐତିହ୍ୟ ସମ୍ପନ୍ନ ଓଡ଼ିଶା, ଭାରତର ସ୍ୱାଭିମାନ ଭାବେ ଜଣାଶୁଣା । ବିକଶିତ ଭାରତର ଯାତ୍ରାରେ ଓଡ଼ିଶା ପ୍ରଗତି ଏବଂ ସମୃଦ୍ଧିକୁ ଆହୁରି ବଳଶାଳୀ କରୁ ।

ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କର ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ଯେ ସମୁଦ୍ର ଲହରୀରୁ ଶକ୍ତି, କୋଣାର୍କରେ ସୂର୍ଯ୍ୟଙ୍କଠାରୁ ତେଜ ଏବଂ ଶ୍ରୀଜଗନ୍ନାଥଙ୍କଜୀଙ୍କ ଅନନ୍ତ କୃପା ଯୋଗୁଁ ଆଲୋକ ପାଇ ଉତ୍କଳ ଭୂମି ତାହାର ସ୍ଥାପନା ଦିବସ ପାଳନ କରୁଛି । ଶ୍ରୀ ନାଥ ଓଡ଼ିଶାକୁ ତାଙ୍କର ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

ଓଡ଼ିଶା ଦିବସ ଅବସରରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଓଡ଼ିଶାବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇ ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟ କରିବା ପାଇଁ ଓଡ଼ିଶା ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ସେ ନିବେଦନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଓଡ଼ିଶା ଦିବସରେ ଶୁଭକାମନା କରି ଉଲ୍ଲେଖ କରିଛନ୍ତି ଯେ ୨୦୩୬ ମସିହାରେ ଓଡ଼ିଶା ପାଳନ କରିବ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶତବାର୍ଷିକ । ତେଣୁ ଓଡ଼ିଶାକୁ ଆଗାମୀ ଦଶ ବର୍ଷ ମଧ୍ୟରେ ସମୃଦ୍ଧ ଓଡ଼ିଶା ଗଠନ କରିବାକୁ ପରିକଳ୍ପନା କରାଯାଉଛି । ଏହି ପରିକଳ୍ପନା ଅନୁସାରେ ଆଗାମୀ ଦଶ ବର୍ଷରେ ଓଡ଼ିଶାକୁ ପାଞ୍ଚଶହ ବିଲିଅନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି ।

ସେହିପରି 'ଓଡ଼ିଶା ଦିବସ' ଅବସରରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ତାଙ୍କ ବାର୍ତ୍ତାରେ ପବିତ୍ର ଓଡ଼ିଶା ଦିବସ ଅବସରରେ ରାଜ୍ୟ ତଥା ବିଶ୍ୱର କୋଣ ଅନୁକୋଣରେ ରହୁଥିବା ସମସ୍ତ ଓଡ଼ିଆ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ସୁରକ୍ଷା ସହ ଏକ ସ୍ୱତନ୍ତ୍ର ପରିଚିତି ପାଇଁ ତ୍ୟାଗ, ଅଧ୍ୟବସାୟ, ପରିଶ୍ରମ ଓ ସାମର୍ଥ୍ୟ ବିନିଯୋଗ କରିଥିବା ମହାମନୀଷୀମାନଙ୍କ ପ୍ରତି ତାଙ୍କର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଆମର ଆବେଗ, ସ୍ୱପ୍ନ ଓ ସଂକଳ୍ପକୁ ବାସ୍ତବ ରୂପ ଦେବା ସହ ବିକଶିତ ଓଡ଼ିଶା ନିର୍ମାଣରେ ସବୁମତେ ଅଂଶୀଦାର ହେବା ନିମନ୍ତେ ପ୍ରତ୍ୟେକ ଓଡ଼ିଆ ଭାଇଭଉଣୀ ପ୍ରୟାସ ଜାରି ରଖିବେ ବୋଲି ଆଶା ପ୍ରକଟ କରିଛନ୍ତି ।

ଆମ ରାଜ୍ୟ ହେଉଛି କଳା, ସଂସ୍କୃତି, ଭାଷା ଓ ଅଦମ୍ୟ ସାହସର ଏକ ସଂଗମ ସ୍ଥଳ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ 'ଓଡ଼ିଶା ଦିବସ' ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ।

ଭଦ୍ରକ ନେହରୁ ଷ୍ଟାଡିଅମରେ 'ଓଡ଼ିଆ ପକ୍ଷ'ର ପ୍ରଥମ ଉତ୍ସବକୁ ଉଦ୍‌ଘାଟନ କରି ଓଡ଼ିଶା ଦିବସଠାରୁ ଓଡ଼ିଆ ନୂଆବର୍ଷ ଅର୍ଥାତ୍ ଆସନ୍ତା ୧୪ତାରିଖ ଯାଏଁ ଓଡ଼ିଆମାନଙ୍କୁ ସାଂସ୍କୃତିକ ପରମ୍ପରାରେ ବାନ୍ଧି ରଖିବା ପାଇଁ ଗତବର୍ଷଠାରୁ ରାଜ୍ୟ ସରକାର ଆରମ୍ଭ କରିଥିବା ଏହି ପ୍ରୟାସର ସଫଳତା କାମନା କରିଛନ୍ତି ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ।

### ଈଶ୍ୱରଙ୍କ ରୂପକଳ୍ପ

**ଈଶ୍ୱର ବାୟୁ ଭଳି ମୂଳତତ୍ତ୍ୱ, ବାୟୁକୁ ଖାଲି ଆଖିରେ ଦେଖି ହୁଏ ନାହିଁ । କିନ୍ତୁ ବାୟୁରେ ଯେଉଁ ଗନ୍ଧ ମିଶ୍ରଣ କରିବ, ସେ ସେହି ଗନ୍ଧ ବାହକ ହୋଇ ସେହି ଗନ୍ଧରେ ଅନୁଭୂତ ହୁଏ, ଠିକ୍ ସେହିଭଳି ଈଶ୍ୱରଙ୍କୁ ଯେଉଁ ରୂପରେ କଳ୍ପନା କରିବ, ସେହି ରୂପରେ ସେ ପ୍ରତୀୟମାନ ହେବେ ।**

*ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ*

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରବାସ ଝାଡ଼ଖଣ୍ଡରେ ଉତ୍କଳ ଦିବସ



**ବାଦଲ ଭୂୟାଁ**

୧୯୩୬ ଏପ୍ରିଲ ୧ ତାରିଖ ଦିନ ଭାଷାଭିତ୍ତିରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଲା । ଅନେକଙ୍କ ଧାରଣା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସଂପର୍କରେ ସର୍ବପ୍ରଥମେ ଉତ୍କଳଗୌରବ ମଧୁସୂଦନ ଦାସ ଚିନ୍ତା କରିଥିଲେ। ବାସ୍ତବ କଥା ହେଉଛି ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ସଂପର୍କରେ ପ୍ରଥମେ ଦାବି ଉପସ୍ଥାପନ କରିଥିଲେ । ୧୯୨୭ ଫେବୃୟାରୀ ୮ ତାରିଖ ଦିନ ପଣ୍ଡିତ ନୀଳକଣ୍ଠ ପ୍ରସ୍ତାବ ଆକାରରେ ଏହି ଦାବି ପେଶ୍ କରିଥିଲେ । ଅନେକ ଦିନ ନିଜ ପ୍ରସ୍ତାବ ଉପରେ ଅନୁଧ୍ୟାନ କରିବା ସହିତ ସେ ତତ୍କାଳୀନ ବ୍ୟବସ୍ଥାସଭା ଏବଂ ବିଭିନ୍ନ ଫୋରମ୍‌ରେ ସ୍ୱଭାବ ସୁଲଭ ଢ଼ଙ୍ଗରେ ଅକାଟ୍ୟ ଯୁକ୍ତି ଉପସ୍ଥାପନ କଲେ । ପରବର୍ଷ ୭ଜଣ ବ୍ରିଟିଶ ସାଂସଦକୁ ନେଇ ଗଠିତ ଭାରତୀୟ ସାମ୍ବିଧାନିକ ଆୟୋଗ ଭାରତ ଗସ୍ତରେ ଆସିଥିଲେ । ଏହି ଆୟୋଗର ଅଧ୍ୟକ୍ଷ ଥିଲେ ସାର୍ ଜନ୍ ସାଇମନ୍ । ତାଙ୍କ ନାମାନୁସାରେ ଏହାକୁ ସାଇମନ କମିଶନ କୁହାଯାଏ । ସାଇମନ କମିଶନରେ ବ୍ରିଟେନର ଭାବୀ ପ୍ରଧାନମନ୍ତ୍ରୀ କ୍ଲିମେଣ୍ଟ୍ ଅଟ୍ଟଲୀ ମଧ୍ୟ ସଦସ୍ୟ ଥିଲେ ।

ଭାରତରେ ଶାସନ ସଂସ୍କାର ଅନୁଧ୍ୟାନ କରିବା ପାଇଁ ୧୯୨୭ ନଭେମ୍ବରରେ ବ୍ରିଟିଶ ସରକାର ସାଇମନ କମିଶନ ଗଠନ କରିଥିଲେ । ୧୯୨୮ ଫେବୃଆରୀ ୩ରେ କମିଶନ ବମ୍ବେରେ ପହଞ୍ଚିବା କ୍ଷଣି ଆରମ୍ଭ ହୋଇଥିଲା ବିକ୍ଷୋଭ। ଅବିଳମ୍ବେ ସାରା ଦେଶରେ ହରତାଳ ପାଳିତ ହେଲା । ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଲା । ସାରା ଦେଶ ସାଇମନ କମିଶନକୁ ବିରୋଧ କରୁଥିବା ବେଳେ ମଧୁସୂଦନ ଦାସଙ୍କ ନିର୍ଦ୍ଦେଶକ କ୍ରମେ ଅଳ୍ପ କେତେକ ଓଡ଼ିଆ ପାଟନା ରେଳ ଷ୍ଟେସନରେ ସାଇମନ କମିଶନକୁ ସ୍ୱାଗତ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଏକ ସ୍ମାରକ ପତ୍ର ଦେଇଥିଲେ । କମିଶନ ବ୍ରିଟେନ ଫେରିଯିବା ପରେ ୧୯୨୯ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରସ୍ତାବ ଭାରତ ସରକାରଙ୍କ କ୍ୟାବିନେଟରେ ଆଲୋଚନା ପାଇଁ ଗୃହୀତ ହେଲା । ୧୯୩୧ରେ ଗଢାଗଲା ଓଡ଼ନେଲ କମିଟି । କମିଟିଙ୍କ ସମକ୍ଷରେ ପଣ୍ଡିତ ନୀଳକଣ୍ଠ ଗୋଟିଏ ଦୀର୍ଘ ସ୍ମାରକ ପତ୍ର ଉପସ୍ଥାପନ କରିଥିଲେ । ସେତେବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ବିରୋଧ କରିଥିଲେ ବିହାରର କଂଗ୍ରେସ ନେତା ଡକ୍ଟର ରାଜେନ୍ଦ୍ର ପ୍ରସାଦ ଯେ ଦେଶ ସ୍ୱାଧୀନ ହେବା ପରେ ରାଷ୍ଟ୍ରପତି ହୋଇଥିଲେ । ଓଡ଼ନେଲ କମିଟିଙ୍କ ରିପୋର୍ଟ ଭିତ୍ତିରେ, ପୁରୀ, କଟକ, ଗଞ୍ଜାମ, ବାଲେଶ୍ୱର, ସମ୍ବଲପୁର ଓ କୋରାପୁଟ ଏହି ୬ଟି ଅଞ୍ଚଳକୁ ନେଇ ଓଡ଼ିଶା ପ୍ରଦେଶ ଗଠନ ହେବ ବୋଲି ତତ୍କାଳୀନ ଇଂରେଜ ସରକାର ନିଷ୍ପତ୍ତି ନେଲେ । ସେହି ନିଷ୍ପତ୍ତି ୧୯୩୬ ଏପ୍ରିଲ ୧ରେ କାର୍ଯ୍ୟକାରୀ ହେଲା ।

ରାଜ୍ୟର ପ୍ରଥମ ରାଜ୍ୟପାଳ ରୂପେ ଶପଥ ନେଲେ ସାର୍ ଅଷ୍ଟିନ୍ ହବାକ୍ । ଫଳତଃ ଓଡ଼ିଶାର ସ୍କୁଲମାନଙ୍କରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ପାଇଲେ । ଶାସନ କ୍ଷେତ୍ରରେ ମଧ୍ୟ ଶିକ୍ଷିତ ଓଡ଼ିଆମାନଙ୍କୁ ନିଯୁକ୍ତି ମିଳିଲା । ବର୍ତ୍ତମାନର ଓଡ଼ିଆମାନେ ହୁଏତ ବିଶ୍ୱାସ କରିବେ ନାହିଁ ଯେ ୧୯୨୦ ମସିହା ପର୍ଯ୍ୟନ୍ତ ଓଡ଼ିଶାର ହାଇସ୍କୁଲଗୁଡ଼ିକରେ ମୁଖ୍ୟତଃ ବଙ୍ଗୀୟ ଶିକ୍ଷକଙ୍କୁ ନିଯୁକ୍ତି ମିଳୁଥିଲା । କୋର୍ଟ କଚେରୀଗୁଡ଼ିକରେ ଓକିଲାମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ବଙ୍ଗାଳୀ। ସେତେବେଳେ ଓଡ଼ିଆମାନଙ୍କ ବିରୋଧରେ ଯେଉଁ ଚକ୍ରାନ୍ତ ଚାଲିଥିଲା ରାଜେନ୍ଦ୍ର ପ୍ରସାଦ ଥିଲେ ତାହାର ପୁରୋଭାଗରେ । ହିନ୍ଦୀ ଭାଷୀମାନେ ସମ୍ବଲପୁରରେ ହିନ୍ଦୀ ଏବଂ ବଙ୍ଗୀୟମାନେ ଓଡ଼ିଶାର ଅବଶିଷ୍ଟ ଇଲାକାରେ ବଙ୍ଗଳା ପ୍ରଚଳନ ପାଇଁ ଷଡ଼ଯନ୍ତ୍ର କରିଥିଲେ । ଏମାନଙ୍କ ଚକ୍ରାନ୍ତକୁ ପଣ୍ଡ କରିଥିବା ପ୍ରାତଃ ସ୍ମରଣୀୟ ବ୍ୟକ୍ତିମାନଙ୍କ ମଧ୍ୟରେ ନୀଳକଣ୍ଠ ଦାସ, ମଧୁସୂଦନ ଦାସ, ଫକୀରମୋହନ ସେନାପତି, ଗୋପବନ୍ଧୁ ଦାସ, ଗଙ୍ଗାଧର ମେହେର, କୃଷ୍ଣଚନ୍ଦ୍ର ଗଜପତି, ବାସୁଦେବ ସୁଢ଼ଳ ଦେବ ପ୍ରମୁଖ । ଏମାନେ ପ୍ରଗାଢ଼ ଉଦ୍ୟମ ଜାରି ରଖି ନଥିଲେ ହୁଏତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବିଳମ୍ବିତ ହୋଇଥାନ୍ତା ।

ଓଡ଼ିଆ ଭାଷା ହେଉଛି ଆମ ପ୍ରାଣ, ଆମ ମନ ଏବଂ ଆମ ଆତ୍ମାର ଭାଷା। ଓଡ଼ିଆ ଭାଷା ପ୍ରତି ପ୍ରତିଟି ଓଡ଼ିଆଙ୍କର ଯେଉଁପରି ଆଦର ଓ ଆତ୍ମୀୟତା ତାହା ଅନ୍ୟ ଭାଷା ପ୍ରତି କଦାପି ହୋଇପାରିବ ନାହିଁ । 'ଉତ୍କଳ ଦିବସ' ଆସିଗଲେ ଦେହ ଭିତରେ ଏକ ପ୍ରକାର ଉଲ୍ଲାସ ଭରି ଯାଏ । ସବୁ ବର୍ଷ ପରି ଏ ବର୍ଷ ମଧ୍ୟ ଆସିଯାଇଛି ଉତ୍କଳ ଦିବସ । ଉତ୍କଳ ଦିବସ ଆସିଲେ ଏଠାକାର ଓଡ଼ିଆଏ ଉତ୍କଳ ଆସୋସିଏସନ ମୁହାଁ ହୁଅନ୍ତି । ଏଠାକାର ସାକଚୀ, ସିଦ୍ଧଗୋଡ଼ା, ବାରିଡିହ, ସୋନାରୀ, କଦମା, ବିଷ୍ଟୁପୁର, ମାନଗୋ, ଆଦିତ୍ୟପୁର ଅଞ୍ଚଳର ଲୋକ ଏ ନେଇ ନାନା ସାଂସ୍କୃତିକ କାର୍ଯ୍ୟକ୍ରମ, ଅତିଥି, ଖାଦ୍ୟପେୟ, କାହା କାହାକୁ ସମ୍ମାନିତ କରାହେବ ଏ ନେଇ ନାନାଦି ପ୍ରସ୍ତୁତିରେ ଥାଆନ୍ତି ।

**ଓଡ଼ିଆ ଭାଷା ହେଉଛି ଆମ ପ୍ରାଣ, ଆମ ମନ ଏବଂ ଆମ ଆତ୍ମାର ଭାଷା। ଓଡ଼ିଆ ଭାଷା ପ୍ରତି ପ୍ରତିଟି ଓଡ଼ିଆଙ୍କର ଯେଉଁପରି ଆଦର ଓ ଆତ୍ମୀୟତା ତାହା ଅନ୍ୟ ଭାଷା ପ୍ରତି କଦାପି ହୋଇପାରିବ ନାହିଁ । 'ଉତ୍କଳ ଦିବସ' ଆସିଗଲେ ଦେହ ଭିତରେ ଏକ ପ୍ରକାର ଉଲ୍ଲାସ ଭରି ଯାଏ । ସବୁ ବର୍ଷ ପରି ଏ ବର୍ଷ ମଧ୍ୟ ଆସିଯାଇଛି ଉତ୍କଳ ଦିବସ । ଉତ୍କଳ ଦିବସ ଆସିଲେ ଏଠାକାର ଓଡ଼ିଆଏ ଉତ୍କଳ ଆସୋସିଏସନ ମୁହାଁ ହୁଅନ୍ତି । ଏଠାକାର ସାକଚୀ, ସିଦ୍ଧଗୋଡ଼ା, ବାରିଡିହ, ସୋନାରୀ, କଦମା, ବିଷ୍ଟୁପୁର, ମାନଗୋ, ଆଦିତ୍ୟପୁର ଅଞ୍ଚଳର ଲୋକ ଏ ନେଇ ନାନା ସାଂସ୍କୃତିକ କାର୍ଯ୍ୟକ୍ରମ, ଅତିଥି, ଖାଦ୍ୟପେୟ, କାହା କାହାକୁ ସମ୍ମାନିତ କରାହେବ ଏ ନେଇ ନାନାଦି ପ୍ରସ୍ତୁତିରେ ଥାଆନ୍ତି ।**

ଚଳିତ ବର୍ଷ ମୁଖ୍ୟ ଅତିଥି ଭାବରେ ୟୁରାନିୟମ କର୍ପୋରେସନ ଅଫ ଇଣ୍ଡିଆ ଯଦୁଗଡ଼ାର ଅର୍ଥ ବିଭାଗର ଡାଇରେକ୍ଟର ବିକ୍ରମ କେଶରୀ ଦାସ ଯୋଗ ଦେଉଛନ୍ତି । ଟ୍ରଷ୍ଟି ମନୋରଞ୍ଜନ ଦାସ ଓ ଡାକ୍ତର ସୀମାଞ୍ଚଳ ରାଉଳ, ସଭାପତି ଡାକ୍ତର ଶ୍ରୀଧର ପ୍ରଧାନ, ଦୁଇ ଉପସଭାପତି ସଞ୍ଜୟ ପାତ୍ର, ବାଦଲ ଭୂୟାଁ, ସମ୍ପାଦକ ତରୁଣ କୁମାର ମହାନ୍ତି, କୋଷାଧ୍ୟକ୍ଷ ମନୀଷ ଦାସ, ସଙ୍ଗୀତା ବେହେରା, ପ୍ରତିଭା ମହାନ୍ତି, ସସ୍ମିତା ପାତ୍ର, ଅଶୋକ ମହାପାତ୍ର, ନିରଞ୍ଜନ ନାୟକ, ମନୋରଞ୍ଜନ ପଶାୟତ, ଜେ.ପି. ଲେଙ୍କା, ମନୋରଞ୍ଜନ ଗୌଡ଼, ବିଜୟ ମିଶ୍ର, ମନୋଜ କୁମାର ସ୍ୱାଇଁ, ବୈଜ୍ଞାନିକ ଡକ୍ଟର ନରେନ୍ଦ୍ର କୁମାର ସେଠୀ, ସୌମେନ୍ଦ୍ର ଭୂୟାଁ, ପ୍ରଶାନ୍ତ ମହାନ୍ତି, ମନୋରମା ମହାପାତ୍ରା, ଗୀତା ଗୌଡ଼, ନିରୂପମା ପୃଷ୍ଟି, ମୀନତି ମହାପାତ୍ର, ସଂଘମିତ୍ରା ନାୟକ, ସ୍ନିଗ୍ଧା ମହାନ୍ତି, ସୁଶୀଳା ଆଚାର୍ଯ୍ୟ, ଜୟଶ୍ରୀ ମହାନ୍ତି, ନିବେଦିତା, ସାଧନା, କୁମୁଦିନୀ, ସୁଜାତା, ପବିତ୍ର, ଅଶୋକ, ବିଭୂତି, କିଶୋର ଆଦି ।

ଓଡ଼ିଶା ସରକାରଙ୍କ ତରଫରୁ ନୃତ୍ୟାଙ୍ଗନା ନୃତ୍ୟ ଦଳ ସମ୍ବଲପୁରୀ ଓ ଓଡ଼ିଶୀ ନୃତ୍ୟ ପରିବେଷଣ ପାଇଁ ଏଠାକୁ ଆସୁଛନ୍ତି। ଆଇନଜୀବୀ ଅବନିଶ ପ୍ରସାଦ ମିଶ୍ର, ସମାଜସେବୀ ଅବିନାଶ ଦାସ, ପର୍ବତାରୋହୀ ଆସ୍ଥାରାଣୀ ଭୂୟାଁ, ଗାୟକ ଡକ୍ଟର ସନାତନ ଦୀପ ଓ ବିଶିଷ୍ଟ ଖେଳୁଆଡ଼ କୁନ୍ଦନ ଗୋପଙ୍କୁ ସମ୍ମାନିତ କରାଯିବ । ବିରଞ୍ଚି ନାରାୟଣ ପରିଡ଼ାଙ୍କ ଦ୍ୱାରା ଗୀତ ଗାୟନର କାର୍ଯ୍ୟକ୍ରମ ରହିଛି ।

ତଥାପି ଦୁଇବର୍ଷ ବାକି ଥାଏ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବାକୁ । ୧୯୩୪ ମସିହାରେ ସାକଚୀ ଠାରେ ଝାଡ଼ଖଣ୍ଡ ପ୍ରଦେଶର ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ ଉତ୍କଳ ଆସୋସିଏସନ ମୁଣ୍ଡ ଟେକିଥିଲା । ସେତେବେଳକାର ସ୍ୱଳ୍ପ ବେତନ ଭୋଗୀ ଓଡ଼ିଆମାନଙ୍କ ସହଯୋଗରେ ଏ ଅନୁଷ୍ଠାନ ଜାମସେଦପୁର ସହରର ହୃଦୟସ୍ଥଳୀ ଠାରେ ଦଣ୍ଡାୟମାନ । ଏଠି ପ୍ରତିବର୍ଷ ଦୁର୍ଗାପୂଜା, ରଜ, ରଥଯାତ୍ରା, ସରସ୍ୱତୀ ପୂଜା, ଉତ୍କଳ ଦିବସ ବିଭିନ୍ନ ମହାପୁରୁଷମାନଙ୍କ ଜୟନ୍ତୀ ଓ ପଣା ସଂକ୍ରାନ୍ତି ଉତ୍ସାହ ଉଦ୍ଦୀପନାର ସହ ପାଳିତ ହୁଏ । ଉତ୍କଳ ଆସୋସିଏସନ ସହିତ ଗୋଲମୁରୀ, ଉତ୍କଳ ସମାଜ, ଶାସ୍ତ୍ରୀ ନଗରର ବାନ୍ଧବ ସମିତି, ବାରିଡ଼ିହର ଆମ ଓଡ଼ିଶା ସଂସ୍ଥା ତରଫରୁ ଉତ୍କଳ ଦିବସ ହର୍ଷୋଲ୍ଲାସର ସହିତ ଲୌହ ନଗରୀ ପାଳନ କରେ ।

ଏହି ଅନୁଷ୍ଠାନକୁ ଅନେକ ଓଡ଼ିଆ ସାହିତ୍ୟିକ, କବି, ଲେଖକ, ସଂଗୀତଜ୍ଞ, ରାଜନେତା ଓ ସାମ୍ବାଦିକ ଆସି ଏ ସଂସ୍ଥାର ମାନ ସମ୍ମାନକୁ ଦ୍ୱିଗୁଣିତ କରିଛନ୍ତି । ପାଖାପାଖି ଦୁଇ ଏକର ଜମିର ପରିଧିରେ ବ୍ୟାପ୍ତ ଉତ୍କଳ ଆସୋସିଏସନର କାୟା । ଏହାରି ଭିତରେ ଅଛି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମନ୍ଦିର । ଗୋପବନ୍ଧୁ ସଦନ ସମ୍ମୁଖରେ ଉତ୍କଳ ଗୌରବ ଓ ଉତ୍କଳମଣି ଗୋପବନ୍ଧୁଙ୍କ ମୂର୍ତ୍ତି । ଦ୍ୱିତୀୟ ମହଲାରେ ସୁଦୃଶ୍ୟ ଲାଇବ୍ରେରୀ । ହତାର ଚାରିପାଖରେ ବଉଳ ବନର ମାୟା, ଗୋଟିଏ ଜାଗାରେ ମହ ମହ କାଠ ଚମ୍ପାଫୁଲର ମାୟା ମଣିଷକୁ ଆନମନା କରେ । ଏମିତି ଏକ ପରିବେଶ ଭିତରେ ଆମ ଉତ୍କଳ ଆସୋସିଏସନର ଅବସ୍ଥିତି ।

ଓଡ଼ିଆଙ୍କ ଭାବଚେତନା, ଭାଷା ଓ ଐତିହ୍ୟକୁ ସୁଦୃଢ଼ କରୁଥିବା ଉତ୍କଳ ଦିବସ ଏବଂ ଓଡ଼ିଶା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ୯୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି । ଏହିପରି ଏକ ପବିତ୍ର ଦିନରେ ମନେ ପଡୁଛି କବି କିଶୋର ଚନ୍ଦ୍ର ଦେବଙ୍କ କବିତାର ଧାଡ଼ିଟି –

***'ଓଡ଼ିଆ ଆମ ମାତୃଭାଷା, ଓଡ଼ିଆ ଆମ ପ୍ରାଣ, ଓଡ଼ିଶା ଦେଶରେ ଜନ୍ମ ଆମର ଓଡ଼ିଆର କରୁ ଟାଣ। ଆସ ଆସ ଭାଇ ମନପ୍ରାଣ ଦେଇ ରଖିବା ଓଡ଼ିଆ ମାନ, କହିବା ଓଡ଼ିଆ, ପଢ଼ିବା ଓଡ଼ିଆ, ଗାଇବା ଓଡ଼ିଆ ଗାନ।'***

**ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର**

# ଚିକିତ୍ସା ଦ୍ୱାରା ଭଲ ହୋଇପାରିବ ଅଟିଜିମ୍



**ନାରାୟଣ ଚନ୍ଦ୍ର ବିଶ୍ୱାଳ**

## ବିଶ୍ୱ ଅଟିଜିମ୍ ସଚେତନତା ଦିବସ ଉପଲକ୍ଷେ

ପ୍ରତିବର୍ଷ ୨ ଏପ୍ରିଲରେ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଥାଏ । ଏହି ଦିନକୁ ଅର୍ନ୍ତଜାତୀୟ ସ୍ତରରେ 'ବିଶ୍ୱ ଅଟିଜିମ ସ୍ୱୀକୃତ ଦିବସ' ଭାବେ ମାନ୍ୟତା ମିଳିଛି । ଯାହାଫଳରେ ସାରା ବିଶ୍ୱବାସୀ ଅଟିଷ୍ଟିକ୍ ଲୋକମାନଙ୍କୁ ଗ୍ରହଣ କରିବା ସହଜ ହେବ । ପ୍ରଥମେ ସଂଯୁକ୍ତରାଷ୍ଟ୍ର ସାଧାରଣ ପରିଷଦ ପକ୍ଷରୁ ଏହି ଦିବସ ପାଳନର ଯୋଜନା କରାଯାଇଥିଲା । ୧ ନଭେମ୍ବର, ୨୦୦୭ରେ ପରିଷଦର 'ୱାର୍ଲ୍ଡ ଅଟିଜିମ୍ ସ୍ୱୀକୃତ ଦିବସ' ପ୍ରସ୍ତାବ ପାରିତ ହୋଇ ୧୮ ଡିସେମ୍ବର, ୨୦୦୭ରେ ଗୃହୀତ ହୋଇଥିଲା । ଏହି ପ୍ରସ୍ତାବ ପ୍ରଥମେ ସଂଯୁକ୍ତରାଷ୍ଟ୍ରର କାତାର ପ୍ରତିନିଧି ଦ୍ୱାରା ଦିଆଯାଇଥିଲା । ୨ ଏପ୍ରିଲ, ୨୦୦୮ରେ ପ୍ରଥମଥର ପାଇଁ ବିଶ୍ୱ ଅଟିଷ୍ଟିକ୍ ସ୍ୱୀକୃତ ଦିବସ ପାଳନ ପାଇଁ ସଂଯୁକ୍ତରାଷ୍ଟ୍ର ପକ୍ଷରୁ ବାଧ୍ୟତାମୂଳକ କରାଗଲା ।

ଅଟିଜିମ୍ ହେଉଛି ଏମିତି ଏକ ମାନସିକ ସ୍ଥିତି, ଯାହା ଜନ୍ମବେଳୁ ଆରମ୍ଭ ହୋଇଥାଏ । ଏହାଦ୍ୱାରା ଅନ୍ୟମାନଙ୍କ ସହ କଥାବାର୍ତ୍ତା କରିବା, ସାମାଜିକ ସମ୍ପର୍କ, ସାଧାରଣ ବ୍ୟବହାର ଆଦି କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ ।

ସୋନୁ, ଡାକ ନାଁ କିନ୍ତୁ ସୁନା । ପିଲାଟି ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼େ । ପିଲାଟି ଦେଖିବାକୁ ରାଜକୁମାର ପରି ଚେହେରା । ତା'ର ବାପ ମାଆ ବେଶ ସମ୍ଭ୍ରାନ୍ତ ଆଉ ନିଜ ନିଜ ବୃତ୍ତିଗତ କ୍ଷେତ୍ରରେ ପ୍ରତିଷ୍ଠିତ । ଗୋଟିଏ ବୋଲି ପିଲାକୁ ବେଶ ଗେଲ ଆଦାରରେ ବଢ଼ାଇଥିଲେ ବି ପିଲାଟି କିନ୍ତୁ କିଛି ନା ବୁଝିଥାଏ ନା କହିବାକୁ ସମସ୍ତଙ୍କ ପରି ସକ୍ଷମ ହୋଇଥାଏ ! ତା ବାପାମାଆ, ଜଣେ ଭଲ ପ୍ରଶିକ୍ଷିତ। ଓ ଜ୍ଞାନଗାରିମାରେ ପରିପୂର୍ଣ୍ଣ ଶିକ୍ଷାବିତ୍‌ଙ୍କ ସାହାଯ୍ୟ ନିଅନ୍ତି । ଆଶ୍ଚର୍ଯ୍ୟକର କଥା ସେ ଶିକ୍ଷାବିତ୍‌ଙ୍କ ପାଠପଢ଼ାର ଆକଟ ନୁହେଁ ବରଂ ସ୍ନେହ, ଭଲପାଇବା, ମମତାର ବନ୍ଧନୀ ଭିତରେ ବୁଝିବାକୁ ଚେଷ୍ଟା କରିଥାଏ ସମାଜର ଅଙ୍କାବଙ୍କା ଚିତ୍ର ଚରିତ୍ରମାନଙ୍କୁ । ଶିକ୍ଷାବିତ୍ ଜଣକ ଅକ୍ଳାନ୍ତ ପରିଶ୍ରମ କରି ତା' ଜୀବନର ମାନଚିତ୍ରକୁ ବଦଳାଇବାର କିଛିଟା ସକ୍ଷମ ହୋଇଛନ୍ତି ।

ପିତାମାତା ଓ ପରିବାର ବେଶ କୃତଜ୍ଞ ରୁହନ୍ତି ସେହି ଶିକ୍ଷାବିତ୍‌ଙ୍କ ପାଖରେ । ଇଏ କେବଳ ଆମ ଚରିତ୍ରର ସୋନୁର କଥା ନୁହେଁ । ଏପରି ଅଗଣିତ ପିଲାମାନେ ଆମ ସମାଜରେ ରହିଛନ୍ତି । କେତେକ ପିତାମାତା ଧୈର୍ଯ୍ୟର ସହ ପରିସ୍ଥିତିକୁ ସମ୍ମୁଖୀନ ହୁଅନ୍ତି କିନ୍ତୁ ଆଉ କେତେକଙ୍କର ଧୈର୍ଯ୍ୟଚ୍ୟୁତ ହୋଇଯାଇଥାଏ । କେତେବର୍ଷ ତଳେ ବିଶିଷ୍ଟ ଅଭିନେତା ପ୍ରଯୋଜକ ଅମୀର ଖାନ୍‌ଙ୍କ ଏହି ଅଟିଜମ୍ ପିଲାଙ୍କୁ ନେଇ ଚଳଚ୍ଚିତ୍ର 'ତାରେ ଜମିନ୍ ପର' ବେଶ ଲୋକପ୍ରିୟ ହୋଇଥିଲା । ଘରେ ଘରେ ପିଲାମାନଙ୍କ ସ୍କୁଲରେ ଆଉ ଶୈଖିକ ପରିବେଶ ଭିତରେ ଏହି ଚିତ୍ରଟି ଖୁବ୍ ମର୍ମସ୍ପର୍ଶୀ ଥିଲା ।

ବାସ୍ତବରେ ଅଟିଜମ୍ ହେଉଛି ଏକ ମାନସିକ ବିକୃତି, ଯାହାକି ଶିଶୁ ଠାରେ ୧.୬ରୁ ୨ ବର୍ଷ ବୟସ ମଧ୍ୟରେ ଦେଖାଯାଇଥାଏ । ଏହା ଦ୍ୱାରା କଥା କହିବା, ବୁଝିବା ଓ ଅନ୍ୟ ସହ ଭାଷାର ବ୍ୟବହାର କରି ସାମାଜିକ ସମ୍ପର୍କ ସ୍ଥାପନ କରିବାରେ କଷ୍ଟ ହୋଇଥାଏ । ପ୍ରାକୃତିକ ଖାଦ୍ୟର ଅଭାବ ଓ ଅନିୟମିତ ଖାଦ୍ୟ ଗ୍ରହଣ, ବଂଶଗତ ଦୋଷ, ବାପା-ମାଆଙ୍କ ସ୍ନେହ ଶ୍ରଦ୍ଧାର ଅଭାବର ତଥା ଅନ୍ୟାନ୍ୟ କାରଣରୁ ଶିଶୁଙ୍କଠାରେ ଏହା ଦେଖା ଯାଇଥାଏ । ଏହା ଆରୋଗ୍ୟସାଧ । ମା'ବାପାଙ୍କ ମୃତ୍ୟୁ ପରେ ଏହି ଶିଶୁମାନଙ୍କ ଦାୟିତ୍ୱ ନେବା ପାଇଁ ଅନେକ ପ୍ରକାର ସମସ୍ୟା ଉପୁଜିଥିବାରୁ ଅନେକ ମା'ବାପା ଏବେ ଚିନ୍ତାରେ ପଡ଼ି ଯାଇଛନ୍ତି ।

ଉଚିତ ସମୟରେ ସଠିକ୍ ଭାବେ ଚିକିତ୍ସା କଲେ ଏହା ଆରୋଗ୍ୟସାଧ ହୋଇପାରିବ ଏବଂ ଏଥିପାଇଁ ବ୍ୟାପକ ସଚେତନତା ଲୋଡ଼ା ବୋଲି ଚିକିତ୍ସକମାନେ ମତ ଦିଅନ୍ତି । ସେମାନଙ୍କ ସୂଚନା ଅନୁଯାୟୀ ଏହି ମାନସିକ ବିକୃତି ଦେଖାଯିବା ପରେ ଅନେକ ଏହା ଭଲ ହେବ ନାହିଁ ବୋଲି ଭାବି ନିଅନ୍ତି । ଫଳରେ ଚିକିତ୍ସା ଅଭାବରୁ ଏହା ବଢ଼ିବା ସହ ଆରୋଗ୍ୟ ହେବାର ସମ୍ଭାବନା କମିଯାଏ ।

ଅଟିଜମ୍‌ର ଲକ୍ଷଣ ହେଉଛି ଶିଶୁଟି ନିଜ ଦୁନିଆ ଭିତରେ ରହିବାକୁ ଚେଷ୍ଟା କରେ । ସାଙ୍ଗସାଥୀମାନଙ୍କ ସହ ଖେଳ ବୁଲ ନକରି ଏକା ରହିବାକୁ ଚାହିଁଥାଏ । କୌଣସି ଖେଳଣା ପସନ୍ଦ ହୋଇଗଲେ ବେଶି ସମୟ ସେହି ଖେଳଣା ସହ କାଟିବାକୁ ପସନ୍ଦ କରେ । ବିଶେଷ ଭାବାବେଗ ଶିଶୁଠାରେ ଦେଖାଯାଏ ନାହିଁ । ଦୁଃଖରେ କାନ୍ଦିବା କିମ୍ବା ସୁଖରେ ହସିବା ଭଳି ପରିପ୍ରକାଶ କରେ ନାହିଁ । ପ୍ରଥମରୁ ଚିକିତ୍ସା କଲେ ଏହା ଭଲ ହୋଇପାରିବ ନିଶ୍ଚୟ ।

**ଅଟିଜିମ୍‌ର ଲକ୍ଷଣ ହେଉଛି ଶିଶୁଟି ନିଜ ଦୁନିଆ ଭିତରେ ରହିବାକୁ ଚେଷ୍ଟା କରେ । ସାଙ୍ଗସାଥୀମାନଙ୍କ ସହ ଖେଳ ବୁଲ ନକରି ଏକା ରହିବାକୁ ଚାହିଁଥାଏ । କୌଣସି ଖେଳଣା ପସନ୍ଦ ହୋଇଗଲେ ବେଶି ସମୟ ସେହି ଖେଳଣା ସହ କାଟିବାକୁ ପସନ୍ଦ କରେ । ବିଶେଷ ଭାବାବେଗ ଶିଶୁଠାରେ ଦେଖାଯାଏ ନାହିଁ । ଦୁଃଖରେ କାନ୍ଦିବା କିମ୍ବା ସୁଖରେ ହସିବା ଭଳି ପରିପ୍ରକାଶ କରେ ନାହିଁ । ପ୍ରଥମରୁ ଚିକିତ୍ସା କଲେ ଏହା ଭଲ ହୋଇପାରିବ ନିଶ୍ଚୟ ।**

ବ୍ୟକ୍ତିଗତ ଜୀବନରେ ଜଣେ ସ୍ପିଚ ଥେରାପିଷ୍ଟ ହିସାବରେ ଏବଂ ଜଣେ ସାମାଜିକ କର୍ମୀ ହିସାବରେ ସମାଜ ସେବା ସଙ୍ଗଠନରେ ଜଡ଼ିତ ରହୁଥିବାରୁ ଏହି ଲେଖକ ଏହିପରି ପିଲାଙ୍କ ସଂସ୍ପର୍ଶରେ ଆସିଛନ୍ତି । ଦେଖିଛି ସେମାନେ ଆମ୍ଭମାନଙ୍କ ଠାରୁ ଟିକିଏ ମମତା ଆଉ ଭଲପାଇବା ପାଇଁ ଭାରି ବ୍ୟାକୁଳିତ ।

ପ୍ରତିବର୍ଷ ଅପ୍ରେଲ ୨କୁ ବିଶ୍ୱ ଅଟିଜିମ୍ ଦିବସ ଭାବରେ ଗ୍ରହଣ କରାଯାଇ ବିଭିନ୍ନ ସଚେନତା କାର୍ଯ୍ୟକ୍ରମ କରାଯାଇଥାଏ । 'ଇଣ୍ଡିଆନ ଜର୍ଣ୍ଣାଲ ଅଫ୍ ପେଡିଆଟ୍ରିକ୍ସ' ଅନୁଯାୟୀ ଭାରତରେ ପ୍ରାୟ ୩ ପ୍ରତିଶତ ଲୋକ ଏହି ମସ୍ତିଷ୍କ ବିକୃତିର ଶିକାର ହୋଇଛନ୍ତି । ଏହାଛଡ଼ା ପୁଅମାନେ ଏଥିରେ ଅଧିକ ଆକ୍ରାନ୍ତ ହୋଇଥାନ୍ତି । ପୁଅ ଓ ଝିଅଙ୍କ ଅନୁପାତ ହେଉଛି ୩:୧ । ଏହାର ନିରାକରଣ କରା ନଗଲେ ଭବିଷ୍ୟତରେ ଏହି ସଂଖ୍ୟା ଦେଶ ପ୍ରତି ଜଟିଳ ସମସ୍ୟା ସୃଷ୍ଟି କରିପାରେ । ତେଣୁ ଏବେଠାରୁ ଏଥିପ୍ରତି ଆମେମାନେ ସଚେତନ ହେବା ଦରକାର ।

ଅଟିଜମ୍ ନିରାକରଣ ପାଇଁ ନୀଳ ରଙ୍ଗକୁ ଏହାର ପ୍ରତୀକ ଭାବେ ବ୍ୟବହାର କରାଯାଉଥିବାରୁ ନୀଳ ରଙ୍ଗକୁ ବ୍ୟବହାର କରାଯାଇ ବିଭିନ୍ନ ସ୍ଲୋଗାନ ମାନ ଲେଖା ଯାଇଥାଏ । ସଚେତନତା ସୃଷ୍ଟି କରିବା ପାଇଁ ରାଜ୍ୟର ବିଭିନ୍ନ ବଡ଼ ବଡ଼ ସହରରେ ରେଡ଼କ୍ରସ ଭବନ ଓ ଷ୍ଟେଟ ବ୍ୟାଙ୍କ ସମେତ କେତେକ କୋଠାକୁ ନୀଳ ରଙ୍ଗର ଆଲୋକରେ ସଜା ଯାଇଥାଏ । ଅଟିଜିମ୍ ପିଲାମାନଙ୍କୁ ନେଇ ଆଦୌ ପରିହାସ କରିବା ଅନୁଚିତ । ଏପରି କ୍ଷେତ୍ରରେ ବାକଶ୍ରବଣ ବିଶେଷଜ୍ଞଙ୍କ ପରାମର୍ଶ ନବା ଆବଶ୍ୟକ । ଭଗବାନଙ୍କ ଉପରେ ବିଶ୍ୱାସ ରଖିବା ସହ ସବୁବେଳେ ପିଲାଟିର ଚର୍ତୁପାର୍ଶ୍ୱରେ ତାକୁ ଭଲପାଇବାର ଏବଂ ବଞ୍ଚାଇବାର ମହକ ବାଣ୍ଟି ଦିଅନ୍ତୁ । ଦେଖିବେ ସବୁକିଛି ଠିକ୍ ହୋଇଯିବ । ଭଗବାନଙ୍କ ବରଦାନ ତ ଏହି ନିଃଷ୍କପଟ ଶିଶୁ । ତାଙ୍କ ଉପରେ ବିଶ୍ୱାସ ରଖି ପିଲାଟି ଭିତରେ ନିଜର ପିଲାବେଳକୁ ଖୋଜନ୍ତୁ । ନିଶ୍ଚିନ୍ତ ଭାବରେ ତା'ଭିତରର ସୁରଭି ବିକଶିତ ହୋଇ ଏକ ପ୍ରସ୍ଫୁଟିତ ଗୋଲାପ ପାଲଟିଯିବ ।

**ବାକ୍‌ଶ୍ରବଣ ବିଶେଷଜ୍ଞ 'ଧ୍ୱନୀ', ମେଟ୍ରୋପ୍ଲାଜା, କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ, ମୋ- ୯୪୩୮୨୭୬୭୬୦**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅସ୍ମିତା...

ମାଲ୍ୟାର୍ପଣ କରି, ଗୋପବନ୍ଧୁ ସଂଗ୍ରହାଳୟ ପରିଦର୍ଶନ କରିଥିଲେ । ଏହାପରେ ସାକ୍ଷୀଗୋପାଳର ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇଥିଲେ ।

ସାଧାରଣସଭାରେ ମୁଖ୍ୟମନ୍ତ୍ରୀ ଯୋଗ ଦେଇ କହିଥିଲେ ଯେ ଓ ଜାତିକୁ ଆଉ କେହି ଅଟକାଇ ପାରିବେ ନାହିଁ । ସବୁ କ୍ଷେତ୍ରରେ ପୂର୍ଣ୍ଣ ସାମର୍ଥ୍ୟ ହାସଲ କରି ଓ ଜାତି ଏକ ସମୃଦ୍ଧ ରାଜ୍ୟ ଭାବରେ ଦେଶର ଏକ ଗ୍ରୋଥ ଇଞ୍ଜିନ ହୋଇ ବିଶ୍ୱ ପଟଳରେ ଭାରତର ମର୍ଯ୍ୟାଦାକୁ ବୃଦ୍ଧି କରିବ । ସାଧାରଣ ଦିଶୁଥିବା ଏକ ସ୍ଥାନରେ ଜନ୍ମହୋଇ, ସବୁ ସାଧାରଣ ସାମଗ୍ରୀ ବ୍ୟବହାର କରି, ନିଜର କର୍ମବଳରେ ଜଣେ ବ୍ୟକ୍ତି କିପରି ଇଶ୍ୱରତୁଲ୍ୟ ହୋଇପାରେ କହି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପଣ୍ଡିତ ଗୋପବନ୍ଧୁଙ୍କୁ ସମଗ୍ର ଭାରତବର୍ଷ ପାଇଁ ଏକ ଉଦାହରଣ ବୋଲି କହିବା ସହିତ ଗୋପବନ୍ଧୁଙ୍କ ଦୁଃଖ, କଷ୍ଟ ଓ ତ୍ୟାଗ ଆଜି ଓଡ଼ିଆ ଜାତିର ଭାଗ୍ୟକୁ ବଦଳାଇ ଦେଇଛି ବୋଲି କହିଥିଲେ ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପଣ୍ଡିତ ଗୋପବନ୍ଧୁଙ୍କ ଅମ୍ଳାନ ସ୍ମୃତିକୁ ଆହୁରି ଦୀପ୍ତିମାନ କରିବା ପାଇଁ ତାଙ୍କ ପୀଠର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ଏହି ଅବସରରେ ସତ୍ୟବାଦୀ ମହୋତ୍ସବ ସମୟରେ ସେ କରିଥିବା ଘୋଷଣା ବିଷୟରେ ମୁଖ୍ୟମନ୍ତ୍ରୀ ଦୋହରାଇଥିଲେ ।

ସତ୍ୟବାଦୀ ବନ ବିଦ୍ୟାଳୟ ଓ ସମଗ୍ର ଅଞ୍ଚଳର ବିକାଶ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ଏଥିପାଇଁ ରାଜ୍ୟ ସରକାର ୫୮୫ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରିବେ । ଏହା ଖୁବ ଶୀଘ୍ର ଆରମ୍ଭ ହେବ । ଐତିହାସିକ ବକୁଳବନର ପୁନରୁଦ୍ଧାର ଓ ବିକାଶ ପାଇଁ ପ୍ରାୟ ୯୦ କୋଟି ଟଙ୍କା ବିନିଯୋଗ କରାଯିବ । ଏହାକୁ ଏକ ସାଂସ୍କୃତିକ, ଆଧ୍ୟାତ୍ମିକ ଓ ଶିକ୍ଷା କେନ୍ଦ୍ରରେ ପରିଣତ କରାଯାଇ ଏହାର ଐତିହାସିକ ପରିଚୟକୁ ସୁରକ୍ଷିତ କରାଯିବ । ଏହା ସହିତ ୪୯୫ କୋଟି ଟଙ୍କାରେ ସତ୍ୟବାଦୀ ଅଞ୍ଚଳର ପୁନର୍ବିକାଶ କରାଯିବ । ଏଠାରେ ହେରିଟେଜ କରିଡର ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସେ କହିଥିଲେ ଯେ ଆମ ସରକାର ଓ ଅସ୍ମିତାର ସୁରକ୍ଷା ଓ ପ୍ରସାର ପାଇଁ ସମ୍ପୂର୍ଣ୍ଣଭାବେ ପ୍ରତିବଦ୍ଧ । ଗୋଟିଏ ଜାତିର ଉତ୍ଥାନର ମୂଳଶକ୍ତି ହେଉଛି ତା'ର ଅସ୍ମିତା । ଅସ୍ମିତା ବିନା ଗୋଟିଏ ଜାତି ଆତ୍ମା ବିହୀନ ମେସିନ ପରି । ତେଣୁ, ଅର୍ଥନୈତିକ ବିକାଶ ସହିତ ଆମ ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ଆମର ପ୍ରାଥମିକତା । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓ ଜାତିର ପରମ ଆରାଧ୍ୟ । ଜଗନ୍ନାଥଙ୍କ ଭକ୍ତିରେ ହିଁ ଓ ଜାତିର ଶାନ୍ତି । ତାଙ୍କ ଆଶୀର୍ବାଦରେ ଓ ଆଜି ୯୦ଟି ଗୌରବମୟ ବର୍ଷ ଅତିକ୍ରମ କରି ବର୍ତ୍ତମାନରେ ପହଞ୍ଚିଛି । ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ର ଓ ପୁରୀ ସହରର ବିକାଶ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ।

ମହାପ୍ରଭୁଙ୍କ ମହିମାର ପ୍ରସାର ପାଇଁ ପୁରୀଠାରେ ଏକ ହଜାର କୋଟି ଟଙ୍କା ବ୍ୟୟରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ପ୍ରତିଷ୍ଠା କରାଯିବା ସହିତ ଗୁଣ୍ଡିଚା ମନ୍ଦିର, ଏମାର ମଠ ଓ ରଘୁନନ୍ଦନ ଲାଇବ୍ରେରୀ ଭଳି ଐତିହାସିକ ଓ ଆଧ୍ୟାତ୍ମିକ ପୀଠର ଗୌରବର ପୁନଃଉଦ୍ଧାର କରାଯିବ । ପୁରୀକୁ ଅତ୍ୟାଧୁନିକ ପର୍ଯ୍ୟଟନସ୍ଥଳରେ ପରିଣତ କରିବା ପାଇଁ ଆମ ସରକାର ୧୫୦୦ ଏକର ପରିମିତ ଅଞ୍ଚଳରେ ଶାମୁକା ପ୍ରକଳ୍ପ କାର୍ଯ୍ୟକାରୀ କରିବେ । ଏହି ପ୍ରକଳ୍ପ ନୈସର୍ଗିକ ବେଳାଭୂମି ଓ ଅତ୍ୟାଧୁନିକ ଭିତ୍ତିଭୂମିର ସମନ୍ୱୟରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ ହେବ ବୋଲି ସେ କହିଥିଲେ ।

ସେ କହିଥିଲେ ଯେ ପୁରୀ ଠାରେ ଏକ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର ପ୍ରତିଷ୍ଠା କରାଯିବ । ପୁରୀରେ କ୍ରୁଜ ଟର୍ମିନାଲ ପ୍ରତିଷ୍ଠା ପାଇଁ ମଧ୍ୟ ଆମେ ପଦକ୍ଷେପ ନେଇଛୁ । ଏହା ସହିତ ଆମର ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଚିଲିକାର ପୁନରୁଦ୍ଧାର କରାଯାଇ ଏହାକୁ ମଧ୍ୟ ବିଶ୍ୱସ୍ତରୀୟ ଇକୋଟୁରିଜିମ ହବରେ ପରିଣତ କରାଯିବ । ପୁରୀରେ ଏୟାରପୋର୍ଟ ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଜାରି ରହିଛି । ଭୁବନେଶ୍ୱରରୁ ପୁରୀ ଏନଏଚ୍ର ପ୍ରଶସ୍ତିକରଣ କରାଯିବ । ସମଗ୍ର ପୁରୀ ଜିଲ୍ଲା ଏକ ବିକଶିତ ଅଞ୍ଚଳରେ ପରିଣତ ହେବାକୁ ଯାଉଛି ।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ଓ ଭିତ୍ତିଭୂମିକୁ ସୁଦୃଢ଼ କରୁଥିବା ବିଷୟରେ କହି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ପ୍ରାୟ ୮୦ ହଜାର କୋଟି ଟଙ୍କାର ଜାତୀୟ ରାଜପଥ କାମ ଜାରି ରହିଛି । ଆମ ସରକାର ମଧ୍ୟ ତିନୋଟି ଗୁରୁତ୍ୱପୂର୍ଣ୍ଣ ସଡକ ପ୍ରକଳ୍ପ ପାଇଁ ଯୋଜନା କରିଛନ୍ତି । ଦକ୍ଷିଣ ଓ ବିକାଶ ପାଇଁ ବ୍ରହ୍ମପୁରରୁ ଜୟପୁର ପର୍ଯ୍ୟନ୍ତ ୨୮୭ କିଲୋମିଟର ବିଶ୍ୱସ୍ତରୀୟ ସଡକ ୯ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯିବ । ପାରଳାଖେମୁଣ୍ଡିରୁ ବରଗଡର ଅମ୍ବାଭନା ପର୍ଯ୍ୟନ୍ତ ନମୋ-ଏକ୍ସପ୍ରେସ ଓ୍ୱେ ନିର୍ମାଣ କରାଯିବ । ଏହାସହିତ ଦକ୍ଷିଣରୁ ଉତ୍ତରକୁ ଯୋଡି ମାଲକାନଗିରିର ମୋଟୁ ଠାରୁ ମୟୂରଭଞ୍ଜର ତିରିଙ୍ଗି ପର୍ଯ୍ୟନ୍ତ ୯୬୯ ଦୀର୍ଘ ଅଟଳ ଏକ୍ସପ୍ରେସ ଓ୍ୱେ ମଧ୍ୟ ନିର୍ମାଣ କରାଯିବ ବୋଲି ସେ କହିଥିଲେ ।

ପୁରୀରେ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ସହିତ ଆହୁରି ୭ଟି ଏୟାରପୋର୍ଟ ନିର୍ମାଣ ପାଇଁ ଯୋଜନା କରାଯାଉଛି । ପ୍ରାୟ ୧୫ଟି ଜିଲ୍ଲାରେ ଗୋଟିଏ ଗୋଟିଏ ହେଲିପୋର୍ଟ ମଧ୍ୟ କରାଯିବ । ସାମୁଦ୍ରିକ ବାଣିଜ୍ୟ ଓ ଯୋଗାଯୋଗ ପାଇଁ କେନ୍ଦ୍ରାପଡା ଠାରେ ପ୍ରାୟ ୨୫ ହଜାର କୋଟି ଟଙ୍କା ବିନିଯୋଗରେ ଏକ ମେଗା ସିପ ବିଲ୍ଡିଂ କ୍ଲଷ୍ଟର ନିର୍ମାଣ କରାଯିବ । ଗଞ୍ଜାମର ବାହୁଦା ଠାରେ ପ୍ରାୟ ୨୨ ହଜାର ଟଙ୍କା ବିନିଯୋଗରେ ଏକ ସାଟେଲାଇଟ ପୋର୍ଟ ସହିତ ଅନେକ ଛୋଟ ଛୋଟ ବନ୍ଦର ନିର୍ମାଣର ପ୍ରକ୍ରିୟା ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଦୁଇ ବର୍ଷ ର ସଫଳତା ବିଷୟରେ କହି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମେ ୨ ଲକ୍ଷ ୪୦ ହଜାର କୋଟି ଟଙ୍କାର ୧୦୯ ଟି ପ୍ରକଳ୍ପ ଗ୍ରାଉଣ୍ଡିଙ୍ଗ କରିଛୁ । ଏହାର ଶିଳାନ୍ୟାସ କିମ୍ବା ଉ"ାଟନ ହୋଇଛି । ଏହାଦ୍ୱାରା ପ୍ରାୟ ୧ ଲକ୍ଷ ୭୬ ହଜାର ନିଯୁକ୍ତି ସୃଷ୍ଟି ହୋଇଛି । ତେଣୁ, ଆମର ସମୃଦ୍ଧ ଓ ଗଠନ ପାଇଁ ଯେଉଁ ଲକ୍ଷ୍ୟ ଅଛି, ତାହା ନିଶ୍ଚିତ ପୂରଣ ହେବ । ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଓ ୨୦୪୭ ସୁଦ୍ଧା ୧୫୦୦ ବିଲିଅନ ଡଲାର ଅର୍ଥନୀତିର ଲକ୍ଷ୍ୟ ନିଶ୍ଚୟ ପୂରଣ ହେବ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମହିଳା ସଶକ୍ତିକରଣ ପାଇଁ ଆମେ ଏକ ନୂଆ ଯୋଜନା ଆରମ୍ଭ କରୁଛୁ । । ଏହା ହେଉଛି ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା । ଏହି ଯୋଜନାରେ ଆର୍ଥିକ ଦୁର୍ବଳ ପରିବାରରେ ଜନ୍ମ ହୋଇଥିବା ଝିଅଙ୍କ ପାଇଁ ୨୦ ହଜାର ଟଙ୍କାର ସଞ୍ଚୟ ପାଣ୍ଠି ଖୋଲାଯିବ । ଝିଅ ଗ୍ରାଜୁଏଟ ହେଲାପରେ ତାକୁ ୧ ଲକ୍ଷ ୧ ଟଙ୍କା ପ୍ରଦାନ କରାଯିବ । ଏହାଦ୍ୱାରା ସବୁ ଝିଅ ଅତିକମ୍ରେ ଗ୍ରାଜୁଏଟ ହେବାପାଇଁ ନିଶ୍ଚିତ ଭାବରେ ଚାହିଁବେ । ସ୍ୱାସ୍ଥ୍ୟ ସେବାରେ ଉନ୍ନତି ପାଇଁ ରାଜ୍ୟରେ ୪ ହଜାର ଡାକ୍ତର ପଦବୀ ପୂରଣ କରାଯାଇଛି, ଆହୁରି ୫ ହଜାର ପୂରଣ କରାଯିବ । ଆୟୁଷ ଶିକ୍ଷାର ବିକାଶ ପାଇଁ ଗଜପତି, ମାଲକାନଗିରି ଓ ରାୟଗଡା ଭଳି ଆକାଂକ୍ଷୀ ଜିଲ୍ଲାରେ ତିନୋଟି ନୂତନ ଆୟୁର୍ବେଦିକ ମେଡିକାଲ କଲେଜ ଏବଂ ନୟାଗଡ ଓ ନୂଆପଡାରେ ଦୁଇଟି ହୋମିଓପାଥିକ ମେଡିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ଦିବସ ଉପଲକ୍ଷେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତାକୁ ମୁଖ୍ୟମନ୍ତ୍ରୀ ପାଠ କରିବା ସହିତ ଉଭୟଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ । ଭାରତର ରାଷ୍ଟ୍ରପତି, ଓଡିଶା ପୋଲିସର ୯୧ତମ ସ୍ଥାପନା ଦିବସ ଅବସରରେ ଉତ୍କୃଷ୍ଟ ସେବା ପାଇଁ ଐତିହାସିକ ସମ୍ମାନ "ପ୍ରେସିଡେଣ୍ଟସ କଲର୍ ଆୱାର୍ଡ' କୁ ଅନୁମୋଦନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଉତ୍କଳମଣି ସ୍ମୃତି ପରିଷଦର ସଭାପତି ଧୀରେନ୍ଦ୍ର ଦାସ ଏବଂ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରି ପ୍ରମୁଖ ମଂଚାସୀନ ଥିଲେ । କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଏ ପି ପି ସତୀଶ ମିଶ୍ର, ଆତ୍ମା ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରଧାନ, ଉମେଶ ଚନ୍ଦ୍ର ପ୍ରଧାନ, ପ୍ରଦ୍ୟୁମ୍ନ ଶତପଥୀ, ସୁବାଷ ଚନ୍ଦ୍ର ଜେନା ଜେନା ପୂର୍ବତନ ବ୍ଲକ ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ସମିତି ସଭ୍ୟ ଦୀପକ ଶତପଥୀ, ତ୍ରିଲୋଚନ ରଥ, ହର ପ୍ରସାଦ ରଥ, ଅଶୋକ କୁମାର ରାଉତରାୟ, ସରିତା ପ୍ରିୟଦର୍ଶିନୀ, ସୁକାନ୍ତ ଜେନା ଓ ବିଷ୍ଣୁ ଚରଣ ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଉତ୍କଳ...

ଧୈର୍ଯ୍ୟ ଓ ସହନଶୀଳତାର ଏହି ଦିବସ ସ୍ୱାକ୍ଷର ବହନ କରେ । ସ୍ୱାଧୀନତା ସଂଗ୍ରାମ ଓ ରାଷ୍ଟ୍ର ଗଠନରେ ଓଡ଼ିଶାର ଅମୂଲ୍ୟ ଯୋଗଦାନ ଆମ ସମସ୍ତଙ୍କୁ ପ୍ରେରଣା ଦେଇଆସିଛି । ବିକଶିତ ଭାରତ ନିର୍ମାଣରେ କୁଶଳ ଏବଂ କର୍ମଠ ଓଡ଼ିଶାବାସୀଙ୍କ ଭୂମିକା ବେଶ୍ ଉଲ୍ଲେଖନୀୟ । ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଓଡ଼ିଶାର ବିକାଶ ନେଇ ଅନେକ ପରାମର୍ଶ ଦେଇଛନ୍ତି । ଜଗନ୍ନାଥ ମନ୍ଦିର, କୋଣାର୍କ ମନ୍ଦିର, ଲିଙ୍ଗରାଜ ମନ୍ଦିର କଥା ଉଲ୍ଲେଖ କରିବା ସହ ଓଡ଼ିଆ ମାଟିର ମହାମନୀଷି ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତିଙ୍କ ଭଳି ଅନେକ ବ୍ୟକ୍ତିତ୍ୱଙ୍କୁ ମନେପକାଇଛନ୍ତି । ବିଜୁ ବାବୁଙ୍କର ବହୁମୁଖୀ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ତାହା ସମସ୍ତଙ୍କୁ ଅନୁପ୍ରାଣିତ କରେ ବୋଲି ଉଲ୍ଲେଖ କରିଛନ୍ତି । ଓଡ଼ିଆ ଲୋକମାନଙ୍କ ସଂସ୍ପର୍ଶରେ ସେ ଦୀର୍ଘଦିନ ଧରି ଆସିଛନ୍ତି । ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲାବେଳେ ବିଭିନ୍ନ ସମୟରେ ଓଡ଼ିଆ ଲୋକଙ୍କ ସହ ମତ ବିନିମୟ କରୁଥିଲେ । ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବାପରେ ଓଡ଼ିଶା ସହ ତାଙ୍କର ଘନିଷ୍ଠ ସମ୍ପର୍କ ହୋଇଛି । ଏବର୍ଷ ଓଡ଼ିଶାକୁ ରେଳ ଓ ସଡ଼କ ପାଇଁ ସର୍ବାଧିକ ପାଣ୍ଠି ଆବଣ୍ଟନ କରାଯାଇଛି । ଏହି ପଦକ୍ଷେପ ସଂଯୋଗୀକରଣ ଓ ଲଜିଷ୍ଟିକ୍କୁ ନୂତନ ଗତି ଦେଇଛି । ଗୃହମନ୍ତ୍ରୀ ଅମିତ ଶାହା ଓଡ଼ିଶାରେ ନକ୍ସଲ ବିରୋଧ ଅଭିଯାନର ସଫଳତା ସମ୍ପର୍କରେ ଉଲ୍ଲେଖ କରିଥିଲେ । ଏନ୍ଡିଏ ସରକାର ମାଓବାଦୀ ବିପଦକୁ ମୂଳପୋଛ କରିବା ଉପରେ ଯଥୋଚିତ ଧ୍ୟାନ ଦେଉଛି । ଦୁଇବର୍ଷ ଧରି ଓଡ଼ିଶା ସରକାର ଯେଉଁ ଅସାଧାରଣ କାର୍ଯ୍ୟ କରିଛନ୍ତି, ତାହାକୁ ପ୍ରଶଂସା କରିଛନ୍ତି । ସୁଭଦ୍ରା ଯୋଜନା ମହିଳା ସଶକ୍ତିକରଣର ଏକ ପ୍ରମୁଖ ଉପକରଣ ଭାବେ ଉଭା ହୋଇଛି । ଏହି ଯୋଜନା ଦ୍ୱାରା ୧ କୋଟିର ମହିଳା ହିତାଧିକାରୀଙ୍କ ଜୀବନ ଧାରଣର ମାନ ଉନ୍ନତି କରିଛି । ଆଗାମୀ ଦଶନ୍ଧି ମଧ୍ୟରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ହେବାର ୧୦୦ ବର୍ଷ ପୂରଣ କରିବ । ଓଡ଼ିଶାର ପ୍ରଗତି ପାଇଁ ସାମୁହିକ ଭାବେ କ'ଣ କରାଯାଇପାରିବ ମୁଖ୍ୟମନ୍ତ୍ରୀ ଏବଂ ସେମାନଙ୍କୁ ସହଯୋଗୀମାନଙ୍କୁ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

## ଖୁବ୍ଶୀଘ୍ର...

ନିଶ୍ଚିତ ହୋଇଛି ଯେ ଇରାନ ଏବେ ଅଣୁ ଅସ୍ତ୍ରର ବିକାଶ କରିପାରିବ ନାହିଁ । ସେମାନଙ୍କ ପାଖରେ ପରମାଣୁ ଅସ୍ତ୍ର ନଥିଲା । ବର୍ତ୍ତମାନ ସେମାନେ ଅସହାୟ ହୋଇପଡ଼ିଛନ୍ତି । ଯେତେବେଳେ ମୁଁ ଛାଡ଼ିବି, ସେତେବେଳେ ସମସ୍ତଙ୍କୁ ସାଙ୍ଗରେ ନେଇଯିବି । ଆବଶ୍ୟକ ହେଲେ ପୁଣି ଆକ୍ରମଣ କରିବୁ । ଇରାନ ବାରମ୍ବାର ଅଣୁ ପରମାଣୁ ଅସ୍ତ୍ରର କାର୍ଯ୍ୟକ୍ରମକୁ ମନା କରିଆସୁଛି । ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟ କରିଆସୁଛି । ଟ୍ରମ୍ପ କହିଛନ୍ତି ଯେ ଆମେ ସମସ୍ତ କ୍ଷମତାରେ ପରିବର୍ତ୍ତନ ଆଣିଛୁ । ଚୁକ୍ତି ପାଇଁ ଭଲ ସୁଯୋଗ ରହିଛି । ଯେତେବେଳେ ପରିବର୍ତ୍ତନ ଆସେ ସେହି ସମୟରେ ଯୁଦ୍ଧର ଆବଶ୍ୟକତା ପଡ଼େ ନାହିଁ । ସବୁଠୁ ବଡ଼ କଥା ହେଉଛି ଆମେ ସେଠାକୁ ପରମାଣୁ ଅସ୍ତ୍ର ପାଇଁ ଯାଇଥିଲୁ । ଇରାନ ୟୁରାନିୟମକୁ ଗଚ୍ଛିତ କରିଛି । ଏହା ମାଟି ତଳେ ରହିଥିବା କୁହାଯାଉଛି । ଏହା ଏବେ ତୁରନ୍ତ ଚିନ୍ତାଜନକ କାର୍ଯ୍ୟ ନୁହେଁ । ଅପରପକ୍ଷରେ ଇରାନ ପକ୍ଷରୁ କୌଣସି ସିଧାସଳଖ ଆଲୋଚନାକୁ ଖାରଜ କରାଯାଇଛି । କେବଳ ମଧ୍ୟସ୍ଥିଙ୍କ ଜରିଆରେ କିଛି ବାର୍ତ୍ତା ଦିଆଯାଇଛି । ଟ୍ରମ୍ପଙ୍କର ଏହି ସଦ୍ୟ ମନ୍ତବ୍ୟ ଇରାନର ଏହି ନୂଆ ନେତୃତ୍ୱ ଯୁଦ୍ଧ ବିରତିରେ ପହଞ୍ଚିବା ପରେ ଆସିଛି । ବିଶେଷ କରି ହର୍ମୁଜ ପ୍ରଣାଳୀ ଏବେ ଚିନ୍ତା ବଢ଼ାଇଛି । ଏହି ରାସ୍ତାକୁ ମୁକ୍ତ କରିବା ପାଇଁ ବିଶ୍ୱସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି ।

## ରାଜ୍ୟରେ...

କାର୍ଯ୍ୟ ଯାହା ଫଳପ୍ରଦ ଯୋଜନା ଏବଂ ବିକାଶ ପାଇଁ ଭିତ୍ତିଭୂମି ପ୍ରଦାନ କରେ । ସମାବେଶୀ ଅଭିବୃଦ୍ଧି ସୁନିଶ୍ଚିତ କରିବା ପାଇଁ ଜନଗଣନାରେ ସଠିକ୍ ତଥ୍ୟ ସଂଗ୍ରହ ଅତ୍ୟାବଶ୍ୟକ ବୋଲି ରାଜ୍ୟପାଳ ଉଲ୍ଲେଖ କରିଛନ୍ତି ।

ଚଳିତମାସ ୧ ତାରିଖ ବୁଧବାର ଦିନ ଜନଗଣନା-୨୦୨୭ର ସ୍ୱଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି । ସ୍ୱଗଣନା ଆରମ୍ଭ ହୋଇଥିବା ପରିପ୍ରେକ୍ଷୀରେ ରାଜ୍ୟପାଳ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ଏହି ଗୁରୁତ୍ୱପୂର୍ଣ୍ଣ ଦେଶବ୍ୟାପୀ କାର୍ଯ୍ୟକ୍ରମରେ ଜନସାଧାରଣ ସକ୍ରିୟ ଭାବେ ଅଂଶଗ୍ରହଣ ପାଇଁ ଆହ୍ୱାନ ଜଣାଇଛନ୍ତି । ରାଜ୍ୟର ପ୍ରଥମ ନାଗରିକ ଭାବରେ ରାଜ୍ୟପାଳ ନିଜେ ସ୍ୱଗଣନା ପ୍ରକ୍ରିୟାରେ ଦାୟିତ୍ୱ ସମାପନ କରି ଅନ୍ୟମାନଙ୍କୁ ମଧ୍ୟ ଏହା କରିବାକୁ ଉତ୍ସାହିତ କରିଛନ୍ତି ।

ଜନଗଣନାର ଗୃହ ଗଣନା ଓ ତାଲିକାକରଣ ପର୍ଯ୍ୟାୟ ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ ନାଗରିକମାନଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି । ଏହି ପ୍ରକ୍ରିୟାରେ ଯେପରି କୌଣସି ବ୍ୟକ୍ତି କିମ୍ବା ପରିବାର ବାଦ ନପଡ଼ିବେ, ସେ ଦିଗରେ ଯନିବାନ ହେବାକୁ ପରାମର୍ଶ ଦେଇଛନ୍ତି । ଜନଗଣନାକୁ ସଠିକ ଏବଂ ସଫଳ କରିବା ପାଇଁ ଜନସାଧାରଣ ସହଯୋଗ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି ।

ସାମୂହିକ ଦାୟିତ୍ୱର ଗୁରୁତ୍ୱକୁ ଦୋହରାଇ ରାଜ୍ୟପାଳ କହିଛନ୍ତି, ସକ୍ରିୟ ଜନଭାଗିଦାରୀ ଶାସନକୁ ଆହୁରି ସୁଦୃଢ଼ କରିବ ଏବଂ ସମାଜର ସମସ୍ତ ବର୍ଗ ପାଇଁ ସେବା ପ୍ରଦାନକୁ ଉନ୍ନତ କରିବ । ରାଜ୍ୟପାଳ ନିଜର ତଥ୍ୟ ପ୍ରଦାନ କରିବା ସମୟରେ ଓଡ଼ିଶା ଜନଗଣନା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ ଏବଂ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ର କମିଶନର ଚଞ୍ଚଳ ରାଣା ଉପସ୍ଥିତ ଥିଲେ ।

## ପ୍ରଧାନମନ୍ତ୍ରୀଙ୍କ...

ଉଦ୍ଦେଶ୍ୟରେ ସାମାଜିକ ଗଣମାଧ୍ୟମ ଏକ୍ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା ସହିତ ଆପଣଙ୍କର ଦୀର୍ଘ ଦିନର ସମ୍ପର୍କ, ବିଶେଷକରି ଗୁଜରାଟ ଓ ଓଡ଼ିଶା ମଧ୍ୟରେ ଥିବା ସୂର୍ଯ୍ୟ ମନ୍ଦିର ଏବଂ ରଥଯାତ୍ରାର ସମାନତା ବିଷୟରେ ଆପଣଙ୍କ ସ୍ମୃତିଚାରଣ ଆମକୁ ଅଭିଭୂତ କରିଛି । ଅହମ୍ମଦାବାଦ ରଥଯାତ୍ରାରେ ଆପଣ କରିଥିବା ପହଣ୍ଡି ବିଧିର ଅନୁଭୂତି ଆମ ସାଂସ୍କୃତିକ ଏକତାକୁ ପ୍ରତିଫଳିତ କରୁଛି ।

ଓଡ଼ିଶାର ପ୍ରଗତି ପାଇଁ ଶ୍ରୀ ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ଅକୁ ସମର୍ଥନ ପ୍ରଶଂସନୀୟ ବୋଲି ସେ କହିଥିଲେ । ୨୦୨୫-୨୬ ବର୍ଷ ପାଇଁ ରେଲବାଇ କ୍ଷେତ୍ରରେ ୧୦,୬୦୦ କୋଟି ଟଙ୍କାର ରେକର୍ଡ ପାଣ୍ଠି ଆବଣ୍ଟନ ଏବଂ ବନ୍ଦର ଭିତ୍ତିକ ବିକାଶ ଓଡ଼ିଶାକୁ ଏକ ପ୍ରମୁଖ ସାମୁଦ୍ରିକ ଓ ଶିଳ୍ପଭିତ୍ତିକ ରାଜ୍ୟରେ ପରିଣତ କରିବ । ଏଥିସହିତ ସୁଭଦ୍ରା ଯୋଜନା ଦ୍ୱାରା ୧ କୋଟିରୁ ଅଧିକ ମହିଳାଙ୍କ ସଶକ୍ତିକରଣ ଏବଂ ଲକ୍ଷପତି ଦିଦି ସୃଷ୍ଟି କରିବା ଦିଗରେ ଆମ ସରକାରଙ୍କ ପ୍ରୟାସକୁ ଆପଣଙ୍କ ପ୍ରଶଂସା ଆମର ନାରୀ ଶକ୍ତିକୁ ଆହୁରି ଉତ୍ସାହିତ କରିବ ।

ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ହେବାର ୧୦୦ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ, ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ଗଠନ କରିବା ନେଇ ଆପଣଙ୍କ ସଂକଳ୍ପକୁ ପୂରଣ କରିବା ପାଇଁ ଆମେ ସାମୂହିକ ଭାବେ ଚେଷ୍ଟା ଜାରି ରଖିବୁ । ଓଡ଼ିଆ ଅସ୍ମିତା ଏବଂ ଭାଷା, ସଂସ୍କୃତିର ସଂରକ୍ଷଣ ପାଇଁ ଆମ ସରକାର ସଦା ସର୍ବଦା ସଂକଳ୍ପବଦ୍ଧ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଓଡ଼ିଶା ସମୃଦ୍ଧିର ନୂତନ ମାଇଲଖୁଣ୍ଟ ହାସଲ କରିବ ଏବଂ ଭାରତ ସରକାରଙ୍କ ସହିତ ଏକ ସହଭାଗୀ ସଂକଳ୍ପ ନେଇ ଆମେ ଏହି ବିକାଶ ଯାତ୍ରାରେ ଆଗକୁ ବଢ଼ିବୁ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

## ନିଃସର୍ତ୍ତ...

ବାବୁ ଭାରତର ଜଣେ ଅଗ୍ରଣୀ ନେତା ଓ ଜଣେ ପ୍ରକୃତ ରାଷ୍ଟ୍ରନାୟକ ଭାବେ ସେ ତାଙ୍କୁ ସବୁବେଳେ ସମ୍ମାନ କରନ୍ତି । ବିଜୁ ବାବୁଙ୍କ ସମ୍ମାନ ଓଡ଼ିଶା ପାଇଁ ସର୍ବୋପରି । ଓଡ଼ିଶାର ଭାବନା ସହ ସେ ଜଡ଼ିତ । ତାଙ୍କ ବିରୋଧରେ କୌଣସି ମନ୍ତବ୍ୟକୁ ଓଡ଼ିଶାବାସୀ ବରଦାସ୍ତ କରିବେ ନାହିଁ । ଯଦି ତାଙ୍କ ମନ୍ତବ୍ୟ କାହାକୁ ଆଘାତ ଦେଇଛି ସେଥିଲାଗି ସେ କ୍ଷମାପ୍ରାର୍ଥନା କରୁଛନ୍ତି । ଏହା ତାଙ୍କର ବ୍ୟକ୍ତିଗତ ମନ୍ତବ୍ୟ ଥିଲା ।

ଦୁବେଙ୍କ ମନ୍ତବ୍ୟ ନେଇ ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଦଳମତ ନିର୍ବିଶେଷରେ ବହୁ ରାଜନେତା ଏହି ମନ୍ତବ୍ୟକୁ ବିରୋଧ କରିଥିଲେ । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଦୁବେଙ୍କ ମାନସିକ ସ୍ଥିତି ଠିକ୍ ନାହିଁ ବୋଲି ମାନସିକ ରୋଗ ଡାକ୍ତରଙ୍କୁ ଦେଖାନ୍ତୁ ବୋଲି ପରାମର୍ଶ ଦେଇଥିଲେ । ବିଜେପିର ଅନେକ ବରିଷ୍ଠ ନେତା ମଧ୍ୟ ଏଭଳି ମନ୍ତବ୍ୟକୁ ବିରୋଧ କରିଥିଲେ । ବିଧାନସଭାରେ ଏହି ପ୍ରସଙ୍ଗରେ ହଟ୍ଟଗୋଳ ହୋଇଥିଲା । କଂଗ୍ରେସ ଓ ବିଜେଡି ପକ୍ଷରୁ ନିନ୍ଦା ପ୍ରସ୍ତାବ ମଧ୍ୟ ଆଗତ କରାଯାଇଥିଲା । ଦଳ ମତ ନିର୍ବିଶେଷରେ ସବୁ ନେତା ବିଜୁ ବାବୁଙ୍କ ପ୍ରତି ହୋଇଥିବା ଅପମାନକୁ ତୀବ୍ର ବିରୋଧ କରିଥିଲେ । ଫଳରେ ଆଜି ନିଶିକାନ୍ତ ଦୁବେ କ୍ଷମା ମାଗିବାକୁ ବାଧ୍ୟ ହୋଇଛନ୍ତି ।

# ବିଏମ ବିର୍ଲା ହାର୍ଟ ହସ୍ପିଟାଲ ବିରଳ ପାରାସିଟିକ ସିଷ୍ଟର ସଫଳ ଅସ୍ତ୍ରୋପଚାର

ଭୁବନେଶ୍ୱର: ବିଏମ ବିର୍ଲା ହାର୍ଟ ହସ୍ପିଟାଲ ପକ୍ଷରୁ ରାଉରକେଲାରେ ଏକ କ୍ଲିନିକାଲ୍ ଆଉଟରିଚ ପ୍ରୋଗ୍ରାମ୍ ଆୟୋଜନ କରାଯାଇଛି । ବିଏମ ବିର୍ଲା ହାର୍ଟ ହସ୍ପିଟାଲର ସିଟିଭିଏସ କନସଲଟାଣ୍ଟ ଡାକ୍ତର ସୌମ୍ୟ ଗୁହା ଏହାର ନେତୃତ୍ୱ ନେଇଛନ୍ତ । ସେ ଜଟିଳ ହୃଦରୋଗ ସମସ୍ୟାରେ ପୀଡ଼ିତ ରୋଗୀମାନଙ୍କୁ ପରାମର୍ଶ ଦେଇଛନ୍ତି ଏବଂ ଏହି ଅଂଚଳରେ ଉନ୍ନତ କାର୍ଡିଆକ୍ ଦକ୍ଷତାର ଉପଲବ୍ଧତା ବୃଦ୍ଧି କରିଛନ୍ତି । ଏହି ଅବସରରେ ସେ ଏକ ଦୁର୍ଲଭ ପାରାସିଟିକ୍ ସିଷ୍ଟ ବିଷୟରେ କହିଛନ୍ତି, ଯେଉଁଥିରେ ଜଣେ ୫୨ ବର୍ଷୀୟା ମହିଳା ଭୟଭୀତ ଅବସ୍ଥାରେ ଜୀବନ ବିତାଉଥିଲେ, ତାଙ୍କୁ ନିଶ୍ୱାସପ୍ରଶ୍ୱାସ ନେବାରେ ଯନ୍ତ୍ରଣା ହେଉଥିଲା । ଦୈନନ୍ଦିନର ସାଧାରଣ କାମ କରିବା ମଧ୍ୟ ତାଙ୍କ ପାଇଁ ଅସମ୍ଭବ ହୋଇପଡ଼ିଥିଲା । ଯାହାପରେ ଜଣେ ଅଭିଜ୍ଞ ହୃଦରୋଗ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ସେ ତୁରନ୍ତ କୋଲକାତାର ବିଏମ ବିର୍ଲା ହାର୍ଟ ହସ୍ପିଟାଲର କାର୍ଡିଆକ ସର୍ଜନ ଡା. ସୌମ୍ୟ ଗୁହାଙ୍କ ପାଖକୁ ଯାଇଥିଲେ । ତାଙ୍କ ଗୁରୁତର ଅବସ୍ଥା ସମ୍ପର୍କରେ ହୃଦୟଙ୍ଗମ କରି ଡା. ଗୁହା ଏବଂ ତାଙ୍କ ଟିମ୍ ଏକ ଅତ୍ୟନ୍ତ ଜଟିଳ ତଥା ସମ୍ବେଦନଶୀଳ ଅସ୍ତ୍ରୋପଚାରର ଦାୟିତ୍ୱ ନେଇଥିଲେ । ଡା. ସୌମ୍ୟ ଗୁହା ଏବଂ ବିଏମ ବିର୍ଲା ହାର୍ଟ ହସ୍ପିଟାଲର ସମଗ୍ର ଟିମ୍ ପାଇଁ, ଏହି ଘଟଣାଟି ଉନ୍ନତ ଚିକିତ୍ସା ସେବାର ଏକ ଉଲ୍ଲେଖନୀୟ ପ୍ରମାଣ ପାଲଟିଛି ।

## ଟ୍ରାକ୍ଟର ଧକ୍କାରେ ୫ମ ଶ୍ରେଣୀ ଛାତ୍ରୀ ମୃତ

ମହାକାଳପଡ଼ା, (ସବ୍ୟୁ) :ମହାକାଳପଡ଼ା ବ୍ଲକ ଅଧୀନ ତେରଗାଁ ପଂଚାୟତ ଅନ୍ତର୍ଗତ ମାର୍ଶାଘାଇ ଥାନାଞ୍ଚଳ ବେଲାରନୂଆଗାଁର ଦୀପକ ସାମଲ ଙ୍କ ଝିଅ ଶାୟଦା ସାମଲ ବୁଧବାର ପୂର୍ବାହ୍ନରେ ଟିଉସନ ସାରି ଘରକୁ ଫେରୁଥିବା ବେଳେ ଟ୍ରାକଟର ଧକ୍କା ଦେବାରୁ ମୃତ୍ୟୁ ହୋଇଯାଇଛି। ଛାତ୍ରୀ ଟିଉସନ ପଢା ସାରି ଘରକୁ ଫେରିବା ବାଟରେ ଗାଁ ଶିବ ମନ୍ଦିର ନିକଟରେ ଟ୍ରାକଟର ନଂଓଡି ୨୯ଏଲ ୫୫୨୨ପଛରୁ ଧକ୍କା ଦେଇଥିଲା। ଦୁଃଖର କଥା ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା କଥା ସ୍ଥାନୀୟ ଲୋକେ କହୁଥିବା ବେଳେ ପୋଲିସ ଘଟଣା ସ୍ଥଳରୁ ଛାତ୍ରୀକୁ ମେଡିକାଲ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ମୃତକ ଙ୍କ ପରିବାର ପକ୍ଷରୁ ରମେଶ ସାମଲ ଥାନାରେ ଅଭିଯୋଗ କରିଥିଲେ। ତଦନୁଯାୟୀ ପୋଲିସ ୧୩୫/୨୬ମୂଳେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଉଲ୍ଲେଖ ଥାଉକି ଗାଁ ଭିତର ରାସ୍ତାରେ ଚାଳକ ଟ୍ରାକଟର ଇଂଜିନକୁ ଦ୍ରୁତ ଗତିରେ ଚଳାଇଯାଉଥିବାରୁ ୯ବର୍ଷର ଛାତ୍ରୀ ଜଣକ ଦୁର୍ଘଟଣା ର ସମ୍ମୁଖୀନ ହୋଇଛନ୍ତି।

# ବିଦ୍ୟାଳୟ ପାଠାଗାର ବହିକିଣାରେ ବ୍ୟାପକ ଦୁର୍ନୀତି: ଡିଇଓ ନୀରବ

ବାଲେଶ୍ୱର,(ସବ୍ୟୁ): ସମସ୍ତ ନୀତିନିୟମକୁ ଜଳାଞ୍ଜଳୀ ଦେଇ ବାଲେଶ୍ୱର ଜିଲ୍ଲାର ପ୍ରାଥମିକ ଠାରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟ ପାଠଗାରମାନଙ୍କ ଦ୍ୱାରା ବିଦ୍ୟାର୍ଥୀ ଉପଯୋଗୀ ପୁସ୍ତକ କ୍ରୟ କ୍ଷେତ୍ରରେ ବ୍ୟାପକ ଅନୀୟମିତତା ଓ ପ୍ରିୟାପ୍ରିତୀ ତୋଷଣ କରାଯାଉଛି ବୋଲି ଓଡ଼ିଶାର ପ୍ରଖ୍ୟାତ ପୁସ୍ତକ ପ୍ରକାଶନ ବିଦ୍ୟାଭାରତୀ ପକ୍ଷରୁ ଅଭିଯୋଗ କରାଯାଇଛି । ବାଲେଶ୍ୱର ତଥା ବାଲେଶ୍ୱର ବାହାରେ ଭାଷା ସାହିତ୍ୟ ତଥା ପୁସ୍ତକ ଆନ୍ଦୋଳନ କ୍ଷେତ୍ରରେ ଏକ ଅଗ୍ରଣୀ ଭୂମିକା ନିର୍ବାହ କରିଆସିଥିବା ପ୍ରକାଶନ ସଂସ୍ଥା ବିଦ୍ୟାଭାରତୀର ସଂସ୍ଥାପକ ଓ ନିର୍ଦ୍ଦେଶକ ଅଭୟ ଦାସ ମଙ୍ଗଳବାରଦିନ ଏକ ସାମ୍ବାଦିକ ସମ୍ମିଳନୀରେ ଏବାବଦରେ ସୂଚନା ଦେଇଛନ୍ତି । ଶ୍ରୀ ଦାସ କହିଛନ୍ତି ଯେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ଦାବିକରଣ ବା ଓସେପା ପକ୍ଷରୁ ଗତ ତା ୮/୦୯/୨୦୨୫ ରିଖରେ




ଚିଠି ନମ୍ବର ୯୫୫୮/ ସିଡବ୍ଲ୍ୟାଯ/୨୫ ଅନୁସାରେ ରାଜ୍ୟର ସମସ୍ତ ପ୍ରାଥମିକ ଠାରୁ ଉଚ୍ଚ ବିଦ୍ୟାଳୟମାନେ ସେମାନଙ୍କୁ ପ୍ରଦାନ କରାଯାଇଥିବା କମ୍ପୋଜିଟ୍ ଗ୍ରାଣ୍ଟରୁ ଶତକଡ଼ା ୧୦ଭାଗ ଅର୍ଥରେ ପାଠାଗାରମାନଙ୍କ ନିମନ୍ତେ ପୁସ୍ତକ କ୍ରୟ କରିବା ନିମନ୍ତେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଆଦେଶ ପ୍ରଦାନ କରିଥିଲେ । ସେହି ଅନୁସାରେ ଗତ ୧୮/୧୨/୨୦୨୫ ରିଖ ଚିଠି ନମ୍ବର ୪୩୧୪ରେ ଏକ ପୁସ୍ତକ ତାଲିକା ପ୍ରକାଶ କରାଯାଇଥିଲା। ଏହି ମନୋନୟନ ପତ୍ରିକାରେ ବିଦ୍ୟାଭାରତୀ ପକ୍ଷରୁ ଭାରତ ସରକାରଙ୍କ ପ୍ରକାଶନ ସଂସ୍ଥା ଏନ୍ବିଟିର ଅନେକ ଉପାଦେୟ ପୁସ୍ତକ ସମେତ ଓଡ଼ିଶାର ବହୁ ଖ୍ୟାତନାମା ଦାଖଲ ପୁସ୍ତକ ଏହି ପ୍ରକ୍ରିୟାରେ ଅଂଶଗ୍ରହଣ କରାଯାଇଥିବା ବେଳେ ୧୮ପୃଷ୍ଠା ବିଶିଷ୍ଟ ଏକ ପୁସ୍ତକ ତାଲିକାରେ ବିଦ୍ୟାଭାରତୀର ୧୧ ପୃଷ୍ଠାର ପୁସ୍ତକ ସୂଚିମାନ ପ୍ରକାଶ ପାଇଥିଲା। କଟକର ଏକ ପ୍ରକାଶନ ସଂସ୍ଥାର ୭ପୃଷ୍ଠାର ଏକ ପୁସ୍ତକ ତାଲିକା ମଧ୍ୟ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା ସ୍ଥାନ ପାଇଥିଲା । ମାତ୍ର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୧୮ ପୃଷ୍ଠା ସମ୍ବଳିତ ପୁସ୍ତକ ତାଲିକା ବଦଳରେ କଟକ ପ୍ରକାଶକଙ୍କ ୭ପୃଷ୍ଠାର ତାଲିକା ଅନ୍ତର୍ଗତ ବହିଗୁଡ଼ିକ କିଣିବାକୁ ବାଧ୍ୟ କରାଯାଉଛି ବୋଲି ଅଭିଯୋଗ ହେଉଛି । ଏବାବଦରେ ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ ନାୟକଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ବିଦ୍ୟାଭାରତୀ ପକ୍ଷରୁ ଅଭିଯୋଗ କରାଯାଇଛି । ଏହି ବହି କିଣା ପଛରେ କୋଟି କୋଟିର ସ୍କାମ ହୋଇଥିବା ଅଭିଯୋଗ କରାଯାଇ ଏବାବଦରେ ବାଲେଶ୍ୱର ଜିଲ୍ଲାପାଳଙ୍କ ସମେତ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ବାଲେଶ୍ୱର ସାଂସଦ,ଜିଲ୍ଲାର ସମସ୍ତ ବିଧାୟକ ଓ ଭିଜିଲାନ୍ସ ଏସ୍ପିଙ୍କ ନିକଟରେ ଘଟଣାର ତଦନ୍ତ ନିମନ୍ତେ ଦାବି କରାଯାଇଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଦ୍ୟାଭାରତୀର ନିର୍ଦ୍ଦେଶକ ଅଭୟ ଦାସ, ଡକଫର ରାଧାରଂଜନ ପଟ୍ଟନାୟକ, ଦେବାଶିଷ ପଣ୍ଡା, ବିଦ୍ୟାଧର ନାୟକ, ପ୍ରତିମା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଏବାବଦରେ ସାମ୍ବାଦିକମାନଙ୍କୁ ସୂଚନା ପ୍ରଦାନ କରିଥିଲେ ।

# ଦୁଇଗୁଣା ବଢ଼ିଲା ବିମାନ ଇନ୍ଧନ

ନୂଆଦିଲ୍ଲୀ, ୧।୪ : ମଧ୍ୟପ୍ରାଚ୍ୟରେ ଯୁଦ୍ଧି ସ୍ଥିତି ଯୋଗୁ ତୈଳ ଉପରେ ପ୍ରଭାବ ପଡ଼ିଛି । ଜେଟ୍ ଇନ୍ଧନର ମୂଲ୍ୟ ଦୁଇଗୁଣ ବୃଦ୍ଧି କରାଯାଇଛି । ଏଥିଯୋଗୁ ବିମାନ ଭଡ଼ା ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି ।

ବୁଧବାର ଭାରତୀୟ ତୈଳ କମ୍ପାନୀଗୁଡ଼ିକ ଆଭିଏସନ ଟର୍ବାଇନ ଫୁଏଲ୍ (ଏଟିଏଫ୍) ର ମୂଲ୍ୟକୁ ଦୁଇଗୁଣାରୁ ଅଧିକ ବୃଦ୍ଧି କରିଛନ୍ତି । ଜେଟ୍ ଇନ୍ଧନର ମୂଲ୍ୟ ୧୧୫% ଏବଂ ଅନ୍ତର୍ଜାତୀୟ ବିମାନ ପାଇଁ ୧୦୭% ବୃଦ୍ଧି ହୋଇଛି । ଦିଲ୍ଲୀରେ ଏଟିଏଫ୍ର ମୂଲ୍ୟ କିଲୋ ଲିଟର ପିଛା ୨ଲକ୍ଷ ୭ହଜାର ୩୪୧ ଟଙ୍କା ହୋଇଛି । ପୂର୍ବରୁ ଏହା ୯୬ହଜାର ୬୩୮ ଟଙ୍କା ଥିଲା । କୋଲକାତା ଓ ଚେନ୍ନାଇରେ ମଧ୍ୟ ଜେଟ୍ ଇନ୍ଧନର ମୂଲ୍ୟ ୨ ଲକ୍ଷ ଟପିଛି । ମୁମ୍ବାଇରେ ୧୧୫% ବୃଦ୍ଧି ହୋଇ ୧ଲକ୍ଷ ୯୪ହଜାର ୯୬୮ ଟଙ୍କାରେ ପହଞ୍ଚିଛି । ବିମାନ ଚଳାଚଳ ମନ୍ତ୍ରଣାଳୟ ସହ ଆଲୋଚନା କରାଯାଇ ଏହି ବୃଦ୍ଧି ହୋଇଥିବା ତୈଳ କମ୍ପାନୀ ପକ୍ଷରୁ କୁହାଯାଉଛି । ଏଥିଯୋଗୁ ବିମାନ ଟିକଟର ମୂଲ୍ୟ ବୃଦ୍ଧି ହୋଇପାରେ । ଘରୋଇ ଏୟାର ଲାଇନ୍ସଗୁଡ଼ିକ ପ୍ରାୟ ୨୫% ମୂଲ୍ୟ ବୃଦ୍ଧି କରିପାରନ୍ତି । ବିମାନ କମ୍ପାନୀଗୁଡ଼ିକର ଖର୍ଚ୍ଚ ୪୦ରୁ ୪୫% ଜେଟ୍ ଇନ୍ଧନ ଲାଗି ବ୍ୟୟ ହୋଇଥାଏ । ସ୍ୱାଭାବିକ ଭାବେ ଏହା ଯାତ୍ରୀମାନଙ୍କୁ ପ୍ରଭାବିତ କରିବ ଓ ବିମାନ ଭଡ଼ା ବୃଦ୍ଧି ପାଇବ । ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି ଯେ ଆମେ ଯାତ୍ରୀଙ୍କ ସୁରକ୍ଷା ଓ ବିମାନ ଚଳାଚଳ କ୍ଷେତ୍ରକୁ ଧ୍ୟାନ ଦେଉଛୁ । ତେବେ ଏହି ବୃଦ୍ଧି ଯାତ୍ରୀ ଭଡ଼ା ବଢ଼ାଇ ପାରେ ବୋଲି କୁହାଯାଉଛି ।

# ଝାଡ଼ାବାନ୍ତି : ୧୦ ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

ଠାକୁରମୁଣ୍ଡା,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ବଢ଼ିଚାଲିଛି ଡାଇରିଆ ରୋଗୀଙ୍କ ସଂଖ୍ୟା । ରବିବାର ସନ୍ଧ୍ୟାରେ ରେ ୫ ଜଣଙ୍କ ଚିକିତ୍ସା ଚାଲୁଥିବା ବେଳେ ୧୦ ରୁ ଅଧିକ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି । ମଙ୍ଗଳବାର ସନ୍ଧ୍ୟାରେ କାଳିଆଜିଆଣି ଗ୍ରାମର ବାସନ୍ତୀ ସିଂ ( ୨୬) କେନ୍ଦୁଝର ଜିଲ୍ଲା ମନୋହରପୁର ଗ୍ରାମ ପଞ୍ଚାୟତ ପାଲବଣି ଗ୍ରାମର ଚିତା ହେମ୍ବ୍ରମ (୪୦) ପଣସଡିହା ଗ୍ରାମ ପଞ୍ଚାୟତ ଣିଆଜୋଡି ଗ୍ରାମର ନାଗି ହେମ୍ବ୍ରମ (୩୦) ଲମ୍ବୋଦର ହେମ୍ବ୍ରମ,(୩୦) ପାତରଡୋ ଗ୍ରାମର ସୁକାନ୍ତି ଟୁଡୁ ( ୨୫) ଚିକିତ୍ସିତ ହେଉଛନ୍ତି । ବଣିଆଜୋଡି ଗ୍ରାମର ଦିପକ ପୂର୍ତ୍ତି (୧୪) ଏଂ ପିତାମ୍ବର ପୂର୍ତ୍ତି (୨୫) ୨୯ ତାରିଖରୁ ଆଡମିଶନ ହୋଇଥିଲାବେଳେ ବୁଦବାର ଦିନ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ସେହିପରି ମେମୋ ହେମ୍ବ୍ରମ (୩୦) ଟୁକୁଲୁ ହେମ୍ବ୍ରମ (୬) ରାଉତରାୟ ହେମ୍ବ୍ରମ (୩୪) ପେଲାନ ହେମ୍ବ୍ରମ (୫୫) ସୁଶାନ୍ତି ମୁଣ୍ଡା (୯) ଦ୍ରୌପଦୀଲମୁଚୁ (୨୫) ରାଜୁ ହେମ୍ବ୍ରମ (୧୮) ସାନ୍ଧୁ ହେମ୍ବ୍ରମ (୨୦) ଯମୁନା ଚାତାର (୨୬) ଦିବାକର ହେମ୍ବ୍ରମ (୨୪) ସୁମିତ୍ରାଲମୁଚୁ ( ୨୩) ୩୦ ତାରିଖରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଠାକୁରମୁଣ୍ଡା ବ୍ଲକର ୧୮ ଗୋଟି ଗ୍ରାମ ପଞ୍ଚାୟତ ଏବଂ ଆନନ୍ଦପୁର ବ୍ଲକ ର ୩ ଟି ଗ୍ରାମ ପଞ୍ଚାୟତ ଅଧିବାସୀ ନିର୍ଭର କରୁଥିବା ବେଳେ ଆବଶ୍ୟକ ପରିମାଣର ରୋଗୀଙ୍କ ପାଇଁ ବେଡ ନଥିବାରୁ ବାଧ ହୋଇ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି । ସରକାର ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟକୁ ଆବଶ୍ୟକ ମୁତାବକ ବେଡ ଏବଂ କର୍ମଚାରୀ ଯୋଗାଇବା ପାଇଁ ସର୍ବସାଧାରଣରେ ଦାବି କରାଯାଇଛି ।

# କଣ୍ଟେନର ଧକ୍କାରେ ୨ ବାଇକ ଆରୋହୀ ମୃତ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର-ଜଳେଶ୍ୱର ୧୬ ନଂ ଜାତୀୟ ରାଜପଥ ଫୁଲାଡି ନିକଟରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ୨ ଯୁବକ ହେଉଛନ୍ତି, ଭୋଗରାଇ ବ୍ଲକ ବାରବାଟିଆ ଗାଁର ସୁଶ୍ରୀପଦ ଜେନା(୨୮) ଓ ଖାଲିନା ଗାଁର ଶିବଶଙ୍କର ଦେ(୨୮) । ମିଳିଥିବା ସୂଚନା ଅନୁଯାୟୀ, ଦୁଇ ସାଙ୍ଗ ମିଶି ଗୋଟିଏ ବାଇକ୍ରେ କମ୍ପାନି କାର୍ଯ୍ୟରେ ବାଲେଶ୍ୱର ଆସୁଥିଲେ । ରାତି ୧୦ଟା ସମୟରେ ଫୁଲାଡି ନିକଟରେ ଏକ କଣ୍ଟେନର୍ ଦ୍ରୁତଗତିରେ ଆସି ସେମାନେ ଆସୁଥିବା ବାଇକକୁ ପଛପଟୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ପୁଲିସ ଟିମ୍ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଫକୀରମୋହନ ମେଡିକାଲ କଲେଜକୁ ନେଇଥିଲେ । ସେଠାରେ ଶିବଙ୍କ ଡାକ୍ତର ମୃତ ଘୋଷଣା କରିଥିଲେ । ସୁଶ୍ରୀପଦ ଜେନାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ମେଡିକାଲ୍ ଏବଂ ତାପରେ ଭୁବନେଶ୍ୱରର ଏମ୍ସ ନିଆଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଦିନ ମୃତ୍ୟୁ ଘଟିଛି । ଅନ୍ୟପଟେ ଘଟଣାସ୍ଥଳରେ ପୁଲିସ ଟିମ୍ ପହଞ୍ଚି ବାଇକ୍ ଓ କଣ୍ଟେନରକୁ ଜବତ କରିଛି ।

# ଭିଡ଼ିଓ ଜରିଆରେ ଗାଳି କରି ମହିଳା ଗିରଫ

ବାଲେଶ୍ୱର,(ସବ୍ୟୁ): ରାମନବମୀ ପାଇଁ ହୋଇଥିବା ଶୋଭାଯାତ୍ରାର ଭିଡିଓ କରି ଜଣେ ମହିଳା ଗାଳିଗୁଲଜ କରିଥିଲେ । ସାମାଜିକ ଗଣମାଧ୍ୟମରେ ଭିଡିଓ ପୋଷ୍ଟ କରି ରାମଭକ୍ତଙ୍କୁ ଗାଳିଗୁଲଜ କରିଥିବା ଦେଖିବାକୁ ମିଳିଥିଲା । ସେହି ମହିଳାଙ୍କ ବିରୋଧରେ ଟାଉନ୍ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଏହି ମାମଲାରେ ପୁଲିସ ସେହି ମହିଳାଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରିଛି ।

## ଓଲଟିଲା ଚିଙ୍ଗୁଡ଼ି ବୋଝେଇ ଗାଡ଼ି

ବାଲେଶ୍ୱର,(ସବ୍ୟୁ) : ବାଲେଶ୍ୱର ଚାନ୍ଦିପୁର ଥାନା ଶ୍ରୀକୋଣା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ଚିଙ୍ଗୁଡ଼ି ବୋଝେଇ ଗାଡ଼ଇ ଓଲଟିଛି । ନୂଆନଈ ନିକଟ ଏକ ଚିଙ୍ଗୁଡ଼ି ପ୍ରୋସେସିଂ ପ୍ଲାଣ୍ଟରୁ ଏକ ଗାଡିରେ ଚିଙ୍ଗୁଡ଼ି ବୋଝେଇ ହୋଇ ବଳରାମଗଡ଼ି ଯାଉଥିଲା । ଶ୍ରୀକୋଣା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଗାଡିଟି ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡିଥିଲା । ସ୍ଥାନୀୟ ଲୋକେ ଚାଳକଙ୍କୁ ଗାଡି ଭିତରୁ ବାହାର କରିଥିଲେ । ସେ ସାମାନ୍ୟ ଆହତ ହୋଇଥିଲେ । ହେଲେ ଗାଡିରେ ଥିବା ଚିଙ୍ଗୁଡ଼ି ରାସ୍ତାରେ ଢାଳି ହୋଇ ଯାଇଥିଲା । ଏହା ଦେଖି କିଛି ଲୋକେ ଚିଙ୍ଗୁଡ଼ି ବୋହି ନେଇଥିଲେ । ଆଉ କିଛି ଚିଙ୍ଗୁଡ଼ି ଗାଡି ଯାତାୟାତ ଯୋଗୁଁ ନଷ୍ଟ ମଧ୍ୟ ହୋଇଥିଲା ।

**AFFIDAVIT**

By virtue of an affidavit sworn before Notary Public, BHUBANESWAR, dated. 30.03.2026 I, ARCHITA PRIYADARSHINI, Address : HARIRAJPUR, PURI, 752050 declare that I have changed my name from MUSKAN MANGARAJ to ARCHITA PRIYADARSHINI. Henceforth, I shall be known as ARCHITA PRIYADARSHINI for all purposes.

ARCHITA PRIYADARSHINI

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବିନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୭୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୪୩୭୩୪୦୫୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବିନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୦୯୦୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ରାଜଧାନୀରେ ଜମି ଦଲାଲ୍ ସକ୍ରିୟ

# ନକଲି ପଟ୍ଟା ଦେଇ କ୍ରେତାଙ୍କ ଠାରୁ ଲକ୍ଷାଧିକ ଟଙ୍କା ହଡ଼ପ

ଭୁବନେଶ୍ୱର, (ସବ୍ୟୁ) : ଜମି ବିକ୍ରି ନାଁରେ ଲୋକଙ୍କୁ ନକଲି ଜମି ପଟ୍ଟା ଧରାଇ ଚୂନ ଲଗାଉଥିବା ଜମି ଦଲାଲ ର୍ୟାକେଟ୍ ଏବେ ରାଜଧାନୀରେ ସକ୍ରିୟ ହୋଇ ଉଠିଛନ୍ତି । ଏମାନେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସହର ଭିତର ଓ ଆଖପାଖରେ ମୂଲ୍ୟବାନ ଜମି ସ୍ୱଳ୍ପ ମୂଲ୍ୟରେ ଯୋଗାଇ ଦେବାକୁ ପ୍ରଲୋଭନ ଦେଖାଇ ନକଲି ପଟ୍ଟା ଧରାଇ କୋଟି କୋଟି ଟଙ୍କା ଲୁଟି ନେଉଥିବା ଅଭିଯୋଗ ହେଉଛି । ଭୁଲେଖ ପଟ୍ଟାରେ ନାଁ ବଦଳାଇ ଲୋକମାନଙ୍କୁ ନକଲି ପଟ୍ଟା ଧରାଇଦେଉଛନ୍ତି । ଖଣ୍ଡଗିରି ଜାଗମରାର ଜନୈକ ଭଦ୍ରବ୍ୟକ୍ତି ପିତବାସ ପତି ଏଭଳି ଠକାମିର ଶିକାର ହେବା ପରେ ଘଟଣାଟି ଲୋକ ଲୋଚନକୁ ଆସିଛି । ଶ୍ରୀ ପତି ୨୦୨୧ ମସିହାରେ ଗ୍ୟାରେଜ୍ ଛକ କେଦାର ଗୌରୀ ଆପାର୍ଟମେଣ୍ଟରେ ରହୁଥିବା ବେଳେ ଉକ୍ତ ଆପାର୍ଟମେଣ୍ଟର ବାସିନ୍ଦା ବି. ଆଚାର୍ଯ୍ୟ ତାଙ୍କୁ ଭେଟି ଜୟଦେବ ବିହାର ଅଞ୍ଚଳରେ ୨୪୦୦ ବର୍ଗଫୁଟର ଜମି ୮୦ ଲକ୍ଷ ଟଙ୍କାରେ ବିକ୍ରି ହେବ ବୋଲି ପ୍ରଲୋଭନ ଦେଖାଇଥିଲେ । ଜମି ଖଣ୍ଡେ କିଣିବା ପାଇଁ ଆଗ୍ରହୀ ଥିବା ଶ୍ରୀ ଆଚାର୍ଯ୍ୟଙ୍କ ଠାରୁ ପର୍ଯ୍ୟାୟକ୍ରମେ ୩୧ ଲକ୍ଷ ୭୭ ହଜାର ଟଙ୍କା ସେ ନେଇ ଏକ ନକଲି ପଟ୍ଟା ଧରାଇ ଦେଇଥିଲେ । ପରେ ଯାଞ୍ଚ ବେଳେ ଏହି ପଟ୍ଟା ନକଲି ବୋଲି ଜଣାପଡିବା ପରେ ଶ୍ରୀ ଆଚାର୍ଯ୍ୟ କ୍ରେତା ଶ୍ରୀ ପତିଙ୍କୁ ଆଉ ଧରାଛୁଆଁ ଦେଇନଥିଲେ । ବାରମ୍ବାର ଦୌଡି ନିରାଶ ହେବା ପରେ ଶ୍ରୀ ପତି ଖଣ୍ଡଗିରି ଥାନାର ଦ୍ୱାରସ୍ଥ ହୋଇଥିଲେ । ମାତ୍ର ଖଣ୍ଡଗିରି ଥାନା ଅଭିଯୁକ୍ତ ଶ୍ରୀ ଆଚାର୍ଯ୍ୟଙ୍କୁ କେବଳ ପଚରାଉଚରା କରି ଛାଡି ଦେଇଥିଲା । ଶ୍ରୀ ପତି ଘଟଣା ସମ୍ପର୍କରେ ଖୋର୍ଦ୍ଧା ଜିଲ୍ଲାପାଳ, ରାଜସ୍ୱ ବିଭାଗ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସର୍ବୋପରି ରାଜପାଳଙ୍କ ନିକଟରେ ନ୍ୟାୟ ପାଇଁ ଗୁହାରି କରିଛନ୍ତି । ସୂଚନାଯୋଗ୍ୟ ଯେ, କେବଳ ଶ୍ରୀ ପତି ନୁହଁନ୍ତି ଜନୈକା ମହିଳା ଡାକ୍ତର ପ୍ରଭାତି ମହାନ୍ତି ମଧ୍ୟ ଏଭଳି ଠକେଇର ଶିକାର ହୋଇଥିବା ଜଣାପଡିଛି । ଜମି ଦଲାଲ ମାନେ ତାଙ୍କ ଠାରୁ ୧ କୋଟି ଟଙ୍କା ନେଇଯିବା ପରେ ନକଲି ପଟ୍ଟା ଧରାଇଦେଇଛନ୍ତି ।

# ୯୧ତମ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ

କଟକ, (ସବ୍ୟୁ):ଓଡ଼ିଶା ପୋଲିସର ମୂଳ ମନ୍ତ୍ର ହେଉଛି "ସେବା ଓ ସୁରକ୍ଷା । ଏହା କେବଳ ଏକ ଶବ୍ଦ ନୁହେଁ, ଏହା ଆମର ପରିଚୟ। ଆଗାମୀ ଦିନରେ ଓଡ଼ିଶାକୁ ଏକ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ନିଶାମୁକ୍ତ ରାଜ୍ୟରେ ପରିଣତ କରିବା ପାଇଁ ଓଡ଼ିଶା ପୋଲିସ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରୁଛି ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି। ବୁଧବାର ପୂର୍ବାହ୍ନରେ କଟକର ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ପଡିଆରେ ଆୟୋଜିତ ଓଡ଼ିଶା ପୋଲିସର ୯୧ତମ ପ୍ରତିଷ୍ଠା ଦିବସ ଅବସରରେ ଡିଜିପି ଶ୍ରୀ ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହାସହ ପୋଲିସ ସେବାରେ ଉଲ୍ଲେଖନୀୟ କୃତିତ୍ୱ ପ୍ରଦର୍ଶନ କରିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସେ ପ୍ରଥମେ ସହିଦ ପୋଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସେମାନଙ୍କ ପରିବାରଙ୍କୁ ସମବେଦନା ଜଣାଇଥିଲେ। ୧ ଏପ୍ରିଲ ୧୯୩୬ ମସିହାରେ ନୂତନ ଓଡ଼ିଶା ପ୍ରଦେଶ ଗଠନ ସହ ଓଡ଼ିଶା ପୋଲିସର ସ୍ଥାପନା ହୋଇଥିଲା। ଗତ ୯୧ ବର୍ଷର ଏହି ଯାତ୍ରା ସଂଘର୍ଷ, ସମର୍ପଣ ଓ ସଫଳତାର ଏକ ଗୌରବମୟ ଅଧ୍ୟାୟ ବୋଲି ଡିଜିପି ଉଲ୍ଲେଖ କରିଥିଲେ। ଏହି ଅବସରରେ ଡିଜିପି ମାଓବାଦୀ ଦମନ କ୍ଷେତ୍ରରେ ଓଡ଼ିଶା ପୋଲିସର ସଫଳତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ, ଅନେକ ଦୁର୍ଦ୍ଦାନ୍ତ ମାଓବାଦୀଙ୍କୁ ନିପାତ କରାଯାଇଥିବା ସହ ବହୁ ସଂଖ୍ୟକ ମାଓବାଦୀ ମୁଖ୍ୟ ସ୍ରୋତରେ ଫେରିଛନ୍ତି। ପୋଲିସ ବାହିନୀକୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ନୂତନ ପଦବୀ ସୃଷ୍ଟି, ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ବିଭିନ୍ନ ବାଟାଲିୟନ ଓ ୟୁନିଟ୍ ଗଠନ କରୁଛନ୍ତି। ପୋଲିସ ବାହିନୀର କ୍ରୀଡ଼ା କ୍ଷେତ୍ରରେ ସଫଳତାକୁ ଉଲ୍ଲେଖ କରି



ସେ କହିଥିଲେ ଯେ, ବିଗତ ଏବଂ ଚଳିତ ବର୍ଷରେ ଓଡ଼ିଶା ପୋଲିସର କ୍ରୀଡ଼ାବିତମାନେ ସର୍ବଭାରତୀୟ ସ୍ତରରେ ରାଜ୍ୟର ଗୌରବ ବଢ଼ାଇଛନ୍ତି। ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତାକୁ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି ପାଠ କରିଥିଲେ। ଏହା ପରେ ମୁଖ୍ୟ ଅତିଥି ଉଲ୍ଲେଖନୀୟ ପୋଲିସ ସେବା ପାଇଁ ପୋଲିସ ଅଧିକାରୀଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଇନିସ୍ପେକ୍ଟର ବିଜୟ କିଶୋର ଦାସ, ଶ୍ରେଷ୍ଠ ଇନ୍ସପେକ୍ଟର (ଅପରାଧ ଶାଖା) ରୂପଶ୍ରୀ ପ୍ରହରାଜ, ଶ୍ରେଷ୍ଠ ଇନିସ୍ପେକ୍ଟର (ସ୍ପେଶାଲ ବ୍ରାଞ୍ଚ) ଶ୍ରୀଧର ମାଝୀ, ଶ୍ରେଷ୍ଠ ସବ-ଇନିସ୍ପେକ୍ଟର ମାନସ ରଞ୍ଜନ ପଣ୍ଡା, ଏସ.ଓ.ଜି ର ଶ୍ରେଷ୍ଠ ଟିମ ଲିଡର ଏସ.ଆଇ (ସଶସ୍ତ୍ର) ସଂକର୍ଷଣ ହାଁସଦା , ଶ୍ରେଷ୍ଠ ଏ.ଏସ.ଆଇ ବିଜୟ କୁମାର ସୁନାଶଗଡ, ଶ୍ରେଷ୍ଠ ହାବିଲଦାର ରମାକାନ୍ତ ସେଠୀ , ଶ୍ରେଷ୍ଠ ଓ.ଆର କନେଷ୍ଟବଳ ଗୌରୀ ଶଙ୍କର ସାହୁ, ଶ୍ରେଷ୍ଠ ଏ.ପି.ଆର କନେଷ୍ଟବଳ ସୁଦାମ ଚନ୍ଦ୍ର ବଳିଆରସିଂ , ଶ୍ରେଷ୍ଠ ଟ୍ରାଫିକ କନେଷ୍ଟବଳ ରଶ୍ମୀତା ପଧାନ, ଶ୍ରେଷ୍ଠ ଇନିସ୍ପେକ୍ଟର (ସଶସ୍ତ୍ର) ଅଶୋକ କୁମାର ବେହେରା, ଶ୍ରେଷ୍ଠ ଏସ.ଆଇ (ସଶସ୍ତ୍ର) ଏସ. ସତ୍ୟନାରାୟଣ ରାଓ, ଶ୍ରେଷ୍ଠ ହାବିଲଦାର ମେଜର (ବ୍ୟାଣ୍ଡ) ହରିହର ବେହେରା, ଶ୍ରେଷ୍ଠ ହାବିଲଦାର (ସଶସ୍ତ୍ର) ଷଣ୍ଢେଶ୍ୱର ଭୋଇନା, ଶ୍ରେଷ୍ଠ କନେଷ୍ଟବଳ ଭାବେ ସୁନିଲ କୁମାର ମୁର୍ମୁଙ୍କୁ ପୁରସ୍କୃତ କରାଯାଇଥିଲା । ଏହା ସହ ସ୍ୱର୍ଗତଃ ଭ୍ରମରବର ସାହୁ ଓ ସ୍ୱର୍ଗତଃ ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମାରକୀ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିସହିତ ଅନ୍ୟ ଅଧିକାରୀମାନଙ୍କୁ ମଧ୍ୟ ସମ୍ମାନିତ କରଯିବା ସହ ଶ୍ରେଷ୍ଠ ପରିବାର କଲ୍ୟାଣ କେନ୍ଦ୍ର ଭାବେ ଦ୍ୱିତୀୟ ସ୍ୱତନ୍ତ୍ର ସଶସ୍ତ୍ର ବାଟାଲିୟନ, ପରିବାର କଲ୍ୟାଣ କେନ୍ଦ୍ର , ଝାରସୁଗୁଡା (ପ୍ରଥମ), ତୁଳସୀପୁର ପରିବାର କଲ୍ୟାଣ କେନ୍ଦ୍ର, କଟକ (ଦ୍ୱିତୀୟ), ପରିବାର କଲ୍ୟାଣ କେନ୍ଦ୍ର, ସୁନ୍ଦରଗଡ (ତୃତୀୟ)ଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହ ଆଦ୍ୟାଶା ପ୍ରଧାନ, ଡାକ୍ତରୀ ଛାତ୍ରୀଙ୍କୁ ସ୍ୱର୍ଗତ ପ୍ରେମା ଅମରନାଥ ସ୍ମାରକୀ ମେଧାବୃତ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା ।

## ବିକଶିତ ଓଡ଼ିଶା ଦୃଷ୍ଟିକୋଣକୁ ସାକାର କରିବା ପାଇଁ

# କଳାହାଣ୍ଡି ଏବଂ ରାୟଗଡ଼ାରେ ବକ୍ସାଇଟ୍ ଖଣି ଖନନ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, (ସବ୍ୟୁ) : ଆସୋଚାମ୍ ଏବଂ ଆଇସିଆରଏର ସଦ୍ୟତମ ୨୦୨୬ ଶିଳ୍ପ ରିପୋର୍ଟ ଅନୁଯାୟୀ, ଓଡ଼ିଶା ଭାରତର ଖଣି ଅର୍ଥନୀତିରେ ସର୍ବବୃହତ ଅବଦାନକାରୀ ଭାବରେ ଉଭା ହୋଇଛି, ଯାହା ଦେଶର ଖଣି ମୋଟ ମୂଲ୍ୟ ସଂଯୋଜିତ (ଜିଭିଏ) ର ୧୪% ଅଟେ । ରାଜ୍ୟର ଶିଳ୍ପ ସଫଳତା ବର୍ତ୍ତମାନ ଲୁହାପଥର ଏବଂ କୋଇଲାରେ ରେକର୍ଡ ଭାଙ୍ଗିବା ଉତ୍ପାଦନ ଦ୍ୱାରା ନିର୍ଭର କରୁଛି, ଶିଳ୍ପ ନେତୃତ୍ୱମାନଙ୍କ ମଧ୍ୟରେ ଏକ ବଢୁଥିବା ସହମତ ହେଉଛି ଯେ ରାଜ୍ୟର ପରବର୍ତ୍ତୀ ଅର୍ଥନୈତିକ ସୀମାକୁ ଅନଲକ୍ କରିବା ପାଇଁ ବକ୍ସାଇଟ୍ ଆଡକୁ ଏକ ସୁଚିନ୍ତିତ ଏବଂ ଜରୁରୀ ପରିବର୍ତ୍ତନ ଆବଶ୍ୟକ । ବର୍ତ୍ତମାନ, ଓଡ଼ିଶାରେ ଭାରତର ମୋଟ ବକ୍ସାଇଟ୍ ସଂରକ୍ଷଣର ୫୧% - ୫୯% ମଧ୍ୟରେ ଅଛି, ତଥାପି ଏହି ଜମାଗୁଡ଼ିକର ୨୫% ରୁ କମ୍ ସକ୍ରିୟ ଉତ୍ପାଦନରେ ଅଛି । ଯଦିଓ ରାଜ୍ୟ ୨୦୨୨-୨୩ ଆର୍ଥିକ ବର୍ଷରେ ୧୭.୪ ନିୟୁତ ଟନ୍ ବକ୍ସାଇଟ୍ ଉତ୍ପାଦନ କରିଥିଲା, ଯାହା ଭାରତର ମୋଟ ଉତ୍ପାଦନର ୭୩% ଥିଲା । ୧୫୫ ନିୟୁତ ଟନ୍ ଲୁହାପଥର ଏବଂ ୨୩୭ ନିୟୁତ ଟନ୍ କୋଇଲା ଉତ୍ପାଦନ ଦ୍ୱାରା ଏହି ସଂଖ୍ୟାଗୁଡ଼ିକ ଏପର୍ଯ୍ୟନ୍ତ କମ୍ । ବିଶେଷଜ୍ଞମାନେ କହନ୍ତି ଯେ ପଶ୍ଚିମ ଓଡ଼ିଶାରେ, ବିଶେଷକରି କଳାହାଣ୍ଡି ଏବଂ ରାୟଗଡ଼ା ଭଳି ଜିଲ୍ଲାରେ ବକ୍ସାଇଟ୍ ଏକ ନିଦ୍ରାଶୀଳ ମହାଶକ୍ତି ଭାବରେ ରହିଛି, ଯେଉଁଠାରେ ବିଶାଳ, ଉଚ୍ଚ-ଗ୍ରେଡ୍ ରିଜର୍ଭ ଉଚ୍ଚ-ମୂଲ୍ୟ ଶିଳ୍ପାୟନ ପାଇଁ ଏକ ଅବ୍ୟବହୃତ ସୁଯୋଗ ପ୍ରଦାନ କରେ । ଏହି ସମ୍ଭାବନାକୁ ସର୍ବାଧିକ କରିବା ପାଇଁ, ଶିଳ୍ପ ପ୍ରବକ୍ତାମାନେ ଏକ ଜରୁରୀ ନୀତିଗତ ପଦକ୍ଷେପ ପାଇଁ ଆହ୍ୱାନ କରୁଛନ୍ତି ଯାହା ବିଦ୍ୟମାନ ବିଶ୍ୱସ୍ତରୀୟ ଆଲୁମିନା ରିଫାଇନାରୀଗୁଡ଼ିକୁ ସିଧାସଳଖ ଯୋଗାଣ ପାଇଁ ବକ୍ସାଇଟ୍ ଖଣି ଖୋଲିବାକୁ ତ୍ୱରାନ୍ୱିତ କରେ । ମାକ୍ରୋ-ଅର୍ଥନୈତିକ ସ୍ଥିରତା ବ୍ୟତୀତ, ଏହି ଅଂଚଳରେ କେବଳ ତିନୋଟି ଖଣି କ୍ଲଷ୍ଟରକୁ କାର୍ଯ୍ୟକ୍ଷମ କରିବା ଦ୍ୱାରା ପ୍ରାୟ ୧୫,୦୦୦ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ୫୦,୦୦୦ରୁ ଅଧିକ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ ବୋଲି ଆକଳନ କରାଯାଇଛି । ପାରମ୍ପରିକ ଖଣିଜ ପଦାର୍ଥ ଉପରେ ବର୍ତ୍ତମାନର ନିର୍ଭରଶୀଳତା ବର୍ଦ୍ଧିତ ହେଉଥିବା ଆମଦାନୀ ପରିସ୍ଥିତି ଦ୍ୱାରା ବିପରୀତ ହେଉଛି ଚଳିତ ବର୍ଷ ଭାରତର ବକ୍ସାଇଟ୍ ଆମଦାନୀ ନୂତନ ଉଚ୍ଚତାରେ ପହଂଚିବ ବୋଲି ଆକଳନ କରାଯାଇଛି । ତଥାପି, ରାୟଗଡ଼ା ଏବଂ କଳାହାଣ୍ଡି ଭଳି ଜିଲ୍ଲାରେ ଥିବା ବିଶାଳ, ଉଚ୍ଚ-ଗ୍ରେଡ୍ ବକ୍ସାଇଟ୍ ସଂରକ୍ଷଣ ଉଚ୍ଚ-ମୂଲ୍ୟ ଶିଳ୍ପାୟନ ପାଇଁ ଏକ ଅନନ୍ୟ, କିନ୍ତୁ ଅବ୍ୟବହୃତ ସୁଯୋଗ ପ୍ରଦାନ କରେ । ଏହି ସମ୍ଭାବନାକୁ ସର୍ବାଧିକ କରିବା ପାଇଁ, ଶିଳ୍ପ ପ୍ରବକ୍ତାମାନେ ଏକ ନୀତିଗତ ପଦକ୍ଷେପ ପାଇଁ ଆହ୍ୱାନ କରୁଛନ୍ତି ଯାହା ରାଜ୍ୟ ମଧ୍ୟରେ ବିଦ୍ୟମାନ ବିଶ୍ୱସ୍ତରୀୟ ଆଲୁମିନା ରିଫାଇନାରୀଗୁଡ଼ିକୁ ସିଧାସଳଖ ଯୋଗାଣ ପାଇଁ ବକ୍ସାଇଟ୍ ଖଣି ଖୋଲିବାକୁ ତ୍ୱରାନ୍ୱିତ କରେ । କଂଚା ଖଣିଜ ଉତ୍ପାଦନ ଏବଂ ରିଫାଇନାରୀ କ୍ଷମତା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରି, ଓଡ଼ିଶା ଏକ କଂଚାମାଲ ଆମଦାନୀ ହେବାଠାରୁ ଆଗକୁ ଯାଇ ଏକ ବିଶ୍ୱ ଆଲୁମିନିୟମ୍ ହବ୍ ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିପାରିବ । ଏପରି ପରିବର୍ତ୍ତନ ମୋଟ ରାଜ୍ୟ ଘରୋଇ ଉତ୍ପାଦରେ ଖଣି କ୍ଷେତ୍ରର ଅବଦାନକୁ ଆହୁରି ବୃଦ୍ଧି କରିବ, ଯାହା ବର୍ତ୍ତମାନ ୧୨.୯% ରହିଛି । ଖଣି ମନ୍ତ୍ରଣାଳୟର ଭାରତୀୟ ଖଣି ବ୍ୟୁରୋର ପୂର୍ବତନ ନିୟନ୍ତ୍ରକ ଜେନେରାଲ ଆର.କେ. ସିହ୍ନା କହିଛନ୍ତି: ଓଡ଼ିଶାର ଖଣି ଗତିକୁ ବଜାୟ ରଖିବା ପାଇଁ, ଆମକୁ ବକ୍ସାଇଟ୍ କ୍ଷେତ୍ର ଉପରେ ଆମର ଧ୍ୟାନ କେନ୍ଦ୍ରିତ କରିବାକୁ ପଡିବ । ଏହି କ୍ଷେତ୍ରରୁ ବକ୍ସାଇଟ୍ ଉତ୍ପାଦନକୁ ପ୍ରାଥମିକତା ଦେଇ ଏବଂ ବିଦ୍ୟମାନ ଆଲୁମିନା ରିଫାଇନାରୀଗୁଡ଼ିକର ତୁରନ୍ତ ଫିଡଷ୍ଟକ୍ ଆବଶ୍ୟକତା ସହିତ ସେଗୁଡ଼ିକୁ ସମନ୍ୱିତ କରି, ଆମେ ପଶ୍ଚିମ ଓଡ଼ିଶାକୁ ଏକ ବିଶ୍ୱ ଶିଳ୍ପ ହବ୍‌ରେ ପରିଣତ କରିପାରିବା ।

# ମଧୁବାବୁଙ୍କୁ ଭାରତରତ୍ନ ଦାବିରେ ବାଇକ୍ ଶୋଭାଯାତ୍ରା

କଟକ, (ସବ୍ୟୁ): ସାରା ରାଜ୍ୟରେ ଉତ୍କଳ ଦିବସ ପାଳିତ ହେଉଛି। ଏହି କ୍ରମରେ ମଧୁପ୍ରେମୀଙ୍କ ଦ୍ୱାରା ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀରେ ଉତ୍କଳ ଦିବସ ପାଳିତ ହେବା ସହ ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ ଦାବି ନେଇ ଟାଙ୍ଗୀ ଠାରୁ ମଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁର ପର୍ଯ୍ୟନ୍ତ ବିଶାଳ ବାଇକ୍ ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି ।ମଧୁପ୍ରେମୀର ଆବାହକ ତଥା ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧକ୍ଷ ତ୍ରିଦେବ ବେହେରାଙ୍କ ନେତୃତ୍ୱରେ ଏବଂ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରାଙ୍କ ସଂଯୋଜନାରେ ଟାଙ୍ଗୀ ବ୍ଲକ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ବରିଷ୍ଠ ନାଗରିକ ବିଷ୍ଣୁ ଚରଣ ଦାସଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦୁଇଟି ମସାଲ ଜାଳି ଆବାହକ ତ୍ରିଦେବ ବେହେରା ସୁସଜ୍ଜିତ ଗାଡ଼ିରେ ବାଇକ୍ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ। ପ୍ରଥମେ ବ୍ଲକ ଠାରୁ ରାମମନ୍ଦିର, ହନୁମାନ ମନ୍ଦିର ଛକ ଦେଇ ଡ୍ରିମ୍ସ ଛକ, ଭଟିମୁଣ୍ଡା, ଗୋପିନାଥପୁର ଗ୍ରାମ ଅତିକ୍ରମ କରି ସତ୍ୟଭାମାପୁର ମଧୁବାବୁଙ୍କ



ଜନ୍ମପୀଠରେ ବାଇକ୍ ଶୋଭାଯାତ୍ରା ପହଞ୍ଚିଥିଲା ।ଛଅ ଶହରୁ ଉର୍ଦ୍ଧ୍ୱ ଯୁବକ ଚାରି ଶହରୁ ଉର୍ଦ୍ଧ୍ୱ ବାଇକରେ ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମରେ ମଧୁପ୍ରେମୀ ଆକାଶ ପାତ୍ର, ଅମୂଲ୍ୟ କୁମାର ବେଉରା, ବିଶ୍ୱରଞ୍ଜନ ସାହୁ, ହୃଷୀକେଶ ସାମଲ, ଚୌଧୁରୀ ମାନସ ସାହୁ, ବିଶ୍ୱଜିତ ଆଞ୍ଚଲ, ତ୍ରିନାଥ ମହାରଣା, ଜୟପ୍ରକାଶ ମହାନ୍ତି ଓ ରକ୍ଷ୍ୟାନନ୍ଦ ସ୍ୱାଇଁଙ୍କ ସମେତ ୧୫ ପଞ୍ଚାୟତର ମଧୁ ପ୍ରେମୀ ଯୋଗ ଦେଇଥିଲେ। ମଧୁବାବୁଙ୍କୁ ଭାରତରତ୍ନ ଦାବିନେଇ ଟାଙ୍ଗୀ ଅଞ୍ଚଳରେ ପ୍ରଥମ କରି ଏଭଳି ଶୋଭାଯାତ୍ରା ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳିଛି।

# ସୋଆରେ ଉତ୍କଳ ଦିବସ ପାଳିତ

ଭୁବନେଶ୍ୱର: ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟ ପକ୍ଷରୁ ବୁଧବାର ୯୧ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି । ସୋଆର ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏହି ସ୍ୱତନ୍ତ୍ର ଉତ୍ସବରେ ବରିଷ୍ଠ କର୍ମକର୍ତ୍ତାଗଣ ଯୋଗ ଦେଇ ଉତ୍କଳ ପ୍ରଦେଶ ଗଠନର ମହାନ ବରପୁତ୍ର ମାନଙ୍କର ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ଉପସ୍ଥିତ ବ୍ୟକ୍ତି ବିଶେଷ ବନ୍ଦେ ଉତ୍କଳ ଜନନୀ ଗାନ କରିବା ସହ



ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ସୋଆ ଆନ୍ତର୍ଜାତିକ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ଏବଂ ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ପରିଚାଳନା କରିଥିଲେ ।

## ଆୟକର ବିଭାଗ କଟକ ପକ୍ଷରୁ ଉତ୍କଳ ଦିବସ

# ସମ୍ବର୍ଦ୍ଧିତ ହେଲେ ବିଭିନ୍ନ ବର୍ଗର ୧୪ ପ୍ରତିଭା

କଟକ, (ସବ୍ୟୁ) ଆୟକର ବିଭାଗ କଟକ ପକ୍ଷରୁ ଉତ୍କଳ ଦିବସ ଉତ୍ସାହର ସହିତ ପାଳନ କରାଯାଇଥିଲା ।ଅଧିକାରୀ ଓ କର୍ମଚାରୀ ମାନେ ସମେବେତ ହୋଇ ଓଡ଼ିଶାକୁ ଅଲଗା ରାଜ୍ୟ ଭାବେ ଗଠନ କରିବାରେ ଯେଉଁ ମହାନ୍ ନେତା ଓ ପ୍ରବର୍ତ୍ତକ ମାନଙ୍କର ଅବଦାନ ଥିଲା ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସଂଗେ ସଂଗେ ଓଡ଼ିଶାର ସମୃଦ୍ଧ, ସାମ୍ପ୍ରଦାୟିକ ଐତିହ୍ୟ ଓ ପରମ୍ପରାକୁ ସ୍ମରଣ କରିଥିଲେ। ପ୍ରଧାନ ଆୟକର ଆୟୁକ୍ତ (ଭେରିଫିକେସନ ୟୁନିଟ୍-୧) ସରୋଜ କୁମାର ମହାପାତ୍ର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳ ଦିବସର ଐତିହାସିକ ଗୁରୁତ୍ୱକୁ ଉଲ୍ଲେଖ କରି କର୍ମଚାରୀଙ୍କୁ ସତ୍ୟନିଷ୍ଠା, ନିଷ୍ଠା ଓ ସର୍ବସାଧାରଣ ସେବାର ମୂଲ୍ୟବୋଧକୁ ଅନୁସରଣ କରିବାକୁ ଆହ୍ୱାନ ଜଣାଇଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତିବିଶେଷ




ଯଥା ଆଇନଜୀବୀ , ନଟବର ପଣ୍ଡା, ଆଇ.ଟି.ଏ.ଟି ବାର ଆସୋସିଏସନର ସଭାପତି ପ୍ରଶାନ୍ତ କୁମାର ମିଶ୍ର, , କଟକ ଟାକ୍ସ ବାର ଆସୋସିଏସନର ସମ୍ପାଦକ ସି.ଏ. ଲଳିତ ମହାବର, ଅଧ୍ୟକ୍ଷ, ଆଇ.ସି.ଏ.ଆଇ, ହିମାଂଶୁ ଶେଖର ଖଟୁଆ, ଅଧ୍ୟକ୍ଷ, ବି.ପି.ଏଫ୍. ଟି.ଆଇ.ଓ, ଅଭିଜିତ ପାଲ୍, ସଚିବ, ଓଡ଼ିଶା ଅଲମ୍ପିକ ଆସୋସିଏସନ , ସାବିର ବକ୍ସ, ଅନ୍ତର୍ଜାତୀୟ ସ୍କୁବା ଚାଳକ, ଡ଼. ବିଜୟଲକ୍ଷ୍ମୀ ଦାଶ, ଏଚ୍.ଓ.ଡ଼ି (ଓଡ଼ିଆ) ରେଭେନ୍ସା ବିଶ୍ୱବିଦ୍ୟାଳୟ, ସ୍ୱପ୍ନ ଫାଉଣ୍ଡେସନ୍ ର ସୁଧାଂଶୁ ଶେଖର ପାତ୍ର, ବିଜୟ ପାତ୍ର, ପ୍ରଫୁଲ୍ଲ ମହାଲା, ରାକେଶ ବେହେରା ଙ୍କ ସହ ଆସିଷ୍ଟାଣ୍ଟ ପ୍ରଫେସର ବନ୍ଦିତା ରାୟ, ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ , ପ୍ରଫେସର ଡ଼. ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ, ଏସ୍.ସି.ବି ମେଡ଼ିକାଲ କଲେଜ, ଆକାଶବାଣୀ କଟକର ପଲ୍ଲବୀ ରାଉତ ପ୍ରମୁଖଙ୍କୁ ମୁଖ୍ୟ ଅତିଥି ପ୍ରଧାନ ଆୟକର ଆୟୁକ୍ତ ଶ୍ରୀ ମହାପାତ୍ର ସମ୍ମାନିତ କରିଥିଲେ। ମୁଖ୍ୟ ସଂଯୋଜକ ଅତିରିକ୍ତ ସହକାରୀ ଆୟକର ଆୟୁକ୍ତ କ୍ଷିତିଶ ମହାନ୍ତିଙ୍କ ବଳିଷ୍ଠ ସହଯୋଗରେ ଅନୁଷ୍ଠିତ ଉତ୍ସବରେ ଆୟକର ନିରୀକ୍ଷକ କ୍ଷମାସାଗର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ ।

## କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍ୟାଙ୍କିଙ୍ଗସ୍-୨୦୨୬

# ମେଡିସିନ୍ କ୍ୟାଟେଗୋରୀରେ ମହତ୍ୱପୂର୍ଣ୍ଣ ସ୍ଥାନରେ ସୋଆ

ଭୁବନେଶ୍ୱର, (ସବ୍ୟୁ) : ସମ୍ମାନଜନକ କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍ୟାଙ୍କିଙ୍ଗ୍-୨୦୨୬ (ମେଡିସିନ୍ କ୍ୟାଟେଗୋରୀ)ରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟ ମହତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଛି । ବିଷୟ ଭିତ୍ତିକ ମେଡିସିନ୍ କ୍ୟାଟେଗୋରୀରେ ୭୦୧-୮୫୦ ବ୍ରାକେଟ୍‌ରେ ସ୍ଥାନୀତ ହୋଇ ସୋଆ ବିଶ୍ୱସ୍ତରୀୟ ଶୈକ୍ଷିକ ଓ ଗବେଷଣାତ୍ମ ଉତ୍କର୍ଷତା ନିମନ୍ତେ ନିଜକୁ



ପ୍ରତିପାଦିତ କରିପାରିଛି । ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ ଦେଶର ଅଗ୍ରଣୀ ମେଡିକାଲ୍ କଲେଜ ଭାବେ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ୍ ର୍ୟାଙ୍କିଙ୍ଗ ଫ୍ରେମୱାର୍କ (ଏନ୍‌ଆଇଆର୍‌ଏଫ୍) ର୍ୟାଙ୍କିଙ୍ଗସ୍‌ରେ ୧୫ତମ ସ୍ଥାନ ହାସଲ କରିଥିବା ବେଳେ ବିଶ୍ୱ ବିଦ୍ୟାଳୟ କ୍ୟାଟେଗୋରୀରେ ସୋଆ ୧୫ତମ ସ୍ଥାନରେ ରହିଛି ।

# ଗିଫ୍ଟରେ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରର ଗିଫ୍ଟ ସ୍ୱୟଂଶାସିତ ଏମବିଏ ବିଭାଗ ପକ୍ଷରୁ କର୍ମକ୍ଷେତ୍ରରେ ଭବିଷ୍ୟତ ଚ୍ୟାଲେଞ୍ଜ ବିଷୟବସ୍ତୁ ଉପରେ



ଏକ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଇଂ. ସୀମର ରଞ୍ଜନ ପଣ୍ଡା (ଓଏସଡି), ଡଃ. ତ୍ରିଲୋଚନ ସାହୁ (ଅଧ୍ୟକ୍ଷ), ଡଃ. ରତିକାନ୍ତ ଦାଶ (କନଫରେନ୍ସ ଚେୟାର), ସୁନୀଲ କୁମାର ମହାପାତ୍ର (ସିଜିଏମ,ନାଲକୋ), ମୁଖ୍ୟବକ୍ତା ଭାବରେ ପ୍ରଫେସର ଏଲ୍.କେ. ଜେନା (ଏକ୍ସଆଇଏମ ବିଶ୍ୱବିଦ୍ୟାଳୟ), ମୁଖ୍ୟ ଅତିଥି ଭାବରେ ଡଃ. ଦେବବ୍ରତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ସମାବେଶକୁ ସମ୍ବୋଧିତ କରି ସମ୍ମାନିତ ଅତିଥି ସୁନୀଲ କୁମାର ମହାପାତ୍ର ଗୁରୁତ୍ୱାରୋପ କରିଥିଲେ ଯେ ଦ୍ରୁତ ପ୍ରଯୁକ୍ତିବିଦ୍ୟା ପ୍ରଗତି ଯୋଗୁଁ କ୍ଷେତ୍ର-ନିର୍ଦ୍ଦିଷ୍ଟ ଚାକିରି ଭୂମିକା ନିରନ୍ତର ବିକଶିତ ହେଉଛି । ସେ ଉଲ୍ଲେଖ କରିଥିଲେ ଯେ ସଂଗଠନଗୁଡ଼ିକୁ ଦକ୍ଷତାକୁ ଉନ୍ନତ କରି ଏବଂ କାର୍ଯ୍ୟ ଢ଼ାଞ୍ଚାକୁ ପୁନଃପରିଭାଷିତ କରି ଏହି ପରିବର୍ତ୍ତନଗୁଡ଼ିକ ସହିତ ଖାପ ଖୁଆଇବାକୁ ପଡ଼ିବ । ମୁଖ୍ୟବକ୍ତା ପ୍ରଫେସର ଏଲ୍.କେ. ଜେନା କାର୍ଯ୍ୟ ସଂସ୍କୃତିର ଗୁରୁତ୍ୱ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ । ମୁଖ୍ୟ ଅତିଥି ଡ. ଦେବବ୍ରତ ଦାଶ ଆଧୁନିକ କାର୍ଯ୍ୟକ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ବର୍ଦ୍ଧିତ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ସମ୍ପ୍ରତିକ୍ରମେ ଡ. ବି.କେ. ସୁନ୍ଦରାୟଙ୍କ ଅଧ୍ୟକ୍ଷତାରେ ବୈଷୟିକ ଅଧିବେଶନ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା, ଯେଉଁଠାରେ ଗବେଷଣା ବିଦ୍ୱାନ ଏବଂ ଅଂଶଗ୍ରହଣକାରୀମାନେ କର୍ମକ୍ଷେତ୍ର ପରିବର୍ତ୍ତନ, ନେତୃତ୍ୱ ଏବଂ ଭବିଷ୍ୟତର କର୍ମଶକ୍ତି ଦକ୍ଷତା ଉପରେ ପତ୍ର ଉପସ୍ଥାପନ କରିଥିଲେ । ସଂଧ୍ୟାରେ ଏକ ବିଦାୟ ଅଧିବେଶନ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ସନ୍ଦୀପ ପଟ୍ଟନାୟକ ଅଂଶ ଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରିଥିଲେ ଏବଂ ପ୍ରମାଣପତ୍ର ଏବଂ ପୁରସ୍କାର ବଣ୍ଟନ କରିଥିଲେ । ବିଭାଗୀୟମୁଖ୍ୟ ଦ୍ୱାରା ଧନ୍ୟବାଦ ପ୍ରଦାନ କରିଥିଲେ ।

# ପରିଜା ଉଦ୍ୟାନରେ ଉତ୍କଳ ଦିବସ

କଟକ, (ସ୍ୱପ୍ର) : ସ୍ଥାନୀୟ ୫୩ ନଂ ଓ୍ୱାର୍ଡ ଅନ୍ଦରପୁର ଭିଜିଲାନ୍ସ କଲୋନି ମାଗୁଣୀ ଟି ଷ୍ଟଲ୍ ସମ୍ମୁଖ ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜା ଉଦ୍ୟାନ ପରିସରରେ ଉତ୍କଳ ଦିବସ ପାଳିତ ହୋଇଛି । ବୁଧବାର ସକାଳୁ ଓ୍ୱାର୍ଡ କର୍ପୋରେଟର ଅରବିନ୍ଦ ଜେନା ହରିହର ସାମଲ, ଅନ୍ଦରପୁର ଅଧିକାରୀ ପ୍ରମୋଦ କୁମାର ଭୋଳ, ମାଗୁଣୀ ଚରଣ ଦାସ, ସରୋଜ ରାଉତ, ବିଶ୍ୱଜିତ ଭଟ୍ଟାଚାର୍ଯ୍ୟ, ପ୍ରାକ୍ତନ ଯନ୍ତ୍ରୀ ଶୈଳେନ୍ଦ୍ର କୁମାର ଭୋଳ, ଅଧ୍ୟାପକ ମୋହନ କୁମାର ପ୍ରଧାନ, ରଣଜିତ ରାଉତ,



ଉଦ୍ୟାନ ପରିସରରେ ଥିବା ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୌରଚନ୍ଦ୍ର ବେହେରା, ଚିତ୍ତ ରଞ୍ଜନ ନାୟକ, ସାମ୍ବାଦିକ ସମୀର କର, ପ୍ରଭାକର ମଲ୍ଲିକ ପ୍ରମୁଖ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଗୌରବମୟ ଇତିହାସକୁ ସ୍ମରଣ କରିଥିଲେ ।

## ପ୍ରକଳ୍ପ ବସୁଧା ମାଧ୍ୟମରେ ହିଣ୍ଡାଲକୋ ପକ୍ଷରୁ

# ମହିଳା ଚାଷୀଙ୍କୁ ଦୁଧିଆଳୀ ଗାଈ ପ୍ରଦାନ

ହୀରାକୁଦ, (ସବ୍ୟୁ): ହୀରାକୁଦ ଅଞ୍ଚଳର କୃଷି ଏବଂ କୃଷକ ଉନ୍ନତିକୁ ଲକ୍ଷ୍ୟ କରି ହିଣ୍ଡାଲକୋ ହୀରାକୁଦ କମ୍ପ୍ଲେକ୍ସ ତାହାର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ "ପ୍ରକଳ୍ପ ବସୁଧା ମାଧ୍ୟମରେ ବହୁମୁଖୀ ଉନ୍ନତି କାର୍ଯ୍ୟକଳାପ ଚାଲୁ ରଖିଛି। ହିଣ୍ଡାଲକୋ ହୀରାକୁଦ କମ୍ପ୍ଲେକ୍ସର ୟୁନିଟ୍ ମୁଖ୍ୟ ସୁମିତ ମୁଖାର୍ଜୀଙ୍କ ପରାମର୍ଶ ଏବଂ ମାନବ ସମ୍ପଦ ମୁଖ୍ୟ ବିଶ୍ୱାସ ସିନ୍ଧେଙ୍କ ତତ୍ତ୍ୱାବଧାନ କ୍ରମେ ଏହି ପ୍ରକଳ୍ପ ମାଧ୍ୟମରେ ଚାଷ, ଗୋ-ପାଳନ, ଛେଳି ପାଳନ, ମାଛ ଚାଷ, ଛତୁ ଚାଷ ଓ ପନିପରିବା ଚାଷ ପ୍ରଭୃତି କୃଷିଭିତ୍ତିକ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦିଆଯାଉଛି। ଏହି କ୍ରମରେ ବୁଧବାର ହିଣ୍ଡାଲକୋ ହୀରାକୁଦ ପକ୍ଷରୁ ମହମ୍ମଦପୁର ଗ୍ରାମର ମହିଳା ଚାଷୀ ଶ୍ରୀମତୀ ନଳିନୀ ମାହାକୁଡ ଏବଂ ଆର.ଆର. କଲୋନୀର ଶ୍ରୀମତୀ ସୁନିତା ପାରେଖଙ୍କୁ




ଉନ୍ନତମାନର ଦୁଧିଆଳୀ ଗାଈ ପ୍ରଦାନ କରାଯାଇଛି। ଏହା ଦ୍ୱାରା ସେମାନଙ୍କର ଆର୍ଥିକ ଉପାର୍ଜନରେ ସହାୟକ ହେବ ବୋଲି ଆଶା କରାଯାଉଛି। ପୂର୍ବରୁ ମଧ୍ୟ ହିଣ୍ଡାଲକୋ ହୀରାକୁଦ ତରଫରୁ ଏହି ଅଞ୍ଚଳର ବହୁ ଚାଷୀଙ୍କୁ ଗାଈ, କୁକୁଡ଼ା ଓ ଛେଳି ପରି ଉନ୍ନତମାନର ପ୍ରାଣୀ ସମ୍ପଦ ପ୍ରଦାନ କରାଯାଇଥିଲା। ଯାହା ଦ୍ୱାରା ସେମାନଙ୍କର ଜୀବିକା ଓ ଆୟ ସୂଚନାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି।

# ଆରମ୍ଭ ହେଲା ପ୍ରଥମ ଡିଜିଟାଲ ଜନଗଣନା

## ଗଣନାକାରୀମାନେ ବ୍ୟବହାର କରିବେ ସ୍ମାର୍ଟଫୋନ

**ନୂଆଦିଲ୍ଲୀ:** ଆଜି (ଏପ୍ରିଲ୍ ପହିଲା)ଠାରୁ ଭାରତର ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଛି, ଯାହା ବିଶ୍ୱର ସର୍ବବୃହତ୍ ଜନଗଣନା ଅଭ୍ୟାସ। ଏଥିରେ ପ୍ରଥମ ପର୍ଯ୍ୟାୟରେ ଡିଜିଟାଲ୍ ମାଧ୍ୟମରେ ଆତ୍ମ-ଗଣନାର ବିକଳ୍ପ ରହିଛି। ଏହା ହେଉଛି ଦେଶର ଷୋଡ଼ଶ ଜନଗଣନା ଏବଂ ସ୍ୱାଧୀନତା ପରଠାରୁ ଅଷ୍ଟମ ଜନଗଣନା। ଏହା ଆଜିଠାରୁ ଗୃହ ତାଲିକା ଓ ଗୃହ ଗଣନା ପର୍ଯ୍ୟାୟ ସହିତ ଆରମ୍ଭ ହୋଇଛି।

ପ୍ରଥମ ଥର ପାଇଁ ଗଣନାକାରୀମାନେ ପାରମ୍ପରିକ କାଗଜଭିତ୍ତିକ ପ୍ରଣାଳୀ ବଦଳରେ ସ୍ମାର୍ଟଫୋନ୍ ବ୍ୟବହାର କରି ଏକ ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ତଥ୍ୟ ସଂଗ୍ରହ ଓ ଦାଖଲ କରିବେ। ଏହା ସହିତ ବାସିନ୍ଦାମାନେ ହିନ୍ଦୀ ଓ ଇଂରାଜୀ ସମେତ ୧୬ଟି ଭାଷାରେ ଉପଲବ୍ଧ ଏକ ସ୍ୱ-ଗଣନା ପୋର୍ଟାଲ ମାଧ୍ୟମରେ ଅନ୍ଲାଇନ୍‌ରେ ସେମାନଙ୍କର ବିବରଣୀ ଦାଖଲ କରିପାରିବେ। ଅଧିକାରୀମାନେ କହିଛନ୍ତି ଯେ, ଉତ୍ତରଦାତାମାନେ ସେମାନଙ୍କର ମୋବାଇଲ୍ ନମ୍ବର ବ୍ୟବହାର କରି ଲଗ୍ ଇନ୍ କରିପାରିବେ, ଘରର ବିବରଣୀ ପୂରଣ କରିପାରିବେ ଏବଂ ଗଣନାକାରୀଙ୍କ ପରିଦର୍ଶନ ସମୟରେ ଅଂଶୀଦାର କରିବାକୁ ଏକ ଅନନ୍ୟ ସେଲ୍ଫ-ଏନ୍ୟୁମରେସନ୍ ଆଇଡି ପାଇପାରିବେ।

ପ୍ରଥମ ପର୍ଯ୍ୟାୟରେ ଗୃହ ଅବସ୍ଥା,




ଘରୋଇ ସୁବିଧା ଓ ସମ୍ପତ୍ତି ଉପରେ ଧ୍ୟାନ ଦିଆଯିବ। ଗଣନାକାରୀମାନେ ନିର୍ମାଣ ସାମଗ୍ରୀ, ବାସିନ୍ଦାଙ୍କ ସଂଖ୍ୟା, ମାଲିକାନା ସ୍ଥିତି, ଜଳର ଉପଲବ୍ଧତା, ପରିମଳ, ବିଦ୍ୟୁତ୍, ରନ୍ଧନ ଇନ୍ଧନ ଏବଂ ଯାନବାହନ, ମୋବାଇଲ୍ ଫୋନ୍ ଓ ଇଣ୍ଟରନେଟ୍ ସେବା ଆଦି ଉପରେ ସୂଚନା ସଂଗ୍ରହ କରିବେ। ଜାନୁଆରି ୨୦୨୬ରେ ସରକାର ଏହି ପର୍ଯ୍ୟାୟ ପାଇଁ ପ୍ରଶ୍ନର ସେଟ୍ ବିଜ୍ଞପ୍ତି ପ୍ରକାଶ କରିସାରିଛନ୍ତି। ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଦିଲ୍ଲୀ, ଗୋଆ, କର୍ଣ୍ଣାଟକ, ଲକ୍ଷଦ୍ୱୀପ, ମିଜୋରାମ, ଓଡ଼ିଶା ଓ ସିକ୍କିମ ସମେତ ରାଜ୍ୟରେ ଏପ୍ରିଲ ୧୬ରୁ ମେ ୧୫ ପର୍ଯ୍ୟନ୍ତ ଗୃହଗଣନା କରାଯିବ ଏବଂ ସ୍ୱ-ଗଣନା ସୁବିଧା ଏପ୍ରିଲ ପହିଲାରୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ରହିବ। ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଚଣ୍ଡୀଗଡ଼, ଛତିଶଗଡ଼ ଓ ହରିୟାଣା ସମେତ ଅନ୍ୟ ଏକ ଗୋଷ୍ଠୀ ମେ ୧ରୁ ମେ ୩୦ ପର୍ଯ୍ୟନ୍ତ ଗୃହଗଣନା କାର୍ଯ୍ୟ କରିବେ।

ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟାର ଗଣନା ଫେବ୍ରୁଆରି ୨୦୨୭ରେ ହେବ, ଯେତେବେଳେ କି ଲଦାଖ ଓ ଜମ୍ମୁ-କାଶ୍ମୀର, ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶର କିଛି ବରଫ ଆଚ୍ଛାଦିତ ଅଞ୍ଚଳରେ ସେପ୍ଟେମ୍ବର ୨୦୨୬ରୁ ଏକ ପୂର୍ବ କାର୍ଯ୍ୟସୂଚୀ ଅନୁସରଣ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଜାତି ଗଣନା ମଧ୍ୟ କରାଯିବ।ସାରା ଦେଶରେ ୩ ନିୟୁତରୁ ଅଧିକ ଗଣନାକାରୀ, ସୁପରଭାଇଜର ଓ ଅଧିକାରୀ ଏହି କାର୍ଯ୍ୟରେ ସାମିଲ ହେବେ। କେନ୍ଦ୍ର ସରକାର ୨୦୨୭ ଜନଗଣନା ପାଇଁ ୧୧,୭୧୮.୨୪ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି, ଯେଉଁଥିରେ ପ୍ରଯୁକ୍ତି, ଲଜିଷ୍ଟିକ୍ସ ଓ ପ୍ରଶିକ୍ଷଣ ଅନ୍ତର୍ଭୁକ୍ତ। ଅଧିକାରୀମାନେ କହିଛନ୍ତି ଯେ ତାଲିମ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି, କ୍ଷେତ୍ର କର୍ମଚାରୀଙ୍କୁ ପ୍ରସ୍ତୁତ କରିବା ପାଇଁ ହଜାର ହଜାର ପ୍ରଶିକ୍ଷକଙ୍କୁ ନିୟୋଜିତ କରାଯାଇଛି ଏବଂ ତଥ୍ୟ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥା କରାଯାଇଛି।

# ୭ ବର୍ଷ ପରେ ଭାରତ ଆସୁଛି ଇରାନ ତେଲ

**ତେହେରାନ:** ଦୀର୍ଘ ୭ ବର୍ଷ ପରେ ଭାରତ ପାଇବାକୁ ଯାଉଛି ଇରାନର ଅଶୋଧିତ ତୈଳ। ଆମେରିକାର କଟକଣା ଯୋଗୁ ଭାରତୀୟ କମ୍ପାନୀ ଗୁଡ଼ିକ ୨୦୧୯ରୁ ଇରାନରୁ ଅଶୋଧିତ ତୈଳ ଆମଦାନୀ କରିପାରୁ ନଥିଲେ। ଏବେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନ ସହ ଯୁଦ୍ଧ କରୁଛନ୍ତି।କିନ୍ତୁ ଏହାରି ଭିତରେ ଇରାନରୁ ପ୍ରାୟ ୬ ଲକ୍ଷ ବାରେଲର ଅଶୋଧିତ ତୈଳ ଧରି ଗୋଟିଏ ଜାହାଜ ଭାରତ ଅଭିମୁଖେ ଆସୁଛି। ବିଦେଶୀ ପତାକା ଲାଗିଥିବା ଜାହାଜଟି ପ୍ରାୟ ୬ ଲକ୍ଷ ବାରେଲ ଇରାନୀୟ ଅଶୋଧିତ ତୈଳ ନେଇ ଏପ୍ରିଲ ୪ ସୁଦ୍ଧା ଗୁଜରାଟର ଦୀନଦୟାଲ ବନ୍ଦରର ବଦିନାରରେ ଲଗାଇବ ବୋଲି ଆଶା କରାଯାଉଛି।୨୦୧୯ରେ ଆମେରିକା କଟକଣା ଯୋଗୁ ଭାରତ ଅଶୋଧିତ ତୈଳ ଇରାନ ଠାରୁ ଆମଦାନୀ ବନ୍ଦ କରିଦେଇଥିଲା। ଏବେ ୭ ବର୍ଷ ପୁଣି ଭାରତ ସିଧା ଇରାନ ତୈଳ ପାଇବାକୁ ଯାଉଛି। କେପଲର୍ସରର ରିଅଲ୍-ଟାଇମ୍ ତଥ୍ୟ ଅନୁଯାୟୀ, ଇସ୍ୱାତିନୀ ପତାକା ଲାଗିଥିବା ଅଶୋଧିତ ତୈଳ ବୋଝେଇ ଟ୍ୟାଙ୍କର 'ପିଙ୍ଗ ଶୁନ୍' ଭାରତ ଆଡ଼କୁ ଆସୁଛି।



ଏହା ଭାରତର ଶକ୍ତି ଯୋଗାଣ ପାଇଁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ। ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁ ଇରାନ ହର୍ମୁଜ ପ୍ରଣାଳୀ ବନ୍ଦ କରି ଦେଇଛି। ଏଥିଯୋଗୁ ଭାରତରେ ଠିକ ଭାବେ ତୈଳ ଓ ଗ୍ୟାସ ପହଞ୍ଚି ପାରୁନି। ଏପରି ଏକ ସ୍ଥିତିରେ ଭାରତକୁ ଇରାନରୁ ତୈଳ ଆସିବା ବେଶ ଗୁରୁତ୍ୱପୂର୍ଣ୍ଣ। ମିଳିଥିବା ସୂଚନା ଅନୁସାରେ, ୬ ଲକ୍ଷ ବାରେଲ ଅଶୋଧିତ ତୈଳ ଧରି ପିଙ୍ଗ ଶୁନ ଜାହାଜ ଇରାନର ଖାର୍ଗ ଦ୍ୱୀପରୁ ଯାତ୍ରା ଆରମ୍ଭ କରିଥିଲା। ଏହା ବଦିନାର ଅଭିମୁଖେ ଆସୁଛି। ଯଦିଓ ଏହି ତେଲର କ୍ରେତାଙ୍କ ନାଁ ଜଣାପଡ଼ିନି, କିନ୍ତୁ ବଦିନାରରେ ରୁଷ ସମର୍ଥିତ ନାୟାରେ ଏନର୍ଜୀ ଦ୍ୱାରା ପରିଚାଳିତ ଗୋଟିଏ ସର୍ବବୃହତ୍ତ ରିଫାଇନାରୀ ରହିଛି। ଏଠାରୁ ଅଶୋଧିତ ତୈଳ ମଧ୍ୟପ୍ରଦେଶର ବିଣାକୁ ଯାଇଥାଏ। ସେଠାରେ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିଃର ଗୋଟିଏ ରିଫାଇନାରୀ କାର୍ଯ୍ୟ କରୁଛି। ଭେସେଲ ଟ୍ରାକିଂ ତଥ୍ୟରୁ ଜଣାପଡ଼ିଛି ଯେ ଇରାନରୁ ଆସୁଥିବା ଜାହାଜର ଗୁଜରାଟକୁ ଆସୁଛି। କିନ୍ତୁ ଏହା ବଦଳି ମଧ୍ୟପାରେ। କଟକଣା ଲାଗିଥିବା ଦେଶରୁ ଆସୁଥିବା ଜାହାଜ ନିଜକୁ ରକ୍ଷା କରିବା ପାଇଁ ନିଜ ଲକ୍ଷ୍ୟ ସ୍ଥଳ ବଦଳାଇବାର ନଜିର ରହିଛି। ତଥାପି ପିଙ୍ଗ ଶୁନ ଗୁଜରାଟ ବନ୍ଦରରେ ଲାଗିବାର ଯଥେଷ୍ଟ ସମ୍ଭାବନା ରହିଛି।

## ସର୍ବସାଧାରଣରେ ଦେଖା ଦେଲେ ଇରାନର ରାଷ୍ଟ୍ରପତି ଓ ବୈଦେଶିକ ମନ୍ତ୍ରୀ

**ତେହେରାନ:** ଇରାନର ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ଓ ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚିଙ୍କ ସମେତ ବରିଷ୍ଠ ଅଧିକାରୀମାନେ ମଙ୍ଗଳବାର 'ଇସଲାମିକ୍ ଗଣତନ୍ତ୍ର ଦିବସ' ପାଳନ ଅବସରରେ ଏକ ରାଲିରେ ଯୋଗ ଦେଇଥିଲେ। ଏହି ଯୋଡି ଦୃଶ୍ୟମାନ ସୁରକ୍ଷା ବିନା ଭିଡ଼ ମଧ୍ୟରେ ଯାତ୍ରା କରୁଥିବା ଦେଖାଯାଇଥିଲା। ସେମାନେ ଜନସାଧାରଣଙ୍କ ସହ କଥାବାର୍ତ୍ତା କରୁଥିଲେ ଏବଂ ହତ୍ୟା ଧମକ ମଧ୍ୟରେ ରାସ୍ତାରେ ଅଂଶଗ୍ରହଣକାରୀଙ୍କ ସହ ସେଲ୍ଫି ନେବାକୁ ଅଟକିଥିଲେ।

ଜନତାଙ୍କ ସହ କଥାବାର୍ତ୍ତା କରୁଥିବା ପେଜେସ୍କିଆନ୍ ଓ ଆରାଘଚିଙ୍କ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଯେତେବେଳେ ତାଙ୍କୁ ପଚରାଗଲା ଯେ ସେ କାହିଁକି ପ୍ରଦର୍ଶନକାରୀଙ୍କ ସହ ରାଲିରେ ଯୋଗ ଦେଲେ, ଆରାଘଚି କହିଛନ୍ତି, ମୁଁ ସେମାନଙ୍କ ମଧ୍ୟରେ ରହିବାକୁ ଆସିଥିଲି, ଭୂମିରେ ଥିବା ଆନ୍ଦୋଳନରୁ ଶକ୍ତି ପାଇବାକୁ ଏବଂ ଏହି ଏକତାକୁ ଉପଭୋଗ କରିବାକୁ ଆସିଥିଲି।

ଆମେରିକା-ଇସ୍ରାଏଲ ଆକ୍ରମଣରେ ନିହତ ହେବାର କିଛି ଦିନ ପୂର୍ବରୁ ଶେଷ ଥର ପାଇଁ ଇରାନର ସୁରକ୍ଷା ମୁଖ୍ୟ ଅଲି ଲାରିଜାନିଙ୍କ ସହ ତେହେରାନର ରାସ୍ତାରେ ଦୁଇ ଶୀର୍ଷ ନେତାଙ୍କୁ ଦେଖିବାକୁ ମିଳିଥିଲା। ଇରାନରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଇସ୍ରାଏଲ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ସମେତ ଇରାନର ଅନେକ ବରିଷ୍ଠ ଅଧିକାରୀଙ୍କୁ ଟାର୍ଗେଟ୍ କରି ଏକ ହତ୍ୟା ଅଭିଯାନ ଆରମ୍ଭ କରିଛି।

ଯୁଦ୍ଧ ଶେଷ କରିବାକୁ ଇରାନର ସର୍ତ୍ତ

କିଛି ସମୟ ପରେ, ପେଜେସ୍କିଆନ୍ ୟୁରୋପୀୟ ପରିଷଦର ମୁଖ୍ୟଙ୍କୁ କହିଥିଲେ ଯେ ଏହି ବିବାଦକୁ ସମାପ୍ତ କରିବା ପାଇଁ ଇରାନର ଆବଶ୍ୟକ ଇଚ୍ଛାଶକ୍ତି ଅଛି। ଯଦି ଜରୁରୀ ସର୍ତ୍ତଗୁଡିକ ପୂରଣ ହୁଏ, ବିଶେଷକରି ଆକ୍ରମଣର ପୁନରାବୃତ୍ତିକୁ ରୋକିବା ପାଇଁ ଆବଶ୍ୟକ ଗ୍ୟାରେଣ୍ଟି ମିଳେ ତେବେ ଏହା ସମ୍ଭବ ହୋଇପାରିବ।

# ଇରାନରେ ଆଇଆରଜିସି ହାତରେ ଏବେ ଶାସନ ଡୋରି

**ତେହେରାନ:** ଇରାନ ସହ ଚାଲିଥିବା ଯୁଦ୍ଧକୁ ଶେଷ କରିବା ପାଇଁ ଉଦ୍ୟମ ଚାଲିଥିବା ଆମେରିକା ରାଷ୍ଟ୍ରପତି ଚଳିତ ସପ୍ତାହରେ କହିଥିଲେ। ତାଙ୍କ କହିବା କଥା ଇରାନର ଅଧିକ ଦାୟିତ୍ୱବାନ ନେତାମାନଙ୍କ ସହ ଆଲୋଚନା ହେଉଛି। କିନ୍ତୁ ଇରାନ ଏହାକୁ ପ୍ରତ୍ୟାଖ୍ୟାନ କରିଛି। ଏହାପରେ ଇରାନକୁ କିଏ ନିୟନ୍ତ୍ରଣରେ ରଖିଛି, ତା'କୁ ନେଇ ପ୍ରଶ୍ନ ଉଠିବାରେ ଲାଗିଥିଲା।ଏସବୁ ଭିତରେ ରିପୋର୍ଟ ମିଳିଛି ଯେ ବର୍ତ୍ତମାନ ଇରାନର ଶକ୍ତିଶାଳୀ ଇସ୍ଲାମିକ୍ ରେଭୋଲ୍ୟୁସନାରୀ ଗାର୍ଡ କର୍ପସ ବା ଆଇଆରଜିସି ସବୁ କିଛି ନିୟନ୍ତ୍ରଣ କରୁଛି। ଇରାନର ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନଙ୍କ ସହିତ ଆଇଆରଜିସିର ମତଭେଦ ଲାଗି ରହିଥିଲା। ଏହାପରେ ଆଇଆରଜିସି ରାଷ୍ଟ୍ରପତିଙ୍କୁ ସାଇଡ୍ କରି ଇରାନର



ଶାସନ ଭାର ନିଜ ହାତକୁ ନେଇଛି। ପେଜସ୍କିଆନ ଜଣେ ମଧ୍ୟମଧରଣର ନେତା। ଏବେ ତାଙ୍କୁ ଏବେ ରାଜନୀତିକ ନିଷ୍ପତ୍ତି ନେବାରୁ ସଂପୂର୍ଣ୍ଣ ଦୂରେଇ ଦିଆଯାଇଛି। ଆମେରିକା ଆକ୍ରମଣ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନର ନେତୃତ୍ୱ ନେଉଥିବା ଆଇଆରଜିସି ଏବେ ଦେଶର ମୁଖ୍ୟ କାର୍ଯ୍ୟଗୁଡ଼ିକର ନିୟନ୍ତ୍ରଣ ନିଜ ହାତକୁ ନେଇଥିବା ଗୋଟିଏ ସୂତ୍ରରୁ ସ୍ପଷ୍ଟ ହୋଇଛି।ଆଇଆରଜିସିର ଶାସନ ନିୟନ୍ତ୍ରଣ କରିବାର କାରଣ ହେଉଛି ଇରାନରେ ଜଣେ ସର୍ବୋଚ୍ଚ ନେତାଙ୍କ ଅନୁପସ୍ଥିତି। ଯୁଦ୍ଧର ପ୍ରଥମ ଦିନରେ ଇରାନର ସୁପ୍ରିମ ଲିଡର ଆୟତୋଲ୍ଲା ଅଲୀ ଖାମେନେଇ ଓ ଉଚ୍ଚ ନେତୃବୃନ୍ଦ ନିହତ ହୋଇଥିଲେ। ଯୁଦ୍ଧ ଆରମ୍ଭ ହେବାର କିଛି ଦିନ ପରେ ଅଏ ଖାମେନେଇଙ୍କ ପୁଅ ମୋଜତବାଙ୍କୁ ସର୍ବୋଚ୍ଚ ନେତା ଭାବେ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ଏଯାଏ ମୋଜତବାଙ୍କୁ ସର୍ବସାଧାରଣରେ ଦେଖିବାକୁ ମିଳିନି।ସର୍ବୋଚ୍ଚ ନେତାଙ୍କ ବାର୍ତ୍ତା କେବଳ ଲାଇଭ୍ ଟିଭିରେ ପଢ଼ି ଶୁଣାଯାଉଛି। ମୋଜତବା ବାସ୍ତବରେ ଜୀବିତ ନଥିବା କଥା ମଧ୍ୟ କୁହାଯାଉଛି। ତାଙ୍କ ଅନୁପସ୍ଥିତି ଗୋଟିଏ ରାଜନୀତିକ ଶୂନ୍ୟତା ସୃଷ୍ଟି କରିଛି। ଯୁଦ୍ଧ ବେଳେ ନିୟମିତ ସେନାଠାରୁ ଅଧିକ କ୍ଷମତା ଓ ସ୍ୱାଧୀନ ଭାବେ କାର୍ଯ୍ୟ କରୁଛି ଆଇଆରଜିସି। ତେଣୁ ଶୀର୍ଷ ନେତୃତ୍ୱଙ୍କ ଅନୁପସ୍ଥିତି ଯୋଗୁ ଆଇଆରଜିସି ଇରାନର ଶାସନ ନିୟନ୍ତ୍ରଣକୁ ନିଜ ହାତକୁ ନେଇ ଯାଇଛି।

## ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ

# ଓଡ଼ିଶା ସମେତ ୮ ରାଜ୍ୟକୁ ୧,୫୩୬ କୋଟି ମଞ୍ଜୁର

**ନୂଆଦିଲ୍ଲୀ:** କେନ୍ଦ୍ର ସରକାର ୨୦୨୫-୨୫ ଆର୍ଥିକ ବର୍ଷରେ ପଞ୍ଚାୟତିରାଜ ସଂସ୍ଥାମାନଙ୍କ ଲାଗି ଆଠଟି ରାଜ୍ୟକୁ ପଞ୍ଚଦଶ ଅର୍ଥ ଆୟୋଗ ବନ୍ଧିତ ଓ ଅଣବନ୍ଧିତ ଅନୁଦାନ ଜାରି କରିଛନ୍ତି। ଏହି ରାଜ୍ୟଗୁଡ଼ିକ ହେଲେ ଓଡ଼ିଶା, ଅରୁଣାଚଳପ୍ରଦେଶ, ଗୁଜରାଟ, ଗୋଆ, ରାଜସ୍ଥାନ, ତେଲେଙ୍ଗାନା ଓ ଉତ୍ତରାଖଣ୍ଡ। ଏହି ପାଣ୍ଠିରେ ନିୟମିତ ଅନୁଦାନ ସମେତ ଅନ୍ୟ ଆର୍ଥିକ ବର୍ଷରେ ଅଟକି ରହିଥିବା କିସ୍ତିକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଏସବୁ ରାଜ୍ୟରେ ଗ୍ରାମୀଣ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ମୋଟ ୧୫୩୬.୧୪ କୋଟି ଟଙ୍କା ଜାରି କରାଯାଇଛି। ଏହି ରାଶି ମଧ୍ୟରୁ ଓଡ଼ିଶା ବନ୍ଧିତ ଅନୁଦାନଭାବେ ୫୩ କୋଟି ୧୩ ଲକ୍ଷ ଟଙ୍କା ପାଇବ। ଏହା ମଧ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଅଟକି ରହିଥିବା ପ୍ରଥମ ଓ ଦ୍ୱିତୀୟ କିସ୍ତି ଅନ୍ତର୍ଭୁକ୍ତ। ରାଜ୍ୟର ୧୦ଟି ଯୋଗ୍ୟ ଜିଲ୍ଲା ପଞ୍ଚାୟତ, ୧୭ଟି ଯୋଗ୍ୟ ବ୍ଲକ ପଞ୍ଚାୟତ, ୪୦ଟି ଯୋଗ୍ୟ ଗ୍ରାମ ପଞ୍ଚାୟତ (ଉଭୟ କିସ୍ତି) ଓ ୧୫ଟି ଯୋଗ୍ୟ ଗ୍ରାମ ପଞ୍ଚାୟତ (୨ୟ କିସ୍ତି) କୁ ଏହି ରାଶି ମିଳିବ। ଓଡ଼ିଶାକୁ ମିଳିବାକୁ ଥିବା ରାଶି ବନ୍ଧିତ ଅନୁଦାନ ହୋଇଥିବାରୁ ତାହା କେବଳ (କ) ପରିମଳ ଏବଂ ଘରୋଇ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପ୍ରକ୍ରିୟାକରଣ ସମେତ ଓଡିଏଫ୍ ସ୍ଥିତିର ରକ୍ଷଣାବେକ୍ଷଣ, ଏବଂ ବିଶେଷକରି ମାନବ ମଳ ଏବଂ ବର୍ଜ୍ୟ ପରିଚାଳନା; ଏବଂ (ଖ) ପାନୀୟ ଜଳ ଯୋଗାଣ, ବର୍ଷାଜଳ ଅମଳ ଏବଂ ଜଳ ପୁନଃଚକ୍ରଣ ପାଇଁ ବ୍ୟବହାର ହେବ। ଅନ୍ୟପକ୍ଷରେ ବେତନ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନ ଖର୍ଚ୍ଚ ବ୍ୟତୀତ, ସମ୍ବିଧାନର ଏକାଦଶ ଅନୁସୂଚୀରେ ଅନ୍ତର୍ଭୁକ୍ତ ୨୯ ବିଷୟ ଅଧୀନରେ ଅଞ୍ଚଳଭିତ୍ତିକ ଆବଶ୍ୟକତା ପାଇଁ ପଞ୍ଚାୟତିରାଜ ପ୍ରତିଷ୍ଠାନ/ଗ୍ରାମୀଣ ସ୍ଥାନୀୟ ସଂସ୍ଥାଗୁଡ଼ିକ ଦ୍ୱାରା ଅଣବନ୍ଧିତ ଅନୁଦାନ ବ୍ୟବହାର କରାଯାଏ।

# ଇରାନ ଯୁଦ୍ଧରେ ସାମିଲ ହେବନି ବ୍ରିଟେନ

## ନାଟୋ ଛାଡ଼ିବାକୁ ଟ୍ରମ୍ପଙ୍କ ଧମକ

**ଲଣ୍ଡନ/ୱାଶିଂଟନ:** ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାରମର ବୁଧବାର ସ୍ପଷ୍ଟ କରିଛନ୍ତି ଯେ ବ୍ରିଟେନ କୌଣସି ବି ପରିସ୍ଥିତିରେ ଇରାନ ଯୁଦ୍ଧ ଭିତରକୁ ଟାଣି ହୋଇ ଯିବନାହିଁ, କିନ୍ତୁ ବିଶ୍ୱ ଅର୍ଥନୀତିକୁ ରକ୍ଷା କରିବା ପାଇଁ ରଣନୈତିକ ଭାବେ କାର୍ଯ୍ୟ କରିବ। ଯୁଦ୍ଧ ଯୋଗୁଁ ବନ୍ଦ ହୋଇପଡ଼ିଥିବା ଗୁରୁତ୍ୱପୂର୍ଣ୍ଣ "ହର୍ମୁଜ ପ୍ରଣାଳୀ"କୁ ପୁନର୍ବାର ଖୋଲିବା ଏବଂ ଜଳପଥରେ ପରିବହନ ସ୍ୱାଭାବିକ କରିବା ପାଇଁ ବିଦେଶ ସଚିବ ୟଭେଟ୍ କୁପରଙ୍କ ନେତୃତ୍ୱରେ ବ୍ରିଟେନ ଏକ ଅନ୍ତର୍ଜାତୀୟ ଶିଖର ସମ୍ମିଳନୀ ଆୟୋଜନ କରିବ ବୋଲି ସେ ଘୋଷଣା କରିଛନ୍ତି। ଅନ୍ୟପଟେ, ଆମେରିକା




ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନାଟୋକୁ ଏକ 'କାଗଜ ବାଘ' ବୋଲି ସମାଲୋଚନା କରିବା ସହ ଏହି ସାମରିକ ସଂଗଠନରୁ ଆମେରିକାକୁ ବାହାର କରିନେବା ପାଇଁ ବିଚାର କରୁଥିବା କହିବା ପରେ ବିଶ୍ୱ ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି।ପ୍ରଧାନମନ୍ତ୍ରୀ ଷ୍ଟାରମର ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ ସେ କେବଳ ବ୍ରିଟିଶ ଜାତୀୟ ସ୍ୱାର୍ଥକୁ ଆଧାର କରି ନିଷ୍ପତ୍ତି ନେବେ ଏବଂ ଅଯଥା ଯୁଦ୍ଧରେ ନିଜ ଦେଶକୁ ସାମିଲ କରିବେ ନାହିଁ। ଇସ୍ରାଏଲ-ଆମେରିକା ପକ୍ଷରୁ ହୋଇଥିବା ଆକ୍ରମଣ ପରେ ଇରାନ ହର୍ମୁଜ ପ୍ରଣାଳୀକୁ ଅବରୋଧ କରିଥିବାରୁ ବିଶ୍ୱ ବଜାରରେ ଇନ୍ଧନ ଦର ବୃଦ୍ଧି ପାଇଛି, ଯାହାର ପ୍ରଭାବ ସାଧାରଣ ଜନତାଙ୍କ ଉପରେ ପଡୁଛି। ଏହି ସଙ୍କଟରୁ ମୁକ୍ତି ପାଇବା ପାଇଁ ବ୍ରିଟେନ ନେତୃତ୍ୱ ନେବାକୁ ଆଗେଇ ଆସିଛି। ଆୟୋଜିତ ହେବାକୁ ଥିବା ୩୫ଟି ଦେଶର ବୈଠକରେ ସାମୁଦ୍ରିକ ଚଳାଚଳର ସ୍ୱାଧୀନତା ଫେରାଇ ଆଣିବା, ଅଟକି ରହିଥିବା ଜାହାଜ ଓ ନାବିକମାନଙ୍କ ସୁରକ୍ଷା ନିଶ୍ଚିତ କରିବା ଏବଂ ଜରୁରୀକାଳୀନ ସାମଗ୍ରୀର ପରିବହନ ପୁନଃ ଚାଲୁ କରିବା ପାଇଁ ସମସ୍ତ ସମ୍ଭାବ୍ୟ ରାଜନୈତିକ ଓ କୂଟନୈତିକ ପନ୍ଥା ଉପରେ ଆଲୋଚନା କରାଯିବ। ଏହି ପଦକ୍ଷେପ ମାଧ୍ୟମରେ ବ୍ରିଟେନ ବିଶ୍ୱ ବାଣିଜ୍ୟକୁ ଏକ ବଡ଼ ସଙ୍କଟରୁ ରକ୍ଷା କରିବାକୁ ଲକ୍ଷ୍ୟ ରଖିଛି।ଅନ୍ୟପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବୟାନ ନାଟୋର ସ୍ଥିତି ଉପରେ ପ୍ରଶ୍ନଚିହ୍ନ ଲଗାଇଛି।

## ରାହୁଲଙ୍କୁ 'ରାଜକୁମାର' କହି କଟାକ୍ଷ କଲେ ମୋଦୀ

**ନୂଆଦିଲ୍ଲୀ:** ଆସାମ ବିଧାନସଭା ନିର୍ବାଚନ ପାଖେଇ ଆସିବା ସହ ଦଳଗୁଡ଼ିକ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମ ଜୋରଦାର କରିଛନ୍ତି। ହେଭିୱେଟ୍ ନେତାମାନେ ତୁହାକୁ ତୁହା ନିର୍ବାଚନ ରାଲି କରି ଭୋଟରମାନଙ୍କ ମନ ଜିଣିବାପାଇଁ ଚେଷ୍ଟା ଚଳାଇଛନ୍ତି। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସାମରେ ନିର୍ବାଚନ ରାଲି କରି କଂଗ୍ରେସ ଏବଂ ପୂର୍ବତନ କଂଗ୍ରେସ ସଭାପତି ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ୍ କରିଛନ୍ତି। ମୋଦୀ ରାହୁଲ ଗାନ୍ଧୀଙ୍କୁ 'ରାଜକୁମାର' କହି କଟାକ୍ଷ କରିଛନ୍ତି ଏବଂ କଂଗ୍ରେସ ଦଳର ହାଟ-ଟ୍ରିକ ପରାଜୟ ହେବ ବୋଲି ଆକଳନ କରିଛନ୍ତି। ଗୋଗମୁଖରେ ଏକ ନିର୍ବାଚନ ରାଲିରେ ଉଦ୍ବୋଧନ ଦେଇ ପ୍ରଧାନମନ୍ତ୍ରୀ ପୂର୍ବତନ କଂଗ୍ରେସ ସଭାପତି ରାହୁଲ ଗାନ୍ଧୀଙ୍କୁ କଟାକ୍ଷ କରି ତାଙ୍କୁ 'ଆତ୍ମଘୋଷିତ ରାଜକୁମାର' କହିଛନ୍ତି।

# ବିଜେପି ଅଫିସ ବାହାରେ ବିସ୍ଫୋରଣ, ବୋମା ମାଡ଼ ସନ୍ଦେହ

**ଚଣ୍ଡିଗଡ଼:** ଚଣ୍ଡିଗଡ଼ ସେକ୍ଟର ୩୭ରେ ଥିବା ପଞ୍ଜାବ ବିଜେପିର ଅଫିସ ବାହାରେ ହୋଇଛି ବଡ଼ ବିସ୍ଫୋରଣ। ବୋମା ମାଡ଼ ଯୋଗୁ ଅଫିସ କମ୍ପାଉଣ୍ଡରେ ବିସ୍ଫୋରଣ ହୋଇଥିବା କୁହାଯାଉଛି। ତଥାପି ଏହାର କାରଣ ସ୍ପଷ୍ଟ ହୋଇଛି।

ଚଣ୍ଡିଗଡ଼ ପୁଲିସ୍ ସୂତ୍ରରୁ ମିଳିଥିବା ଖବର ଅନୁସାରେ ବିସ୍ଫୋରଣ ଅପରାହ୍ନ ପ୍ରାୟ ୫ଟା ସମୟରେ ହୋଇଛି। ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ୨ ଜଣ ବ୍ୟକ୍ତି ଗୋଟିଏ ବାଇକରେ ବିଜେପି ଅଫିସ ପରିସରରେ ପହଞ୍ଚିଥିଲେ। ଏହାପରେ ସେମାନେ ଗୋଟିଏ ହାତ ତିଆରି ବୋମା ମାଡ଼ କରିଥିଲେ। ବୋମା ମାଡ଼ କରିବା ପରେ ସେମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଛନ୍ତି। ଏବେ ପୁଲିସ୍ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜରୁ ସନ୍ଦିଗ୍ଧମାନଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା କରୁଛି। ବିସ୍ଫୋରଣ ଖବର ପାଇବା ମାତ୍ରେ ପୁଲିସ ଟିମ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ପୂରା ଅଞ୍ଚଳକୁ କର୍ଡନ କରିଥିଲା। ଘଟଣା ସ୍ଥଳରୁ କିଛି ଧାରୁଣା ଲୁହା ଖଣ୍ଡ ମିଳିଛି। ଏବେ ସେଗୁଡ଼ିକର ଥିବା କୌଣସି ଆଗୁଆ ସୂଚନା ମିଳି ନଥିଲା। ସେହିପରି ବିସ୍ଫୋରଣ ପାଇଁ କୌଣସି ଗ୍ରେନେଡ ନୁହେଁ, ବରଂ ଗୋଟିଏ ହାତ ତିଆରି ବୋମାର ବ୍ୟବହାର ହୋଇଛି। ଘଟଣା ସ୍ଥଳରୁ



ଫରେନ୍ସ ଯାଞ୍ଚ କରାଯିବ। ବିସ୍ଫୋରଣ ଯୋଗୁ ଗୋଟିଏ କାରର କାଚ ଭାଙ୍ଗି ଥିବା ବେଳେ ବିଜେପି ଅଫିସ ପରିସରରେ ଥିବା ୨ଟି ସ୍କୁଟି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ପୁଲିସ୍ର କହିବା କଥା ଯେ ବିଜେପି ଅଫିସକୁ ବିପଦ କେନ୍ଦ୍ରୀୟ ଫରେନ୍ସିକ ସାଇନ୍ସ ଲ୍ୟାବର ଅଧିକାରୀମାନେ ବିଭିନ୍ନ ନମୁନା ସଂଗ୍ରହ କରିଛନ୍ତି। ଏଥିସହ ପୂରା ଅଞ୍ଚଳର ସ୍ଥିତି ପରଖିଛନ୍ତି। ସ୍ଥାନୀୟ ଅଞ୍ଚଳରେ ସିଆରପିଏଫ ଯବାନଙ୍କୁ ମୁତୟନ କରାଯାଇଛି।

# ସଂସଦରେ ହଟ୍ଟଗୋଳ: ବିଦେଶୀ ଅନୁଦାନ ବିଲ୍ ସ୍ଥଗିତ ରଖିଲେ ସରକାର

**ନୂଆଦିଲ୍ଲୀ:** ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ସରକାର ବିଦେଶୀ ଅନୁଦାନ ନିୟନ୍ତ୍ରଣ ସଂଶୋଧନ (ଏଫ୍ସିଆର୍ଏ) ବିଲକୁ ସ୍ଥଗିତ ରଖିଛନ୍ତି। ଏପରିକି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ୍ ରିଜିଜୁ ଅଭିଯୋଗ କରିଛନ୍ତି ଯେ, କଂଗ୍ରେସ ଓ ବାମପନ୍ଥୀ ଦଳଗୁଡ଼ିକ ବିଲ୍ରେ ପ୍ରସ୍ତାବିତ ପରିବର୍ତ୍ତନ ନେଇ ଅପପ୍ରଚାର କରୁଛନ୍ତି। ବିବାଦ ଯୋଗୁ ବୁଧବାର ଏହି ବିଲ୍କୁ ଲୋକସଭାରେ ଉପସ୍ଥାପନ କରାଯାଇପାରି ନଥିଲା।

ପ୍ରତିବାଦର ଜବାବରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି ଯେ, ବିଲ୍କୁ ଭୁଲ ଭାବରେ ଉପସ୍ଥାପନ କରାଯାଉଛି, ବିଶେଷକରି କେରଳରେ। ରିଜିଜୁ କହିଛନ୍ତି, ବିଲ୍ ବିଦେଶୀ ଅନୁଦାନର ଅପବ୍ୟବହାର ରୋକିବା ପାଇଁ ଅଣାଯାଇଛି। ଏହା କୌଣସି ଧର୍ମ କିମ୍ବା ସଙ୍ଗଠନ ବିରୋଧରେ ନୁହେଁ। କିନ୍ତୁ ନିର୍ବାଚନ ଥିବାରୁ କଂଗ୍ରେସ ଓ ବାମଦଳ କେରଳ ଲୋକଙ୍କୁ ଭ୍ରମିତ କରୁଛନ୍ତି। ମାର୍ଚ୍ଚ ୨୫ ତାରିଖରେ




ଲୋକସଭାରେ ଉପସ୍ଥାପିତ ଏହି ବିଲ୍ ବିଦେଶୀ ପାଣ୍ଠିରେ ସ୍ୱଚ୍ଛତା ଏବଂ ଦାୟିତ୍ୱ ବୃଦ୍ଧି କରିବା ଲକ୍ଷ୍ୟରେ ବିଦେଶୀ ଅନୁଦାନ ନିୟନ୍ତ୍ରଣ ଆଇନ, ୨୦୧୦ରେ ବ୍ୟାପକ ପରିବର୍ତ୍ତନ ପ୍ରସ୍ତାବ ଦେଇଛି।

ବିରୋଧୀ ସାଂସଦଙ୍କ ପ୍ରବଳ ହୋହଲ୍ଲା ମଧ୍ୟରେ ଗୃହକୁ ମଧ୍ୟାହ୍ନ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ବିଲ୍ ବିରୋଧରେ କଂଗ୍ରେସ ନେତୃତ୍ୱରେ ଅନେକ ସାଂସଦ ସଂସଦ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଂଗ୍ରେସ ସାଂସଦଙ୍କ ସହିତ ସମାଜବାଦୀ ପାର୍ଟି ସାଂସଦ ଡିମ୍ପଲ ଯାଦବ ଓ ରାମଗୋପାଳ ଯାଦବ, ଆଇୟୁଏମ୍ଏଲ୍ର ଇଟି ମହମ୍ମଦ ବସିର୍ , ଏନସିପି (ଏସ୍ପି) ସୁପ୍ରିୟା ସୁଲେ, ଆର୍ଏସ୍ପିର ଏନ୍କେ ପ୍ରେମଚନ୍ଦ୍ରନ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ। କଂଗ୍ରେସ ମଙ୍ଗଳବାର କହିଥିଲା, ଏହି ଅସାମ୍ବିଧାନିକ ଓ କଠୋର ବିଲ୍କୁ ସଂସଦରେ ପାରିତ ହେବାକୁ ଦିଆଯିବ ନାହିଁ।

ଶାସକ ଦଳ ଆଇନ ମାଧ୍ୟମରେ ଏନ୍ଜିଓଗୁଡ଼ିକୁ ନିୟନ୍ତ୍ରଣ କରିବାକୁ ଚାହୁଁଛି

ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ବୁଧବାର ଏହି ବିଲ୍କୁ ତୀବ୍ର ବିରୋଧ କରିଥିଲେ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି ଅଖିଳେଶ କହିଛନ୍ତି, ଶାସକ ଦଳ ଆଇନ ମାଧ୍ୟମରେ ଏନ୍ଜିଓଗୁଡ଼ିକୁ ନିୟନ୍ତ୍ରଣ କରିବାକୁ ଚାହୁଁଛି। କିନ୍ତୁ ବିଜେପି ପ୍ରଥମେ ବୁଝାଇବା ଉଚିତ ଯେ, ପ୍ରଧାନମନ୍ତ୍ରୀ କେୟାର୍ସ ପାଣ୍ଠିରେ ବିଦେଶରୁ ପାଇଥିବା ଟଙ୍କା ଫେରସ୍ତ କରାଯିବ ନା ଅଡିଟ୍ ଛାଡ଼ ଭଳି ଏହାକୁ ସ୍ୱତନ୍ତ୍ର ଛାଡ଼ ଦିଆଯିବ। ସେ ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ଆସିଥିବା ବିଦେଶୀ ଅନୁଦାନ ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ। ବିଜେପି ଅଗଣତାନ୍ତ୍ରିକ ଓ ସ୍ୱେଚ୍ଛାଚାରୀ ଆଭିମୁଖ୍ୟ ଗ୍ରହଣ କରୁଥିବା ଅଖିଳେଶ କହିଛନ୍ତି।

**ଆଇପିଏଲ୍ ମହାସମର**

# ଲକ୍ଷ୍ନୌ ପରାସ୍ତ, ଦିଲ୍ଲୀ ବିଜୟୀ



ଲକ୍ଷ୍ନୌ:୧।୪(ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)-୨୦୨୬ର ପଞ୍ଚମ ମୁକାବିଲାରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସକୁ ୬ ୱିକେଟରେ ହରାଇ ଦିଲ୍ଲୀ କ୍ୟାପିଟାଲ୍ସ ବିଜୟଲାଭ କରିଛି । ଲକ୍ଷ୍ନୌ ୧୮.୪ ଓଭରରେ ସମସ୍ତ ୱିକେଟ ହରାଇ ୧୪୧ ରନ୍ କରିଥିବା ବେଳେ ଏହାର ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୧୭ଟି ବଲ ବାକିଥାଇ ୪ ୱିକେଟ ବିନିମୟରେ ୧୪୫ ରନ କରିଥିଲା । ଲକ୍ଷ୍ନୌ ସ୍ଥିତ ଭାରତରତ୍ନ ଶ୍ରୀଅଟଳ ବିହାରୀ ବାଜପେୟୀ ଇକାନା ଷ୍ଟାଡିୟମରେ ଆୟୋଜିତ ଏହି ମ୍ୟାଚରେ ଦିଲ୍ଲୀ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ଫଳରେ ଲକ୍ଷ୍ନୌ ଦଳ ବ୍ୟାଟିଂ କରିଥିଲା । ଦିଲ୍ଲୀ ଟିମ୍ ସଫଳ ରଣନୀତି କରି ଘରୋଇ ଦଳକୁ ୧୪୧ ରନରେ ଅଟକାଇ ଦେଇଛି । ଫଳରେ ଦିଲ୍ଲୀକୁ ଏହି ମ୍ୟାଚ୍ ଜିତିବା ପାଇଁ ୧୪୨ ରନର ଟାର୍ଗେଟ୍ ଦେଇଥିଲା । ଫଳରେ ଦିଲ୍ଲୀକୁ ଏହି ମ୍ୟାଚ ଜିତିବା ପାଇଁ ୧୪୨ ରନର ଲକ୍ଷ୍ୟ ମିଳିଥିଲା ।

ଦିଲ୍ଲୀର ବୋଲିଂରେ ସଫଳ ନାୟକ ହୋଇଛନ୍ତି ଲୁଙ୍ଗି ଏନଗିଡି ଏବଂ ଏନ୍ ନଟରାଜନ । ଉଭୟ ବୋଲର ୩ଟି ଲେଖାଏଁ ୱିକେଟ୍ ନେଇଥିଲେ । ଲୁଙ୍ଗି ୩.୪ ଓଭର ବୋଲିଂ କରିଥିଲେ ଏବଂ ୨୭ ରନ୍ ଖର୍ଚ୍ଚ କରିଥିଲେ । ସେହିପରି ନଟରାଜନ ୪ଓଭର ବୋଲିଂ କରି ୨୯ ରନ୍ ଦେଇଥିଲେ । କୁଲଦୀପ ଯାଦବଙ୍କୁ ୨ଟି ୱିକେଟ୍ ମିଳିଥିଲା ବେଳେ ଅଧିନାୟକ ଅକ୍ଷର ପଟେଲଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା ।

ଲକ୍ଷ୍ନୌ ପାଇଁ ଅବଦୁଲ ସମଦ ସର୍ବାଧିକ ୩୬ ରନ୍ ସଂଗ୍ରହ କରିଥିଲେ । ସେ ୨୫ଟି ବଲ୍ ଖେଳି ୩ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ । ପ୍ରାରମ୍ଭିକ ବ୍ୟାଟର ମିଚେଲ ମାର୍ଶ ୨୮ଟି ବଲ୍ ଖେଳି ୨ଟି ଚୌକା ଏବଂ ୩ଟି ଛକା ବଳରେ ୩୫ ରନ୍ ସଂଗ୍ରହ କରିଥିଲେ । ଶହବାଜ ଅହମଦ ଅପରାଜିତ ୧୫ ରନ୍, ମୁକୁଲ ଚକ୍ରବର୍ତ୍ତୀ ୧୪ ରନ୍ ଏବଂ ଆଇଡେନ୍ ମାର୍କରାମ ୧୧ ରନ୍ କରିଥିଲେ । ଦଳର ଅନ୍ୟ ବ୍ୟାଟରମାନଙ୍କର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା ।

### ଆଜିର ମ୍ୟାଚ

- କୋଲକାତା-ହାଇଦ୍ରାବାଦ
- ସ୍ଥାନ- ଇଡେନ ଗାର୍ଡେନ କୋଲକାତା
- ସମୟ- ସନ୍ଧ୍ୟା ୭ ଟା ୩୦
- ପ୍ରସାରଣ: ଷ୍ଟାର ନେଟୱର୍କ

# ଆଇସିସି ମାନ୍ୟତା: ଶୀର୍ଷରେ ଅଭିଷେକ



ନୂଆଦିଲ୍ଲୀ,୧।୪(ଏଜେନ୍ସି): ଟି-୨୦ ବିଶ୍ୱକପରେ ସୀମିତ ସଫଳତା ସତ୍ତ୍ୱେ ଭାରତର ବିସ୍ଫୋରକ ବ୍ୟାଟର୍ ଅଭିଷେକ ଶର୍ମା ଆଇସିସି ମାନ୍ୟତାରେ ନିଜର ଶୀର୍ଷସ୍ଥାନ ବଜାୟ ରଖିଛନ୍ତି । ସେ ମୋଟ ୮୭୫ ପଏଣ୍ଟ ସହ ନଂ୧ ସ୍ଥାନରେ ରହିଛନ୍ତି । ତାଙ୍କର ସାଥୀ ଖେଳାଳି ଇଶାନ କିଷାନ ୮୭୧ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସେହିପରି ଟି-୨୦ ବିଶ୍ୱକପରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ପାକିସ୍ତାନର ଶାହିବଜାଦା ଫରହାନ ୮୪୮ ପଏଣ୍ଟ ସହ ତୃତୀୟ ସ୍ଥାନରେ ଓ ଚତୁର୍ଥରେ ଇଂଲଣ୍ଡର ଫିଲ୍ ସଲ୍ଟ ରହିଛନ୍ତି । ତାଲିକାର ୬ଷ୍ଠ ସ୍ଥାନରେ ତିଲକ ବର୍ମା ଓ ୭ମରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଅଛନ୍ତି । ତାଲିକାର ପ୍ରଥମ ୧୦ଜଣଙ୍କ ମଧ୍ୟରେ ଭାରତୀୟ ଦଳର ଚାରିଜଣ ବ୍ୟାଟର ଅଛନ୍ତି । ଟି-୨୦ ବୋଲିଂ ମାନ୍ୟତାରେ ଆଫଗାନିସ୍ତାନର ରସିଦ ଖାଁ ପ୍ରଥମ ଓ ଭାରତର ବରୁଣ ଚକ୍ରବର୍ତ୍ତି ଦ୍ୱିତୀୟ ସ୍ଥାନରେ ଅଛନ୍ତି ।

ଦିନିକିଆ ମାନ୍ୟତାରେ ନ୍ୟୁଜିଲାଣ୍ଡର ଡାରିଲ୍ ମିଚେଲ୍ ଓ ଟେଷ୍ଟ ମାନ୍ୟତାରେ ଇଂଲଣ୍ଡ ଜୋ ରୁଟ୍ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି । ଦିନିକିଆ ମାନ୍ୟତାରେ ଭାରତର ବିରାଟ କୋହଲି ଦ୍ୱିତୀୟ ସ୍ଥାନରେ ଅଛନ୍ତି । ଅନ୍ୟପକ୍ଷରେ ଭାରତୀୟ ଦଳ ଉଭୟ ଟି-୨୦ ଓ ଦିନିକିଆ ମାନ୍ୟତାରେ ଶୀର୍ଷ ସ୍ଥାନରେ ରହିଛି । ତେବେ ଟେଷ୍ଟ ମାନ୍ୟତାରେ ଅଷ୍ଟ୍ରେଲିଆ ପ୍ରଥମ ସ୍ଥାନରେ ଥିବାବେଳେ ଭାରତ ଚତୁର୍ଥ ସ୍ଥାନରେ ରହିଛି ।

# କ୍ରିକେଟ୍ ଅଷ୍ଟ୍ରେଲିଆ ଚୁକ୍ତିରୁ ବାଦ୍ ପଡ଼ିଲେ ମ୍ୟାକ୍ସୱେଲ୍



ସିଡନୀ,୧।୪(ଏଜେନ୍ସି): କ୍ରିକେଟ୍ ଅଷ୍ଟ୍ରେଲିଆର ବାର୍ଷିକ ଚୁକ୍ତିରୁ ଭେଟେରାନ୍ ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ୍ ଓ ଶୀର୍ଷକ୍ରମ ବ୍ୟାଟର୍ ସାମ୍ ବାଦ୍ ପଡ଼ିଛନ୍ତି । ହେଲେ ଆସେସରେ ଟେଷ୍ଟ ପଦାର୍ପଣ କରିଥିବା ଯୁବ ଦ୍ରୁତ ବୋଲର ବ୍ରେଣ୍ଡନ ଡଗେଟକୁ କିନ୍ତୁ ଏହି ବାର୍ଷିକ ଚୁକ୍ତିରେ ସାମିଲ ହୋଇଛନ୍ତି । ଆଗାମୀ ଋତୁରେ ଟେଷ୍ଟ ଶୃଙ୍ଖଳାକୁ ନଜରରେ ରଖି ଖେଳାଳିମାନଙ୍କୁ ଚୁକ୍ତିଭୁକ୍ତ କରିଛି କ୍ରିକେଟ୍ ଅଷ୍ଟ୍ରେଲିଆ । ଗତ ବର୍ଷ ମ୍ୟାକ୍ସୱେଲ୍ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ଅବସର ନେବାର ନିଷ୍ପତ୍ତି ନେଇଥିଲେ । ଏଥିସହ ୩୭ ବର୍ଷ ବୟସରେ ଟେଷ୍ଟ ଖେଳିବା ତାଙ୍କ ପାଇଁ ସମ୍ଭାବନା କମ୍ ଥିବାରୁ କ୍ରିକେଟ୍ ଅଷ୍ଟ୍ରେଲିଆ ଚୁକ୍ତିରେ ସାମିଲ କରିନଥିବା ସୂଚନା ମିଳୁଛି । ଖରାପ ଫର୍ମ ଯୋଗୁଁ ଟେଷ୍ଟ ଦଳରେ ସ୍ଥାନ ପାଇବାକୁ ସଂଘର୍ଷ କରୁଥିବାରୁ କୋଣ୍ଟାସକୁ ମଧ୍ୟ ଏଥିରୁ ବାଦ୍ ଦିଆଯାଇଛି । ତାଙ୍କ ସ୍ଥାନରେ ଇଂଲଣ୍ଡ ବିପକ୍ଷ ଆସେସ୍ ଦଳରେ ସ୍ଥାନ ପାଇଥିବା ଓପନର୍ ଜାକ୍ ୱିଦରାଲ୍ଡ ଚୁକ୍ତିଭୁକ୍ତ ହୋଇଛନ୍ତି । ସେ ଏହି ଶୃଙ୍ଖଳାରେ ଭଲ କରି ନଥିଲେ ମଧ୍ୟ ଚୁକ୍ତିରେ ନିଜ ସ୍ଥାନ ବଜାୟ ରଖିଛନ୍ତି । ଇଂଲଣ୍ଡ ବିପକ୍ଷରେ ଡଗେଟ୍ ୨ ମ୍ୟାଚ୍ ଖେଳି ୭ ୱିକେଟ୍ ନେଇ ଏହି ଚୁକ୍ତି ଦୌଡ଼ରେ ସାମିଲ ହୋଇଥିଲେ ।

୨୦୨୬-୨୭ ଋତୁ ଲାଗି ଅଷ୍ଟ୍ରେଲିଆର ଚୁକ୍ତିଭୁକ୍ତ ଖେଳାଳି: ଜାବିଅର ବାର୍ଟଲେଟ୍, ସ୍କଟ୍ ବୋଲାଣ୍ଡ, ଆଲେକ୍ସ କାରି, ପାଟ୍ କମିନ୍ସ, ବ୍ରେଣ୍ଡନ ଡଗେଟ୍, ନାଥନ୍ ଏଲିସ୍, କାମେରନ୍ ଗ୍ରିନ୍, ଜୋସ୍ ହାଜେଲଉଡ୍, ଟ୍ରାଭିସ୍ ହେଡ୍, ଜୋସ୍ ଇଙ୍ଗ୍ଲିସ୍, ମାଥ୍ୟୁ କୁନେମାନ, ମାର୍ନସ ଲବୁସାନ, ନାଥନ୍ ଲାୟନ୍, ମିଚେଲ ମାର୍ଶ, ଟଡ୍ ମର୍ଫି, ମାଇକେଲ ନେସର, ଷ୍ଟିଭ୍ ସ୍ମିଥ୍, ମିଚେଲ୍ ଷ୍ଟାର୍କ, ଜାକ୍ ୱିଦରାଲ୍ଡ, ବିଉ ୱେବ୍ଷ୍ଟର, ଆଦାମ ଜାମ୍ପା ।

## କ୍ୱାର୍ଟରଫାଇନାଲରେ ବିବିସିଏ, ଆଇଆଇସି

ଭୁବନେଶ୍ୱର,୧।୪(ସବ୍ୟୁ): ହାଇଟେକ୍ ମେଡିକାଲ୍ କଲେଜ୍ ପଡ଼ିଆରେ ଚାଲିଥିବା ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ ୧୭ ବର୍ଷରୁ କମ୍ କ୍ରିକେଟ୍ ପ୍ରତିଯୋଗିତାରେ ବିବିସିଏ ଓ ଆଇସିସି କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି । ସପ୍ତମ ପ୍ରିକ୍ୱାର୍ଟରଫାଇନାଲରେ ବିବିସିଏ ୪୨ ରନରେ ଯଦୁପୁର କ୍ରିକେଟ୍ ଏକାଡେମୀକୁ ପରାସ୍ତ କରିଥିଲା । ଶେଷ ପ୍ରିକ୍ୱାର୍ଟରଫାଇନାଲରେ କିନ୍ତୁ ବିବାଦୀୟ ପରିସ୍ଥିତିରେ ଏମସିସି ବିପକ୍ଷରେ ଆଇଆଇସିକୁ ବିଜୟୀ ଘୋଷିତ କରାଯାଇଛି ।

ମଙ୍ଗଳବାରର ପ୍ରଥମ ମ୍ୟାଚର ସ୍ୱରିତ ଦାସଙ୍କ ଅର୍ଦ୍ଧଶତକ (୫୨) ବଳରେ ବିବିସିଏ ୧୨୧/୮ ସ୍କୋର କରିଥିଲା । ସେକ୍ ଏସ୍ ଉଦ୍ଦିନ୍ (୪-୦-୨୬-୫) ସଫଳ ବୋଲର ଥିଲେ । ଜବାବରେ ଅମିତେଷ ସାହୁ (୪-୧-୧୨-୪)ଙ୍କୁ ଖେଳି ନପାରି ଯଦୁପୁର ଦଳ ମାତ୍ର ୭୯ ରନ୍ରେ ସମସ୍ତ ୱିକେଟ୍ ହରାଇଥିଲା । ସ୍ୱରିତଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ ବାଇକ୍ ରାଇଡର୍ ଆସୋସିଏସନ୍ ସଭାପତି ଜିତୁ ମହାପାତ୍ର ଏବଂ କ୍ୟାପିଟାଲ୍ କ୍ରିକେଟ୍ ସଂଘ ସମ୍ପାଦକ ଭରତ ଭୂଷଣ ଦାସ ।

ଦ୍ୱିତୀୟ ମ୍ୟାଚରେ ଏମସିସି ୨୦ ଓଭରରେ ୯ ୱିକେଟ୍ ହରାଇ ୧୦୬ ରନ୍ କରିଥିଲା । କେ ଦୀପକ ପାତ୍ର ସର୍ବାଧିକ ୩୨ ରନ୍ କରିଥିଲେ । ଉଦିତ ଜଟା ୪-୧-୭-୨ ଚମତ୍କାର ବୋଲିଂ ବି କରିଥିଲେ । ଜବାବରେ ଆଇଆଇସି ଦଳ ୧୦.୧ ଓଭରରେ ୨୫/୪ରେ ସଂଘର୍ଷ କରୁଥିଲା । ଏହି ସମୟରେ ଜଣେ ବୟସାଧିକ ଖେଳାଳିଙ୍କୁ ନେଇ ଜଣେ ଆୟୋଜକ ଗାଳିଗୁଲଜ କରିବାରୁ ଏହାର ପ୍ରତିବାଦରେ ଏମସିସି ଖେଳିବାକୁ ରାଜି ହୋଇ ନଥିଲା ।

# ମାସକ ମଧ୍ୟରେ ୧୦ ଟି-୨୦ ମ୍ୟାଚ୍ ବିଦେଶରେ ଖେଳିବ ଟିମ ଇଣ୍ଡିଆ

ମୁମ୍ବାଇ,୧।୪(ଏଜେନ୍ସି): ମାତ୍ର ୩୦ ଦିନ ମଧ୍ୟରେ ୧୦ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବ ଭାରତ । ମାସକ ମଧ୍ୟରେ ଦଳ ଖେଳିବାକୁ ଏହି ୧୦ଟି ଯାକ ଟି-୨୦ ବିଦେଶ ମାଟିରେ ଅନୁଷ୍ଠିତ ହେବ । ବିସିସିଆଇ ପକ୍ଷରୁ ଭାରତୀୟ ଟିମର ବ୍ୟସ୍ତବହୁଳ ମ୍ୟାଚ୍ ସୂଚୀ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି । ମାସକ ମଧ୍ୟରେ ଭାରତୀୟ ଟିମ ପ୍ରଥମେ ଆୟର୍ଲ୍ୟାଣ୍ଡ, ଇଂଲଣ୍ଡ ଓ ଜିମ୍ବାୱେ ଜାତୀୟ କ୍ରିକେଟ ଦଳ ସହ ମ୍ୟାଚ୍ ଖେଳିବ । ବର୍ତ୍ତମାନ ଦେଶରେ ଆଇପିଏଲ ଚାଲିଛି । ଆଇପିଏଲ ପରେ ଭାରତୀୟ ଟିମ ପ୍ରଥମେ ଆଫଗାନିସ୍ତାନ ସହ ଘରୋଇ ମାଟିରେ ଗୋଟିଏ ଟେଷ୍ଟ ଓ ୩ଟି ଦିନିକିଆ ମ୍ୟାଚ୍ ଖେଳିବ । ଜୁନ ୬ରୁ ୧୦ ଯାଏ ନ୍ୟୁ ଚଣ୍ଡିଗଡ଼ରେ ଟେଷ୍ଟ ମ୍ୟାଚ ଖେଳାଯିବାକୁ ଥିବା ବେଳେ ୧୪, ୧୭ ଓ ୨୦ ଜୁନରେ ୩ଟି ଯାକ ଦିନିକିଆ ଯଥାକ୍ରମେ ଧର୍ମଶାଳା, ଲକ୍ଷ୍ନୌ ଓ ଚେନ୍ନାଇରେ ଅନୁଷ୍ଠିତ ହେବ । ଘରୋଇ ସିରିଜ ପରେ ଭାରତୀୟ ଟିମର ବିଦେଶ ଗସ୍ତ ଆରମ୍ଭ ହେବ । ଜୁନ ୨୬ ଓ ଜୁନ ୨୮ରେ ଭାରତୀୟ ଟିମ ୨ଟି ଟି-୨୦ ମ୍ୟାଚ୍ ଆୟର୍ଲ୍ୟାଣ୍ଡ ବିପକ୍ଷରେ ଖେଳିବ । ଆୟର୍ଲ୍ୟାଣ୍ଡରୁ ଦଳ ଇଂଲଣ୍ଡ ଗସ୍ତରେ ଯାଇ ସେଠାରେ ୫ଟି ଟି-୨୦ ମ୍ୟାଚ୍ ଖେଳିବ । ଜୁଲାଇ ୧ରୁ ଜୁଲାଇ ୧୯ ଯାଏ ଟିମ ଇଣ୍ଡିଆ ଇଂଲଣ୍ଡରେ ରହି ସମସ୍ତ ମ୍ୟାଚ ଖେଳିବ । ଏହି ସିରିଜ ପରେ ଖେଳାଳିମାନେ ସ୍ୱଦେଶ ଫେରିବେ ନାହିଁ ଇଂଲଣ୍ଡରୁ ସେମାନେ ଜିମ୍ବାୱେ ଗସ୍ତ କରିବେ । ଜୁଲାଇ ୨୩, ୨୫ ଓ ଜୁଲାଇ ୨୬ରେ ଦୁଇ ଦଳ ହରାରେ ୩ଟି ଟି-୨୦ ମ୍ୟାଚ୍ ଖେଳିବେ । ଅର୍ଥାତ ଜୁନ ୨୬ରୁ ଜୁଲାଇ ୨୬ ମଧ୍ୟରେ ଭାରତୀୟ ଟିମ ୧୦ଟି ଟି-୨୦ ମ୍ୟାଚ ଖେଳିବ ।୪ ବର୍ଷ ମଧ୍ୟରେ ଭାରତୀୟ ଟିମ ତୃତୀୟ ଥର ପାଇଁ ଜିମ୍ବାୱେ ଗସ୍ତ କରିବ । ୨୦୨୨ରେ ଭାରତୀୟ ଟିମ ଜିମ୍ବାୱେ ଗସ୍ତରେ ଯାଇ ଦିନିକିଆ ସିରିଜ ଖେଳିଥିଲା । ୨୦୨୪ରେ ଦୁଇ ଦଳ ଟି-୨୦ ସିରିଜରେ ମୁହାଁମୁହିଁ ହୋଇଥିଲେ । ଚଳିତ ବର୍ଷ ଜୁଲାଇ ମାସର ଶେଷ ଭାଗରେ ଭାରତୀୟ ଟିମ ଜିମ୍ବାୱେ ଗସ୍ତ କରି ୩ଟି ଟି-୨୦ ଖେଳିବ ବୋଲି ଆଜି ବିସିସିଆଇ ବିଧିବଦ୍ଧ ଭାବେ ଘୋଷଣା କରିଛି । ସମସ୍ତ ମ୍ୟାଚ୍ ହରାରେ ଅନୁଷ୍ଠିତ ହେବ ।ଭାରତ ଚଳିତ ବର୍ଷ ଜୁଲାଇରେ ଜିମ୍ବାୱେ ଗସ୍ତ କରିବାକୁ ଥିବା ବେଳେ ୨୦୨୭ ପ୍ରାରମ୍ଭରେ

# ଦୁଇଟି ନୂତନ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଲେ ଆକାଂକ୍ଷା

ରାଉରକେଲା,୧।୪(ସବ୍ୟୁ): ମାର୍ଚ୍ଚ ମାସ ୨୪ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ମେଙ୍ଗାଲୁର ରେ ଆୟୋଜିତ ହୋଇଥିବା ସିନିୟର୍ ଜାତୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଆକାଂକ୍ଷା ପରିଡ଼ା ଙ୍କ ସ୍ୱର୍ଣ୍ଣପଦକ ହାସଲ ସହ ଦୁଇଟି ନୂତନ ରେକର୍ଡ । ରାଉରକେଲା କୋଏଲ ନଗର ନିବାସୀ ସୁରେନ୍ଦ୍ର ପରିଡ଼ା ଙ୍କ ଅଲିଅଳି ଝିଅ ଆକାଂକ୍ଷା ପରିଡ଼ା ମେଙ୍ଗାଲୁର୍ ରେ ଆୟୋଜିତ ହୋଇଥିବା ସିନିୟର୍ ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ କମାଲ ଦେଖାଇଛନ୍ତି । ପ୍ରଥମ ଥର ଓଡ଼ିଶାରୁ ପ୍ରତିନିଧିତ୍ୱ କରି ଓଡ଼ିଶା ପାଇଁ ସ୍ୱର୍ଣ୍ଣ ପଦକ ସହ ନୂତନ ରେକର୍ଡ ଆକାଂକ୍ଷା କୁ ଉତ୍ସାହିତ କରିଛି । ଆକାଂକ୍ଷା ସ୍କ୍ୱାଟ ରେ ୨୧୧ କିଲୋ, ବେଞ୍ଚ ପ୍ରେସ୍ ରେ ୯୫ କିଲୋ, ଓ ଡେଡ୍ ଲିଫ୍ଟ ରେ ୧୭୨.୫ କିଲୋ ସମୁଦାୟ ୪୭୮.୫ କିଲୋ ଉଠାଇ ଓଡ଼ିଶା ପାଇଁ ସ୍ୱର୍ଣ୍ଣ ପଦକ ଜିତିବା ସହିତ ପୂର୍ବର ରେକର୍ଡ ସ୍କ୍ୱାଟ୍ ରେ ୨୧୦ କିଲୋ ଓ ସମୁଦାୟ ୪୫୭.୫ କିଲୋ ଥିବା ଜୁନିୟର ଓ ସିନିୟର୍ ରେକର୍ଡ କୁ ଭାଙ୍ଗି ଯଥାକ୍ରମେ ୨୧୧ ଓ ୪୭୮.୫ କିଲୋ ଉଠାଇ ନୂତନ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି । ଆକାଂକ୍ଷା ଙ୍କ କୋଚ୍ ବ୍ରହ୍ମପଦ ବେହେରା ଙ୍କ ସଫଳ ପ୍ରଶିକ୍ଷଣ ଆଜି ଓଡ଼ିଶାକୁ ଗର୍ବିତ କରିବା ସହିତ ରାଉରକେଲା କୁ ମଧ୍ୟ ଗୌରବାନିତ୍ୱ କରିଛି । ଆକାଂକ୍ଷା ମାତ୍ର ୨୦ ବର୍ଷ ବୟସରେ ଏଭଳି ସଫଳତା ପାଇଥିବାରୁ ପରିବାର ର ସମସ୍ତ ସଦସ୍ୟ କୋଚ୍ ବ୍ରହ୍ମପଦ ଙ୍କୁ ସାଧୁବାଦ



ଜଣାଇଛନ୍ତି ।୩୧ ମାର୍ଚ୍ଚ ଅପରାହ୍ନ ରେ ଆକାଂକ୍ଷା ରାଉରକେଲା ପହଞ୍ଚିଲା ପରେ ପରିବାର ଜନ ଓ କୋଚ୍ ଙ୍କ ପକ୍ଷରୁ ତାଙ୍କୁ ରେଳବାଇ ଷ୍ଟେସନ୍ ରେ ଏକ ଭାବ୍ୟ ସ୍ୱାଗତ କରାଯାଇଥିଲା । କୋଚ୍ ଆକାଂକ୍ଷା ଙ୍କ ଏହି ସଫଳତା କୁ ନେଇ କୁହନ୍ତି ଗତ ଦୁଇ ବର୍ଷ ହେଲା ଆକାଂକ୍ଷା ନିଷ୍ଠା ର ସହିତ ନିଜର ବ୍ୟକ୍ତି ଗତ କାର୍ଯ୍ୟକୁ ସମୟ ଦେଇ ଯେଉଁ ଭଳି ଭାବରେ ଶକ୍ତି ଉତ୍ତୋଳନ କୁ ସଂଘର୍ଷ ର ସହିତ ଲଢ଼ି ଏଭଳି ସଫଳତା ହାସଲ କରିଛନ୍ତି ଏହା ନିଶ୍ଚିତ ଅନ୍ୟ ଖେଳାଳୀଙ୍କୁ ପ୍ରେରଣା ଯୋଗାଇବା ସହିତ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିବ । ଆକାଂକ୍ଷା ଙ୍କ ଏଭଳି ସଫଳତା ମୋତେ ଆଗକୁ ଅଧିକ ପ୍ରଶିକ୍ଷଣ ପାଇଁ ପ୍ରେରଣା ଯୋଗାଇବ ।

# ଜୁଲାଇରେ ଭାରତର ଜିମ୍ବାୱେ ଗସ୍ତ

ମୁମ୍ବାଇ,୧।୪(ଏଜେନ୍ସି): ବିସିସିଆଇ ପକ୍ଷରୁ ବୁଧବାର ଭାରତୀୟ ଦଳର ଜିମ୍ବାୱେ ଗସ୍ତ ସମ୍ପର୍କରେ ଘୋଷଣା କରାଯାଇଛି । ଭାରତ ଆସନ୍ତା ଜୁଲାଇ ମାସରେ ଜିମ୍ବାୱେ ଗସ୍ତ କରି ତିନିଟି ଟ୍ୱେଣ୍ଟି-୨୦ ଖେଳିବ । ଏସବୁ ମ୍ୟାଚ୍ ଜୁଲାଇ ୨୩,୨୫ ଓ ୨୬ରେ ହାରାରେ ସ୍ପୋର୍ଟ୍ସ କ୍ଲବଠାରେ ଖେଳାଯିବ । ଭାରତର ଗୁରୁତ୍ୱପୂର୍ଣ୍ଣ ଇଂଲଣ୍ଡ ଗସ୍ତ ପରେ ପରେ ଏହି ଗସ୍ତ ହେବ । ଏହା ପୂର୍ବରୁ ଭାରତ ୨୦୨୪ରେ ଜିମ୍ବାୱେ ଗସ୍ତ କରି ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ଶୃଙ୍ଖଳା ଖେଳିଥିଲା । ଏହି ଶୃଙ୍ଖଳାରେ ଭାରତ ୪-୧ରେ ବିଜୟୀ ହୋଇଥିଲା । ଅନ୍ୟପକ୍ଷରେ ଆସନ୍ତା ଜାନୁଆରୀ ମାସରେ ଜିମ୍ବାୱେ ଦଳ ଭାରତ ଗସ୍ତ କରି ତିନିଟି ଦିନିକିଆ ଖେଳିବ । ଏସବୁ ଦିନିକିଆ ଜାନୁଆରି ୩, ୬ ଓ ୯ରେ ଯଥାକ୍ରମେ କୋଲକାତା, ହାଇଦ୍ରାବାଦ ଓ ମୁମ୍ବାଇରେ ଖେଳାଯିବ । ଆସନ୍ତା ବର୍ଷ ଦିନିକିଆ ବିଶ୍ୱକପ୍ ହେବାକୁ ଥିବାରୁ ଭାରତର ପ୍ରସ୍ତୁତି ସମୀକ୍ଷା ଲାଗି ଏହି ଶୃଙ୍ଖଳା ବେଶ ସହାୟକ ହେବ ବୋଲି ମନେକରାଯାଉଛି ।

ସୂଚନା
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ [illegible] / ଇମେଲ୍ classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ [illegible]ରେ ଯୋଗାଯୋଗ କରନ୍ତୁ ।

## ଆଇପିଏଲରେ ନିୟୋଜିତ ବ୍ରିଟିଶ ଇଂଜିନିୟରଙ୍କ ମୃତଦେହ ଉଦ୍ଧାର

ମୁମ୍ବାଇ, ୩୧।୩(ଏଜେନ୍ସି) : ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍) ୧୯ତମ ସଂସ୍କରଣ ଜାରି ରହିଥିବାବେଳେ ଏକ ଅଘଟଣ ଘଟିଛି । ଆଇପିଏଲ୍ ପ୍ରସାରଣ ଦାୟିତ୍ୱରେ ଥିବା ଜଣେ ୭୬ ବର୍ଷୀୟ ବ୍ରିଟିଶ ବ୍ରଡକାଷ୍ଟ ଇଂଜିନିୟରଙ୍କ ମୃତଦେହ ତାଙ୍କ ହୋଟେଲ କୋଠରୀରୁ ମିଳିଛି । ତାଙ୍କ ନାଁ ଜନ ୱିଲିୟମ୍ ଲାଙ୍ଗଫୋର୍ଡ ବୋଲି ଜଣାପଡିଛି । ସେ ଦକ୍ଷିଣ ମୁମ୍ବାଇର ଏକ ହୋଟେଲରେ ମାର୍ଚ୍ଚ ୨୪ଠାରୁ ରହୁଥିଲେ । ବିସିସିଆଇ ପକ୍ଷରୁ ସେ ୱାଙ୍ଖେଡ଼େରେ ଆଇପିଏଲ୍ ମ୍ୟାଚରେ ଟେଲିଭିଜନ ପ୍ରସାର ଦାୟିତ୍ୱରେ ଥିଲେ । ମାର୍ଚ୍ଚ ୨୯ ରେ ଅନୁଷ୍ଠିତ ମୁମ୍ବାଇ-କୋଲକାତା ମ୍ୟାଚ୍ ପରେ ବିଳମ୍ବିତ ରାତିରେ ସେ ନିଜ କୋଠରୀକୁ ଫେରିଆସିଥିଲେ । କିନ୍ତୁ ୩୦ ତାରିଖ ସକାଳେ ହୋଟେଲ ପକ୍ଷରୁ ତାଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲେ ବି କୌଣସି ଉତ୍ତର ମିଳିନଥିଲା । ଏହା ପରେ ତାଙ୍କ କୋଠରୀ ଖୋଲିବା ପରେ ସେ ତଳେ ସଂଜ୍ଞାହୀନଭାବେ ପଡ଼ିଥିବା ଦେଖିବାକୁ ମିଳିଥିଲା ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

# ଆଇଏସ୍ ଅନ୍ତର୍ଜାତୀୟ ଫିଡେ ରେଟିଂ ଓପନ୍ ଚେସ୍, ଲଳିତ ଚାମ୍ପିଆନ୍

 କଟକ,୧।୪ (ସ୍ୱପ୍ର): ଓଡ଼ିଶାର ଲଳିତ ରଞ୍ଜନ ସାହୁ ୫ମ ଆଇଏସ୍ ଅନ୍ତର୍ଜାତୀୟ ଫିଡେ ରେଟିଂ ଚେସ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି । କଟକର ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଶେଷ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଟପ୍ ୨୦ ତାଲିକାରେ ୧୧ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି । ସେମାନେ ହେଲେ କ୍ୟାଣ୍ଡିଡେଟସ୍ମ ମାଷ୍ଟର ତଥା ଉଦୀୟମାନ ଖେଳାଳି ସାତ୍ୱିକ ସ୍ୱାଇଁ (୭.୫ ପଏଣ୍ଟ ୩ୟ), ଏସପି ଇନ୍ଦ୍ରଜିତ (୭.୫ ପଏଣ୍ଟ ୭ମ), ସିଦ୍ଧାର୍ଥ ମିଶ୍ର (୭ ପଏଣ୍ଟ ୯ମ) । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଓମ୍ ଆଦିତ୍ୟ ରାଉତ ପ୍ରମୁଖ । ଏହି ଟୁର୍ଣ୍ଣାମେଣ୍ଟରେ ସାରା ଦେଶରୁ ୩୩୪ ଜଣ ଖେଳାଳି ଭାଗ ନେଇଥିଲେ । କଟକର ଲଳିତ ରଞ୍ଜନ ୮ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ । ଲଳିତ ଟ୍ରଫି ସହ ୨୦ ହଜାର ଟଙ୍କା ପୁରସ୍କାର ପାଇଛନ୍ତି । କଟକର ଆଇଏସ୍ ଚେସ୍ ସେଣ୍ଟର ଆନୁକୂଲ୍ୟରେ ଏବଂ ଏଓସିଏର ସହଯୋଗରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଚିଫ୍ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ଡେପୁଟି ଚିଫ୍ ଆର୍ବିଟର ତାପସ କୁମାର ମହାନ୍ତି, ସନ୍ତୋଷ ମହାପାତ୍ର ଓ ସୂରଜ ମହାରଣାଙ୍କ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା । ୭୬ଜଣ କୃତୀ ଖେଳାଳିଙ୍କୁ ମୋଟ ୨ ଲକ୍ଷ ୧୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରା ଯାଇଥିଲା । ଉଦଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ଡଃ. ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଓ ଅଲ୍ଓଡ଼ିଶା ଚେସ୍ ସଂଘର ସମ୍ପାଦକ ଦେବବ୍ରତ ଭଞ୍ଜ ସମ୍ମାନିତ ଅତିଥି ଥିଲେ ।




# ବିଜେପିରେ ସାମିଲ ହେଲେ ଲିଆଣ୍ଡର

ନୂଆଦିଲ୍ଲୀ,୧।୪(ଏଜେନ୍ସି) : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟ ରାଜନୀତିରେ ବଡ଼ ଧରଣର ହଲଚଲ ଦେଖିବାକୁ ମିଳିଛି । ଭାରତୀୟ ଟେନିସ୍ ଜଗତର କିମ୍ବଦନ୍ତୀ ଖେଳାଳି ଲିଏଣ୍ଡର ପେସ୍ ଆଜି ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛନ୍ତି । ନୂଆଦିଲ୍ଲୀସ୍ଥିତ ଦଳୀୟ ମୁଖ୍ୟାଳୟରେ କେନ୍ଦ୍ର ମନ୍ତ୍ରୀ କିରେନ୍ ରିଜିଜୁ ଏବଂ ସୁକାନ୍ତ ମଜୁମଦାରଙ୍କ ଉପସ୍ଥିତିରେ ପେସ୍ ପଦ୍ମ ଧରିଛନ୍ତି । ୨୦୨୧ରେ ତୃଣମୂଳ କଂଗ୍ରେସ ରୁ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବା ପେସ୍, ଏବେ ବିଜେପିକୁ ଆପଣେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କ୍ରୀଡ଼ା ପ୍ରତି ଥିବା ଦୂରଦୃଷ୍ଟି ଏବଂ ଦେଶର ବିକାଶ ଧାରାରେ ଅନୁପ୍ରାଣିତ ହୋଇ ସେ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି । ବଙ୍ଗଳା ନିର୍ବାଚନ ସମୟରେ



ପେସଙ୍କୁ ଭଳି ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କ ଯୋଗଦାନ ଦଳ ପାଇଁ ବେଶ୍ ଲାଭଦାୟକ ହେବ ବୋଲି ଆଶା କରାଯାଉଛି ।ତାଙ୍କର ଏହି ନୂତନ ପାଳିକୁ ନେଇ ସାରା ଦେଶରେ ଚର୍ଚ୍ଚା ଜୋର ଧରିଛି । ବିଶେଷ କରି ପଶ୍ଚିମବଙ୍ଗର ଯୁବବର୍ଗ ଓ କ୍ରୀଡ଼ାପ୍ରେମୀଙ୍କୁ ଆକୃଷ୍ଟ କରିବାରେ ପେସ୍ ଏକ ପ୍ରମୁଖ ଚେହେରା ସାଜିବେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି